


ସୁଟିଂ ସାରିଲେ ସାହିଦ

▶ପୃଷ୍ଠା ୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-71 ◆THURSDAY ◆4 SEPTEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୭୧ ◆ଗୁରୁବାର ◆୪ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ସେବି ବିରୋଧରେ ମାମଲା ରୁଜୁକଲା ଆମେରିକୀୟ କମ୍ପାନୀ

■ **ମୁମ୍ବାଇ, ୩।୯ (ଏଜେନ୍ସି):** ଭାରତୀୟ ସେୟାର ବଜାର ନିୟାମକ ସେବି ତଥା 'ସିକ୍ୟୁରିଟିଜ ଆଣ୍ଡ ଏକ୍ସଚେଞ୍ଜ ବୋର୍ଡ ଅଫ୍ ଇଣ୍ଡିଆ' ବିରୋଧରେ ଆମେରିକୀୟ ଟ୍ରେଡିଂ କମ୍ପାନୀ 'ଜେନ୍ ଷ୍ଟ୍ରିଟ୍ ଗ୍ରୁପ' ମାମଲା ରୁଜୁ କରିଛି। ଜାଲିଆତି କରି ୪,୮୪୪ କୋଟି ଟଙ୍କାର ଲାଭ (ବେଆଇନ) ଉଠାଇ ଥିବା ଅଭିଯୋଗରେ ସେବି ପୂର୍ବରୁ ଏହି କମ୍ପାନୀକୁ ସେୟାର ବଜାରରୁ ନିଷିଦ୍ଧ କରିଦେଇଥିଲା। ରିପୋର୍ଟ ଅନୁଯାୟୀ ସେବିର ଏହି ନିଷ୍ପତ୍ତିକୁ ବିରୋଧ କରି ଜେନ୍ ଷ୍ଟ୍ରିଟ ସିକ୍ୟୁରିଟିଜ୍ ଅପିଲେଟ ଟ୍ରିବ୍ୟୁନାଲ (ସ୍ୟାଟ)ରେ ଆବେଦନ ଦାଏର କରିଛି। ସେୟାର ବଜାରକୁ ନେଇ ନିୟାମକ ଦେଇଥିବା ନିଷ୍ପତ୍ତି ଉପରେ ସ୍ୟାଟ୍‌ରେ ଶୁଣାଣି ହୋଇଥାଏ। ତେବେ ଏହାକୁ ଜେନ୍ ଷ୍ଟ୍ରିଟ୍ କିମ୍ବା ସେବି ପକ୍ଷରୁ କୌଣସି ଟିପ୍ପଣୀ ଦିଆଯାଇ ନାହିଁ। ସୂଚନା ଅନୁଯାୟୀ ଗତ ଜୁଲାଇ ୩ ତାରିଖରେ ଜେନ୍ ଷ୍ଟ୍ରିଟ୍‌ର କାରବାର ଉପରେ ସେବି କଟକଣା ଲଗାଇ ଦେଇଥିଲା। ଏହି କମ୍ପାନୀ ନିଫ୍ଟି-୫୦ ଏବଂ ବ୍ୟାଙ୍କ ନିଫ୍ଟିରେ ଜାଲିଆତି କରି ବିପୁଳ ଲାଭ କମାଇ ଥିବା କୁହାଯାଇଥିଲା। ୨୦୨୩ ଜାନୁଆରୀରୁ ୨୦୨୫ ମେ' ମଧ୍ୟରେ ଜେନ୍ ଷ୍ଟ୍ରିଟ୍ ୩୬, ୬୭୧ କୋଟି ଟଙ୍କା ଲାଭ କରିଥିଲା। ଏଥିରୁ ୪,୮୪୪ କୋଟି ଟଙ୍କାର ଲାଭ ବେଆଇନ ଭାବେ ଉପାର୍ଜନ କରିଥିଲା। ପୁଣି ଥରେ କାରବାର କରିବା ପାଇଁ ଏହି ଅର୍ଥକୁ ଏସ୍କ୍ରୋ ଆକାଉଣ୍ଟରେ ଜମା କରିବାକୁ ସେବି ନିର୍ଦ୍ଦେଶ ଦେଇଥିଲା। ପରେ ଜୁଲାଇ ୧୧ରେ ଜେନ୍ ଷ୍ଟ୍ରିଟ ଏହି ରାଶି ଜମା କରିଥିଲା। ଜୁଲାଇ ୧୮ରେ ସେବି ଏହି କମ୍ପାନୀକୁ କିଛି ସର୍ତ୍ତରେ ପୁଣି କାରବାର ପାଇଁ ଅନୁମତି ଦେଇଥିଲା ବୋଲି ସୂଚନା ମିଳିଛି। ତେବେ ଜାଲିଆତି କରୁଥିବା ସହଯୋଗୀ କମ୍ପାନୀଠାରୁ ଦୂରେଇ ରହିବାକୁ ଜେନ୍ ଷ୍ଟ୍ରିଟ୍‌କୁ ଚେତାବନୀ ଦେଇଥିଲା।

## ପାକିସ୍ତାନରେ ଆତ୍ମଘାତୀ ବିସ୍ଫୋରଣ; ୧୪ ମୃତ

■ **କ୍ୱେଟା, ୩।୯ (ଏଜେନ୍ସି):** ପାକିସ୍ତାନର କ୍ୱେଟାରେ ମଙ୍ଗଳବାର ରାତିରେ ଆୟୋଜିତ ବାଲୋଚ୍ ନ୍ୟାସନାଲ ପାର୍ଟି (ବିଏନ୍‌ପି)ର ଏକ ରାଲିରେ ହୋଇଥିବା ଆତ୍ମଘାତୀ ବିସ୍ଫୋରଣରେ ୧୪ ଜଣ ବ୍ୟକ୍ତି ପ୍ରାଣ ହରାଇଥିବା ବେଳେ ଅନ୍ୟ ୩୦ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ଗୁରୁତର ରହିଛି।

ଆହତଙ୍କ ମଧ୍ୟରେ ବିଏନ୍‌ପି ନେତା ଅହମ୍ମଦ ନୱାଜ ଓ ମୁସା ବାଲୋଚ ସାମିଲ ରହିଛନ୍ତି। ବେଲୁଚିସ୍ତାନ ପୂର୍ବତନ ମୁଖ୍ୟମନ୍ତ୍ରୀ ସର୍ଦ୍ଦାର ଅତାଉଲ୍ଲା ମେନଗାଲଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକୀରେ ଶାହୱାନୀ ଷ୍ଟାଡିୟମରେ ଏହି ରାଲିର ଆୟୋଜନ କରାଯାଇଥିଲା। ରାଲି ସରିବାର କିଛି ସମୟ ପୂର୍ବରୁ ପାର୍କିଂ ଅଞ୍ଚଳରେ ଏହି ବିସ୍ଫୋରଣ ହୋଇଥିଲା। ଗତ ମାର୍ଚ୍ଚରେ ଲାକଡାରାରେ ମଧ୍ୟ



ଏଭଳି ଏକ ଆତ୍ମଘାତୀ ବିସ୍ଫୋରଣ ଘଟିଥିଲା। ତେବେ ଘଟଣା ପାଇଁ କୌଣସି ସଂଗଠନ ନିଜକୁ ଦାୟୀ କରିନାହାନ୍ତି। ଜଣେ ୩୫ରୁ ୪୦ ବର୍ଷର ବ୍ୟକ୍ତି ୮ କେଜିର ବିସ୍ଫୋରକ ନେଇ ଏହି କାଣ୍ଡ ଘଟାଇଛି ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି।

# ଏଣିକି ଦୁଇଟି ସ୍ଲାବ୍‌ରେ ଜିଏସ୍‌ଟି

**ହଟିଲା ୧୨%, ୨୮% ଟିକସ ସ୍ଲାବ୍**

**ସେପ୍ଟେମ୍ବର ୨୨ରୁ ୫%, ୧୮% ସ୍ଲାବ**

**ଜୀବନ ବୀମା ଓ ସ୍ୱାସ୍ଥ୍ୟ ବୀମାରୁ ଜିଏସ୍‌ଟି ଛାଡ଼**

**ତମାଖୁ, ବିଳାସ ସାମଗ୍ରୀରେ ୪୦%**

■ **ନୂଆଦିଲ୍ଲୀ, ୩।୯ (ଏଜେନ୍ସି):** ୨୦୧୭ରେ ଦ୍ରବ୍ୟ ଓ ସେବା କର ବା ଜିଏସ୍‌ଟି ଆରମ୍ଭ ହେବା ପରେ କେନ୍ଦ୍ର ସରକାର ପ୍ରଥମ ଥର ଲାଗି ଏହାର ହାରରେ ବଡ଼ ଧରଣର ସଂଶୋଧନ କରିଛନ୍ତି। ମଧ୍ୟବିତ୍ତ ଓ ସାଧାରଣ ଜନତାଙ୍କୁ ମହଙ୍ଗାମାଡ଼ରୁ ମୁକ୍ତ କରିବା ଉଦ୍ଦେଶ୍ୟରେ ଅନେକ ଦୈନିକ ବ୍ୟବହାର ହେଉଥିବା ସାମଗ୍ରୀ ଉପରେ ଜିଏସ୍‌ଟି ହାର କମାଇ ଦିଆଯାଇଛି। ବ୍ୟକ୍ତିଗତ ସ୍ୱାସ୍ଥ୍ୟ ବୀମା ଓ ଜୀବନ ବୀମାକୁ ସଂପୂର୍ଣ୍ଣ ରୂପେ ଜିଏସ୍‌ଟି ମୁକ୍ତ କରାଯାଇଥିବା ବେଳେ ବିଳାସପୂର୍ଣ୍ଣ ସାମଗ୍ରୀ ଓ ସିଗାରେଟ୍, ତମାଖୁ ଉପରେ ଅଧିକ ଟିକସ ଧାର୍ଯ୍ୟ କରାଯାଇଛି। କର୍କଟ ରୋଗ ଔଷଧକୁ ମଧ୍ୟ ଜିଏସ୍‌ଟି କବଳରୁ ମୁକ୍ତ କରାଯାଇଛି। ଦୁଗ୍ଧ, ପନୀର ଓ ଭାରତୀୟ ବ୍ରେଡ୍ ଉପରେ ମଧ୍ୟ କୌଣସି ଟିସକ ଦେବାକୁ ପଡ଼ିବ ନାହିଁ। ଆଜି ୧୦ ଘଣ୍ଟାରୁ ଅଧିକ ସମୟ ଚାଲିଥିବା ଜିଏସ୍‌ଟି ପରିଷଦ ବୈଠକରେ ଏହିସବୁ ନିଷ୍ପତ୍ତି ନିଆଯାଇଛି। ସଂଶୋଧିତ ହାର ଆସନ୍ତା ୨୨ ତାରିଖରୁ ଲାଗୁ ହେବ ବୋଲି କେନ୍ଦ୍ର



ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ରାତିରେ ଘୋଷଣା କରିଛନ୍ତି।

ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ୨୮% ଏବଂ ୧୨% ସ୍ଲାବକୁ ହଟାଇ ଜିଏସ୍‌ଟି ହାରକୁ ୧୮% ଓ ୫%ରେ ସୀମିତ ରଖାଯାଇଛି। ୨୮%ରୁ ସ୍ଲାବରେ ଥିବା ୯୯ ପ୍ରତିଶତ ସାମଗ୍ରୀକୁ ୧୮% ସ୍ଲାବରେ ସାମିଲ କରାଯାଇଥିବା ବେଳେ ୧୨% ସ୍ଲାବରେ ଥିବା ୯୯ ପ୍ରତିଶତ ସାମଗ୍ରୀ ଉପରେ ଏବେ ମାତ୍ର ୫ % ପ୍ରତିଶତ ଟିକସ ଲାଗିବ।

ନୂତନ ଜିଏସ୍‌ଟି ସ୍ଲାବ୍ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀମତୀ ସୀତାରମଣ କହିଛନ୍ତି ଯେ କ୍ଷୀର, ରୁଟି, ପିଜା, ପାଉଁରୁଟି, ଛେନା ସମେତ ଅନେକ ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟ ସାମଗ୍ରୀକୁ ଜିଏସ୍‌ଟିରୁ ବାଦ୍ ଦିଆଯାଇଛି। ବ୍ୟକ୍ତିଗତ ସ୍ୱାସ୍ଥ୍ୟ ଏବଂ ଜୀବନ ବୀମାକୁ ଜିଏସ୍‌ଟି ମୁକ୍ତ କରାଯାଇଛି। ସିମେଣ୍ଟ ଉପରେ ଟିକସକୁ ୨୮ ପ୍ରତିଶତରୁ ହ୍ରାସ କରି ୧୮ ପ୍ରତିଶତ ରଖାଯାଇଛି। ଏହା ବ୍ୟତୀତ ତମାଖୁ ଏବଂ ବିଳାସପୂର୍ଣ୍ଣ ସାମଗ୍ରୀଗୁଡ଼ିକ ଉପରେ ୪୦%ରେ ନୂଆ ଟିକସ ଲାଗୁ କରାଯାଇଛି। ବିଳାସପୂର୍ଣ୍ଣ କାର୍, ବଡ଼ ଏସ୍‌ୟୁଭି, ସିଗାରେଟ୍, ଗୁଟ୍‌ଖା ଏବଂ କାର୍ବୋନେଟେଡ୍ ଡ୍ରିଙ୍କ୍ସ ଆଦି ଏହି ଶ୍ରେଣୀରେ ରହିବ।

ସେହିପରି ୩୫୦ ସିସି ଇଞ୍ଜିନ ବିଶିଷ୍ଟ ଗାଡ଼ି ଉପରେ ଟିକସ ହାର ୨୮ରୁ ୧୮ ପ୍ରତିଶତକୁ ହ୍ରାସ କରାଯାଇଛି। ତିନି ଚକିଆ ଗାଡ଼ିକୁ ମଧ୍ୟ ଏହି ଶ୍ରେଣୀରେ ରଖାଯାଇଛି। ୪ମିଟର ଲମ୍ବ ଏବଂ ୧୨୦୦ ସିସି ଇଞ୍ଜିନ ବିଶିଷ୍ଟ ପେଟ୍ରୋଲ, ସିଏନଜି, ଏଲପିଜି ଗାଡ଼ିକୁ ମଧ୍ୟ ୧୮-୨୧ ପ୍ରତିଶତ ହାରରେ ରଖାଯାଇଛି। ୪ ମିଟର ଲମ୍ବ ଏବଂ ୧୫୦୦ ସିସି ଇଞ୍ଜିନ ବିଶିଷ୍ଟ ଡିଜେଲ ଗାଡିକୁ ମଧ୍ୟ ଏହି ଶ୍ରେଣୀରେ ରଖାଯାଇଛି। ଅଟୋମାବାଇଲ ସାମଗ୍ରୀର ମୂଲ୍ୟ ହ୍ରାସ କରିବା ପାଇଁ ପଦକ୍ଷେପ ନେଇ ଏହାକୁ ୨୮ ପ୍ରତିଶତରୁ ହ୍ରାସ କରି ୫ ପ୍ରତିଶତ ସ୍ଲାବରେ ରଖାଯାଇଛି। ଟ୍ରାକ୍ଟରକୁ ୧୨ ପ୍ରତିଶତରୁ ହ୍ରାସ କରି ୫ ପ୍ରତିଶତ ସ୍ଲାବ୍‌ରେ ରଖାଯାଇଛି। ୧୩ ସିଟ୍ ବିଶିଷ୍ଟ ବାଣିଜ୍ୟିକ ▶ପୃଷ୍ଠା-୭

**ଦିଲ୍ଲୀରେ ମୋହନ, ମନମୋହନ**

## ଚୂଡ଼ାନ୍ତ ହେବ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ !

■ **ଭୁବନେଶ୍ୱର, ୩।୯ (ସମିସ):** ରାଜ୍ୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ କଳ୍ପନାଜଳ୍ପନା ଜାରି ରହିଥିବା ବେଳେ ବୁଧବାର ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୪ ଦିନିଆ ଦିଲ୍ଲୀ ଗସ୍ତରେ ଯାଇଥିବା ବେଳେ ମନମୋହନଙ୍କ ଦିଲ୍ଲୀ ଗସ୍ତ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଚର୍ଚ୍ଚାକୁ ଅଧିକ ଖୋରାକ୍ ଯୋଗାଇଛି।

ଆସନ୍ତା ମୌସୁମୀ ଅଧିବେଶନ ପୂର୍ବରୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣର ସମ୍ଭାବନା ରହିଥିବା ନେଇ ରାଜନୈତିକ ସମୀକ୍ଷକ ଅନୁମାନ କରୁଛନ୍ତି। ଏପରିସ୍ଥଳରେ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ବିଜେପି ସଭାପତିଙ୍କ ଏକା ସମୟରେ ଦିଲ୍ଲୀ ଗସ୍ତ ପରେ ଖୁବଶୀଘ୍ର ରାଜ୍ୟରେ ପୂର୍ଣ୍ଣାଙ୍ଗ ମନ୍ତ୍ରିମଣ୍ଡଳ ଗଠନ ଓ ମନ୍ତ୍ରୀ ପରିଷଦରେ ଆଉ ୬ ମନ୍ତ୍ରୀଙ୍କୁ ସ୍ଥାନ ମିଳିବା ଚର୍ଚ୍ଚା ଦାନା ବାନ୍ଧିଛି। ଗତ ଅଗଷ୍ଟରେ ମଧ୍ୟ ମୋହନ-ମନମୋହନ ଯୋଡ଼ି ଏକାସାଙ୍ଗରେ ଦିଲ୍ଲୀ ଗସ୍ତ କରିଥିଲେ। ରାଜ୍ୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସହ ବୋର୍ଡ ଓ ନିଗମରେ ନିଯୁକ୍ତି ନେଇ ସେତେବେଳେ ଆଲୋଚନା ହୋଇଥିଲେ ହେଁ କୌଣସି ନିଷ୍କର୍ଷ ବାହାରି ପାରି ନ ଥିଲା। ଏହାପରେ ଏକାଧିକ ବାର ରାଜ୍ୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସହ ସଂଗଠନ ବିସ୍ତାର ନେଇ ରାଜ୍ୟ ଓ ଶୀର୍ଷ ନେତୃତ୍ୱ ଆଲୋଚନା କରି ସାରିଛନ୍ତି। ମାତ୍ର ପ୍ରତିଥର ବିଭିନ୍ନ କାରଣ ଯୋଗୁଁ ଏନେଇ କୌଣସି ନିର୍ଯ୍ୟାସ ବାହାରି ପାରିନାହିଁ।

ବିଜେପିର ଆଭ୍ୟନ୍ତରୀଣ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ, ବୋର୍ଡ, ନିଗମ ନିଯୁକ୍ତିକୁ ନେଇ ଦଳରେ ଅସନ୍ତୋଷ ବୃଦ୍ଧିକୁ ନେଇ ଶାସକ ଦଳରେ ଏକ ଅସ୍ୱସ୍ତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ସରକାର ଗଠନର ୧୪ ମାସ ବିତିଥିଲେ ମଧ୍ୟ ବିଭିନ୍ନ ନିଗମ ଓ ବୋର୍ଡରେ ଦଳୀୟ ନେତାଙ୍କୁ ଥଇଥାନ ନ ହେବା ଯୋଗୁଁ ଦଳୀୟ ନେତାଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ଏହା ବ୍ୟତୀତ ଦଳରେ ଗୋଷ୍ଠୀ ବିବାଦ ଓ ବିଭିନ୍ନ ନେତାଙ୍କ ସମର୍ଥକଙ୍କ ମଧ୍ୟରେ ସମ୍ଭାବ୍ୟ ମନ୍ତ୍ରୀପଦକୁ ନେଇ ଟଣାଓଟରା ଆରମ୍ଭ ହୋଇଥିଲା। ଏହି ଖବର ଦିଲ୍ଲୀରେ ପହଞ୍ଚିଥିଲା। ଶୀର୍ଷ ନେତୃତ୍ୱ ଏହାକୁ ଗୁରୁତର ସହ ନେଇ ପରସ୍ପର ମିଳିମିଶି କାମ କରିବାକୁ ରାଜ୍ୟର ଛାମୁଆ ନେତାମାନଙ୍କୁ ପରାମର୍ଶ ଦେଇଥିଲେ ହେଁ ତାହା ଚୂଡ଼ାନ୍ତ ହୋଇ ନ ଥିଲା।

ଶେଷରେ କେନ୍ଦ୍ରୀୟ ନେତୃତ୍ୱଙ୍କ ପରାମର୍ଶ ଆଧାରରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପାଇଁ ରାଜ୍ୟ ନେତୃତ୍ୱଙ୍କ ମଧ୍ୟରେ ସହମତି ଆସିଥିବା ମଧ୍ୟ କୁହାଯାଉଛି। ▶ପୃଷ୍ଠା-୭

## ନିଶା ନିବାରଣ କେନ୍ଦ୍ରରେ ହତ୍ୟା

**ପାଳନ ହେଉନାହିଁ ମାର୍ଗଦର୍ଶିକା**

**ପୁଲିସ ପାଖରେ ନାହିଁ କେନ୍ଦ୍ରର ତଥ୍ୟ**

■ **ଭୁବନେଶ୍ୱର, ୩।୯ (ସମିସ):** କିଛି ଦିନର ବ୍ୟବଧାନ ପରେ ପୁଣି ନିଶା ନିବାରଣ କେନ୍ଦ୍ରରେ ଘଟିଛି ଅଭାବନୀୟ ଘଟଣା। ନିଶା ଛାଡ଼ିବାକୁ ଆସିଥିବା ଜଣେ



ଯୁବକ ପ୍ରାଣ ହରାଇଛନ୍ତି। ଭରତପୁର ଥାନା ଅନ୍ତର୍ଗତ ଜିଏ କଲୋନୀରେ ଥିବା ଡିୟର ଲାଇଫ୍ ୱେଲନେସ ହିଲନେସ୍ ସେଣ୍ଟରରେ ଏଭଳି ଅଘଟଣ ଘଟିଛି। ମୃତକ ହେଉଛନ୍ତି ବାଙ୍କୀ ସିଂହନାଥପୁରର ସୂର୍ଯ୍ୟକାନ୍ତ ମହାପାତ୍ର (୨୮)। ସୂର୍ଯ୍ୟକାନ୍ତଙ୍କୁ ହତ୍ୟା କରାଯାଇଥିବା ନେଇ ପ୍ରଶାନ୍ତ କୁମାର ମହାପାତ୍ର ଅଭିଯୋଗ କରିଛନ୍ତି। ନିଶା ନିବାରଣ କେନ୍ଦ୍ରକୁ ନେଇ ରହିଥିବା ଏସ୍‌ଓପି ପାଳନ ହେଉନଥିବାରୁ ବାରମ୍ବାର ଏଭଳି ଅଘଟଣ ସାମ୍ନାକୁ ଆସୁଛି। ପୁଲିସ ନିଶା ନିବାରଣ କେନ୍ଦ୍ରଗୁଡ଼ିକ ପ୍ରତି କୋହଳ ମନୋଭାବ ପୋଷଣ କରୁଥିବାରୁ ଅନ୍ତେବାସୀଙ୍କ ଜୀବନ ଯାଉଛି ବୋଲି ଅଭିଯୋଗ ହୋଇଛି।

ଅଭିଯୋଗ ଅନୁଯାୟୀ, ସିଂହନାଥପୁରର ସୂର୍ଯ୍ୟକାନ୍ତଙ୍କୁ ଗତ ୨୯ ତାରିଖରେ ପରିବାର ଲୋକେ ଜିଏ କଲୋନୀସ୍ଥିତ ଡିୟର ଲାଇଫ୍ ୱେଲନେସ ହିଲନେସ୍ ନିଶା ▶ପୃଷ୍ଠା-୭

**ସରକାରୀ ଅର୍ଥ ହଡ଼ପ ଅଭିଯୋଗ**

## ୮ ଏସ୍‌ଏଚ୍‌ଜି ମହିଳାଙ୍କୁ ଗିରଫ କଲା ଭିଜିଲାନ୍ସ


■ **ଜଗତସିଂହପୁର, ୩।୯ (ସମିସ):** ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅଧୀନ କୁରୁକି ଗ୍ରାମର ୮ ଜଣ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ସରକାରୀ ଅର୍ଥ ହଡ଼ପ ଅଭିଯୋଗରେ ଆଜି ଭିଜିଲାନ୍ସ ଗିରଫ କରିଥିବା ସୂଚନା ଦେଇଛନ୍ତି ଭିଜିଲାନ୍ସର ଡିଏସ୍‌ପି ଅନୁପମା ସାହୁ। ପରେ ସେମାନଙ୍କୁ କଟକର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା ଏବଂ ସେଠାରେ ସମସ୍ତ ୮ ଜଣଙ୍କୁ ଜାମିନ ମିଳିଥିବା ସୂଚନା ମିଳିଛି। ସେମାନେ ହେଲେ ମାନୀ ଦାସ, ପ୍ରଭାତୀ ଦାସ, ପ୍ରମିଳା ଦାସ, ଲିଲି ଦାସ, ଛବିଳତା ଦାସ, ହେମା ଦାସ, ଶାନ୍ତିଲତା ପରିଡା ଏବଂ ମମତା ପରିଡ଼ା। ଗତ ୨୦୧୦ ମସିହାରେ ଏକ ସ୍ୱୟଂ ସହାୟକ ଗୋଷ୍ଠୀର ▶ପୃଷ୍ଠା-୭

**ବିଦ୍ୟୁତ୍ ବିତରଣ କମ୍ପାନୀର କାର୍ଯ୍ୟଦକ୍ଷତା ମାନଦଣ୍ଡ ସ୍ଥିରକଲେ ଓଇଆର୍‌ସି**

## ୩ ମିନିଟରେ ଫୋନ୍‌କଲ୍ ଉତ୍ତର ନ ଦେଲେ ଜରିମାନା

■ **ଭୁବନେଶ୍ୱର, ୩।୯ (ସମିସ):** ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ ବିଦ୍ୟୁତସେବାର ନୂତନ ମାନଦଣ୍ଡ ଓ ଦକ୍ଷତା ଚିଠା ଅଧିନିୟମ ୨୦୨୫ ପ୍ରକାଶ କରିଛନ୍ତି। ଏହି ଅଧିନିୟମ ଅନୁଯାୟୀ ବିଦ୍ୟୁତ ଉପଭୋକ୍ତାଙ୍କ କଲର ଉତ୍ତର ବିଦ୍ୟୁତ ସେବା ପ୍ରଦାନକାରୀ କମ୍ପାନୀ ଟାଟା ପାୱାର ୩ ମିନିଟ୍ ମଧ୍ୟରେ ଉତ୍ତର ଦେବାକୁ ବାଧ୍ୟ। ଏଥିରେ ଖିଲାପ ହେଲେ ଉପଭୋକ୍ତାଙ୍କୁ କମ୍ପାନୀ ଜରିମାନା ପ୍ରଦାନ କରିବ। ଏହି ଜରିମାନା ଅର୍ଥ କମ୍ପାନୀ ସମ୍ପୃକ୍ତ ଉପଭୋକ୍ତାଙ୍କ ମାସିକ ବିଜୁଳି ଦେୟରୁ କାଟି ବିଲ୍ ପଠାଇବ।

ଅନ୍ୟପକ୍ଷରେ ଉପଭୋକ୍ତା କଲ୍ କରିବାର ୫ ମିନିଟ ଭିତରେ କଲସେଣ୍ଟର ତାହାକୁ ପଞ୍ଜୀକୃତ କରି ଉପଭୋକ୍ତାଙ୍କୁ ଗୋଟେ ଅଭିଯୋଗ ନମ୍ବର ପ୍ରଦାନ




କରିବେ। ଏହି ପ୍ରକ୍ରିୟା ପାଳନରେ ବିଫଳ ହେଲେ ଉପଭୋକ୍ତାଙ୍କୁ କମ୍ପାନୀ ୧୦୦ ଟଙ୍କା ଜରିମାନା ଦେବେ। ବିଦ୍ୟୁତ୍ ବ୍ୟାହତ, ନୂତନ-ସଂଯୋଗ, ସଂଯୋଗ-ବିଚ୍ଛିନ୍ନ, ପୁନଃସଂଯୋଗ, ମିଟର ସମସ୍ୟା, ମାଲିକାନା ପରିବର୍ତ୍ତନ, ବିଲ୍ ସମସ୍ୟା, ଭୋଲ୍‌ଟେଜ ସମସ୍ୟା ଆଦି ୩୩ଟି ବିଷୟ ଉପରେ ବିତରଣ କମ୍ପାନୀର କାର୍ଯ୍ୟଦକ୍ଷତାର ମାନଦଣ୍ଡ ସ୍ଥିରକରି ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି) ଏହି ଚିଠା ଅଧିନିୟମ ସାଧାରଣ ବିଜ୍ଞପ୍ତି ମାଧ୍ୟମରେ ଜାରିକରି ଏକ କୋଟି ବିଦ୍ୟୁତ ଉପଭୋକ୍ତାଙ୍କ ମତାମତ ଆହ୍ୱାନ କରିଛନ୍ତି। ଆସନ୍ତା ୨୨ ତାରିଖ ମଧ୍ୟରେ ଇଚ୍ଛୁକ ବ୍ୟକ୍ତି ଚିଠା ଅଧିନିୟମ ଉପରେ ମତାମତ ଦେବାପାଇଁ ଆୟୋଗ ନିବେଦନ କରିଛନ୍ତି। ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ରଙ୍କ ଏପରି ଅଭିଯୋଗକୁ ବିଶ୍ୱାସକୁ ନେଇ ଓଇଆରସି ବିତରଣ କମ୍ପାନୀମାନଙ୍କ ପାଇଁ ଉଦ୍ଦିଷ୍ଟ ପୁରୁଣା କାର୍ଯ୍ୟଦକ୍ଷତା ମାନଦଣ୍ଡ ଅଧିନିୟମ-୨୦୦୪କୁ ନବୀକରଣ କରି ନୂତନ ଅଧିନିୟମ-୨୦୨୫ର ଚିଠା ବିଜ୍ଞାପିତ କରିଛନ୍ତି। ଶ୍ରୀ ମହାପାତ୍ରଙ୍କ ସୂଚନା ଅନୁଯାୟୀ ଓଡ଼ିଶା ବିଦ୍ୟୁତ ନିୟାମକ ▶ପୃଷ୍ଠା-୭

## ଦିଲ୍ଲୀରେ ପଶିଲା ଯମୁନା ପାଣି



■ **ନୂଆଦିଲ୍ଲୀ, ୩।୯ (ଏଜେନ୍ସି):** ଦେଶର ସମ୍ପୂର୍ଣ୍ଣ ଉତ୍ତର ପଶ୍ଚିମ ଭାଗରେ ପ୍ରବଳ ବର୍ଷା ଜାରି ରହିଛି। ଦିଲ୍ଲୀ ସମେତ ପଞ୍ଜାବ, ହରିୟାଣା, ହିମାଚଳ, ଜମ୍ମୁ- କଶ୍ମୀର, ରାଜସ୍ଥାନ ଓ ଉତ୍ତରାଖଣ୍ଡରେ ଆଜି ମଧ୍ୟ ପ୍ରବଳ ବର୍ଷା ଜାରି ରହିଛି। ଫଳରେ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଛି। ବର୍ଷା ଓ ବନ୍ୟା ଯୋଗୁଁ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି ପଞ୍ଜାବ। ରାଜ୍ୟର ୨୩ଟି ଜିଲ୍ଲାର ଏବେ ବି ୧୨୦୦ ଗାଁ ପାଣି ଘେରରେ ରହିଛି। ବର୍ଷା ଓ ବନ୍ୟାରେ ୩୦ ଜଣ ପ୍ରାଣ ହରାଇଲେଣି ଏବଂ ୩ ଲକ୍ଷ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି। ରାଜ୍ୟରେ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ସବୁ ସ୍କୁଲ ଓ କଲେଜକୁ ବନ୍ଦ କରିଦିଆଯାଇଛି। ହରିୟାଣାର ଝଜ୍ଜର,

**ପଞ୍ଜାବରେ ଭୀଷଣ ବନ୍ୟା; ୩୦ ମୃତ**

**ବର୍ଷାରେ ଉବୁଟୁବୁ ୟୁପିର ୨୦ ସହର**

ହିସାର, ଯମୁନାନଗର, କୁରୁକ୍ଷେତ୍ର, ଅମ୍ବାଲା ଓ ପଞ୍ଚକୁଲା ଜିଲ୍ଲାର ଅଧିକାଂଶ ଅଞ୍ଚଳ ପାଣିରେ ବୁଡ଼ି ରହିଛି ଓ ୩ରୁ ୫ ଫୁଟ ଉଚ୍ଚରେ ପାଣି ଜମି ରହିଛି। ଖାସ୍ କରି ଅମ୍ବାଲାର ସ୍ଥିତି ଗମ୍ଭୀର ରହିଛି। ହଜାର ହଜାର ଘରେ ୨ରୁ ୪ ଫୁଟ୍ ପର୍ଯ୍ୟନ୍ତ ପାଣି ପଶିଯାଇଛି। ୨୦୦ରୁ ଅଧିକ ସ୍କୁଲକୁ ବନ୍ଦ କରିଦିଆଯାଇଛି।

ରାଜଧାନୀ ଦିଲ୍ଲୀ ଅବସ୍ଥା ମଧ୍ୟ ଖରାପ। ବର୍ଷା ଓ ବନ୍ୟା ଯୋଗୁଁ ରାଜଧାନୀ ବେହାଲ। ଦିଲ୍ଲୀରେ ଯମୁନା ନଦୀର ଜଳ ବିପଦ ସଂକେତ (୨୦୫ ମିଟର) ଉପରେ ଅର୍ଥାତ ୨୦୬.୮ ମିଟରରେ ପ୍ରବାହିତ ହେଉଛି। ୧୨ ବର୍ଷ ପରେ ପ୍ରଥମ ଥର ଲାଗି ଯମୁନା ଭୟଙ୍କର ରୂପ ଧାରଣ କରିଛି। ଦିଲ୍ଲୀର ଯମୁନା ବଜାର, ତିବତ୍ତ ବଜାର, ମୋନେଷ୍ଟ୍ରି ବଜାରରେ ପାଣି ପଶି ଯାଇଛି। ତଳିଆ ଅଞ୍ଚଳରେ ୧୦ ହଜାର ଲୋକଙ୍କୁ ଉଦ୍ଧାର କରାଯାଇଛି। ଦିଲ୍ଲୀରେ ସ୍କୁଲକୁ ବନ୍ଦ ରଖାଯାଇଛି ଓ ଅନ୍‌ଲାଇନ୍ କ୍ଲାସ ଜାରି ରହିଛି। ଇନ୍ଦିରା ଗାନ୍ଧୀ ବିମାନବନ୍ଦରରେ ପାଣି ଜମି ରହିଥିବାରୁ ୩୪୦ରୁ ଅଧିକ ବିମାନ ସେବା ବାଧାପ୍ରାପ୍ତ ହୋଇଛି। ଅନେକ ସ୍ଥାନରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଛି। ▶ପୃଷ୍ଠା-୭

**ଲଘୁଚାପ ସକ୍ରିୟ**

## ରାଜ୍ୟସାରା ନିର୍ଧୂମ୍ ବର୍ଷା

■ **ଭୁବନେଶ୍ୱର, ୩।୯ (ସମିସ):** ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ଅଧିକ ଘନୀଭୁତ ହୋଇ ସୁଦୃଶ ଲଘୁଚାପରେ ପରିଣତ ହୋଇଛି। ଏହା ପ୍ରଭାବରେ ବୁଧବାର ରାଜ୍ୟର ଅଧିକାଂଶ ଅଞ୍ଚଳରେ ବର୍ଷା ହୋଇଛି। ଗତ ୩୬ ଘଣ୍ଟା ମଧ୍ୟରେ ବାଲେଶ୍ୱରଠାରୁ ଗଞ୍ଜାମ ପର୍ଯ୍ୟନ୍ତ

**ଫୁଲୁଛି ସବୁ ନଦୀ**

ଉପକୂଳବର୍ତ୍ତୀ ଜିଲ୍ଲା ଓ ଏହାର ସଂଲଗ୍ନ ଜିଲ୍ଲାଗୁଡ଼ିକରେ ସବୁଠୁ ଅଧିକ ବର୍ଷା ହୋଇଛି। ଯାଜପୁରରେ ସର୍ବାଧିକ ୧୪୦ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ଚାନ୍ଦବାଲିରେ ୯୦ ମିମି ବର୍ଷା ରେକର୍ଡ ହୋଇଛି। ଏହାସହିତ ଭୁବନେଶ୍ୱରରେ ୬୭ ମିମି ବର୍ଷା ସହ ବାଲେଶ୍ୱର



୫୦, ପାରାଦୀପ ୪୨, ବାରିପଦା ୫୦, କେନ୍ଦୁଝର ୫୦, ଛତ୍ରପୁର ୫୦, ଦେବଗଡ଼ ୫୮, ନୂଆପଡ଼ା ମଧ୍ୟ ୩୮ ମିମି ବର୍ଷା ରେକର୍ଡ ହୋଇଛି।


ଏହି ସୁଦୃଶ ଲଘୁଚାପ ଟି ଆସନ୍ତା ୨୪ ଘଣ୍ଟା ପଶ୍ଚିମ ଉତ୍ତର-ପଶ୍ଚିମ ଦିଗରେ ଗତି କରିବା ସହ ଉତ୍ତର ଓଡିଶା ମଧ୍ୟ ଦେଇ ଝାଡ଼ଖଣ୍ଡ ଓ ଛତିଶଗଡ଼ ମୁହାଁ ହେବ। ଏହା ପ୍ରଭାବରେ ରାଜ୍ୟରେ ଗୁରୁବାର ମଧ୍ୟ ଅନେକ ସ୍ଥାନରେ ବର୍ଷା ସମ୍ଭାବନା ରହିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ▶ପୃଷ୍ଠା-୭

## ଆଜିର ଇତିହାସ

- ୧୮୮୮- ଗାନ୍ଧିଜୀ ଇଂଲଣ୍ଡକୁ ଜଳ ଯାତ୍ରା ଆରମ୍ଭ କଲେ।
- ୧୯୨୭- ନାଗପୁର ଦଙ୍ଗାରେ ୨୨ ଲୋକଙ୍କ ମୃତ୍ୟୁ ଓ ୧୦୦ରୁ ଅଧିକ ଆହତ ହୋଇଥିଲେ।
- ୧୯୫୨- ବଲିଉଡ୍ ଅଭିନେତା ଋଷି କପୁରଙ୍କ ଜନ୍ମ।
- ୧୯୬୭- ମହାରାଷ୍ଟ୍ରରେ ୬.୫ ତ୍ରୀବ୍ରତାର ଭୂମିକମ୍ପ ଆସିବା ଯୋଗୁଁ ୨୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା।
- ୧୯୮୫- ଟାଇଟାନିକ୍ ଜାହାଜ ବୁଡ଼ିବାର ୭୩ ବର୍ଷ ପରେ ଏହାର ଚିତ୍ର ସାମ୍ନାକୁ ଆସିଲା।
- ୨୦୦୦- ସିଡ୍‌ନୀରେ ୨୭ତମ ଅଲମ୍ପିକ୍ ଖେଳର ଆରମ୍ଭ ହୋଇଥିଲା।
- ୨୦୧୯- ପଞ୍ଜାବର ବାଟଲାରେ ଏକ ବାଣ ଫ୍ୟାକ୍ଟ୍ରିରେ ବିସ୍ଫୋରଣ ଯୋଗୁଁ ୨୩ ଜଣକ ମୃତ୍ୟୁ ହୋଇଥିଲା।

## ବିଶାଲଙ୍କ ଫିଲ୍ମରେ ପୁଣି ଥରେ ଶାହିଦ୍





ବଲିଉଡ୍ ଅଭିନେତା ଶାହିଦ୍ କପୁର ପୁଣି ଥରେ ବିଶାଲ ଭରଦ୍ୱାଜଙ୍କ ଏକ ଫିଲ୍ମରେ କାମ କରୁଛନ୍ତି। ଏହାପୂର୍ବରୁ ଶାହିଦ୍, ବିଶାଲଙ୍କ ଫିଲ୍ମ 'କମିନେ', 'ହୈଦର', 'ରେଙ୍ଗୁନ୍'ରେ କାମ କରିଥିଲେ। ଇତିମଧ୍ୟରେ ଶାହିଦ୍ ଏହି ଫିଲ୍ମର ସୁଟିଂ ମଧ୍ୟ ସାରି ଦେଇଛନ୍ତି। ଫିଲ୍ମର ଟାଇଟଲ କ'ଣ ହେବ ତାହା ଏଯାବତ୍ ଫାଇନାଲ କରାଯାଇ ନାହିଁ। ଏଥିରେ ତ୍ରିପ୍ତି ଦିମ୍‌ରି ଶାହିଦ୍‌ଙ୍କ ବିପକ୍ଷରେ ଦେଖାଯିବେ। ଦିଶା ପଟାନି, ନାନା ପାଟେକର୍, ଫରିଦା ଜଲାଲ, ଅବିନାଶ ତିୱାରି ପ୍ରମୁଖ ମଧ୍ୟ ଏଥିରେ ନଜର ଆସିବେ।

ନିକଟରେ ଶାହିଦ୍ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଫଟୋ ସେୟାର୍ କରିଥିଲେ। ଏଥିରେ ବିଶାଲ ଶାହିଦ୍‌ଙ୍କୁ କିଛି ବୁଝାଉଥିବାର ଦେଖାଯାଇଥିଲେ। ଶାହିଦ୍ ଏହି ଫଟୋ ସହିତ ଏକ ନୋଟ୍ ମଧ୍ୟ ଲେଖିଥିଲେ। ଶାହିଦ୍ ଲେଖିଥିଲେ ଯେ, ' ବିଶାଲଙ୍କ ସହ ମୋର ଚତୁର୍ଥ ଫିଲ୍ମର ସୁଟିଂ ଶେଷ ହୋଇଛି। ସବୁଥର ଭଳି ମୋ ପାଇଁ ଏକ ସଂପୂର୍ଣ୍ଣ ଏକ ନୂଆ ଦୁନିଆ ଓ ପୂରାପୂରି ଏକ ଅଲଗା ଚରିତ୍ର। ଖୁବ୍ ଶୀଘ୍ର ଫିଲ୍ମର ଘୋଷଣା କରାଯିବ। ତ୍ରିପ୍ତିଙ୍କ ସହ କାମ କରି ବହୁତ ଭଲ ଲାଗିଲା। ନାନା ପାଟେକର ବହୁତ ଜଟିଳ ସିନ୍‌ଗୁଡ଼ିକ ବି ସରଳ କରି ଦେଉଥିଲେ। ଫରିଦା ଜଲାଲଙ୍କ ଶାଳୀନତା ପାଇଁ ଧନ୍ୟବାଦ। ଅବିନାଶ ତିୱାରୀ ଆପଣଙ୍କ ପ୍ଲେଲିଷ୍ଟ ପାଇଁ ଧନ୍ୟବାଦ। ଦିଶା ଆପଣ ଓ ମୁଁ ଦୁଇଟି ଗୀତରେ ବେଶ୍ ଭଲ ପ୍ରଦର୍ଶନ କରିଛନ୍ତି।' ଏହି ଫିଲ୍ମ ଡିସେମ୍ବର ୫ରେ ରିଲିଜ୍ ହୋଇପାରେ ବୋଲି କୁହାଯାଉଛି।

## ଫୁଡ୍ ଡେଲିଭରି କରୁଛି ରୋବୋ ଡଗ୍





ଏଆଇ ଶିକ୍ଷା କ୍ଷେତ୍ରଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ କ୍ଷେତ୍ର ସବୁଠିକି ପ୍ରବେଶ କରି ସାରିଛି। ଅନଲାଇନ୍ ଫୁଡ୍ ଡେଲିଭରିରେ ମଧ୍ୟ ଏଆଇ ତା'ର ଆଧିପତ୍ୟ ବିସ୍ତାର କଲାଣି। ଏଯାବତ୍ ୧୦ ମିନିଟ୍‌ରେ ଖାଦ୍ୟ ପହଞ୍ଚାଇବାର କାମ ଡେଲିଭରି ବୟ କରୁଥିବା ବେଳେ ଏବେ ଏହି କାମ ଏଆଇ ରୋବଟ୍ କରିବା ଆରମ୍ଭ କଲାଣି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏହା ଥକ୍କି ନ ଯାଇ ଯେକୌଣସି ପ୍ରତିକୂଳ ସ୍ଥିତିରେ ବି ଗ୍ରାହକଙ୍କ ପାଖରେ ଖାଦ୍ୟକୁ ଠିକ୍ ସମୟରେ ପହଞ୍ଚାଇବ। ଏହା ଫୁଡ୍ ଡେଲିଭରି କାର୍ଯ୍ୟକୁ ଆହୁରି ସୁବିଧା ଓ ସହଜ କରିବ ବୋଲି ଏଥିରୁ ଏକପ୍ରକାର ସ୍ପଷ୍ଟ ହୋଇଛି। ସୁଇଜରଲ୍ୟାଣ୍ଡର ଜ୍ୟୁରିଖ ସହରରେ ଏବେ ଖାଦ୍ୟ ଡେଲିଭରିର କାମ ଏଆଇ ରୋବୋ ଡଗ୍ କରୁଛନ୍ତି। ଡଚ୍ କମ୍ପାନି 'ଜଷ୍ଟ ଇଟ୍ ଟେକ୍‌ଆୱେ ଡଟ୍‌କମ୍' ସ୍ୱିସ୍ ରୋବୋଟିକ୍ସ କମ୍ପାନି 'ଆର୍‌ଆଇଭିଆର୍' ସହିତ ମିଶି ଖାଦ୍ୟ ଡେଲିଭରି କରିବା ଲାଗି ରୋବୋ ଡଗ୍ ବ୍ୟବହାର କରିବା ଆରମ୍ଭ କରିଛି। ଅବଶ୍ୟ ଏହି ଏଆଇ ରୋବୋ ଡଗ୍ ସାଧାରଣ ଡେଲିଭରି ରୋବଟ୍‌ଠାରୁ ଅଲଗା। ଖାଦ୍ୟ ଡେଲିଭରି ଲାଗି ଏମାନଙ୍କୁ କୌଣସି ଗାଡ଼ିର ଆବଶ୍ୟକତା ପଡ଼ି ନ ଥାଏ। ରୋବୋ ଡଗ୍‌ର ଗୋଡ଼ ସହ ଚକ ମଧ୍ୟ ଲାଗିଛି। ତେଣୁ ଏହା ସହରର ଅଣଓସରିଆ ତଥା ଅତି ସଂକୀର୍ଣ୍ଣ ରାସ୍ତାରେ ବି ଅତି ସହଜରେ ଗତି କରିପାରେ। ଏଥିରେ ଫିଜିକାଲ ଏଆଇ ଟେକ୍ନିକ୍‌ର ବ୍ୟବହାର କରାଯାଇଛି। ଏହା ସିଡ଼ିଗୁଡ଼ିକୁ ବେଶ୍ ସହଜରେ ଚଢ଼ିପାରେ। କେବଳ ସେତିକି ନୁହେଁ, ଏହା ମଣିଷ, ଗାଡ଼ି, ସାଇକଲ, ଡଷ୍ଟବିନ୍ ଆଦିକୁ ଏଡ଼ାଇ ବେଶ୍ ସହଜରେ ଚାଲିପାରେ। ଏହାବାଦ୍ ଅତ୍ୟଧିକ ବର୍ଷା, ଝଡ଼, ତୋଫାନ, ତୁଷାରପାତ ବେଳେ ବି ଏହା କାର୍ଯ୍ୟ କରିଥାଏ। ଏହା ଘଣ୍ଟା ପ୍ରତି ୧୫ କିଲୋମିଟର ବେଗରେ ଦୌଡ଼ି ପାରିବ। ଆବଶ୍ୟକ ପଡ଼ିଲେ ରିମୋଟ୍ ଦ୍ୱାରା ମଧ୍ୟ ଏହାକୁ ନିୟନ୍ତ୍ରଣ କରାଯାଇପାରିବ। ସେହିପରି ଏହା ହେଉଛି ୟୁରୋପର ପ୍ରଥମ କମ୍ପାନି, ଯାହାକି ଫୁଡ୍ ଡେଲିଭରି ଲାଗି ଫିଜିକାଲ ଏଆଇ ଟେକ୍ନିକ୍ ଯୁକ୍ତ ରୋବୋ ଡଗ୍‌କୁ ବ୍ୟବହାର କରୁଛି। ଅନ୍ୟପଟେ ରୋବୋ ଡଗ୍ କେବଳ ଫାଷ୍ଟଫୁଡ୍ ପର୍ଯ୍ୟନ୍ତ ସୀମିତ ନାହାନ୍ତି, ବରଂ ତେଜରାତି ଜିନିଷ, ଔଷଧ, ଡ୍ରେସ୍ ଆଦି ନିତିଦିନିଆ ଜିନିଷର ଡେଲିଭରି କରିବାକୁ ମଧ୍ୟ ସକ୍ଷମ। ଅନ୍‌ଲାଇନ୍ ସପିଂର ବଢ଼ୁଥିବା ଚାହିଦାକୁ ଦେଖିଲେ ସହରରେ ଡେଲିଭରି କାର୍ଯ୍ୟର ଚାହିଦା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଏଭଳି ସ୍ଥିତିରେ ଏ ପ୍ରକାର ରୋବଟ୍ ଡେଲିଭରି କାର୍ଯ୍ୟକୁ ଅଧିକ ସହଜ, ଦ୍ରୁତ ଓ ସୁବିଧାଜନକ କରିପାରିବ।

## କନ୍ୟା ସନ୍ତାନ ଜନ୍ମରେ ଡାକ୍ତର ନିଅନ୍ତିନି ଫି'



ସାଧାରଣତଃ କ୍ୱଚିତ୍ ଡାକ୍ତର ମାଗଣାରେ ରୋଗୀଙ୍କ ଚିକିତ୍ସା କରିଥାନ୍ତି। ଏହି କ୍ରମରେ ଏମିତି ବି ଜଣେ ଡାକ୍ତର ଅଛନ୍ତି, ସେ ଚିକିତ୍ସା କରୁଥିବା କୌଣସି ମହିଳା କନ୍ୟା ସନ୍ତାନକୁ ଜନ୍ମ ଦେଲେ ତାଙ୍କଠାରୁ ଆଦୌ ଫି' ନିଅନ୍ତି ନାହିଁ। ଏହି କଥା ବିଶିଷ୍ଟ ଉଦ୍ୟୋଗପତି ଆନନ୍ଦ ମହିନ୍ଦ୍ରା ସାମାଜିକ ଗଣମାଧ୍ୟମରେ ସେୟାର୍ କରିବା ପରେ ସମସ୍ତଙ୍କ ନଜରକୁ ଆସିଛି। ଏହାସହ ସେ ଡାକ୍ତର ଗଣେଶ ରାଖଙ୍କ ଅସାଧାରଣ କରୁଣା ଏବଂ ମାନବିକତାକୁ ପ୍ରଶଂସା କରିଛନ୍ତି। ତେବେ ଡା. ଗଣେଶଙ୍କ ଏହି ମହାନ କାମ ସମ୍ପର୍କରେ ପ୍ରଥମେ ଆଇଏଏସ୍ ଅଧିକାରୀ ଡି. ପ୍ରଶାନ୍ତ ନାୟାର ସାମାଜିକ ଗଣମାଧ୍ୟମରେ ସେୟାର୍ କରିଥିଲେ। ଆନନ୍ଦଙ୍କ ନଜର ଏହି ପୋଷ୍ଟ ଉପରେ ପଡ଼ିବା ପରେ ସେ ମଧ୍ୟ ଏହାକୁ ସେୟାର୍ କରିଥିଲେ। ନାୟାରଙ୍କ ପୋଷ୍ଟ ଅନୁସାରେ, 'ଜଣେ ଦିନମଜୁରିଆ ନିଜ ସ୍ତ୍ରୀଙ୍କୁ ପ୍ରସବ ଲାଗି ହସ୍‌ପିଟାଲରେ ଭର୍ତ୍ତି କରାଇଥିଲେ। ଶ୍ରମିକ ଜଣକ ଭାବିଥିଲେ ସିଜରିଆନର ଖର୍ଚ୍ଚ ଉଠାଇବା ଲାଗି ଘର ଜମିବାଡ଼ି ବନ୍ଧା ପକାଇବାକୁ ପଡ଼ିପାରେ। ତେବେ ପିଲାଟି ଜନ୍ମ ପରେ ପୁଅ ନା ଝିଅ ହୋଇଛି ସେ ଡା. ଗଣେଶଙ୍କୁ ପଚାରିଥିଲେ। ଡା. ଗଣେଶ ତାଙ୍କ ଘରକୁ ପରୀ ଆସିଥିବା କହିଲେ। ହସ୍‌ପିଟାଲ ଫି'କୁ ନେଇ ବ୍ୟକ୍ତି ଜଣକ ଦ୍ୱନ୍ଦ୍ୱରେ ଥିବା ବେଳେ ଡା. ଗଣେଶ କହିଲେ, ଝିଅ ଜନ୍ମ ନେଲେ ସେ ଟଙ୍କା ନିଅନ୍ତି ନାହିଁ। ଏହି କଥାରେ ଝିଅଟିର ବାପା ଭାବପ୍ରବଣ ହୋଇ ଡା. ଗଣେଶଙ୍କୁ ଦେବତା ବୋଲି କହିଥିଲେ। ତେବେ ଏକ ଦଶକରୁ ଅଧିକ ସମୟ ଧରି ଡା. ଗଣେଶ ଏହି ମହାନ୍ କାର୍ଯ୍ୟ କରି ଆସୁଛନ୍ତି। ସେ ୨୦୦୭ ମସିହାରେ ନିଜର ହସ୍‌ପିଟାଲ କରିବା ପରେ ଏକ ହଜାରରୁ ଊର୍ଦ୍ଧ୍ୱ କନ୍ୟା ସନ୍ତାନଙ୍କର ସେ ମାଗଣାରେ ପ୍ରସବ କରାଇଛନ୍ତି। ଏକଦା ଏକ ସାକ୍ଷାତକାରେ ଡାକ୍ତର ଗଣେଶ କହିଥିଲେ ଯେ, ଯେତେବେଳେ ଲୋକେ ଝିଅ ଜନ୍ମର ଖୁସିକୁ ପାଳନ କରିବେ, ସେ ପୁଣି ଥରେ ଫି' ନେବା ଆରମ୍ଭ କରିବେ। ଅନ୍ୟପକ୍ଷରେ ଡାକ୍ତରଙ୍କ ଏହି କାମକୁ ଲୋକେ ଖୁବ୍ ପ୍ରଶଂସା କରୁଛନ୍ତି।

## ରଙ୍ଗ ଚିହ୍ନଟ କରି ଶୁଆର ବିଶ୍ୱ ରେକର୍ଡ

ଶୁଆକୁ ସବୁଠାରୁ ଚାଲାକ ପକ୍ଷୀ କୁହାଯାଏ। ମଣିଷର କଥାକୁ ଶୁଆ ଅତି ସହଜରେ ନକଲ କରିପାରେ। ତେବେ ତାଲିମ୍ ଦେଲେ ଏହା ବହୁ ଅବିଶ୍ୱସନୀୟ କାର୍ଯ୍ୟ କରିପାରେ, ବୋଲି ପ୍ରମାଣ କରିଛି ଚୀନ୍‌ର ଏକ ଶୁଆ। ଜିୟାଓଗୁୟୀ ନାମରେ ପରିଚିତ ଏହି ଶୁଆଟି ୧୦ଟି ରଙ୍ଗ ଚିହ୍ନଟ କରି ବିଶ୍ୱ ରେକର୍ଡ କରିଛି। ତେବେ ଜିୟାଓଗୁୟୀ ମାତ୍ର ୩୩.୫୦ ସେକେଣ୍ଡରେ ଏହି କାରନାମା କରି ଦେଖାଇଥିଲା। ଶୁଆଟି ସାମ୍ନାରେ ଛୋଟ ଛୋଟ ୧୦ଟି ପ୍ଲାଷ୍ଟିକ୍ ଡବା ରଖାଯାଇଥିଲା। ଏହି ପ୍ଲାଷ୍ଟିକ୍ ଡବାଗୁଡ଼ିକ ଭିନ୍ନ ଭିନ୍ନ ରଙ୍ଗର ଥିଲା। ଡବାଗୁଡ଼ିକ ସହ ୧୦ଟି ବିଭିନ୍ନ ରଙ୍ଗର ବଲ୍ ରଖାଯାଇଥିଲା। ବଲ୍ ଓ ଡବାଗୁଡ଼ିକୁ ମିଶାଇ ଦିଆଯାଇଥିଲା। ଜିୟାଓଗୁୟୀକୁ ବହୁତ କମ୍ ସମୟ ମଧ୍ୟରେ ପ୍ରତିଟି ବଲ୍‌କୁ ତା'ର ରଙ୍ଗ ସହ ମିଶି ଯାଉଥିବା ଡବାରେ ପକାଇବାର ଥିଲା। ସେ ବହୁତ କମ୍ ସମୟ ମଧ୍ୟରେ ଏହାକୁ କରି ଦେଇଥିଲା। ସବୁଠୁ ବଡ଼ କଥା ହେଉଛି, ଏହା ଗୋଲାପି ରଙ୍ଗର ଦୁଇଟି ସେଡ୍‌କୁ ମଧ୍ୟ ଚିହ୍ନଟ କରି ଦେଇଥିଲା। ଏହି ରେକର୍ଡ ୨୦୨୪ ମସିହାରେ ଚୀନ୍ ହେନାନ୍ ପ୍ରାନ୍ତରେ ହୋଇଥିଲା। ଏହାର ଆନୁଷ୍ଠାନିକ ଘୋଷଣା ୧୪ ଅଗଷ୍ଟ, ୨୦୨୫ ମସିହାରେ ହୋଇଛି। ତେବେ ଜିୟାଓଗୁୟୀ ଏଭଳି ରେକର୍ଡ କରିବାର ଶ୍ରେୟ ତା'ର ମାଲିକ କିନ୍ ଫେଙ୍ଗ୍‌କୁ ଯାଏ। ଫେଙ୍ଗ୍ ଏହି ଶୁଆଟିକୁ ୨୦୨୦ ମସିହାରେ ପୋଷ୍ୟ ଭାବେ ଗ୍ରହଣ କରିଥିଲେ। ଫେଙ୍ଗ୍ ଶୁଆଟିକୁ ନିଜ ସନ୍ତାନ ଭଳି ରଖିଥିଲେ। ଏହାପରେ ଦୁହିଁଙ୍କ ସମ୍ପର୍କ ଆହୁରି ନିବିଡ଼ ହୋଇଯାଇଥିଲା। ପରବର୍ତ୍ତୀ ସମୟରେ ଜିୟାଓଗୁୟୀ ବିଭିନ୍ନ ରଙ୍ଗର ବଲ୍ ଖେଳିବାକୁ ଭଲ ପାଉଥିବା ଫେଙ୍ଗ୍ ଲକ୍ଷ୍ୟ ରଖିଥିଲେ। ଏହାପରେ ସେ ଶୁଆଟିକୁ ରଙ୍ଗ ଚିହ୍ନଟ କରିବା ଦିଗରେ ତାଲିମ ଦେଲେ। ବହୁତ କମ୍ ଦିନ ମଧ୍ୟରେ ଜିୟାଓଗୁୟୀ ରଙ୍ଗ ଚିହ୍ନଟ କରିବାରେ ମାହିର୍ ହୋଇ ଯାଇଥିଲା।



## ମୁହଁରେ ଟାଟୁ ଓ ନୋଜ ପ୍ଲଗ୍।



ଅରୁଣାଚଳ ପ୍ରଦେଶର ଜିରୋ ଘାଟିରେ ରହୁଥିବା ଅପାତାନି ଜନଜାତି ସେମାନଙ୍କ ନିଆରା ସଂସ୍କୃତି ଓ ପରମ୍ପରା ଲାଗି ଲୋକପ୍ରିୟ। ତେବେ ଉକ୍ତ ଜନଜାତିର ମହିଳାଙ୍କୁ ନେଇ ଅଧିକ ଚର୍ଚ୍ଚା ହୋଇଥାଏ। ବିଶେଷକରି ସେମାନଙ୍କ ମୁହଁର ଟାଟୁ ଓ ନାକରେ ପିନ୍ଧୁଥିବା ବଡ଼ ବଡ଼ ନୋଜ ପ୍ଲଗ୍ ହିଁ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଥାଏ। ସେମାନଙ୍କର ଏହି ପରମ୍ପରା ପଛରେ ଅନେକ ଲୋକକଥା ପ୍ରଚଳିତ। ଅପାତାନି ଜନଜାତିର ମହିଳା ଦେଖିବାକୁ ବେଶ୍ ସୁନ୍ଦର ହେଉଥିବାରୁ ପୂର୍ବରୁ ସେମାନଙ୍କୁ ଆଖପାଖର ଜନଜାତିର ପୁରୁଷମାନେ ଅପହରଣ କରି ନେଇଯାଉଥିଲେ। ତେଣୁ ପରିବାର ଲୋକେ ଝିଅମାନଙ୍କ ସୁରକ୍ଷା ଲାଗି ସେମାନଙ୍କ ମୁହଁରେ ଗାଢ଼ ନୀଳ ରଙ୍ଗର ଟାଟୁ ଆଙ୍କିବା ଆରମ୍ଭ କଲେ। ଏହାଦ୍ୱାରା ସେମାନେ କମ୍ ଆକର୍ଷଣୀୟ ଦିଶିବେ ଏବଂ ଅପହରଣରୁ ରକ୍ଷା ମିଳିବ ବୋଲି ଭାବିଲେ। ସେହିପରି ଅନ୍ୟ ଏକ ଲୋକକଥା ଅନୁସାରେ, ଯେତେବେଳେ ଏହି ଜନଜାତିର ପୁରୁଷମାନେ ଯୁଦ୍ଧରେ ପ୍ରାଣ ହରାଉ ଥିଲେ, ସେମାନଙ୍କ ଆତ୍ମା ଘରକୁ ଫେରି ଆସୁଥିଲା। ସେମାନେ ନିଜ ସ୍ତ୍ରୀକୁ ଚିହ୍ନି ନ ପାରି ସେମାନଙ୍କୁ ହଇରାଣ କରୁଥିଲେ। ଏଭଳି ସ୍ଥିତିରେ ଏହି ଜନଜାତିର ପୂଜାରି ମହିଳାଙ୍କୁ ମୁହଁରେ ଟାଟୁ କରିବାକୁ କହିଲେ। ଏହାଦ୍ୱାରା ଆତ୍ମା ସେମାନଙ୍କୁ ଚିହ୍ନିପାରିବ। ଏହି ପ୍ରଥା ଧୀରେ ଧୀରେ ସେମାନଙ୍କ ସଂସ୍କୃତି ଓ ପରମ୍ପରାର ଅଂଶ ପାଲଟିଲା। ସେହିପରି ଏହି ଜନଜାତିରେ ଝିଅମାନଙ୍କର ଋତୁସ୍ରାବ ଆରମ୍ଭ ହେଲେ କପାଳରୁ ମଥା ପର୍ଯ୍ୟନ୍ତ ଏକ ମୋଟା ସିଧା ରେଖା ଏବଂ ଥୋଡ଼ିରେ ପାଞ୍ଚଟି ସିଧା ରେଖା ଟଣାଯାଉଥିଲା। ଏ ଲାଗି ତିନିଟି ମୁନିଆ ବା ତୀକ୍ଷ୍ଣ ଛୁଞ୍ଚି ବ୍ୟବହାର କରାଯାଏ। ସେହିଭଳି ଏଠାକାର ମହିଳାମାନେ ବ୍ୟବହାର କରୁଥିବା ବଡ଼ ବଡ଼ କଳା ରଙ୍ଗର ନୋଜ ପ୍ଲଗ୍ ଜଙ୍ଗଲର ଏକ ସ୍ୱତନ୍ତ୍ର କାଠରେ ତିଆରି କରାଯାଉ ଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ପ୍ରଥା କୁରୂପ ଆପଣାଇବା ଲାଗି କରାଯାଇଥିଲା। ଧୀରେ ଧୀରେ ଏହି ପରମ୍ପରା ମହିଳାଙ୍କ ପାଇଁ ସୌନ୍ଦର୍ଯ୍ୟ ଓ ସମୃଦ୍ଧିର ପ୍ରତୀକ ପାଲଟିଲା। ସେହିପରି କୌଣସି ମହିଳାଙ୍କ ମୁହଁରେ ଟାଟୁ ଓ ନାକରେ ନୋଜ୍ ପ୍ଲଗ୍ ନ ଥିଲେ, ସେମାନେ ବିବାହ ଯୋଗ୍ୟ ବୋଲି ବିଚାର କରାଯାଏ ନାହିଁ। ଅନ୍ୟପଟେ ସମୟ ସହିତ ଓ ଆଧୁନିକତାର ପ୍ରବେଶ ଯୋଗୁଁ ଏହି ଜନଜାତିର ଯୁବପିଢ଼ି ଏଭଳି ପ୍ରଥାକୁ ବୋଝ ବୋଲି ଭାବୁଛନ୍ତି। ଟାଟୁ ଓ ନୋଜ ପ୍ଲଗ୍ ସେମାନଙ୍କୁ ଅନ୍ୟମାନଙ୍କଠାରୁ ଅଲଗା କରି ଦେଇଛି ବୋଲି ଭାବୁଛନ୍ତି। ୧୯୭୦ ମସିହାରେ ଅପାତାନି ୟୁଥ୍ ଆସୋସିଏସନ ଏବଂ ସରକାରଙ୍କ ପ୍ରୟାସରେ ଏହା ଉପରେ କଟକଣା ଲାଗିଛି। ଏଠାକାର ମହିଳାମାନଙ୍କୁ ଆଉ ନାକରେ ନୋଜ୍ ପ୍ଲଗ୍ କିମ୍ବା ମୁହଁରେ ଟାଟୁ ଖୋଦେଇବାକୁ ପଡୁନାହିଁ। ଆଜି ଏହି ପରମ୍ପରା ଇତିହାସ ଓ ସଂସ୍କୃତିର ଅଂଶ ହୋଇ ରହି ଯାଇଛି।

## ଚର୍ଚ୍ଚାରେ ୮୪ ବର୍ଷ ପୁରୁଣା ଫଟୋ



ସାମାଜିକ ଗଣମାଧ୍ୟମରେ ନିତିଦିନ କିଛି ନା କିଛି ଫଟୋ ତଥା ଭିଡିଓ ଭାଇରାଲ ହୋଇଥାଏ। ଏହି କ୍ରମରେ ଏବେ ଏକ ଫଟୋ ଚର୍ଚ୍ଚା ସାଉଁଟୁଛି। ତାହା ପୁଣି ୮୪ ବର୍ଷ ପୁରୁଣା। ତେବେ ଏ ଫଟୋରେ କିଛି ଏଭଳି ଦେଖିବାକୁ ମିଳିଛି, ଯାହାକି ଲୋକଙ୍କ ମନରେ ଟାଇମ୍ ଟ୍ରାଭେଲକୁ ନେଇ ବିଶ୍ୱାସ ଜନ୍ମାଇଛି। ଯଦିଓ ଟାଇମ୍ ଟ୍ରାଭେଲ ଏବେ ସୁଦ୍ଧା ବିଜ୍ଞାନ ଫାଟାନ୍ସି କାହାଣୀ ଏବଂ ଫିଲ୍ମରେ ଦେଖିବାକୁ ମିଳୁଥିଲା। ହେଲେ ଏହି ଫଟୋଟି ଏହା ବାସ୍ତବ ବୋଲି ବୁଝିବାକୁ ଏକପ୍ରକାର ବାଧ କରାଇଛି। ଏହି ଫଟୋଟିକୁ ୧୯୪୧ ମସିହାରେ ଫଟୋଗ୍ରାଫର ଏଡୱାର୍ଡ ରସକମ୍ ଶିକାଗୋର ସାଉଥ ସାଇଡ୍ ଅଞ୍ଚଳରେ ଉତ୍ତୋଳନ କରିଥିଲେ। ଏଥିରେ କିଛି ଯୁବକଯୁବତୀ ଓ ବାଳକ ବାଳିକା ଏକ ସିନେମା ହଲ୍ ବାହାରେ ଲମ୍ବା ଧାଡ଼ିରେ ଛିଡ଼ା ହୋଇଛନ୍ତି। ପ୍ରାୟ ସମସ୍ତେ ସଫାସୁତୁରା ଓ ଆକର୍ଷଣୀୟ ପୋଷାକ ପିନ୍ଧିଛନ୍ତି। ମୋଟାମୋଟି କହିବାକୁ ଗଲେ ସେମାନେ ସେସମୟର ପୋଷାକ ପିନ୍ଧିଛନ୍ତି। ଏହାରି ଭିତରେ ଜଣେ ଯୁବକଙ୍କ ହାତରେ ଥିବା ଜିନିଷକୁ ନେଇ ସାମାଜିକ ଗଣମାଧ୍ୟମରେ ତର୍କ ବିତର୍କ ଲାଗି ରହିଛି। ସେ ଆୟତାକାର ଆକୃତିର ଗୋଟିଏ ଜିନିଷ ଧରିଛନ୍ତି। ତେବେ ସେ ହାତରେ ଆପଲ୍‌ର ଆଇପ୍ୟାଡ୍ ଧରିଛନ୍ତି ବୋଲି କେତେଜଣ ମତ ରଖିଛନ୍ତି। ସେହିପରି ଅନେକେ ଏହାକୁ ଆଇପ୍ୟାଡ୍ ବୋଲି ମାନିବାକୁ ପ୍ରସ୍ତୁତ ନାହାନ୍ତି। ଅନେକ ଲୋକ କହୁଛନ୍ତି, ଯୁବକଙ୍କ ହାତରେ ଏକ ପୁସ୍ତକ ଅଛି। ସେତେବେଳେ ସିନେମା ହଲ୍‌ରେ ପରିଚାରକମାନେ ବୁଲୁଥିଲେ ଏବଂ କେହି କଲମ କିମ୍ବା ନୋଟ୍‌ବୁକରେ ଯେମିତି ସିନେମାର ନକଲ କରିବାକୁ ଚେଷ୍ଟା କରୁଛିକି ତାହା ଦେଖୁଥିଲେ। ଏହିପରି ଭାବେ ଲୋକମାନେ ଏହି ଫଟୋ ଉପରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।

## ଆଜିର ରାଶିଫଳ

**ମେଷ:** ଶୁଭ ଖବର ମିଳିପାରେ। ନୂତନ ଜମି କିଣିବା ଯୋଗ ଅଛି। ଅଫିସ୍‌ରେ ସହକର୍ମୀଙ୍କୁ ସାହାଯ୍ୟ କରିବେ। ସ୍ୱାସ୍ଥ୍ୟପ୍ରତି ଯତ୍ନଶୀଳ ରୁହନ୍ତୁ। ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ।

**ବୃଷ:** ଅଜଣାଲୋକଙ୍କଠାରୁ ସାହାଯ୍ୟ ମିଳିବ। ନିଜ କାର୍ଯ୍ୟକୁ ଗୁରୁତ୍ୱ ଦିଅନ୍ତୁ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥା ସାମାନ୍ୟ ବିଗିଡ଼ିପାରେ। ପ୍ରିୟଜନଙ୍କ କଥାକୁ ବିଶ୍ୱାସ କରିବେ ନାହିଁ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

**ମିଥୁନ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ଦୀର୍ଘ ଦିନର ଆଶା ପୂରଣ ହେବ। ନୂତନ ବ୍ୟବସାୟ ପାଇଁ ଅନୁକୂଳ ସମୟ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ପରିବାର ଲୋକଙ୍କ ସହ ସମୟ ଅତିବାହିତ କରିବେ।

**କର୍କଟ:** ପାରିବାରିକ ଜୀବନରେ ସୁଖ, ସମୃଦ୍ଧି ବୃଦ୍ଧି ପାଇବ। ବ୍ୟବସାୟରେ ଉନ୍ନତି ପାଇଁ ଆଧୁନିକ ଜ୍ଞାନ-କୌଶଳ ଉପଯୋଗ କରିବେ। ବାପାମାଆଙ୍କ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ।

**ସିଂହ:** ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଉଧାର ଟଙ୍କା ଫେରି ପାଇବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି।

**କନ୍ୟା:** ବ୍ୟବସାୟରେ ଲାଭ ହେବ। ଆୟଠୁ ଅଧିକ ବ୍ୟୟ କରିବେ। ବରିଷ୍ଠ ଅଧିକାରୀଙ୍କ ପରାମର୍ଶରେ କାମରେ ଆଗକୁ ବଢ଼ିବେ। ନୂଆ କାମ ଆରମ୍ଭ କରିବେ। ମହିଳାମାନେ ଘରକାମରେ ବ୍ୟସ୍ତ ରହିବେ।

**ତୁଳା:** ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି। କୌଣସି କଥାକୁ ନେଇ ଚିନ୍ତିତ ରହିପାରନ୍ତି। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ। ଆଇଟି କର୍ମଚାରୀଙ୍କ ପାଇଁ ସମୟ ଭଲ। ଉଧାର ଟଙ୍କା ଫେରି ପାଇବେ।

**ବିଛା:** ବୈବାହିକ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଅଫିସ୍ କାମରେ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ଦାନ ଧର୍ମ କରିବେ।

**ଧନୁ:** ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ। ନିଜ ଲୋକ ଶତ୍ରୁ ସାଜିପାରନ୍ତି। ନୂତନ ଯାନବାହନ କ୍ରୟ କରିପାରନ୍ତି। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ଆଇନଜୀବୀଙ୍କୁ ସଫଳତା ମିଳିବ।

**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ। ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ। ସନ୍ତାନ ସୁଖ ପ୍ରାପ୍ତ ହେବ। ପ୍ରେମ ସମ୍ବନ୍ଧରେ ଭୁଲ ବୁଝାମଣା ସୃଷ୍ଟି ହେବ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ।

**କୁମ୍ଭ:** ଧାରକରଜରୁ ଦୂରେଇ ରହିବେ। ବ୍ୟବସାୟ ବୃଦ୍ଧିକୁ ନେଇ ସାବଧାନତା ଅବଲମ୍ବନ କରିବେ। ବିରୋଧୀଙ୍କୁ ସାମ୍ନା କରିବେ। ଚିନ୍ତାଗ୍ରସ୍ତ ରହିବେ। ଜୀବନସାଥୀଙ୍କୁ ମନ କଥା କହିବେ।

**ମୀନ:** ବିଦ୍ୟାର୍ଥୀ ପରୀକ୍ଷାରେ ସଫଳ ହେବେ। ବନ୍ଧୁଙ୍କ ସାହାଯ୍ୟ ମିଳିବ। କଳା କ୍ଷେତ୍ରରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

ଶ୍ରୀମନ୍ଦିର ନୂତନ ପରିଚାଳନା କମିଟିର ପ୍ରଥମ ବୈଠକ

# ଗଠନ ହେଲା ୧୪ ସବ୍ କମିଟି



■ ପ୍ରଥମଥର ଶ୍ରୀମନ୍ଦିର ସୁରକ୍ଷା ଲାଗି ସବ୍ କମିଟି ଗଠିତ
■ ଧାଡ଼ି ଦର୍ଶନ ଓ ରତ୍ନ ଅଳଙ୍କାର ଗଣତିମଣତିକୁ ଅନୁମୋଦନ
■ ନାଟମଣ୍ଡପରେ ହେବ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା

ପୁରୀ,୩।୯ (ସମିସ): ନୂତନ ଭାବେ ଗଠନ କରାଯାଇଥିବା ଶ୍ରୀମନ୍ଦିର ପରିଚାଳନା କମିଟିର ପ୍ରଥମ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ନୀଳାଦ୍ରି ଭକ୍ତ ନିବାସରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ 'ଧାଡ଼ି ଦର୍ଶନ' ବ୍ୟବସ୍ଥାର ପରୀକ୍ଷାମୂଳକ ପ୍ରଚଳନ, ରତ୍ନଭଣ୍ଡାରର ଗଣତିମଣତି ସମେତ ମହାପ୍ରଭୁଙ୍କ ସେବାପୂଜା, ଶୃଙ୍ଖଳିତ ଦର୍ଶନ ଓ ନୀତିକାନ୍ତି, ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାରପ୍ରସାର, ଏବଂ ଶ୍ରୀମନ୍ଦିର କାର୍ଯ୍ୟର ସୁଚାରୁ ସମ୍ପାଦନ ପାଇଁ ୧୪ଟି ସବ୍ କମିଟି ଗଠନ କରାଯାଇଛି। ଯେଉଁ କମିଟି ମଧ୍ୟରେ ୪ଟି ସାମ୍ବିଧାନିକ ସବ୍ କମିଟି ଯଥା- ଅର୍ଥ, ନୀତି, ରତ୍ନଭଣ୍ଡାର ଏବଂ ଅପିଲ ସବ୍ କମିଟି ରହିଛି। ପ୍ରଥମଥର ପାଇଁ ଗଠନ ହୋଇଥିବା ଶ୍ରୀମନ୍ଦିର ସୁରକ୍ଷା ସବ୍ କମିଟିରେ ପୂର୍ବତନ ସିଏଜି ଗିରିଶ ଚନ୍ଦ୍ର ମୁର୍ମୁ ଅଧ୍ୟକ୍ଷ ରହିଛନ୍ତି। ଏତଦ୍‌ବ୍ୟତୀତ ଶ୍ରୀଜଗନ୍ନାଥ ତତ୍ତ୍ୱ ଗବେଷଣା ଓ ପ୍ରକାଶନ ସବ୍ କମିଟି, ସେବକ କଲ୍ୟାଣ ସବ୍ କମିଟି, ପ୍ରକଳ୍ପ ସାଂସ୍କୃତିକ ସବ୍ କମିଟି, ପ୍ରକଳ୍ପ ବୈଷୟିକ ସବ୍ କମିଟି, ଲ୍ୟାଣ୍ଡ ସବ୍ କମିଟି, ଶ୍ରୀଜଗନ୍ନାଥ ମନ୍ଦିର ପେନ୍‌ସନ୍ ଟ୍ରଷ୍ଟ ବୋର୍ଡ ସବ୍ କମିଟି, ସଂସ୍ଥା ସବ୍ କମିଟି, ସଂସ୍ଥା ସବ୍ କମିଟି, ନୀତି ସମ୍ବନ୍ୱୟ ସବ୍ କମିଟି ଗଠନ କରାଯାଇଛି।

ଶ୍ରୀମନ୍ଦିରରେ 'ଧାଡ଼ି ଦର୍ଶନ' ବ୍ୟବସ୍ଥା ଲାଗୁ କରିବାକୁ ପରିଚାଳନା କମିଟି ଅନୁମୋଦନ ଦେଇଛି। ଏହି ବ୍ୟବସ୍ଥା ଅନୁଯାୟୀ ଭକ୍ତମାନେ ନାଟମଣ୍ଡପରୁ ଦାରୁବିଗ୍ରହଙ୍କୁ ଦର୍ଶନ କରିବେ। ଏଥିପାଇଁ ନାଟମଣ୍ଡପରୁ ହୁଣ୍ଡି ସ୍ଥାନାନ୍ତର କରାଯିବ। ଏହିସବୁ ପ୍ରକ୍ରିୟା ଆସନ୍ତା ୧୫ ତାରିଖ ସୁଦ୍ଧା ଶେଷ ହେବା ପରେ ଧାଡ଼ି ଦର୍ଶନ ଆରମ୍ଭ କରାଯିବା ଲାଗି ଆଲୋଚନା ହୋଇଛି। ସେହିପରି ଭକ୍ତମାନଙ୍କ ସୁବିଧା ନିମନ୍ତେ ଏଏସ୍‌ଆଇ ମଧ୍ୟ ନାଟମଣ୍ଡପରେ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥାକୁ ମଞ୍ଜୁରୀ ଦେଇଛନ୍ତି। ଏହା ଖରାଦିନେ ଭକ୍ତମାନଙ୍କୁ ଆରାମଦାୟକ ଦର୍ଶନ ଅନୁଭବ ପ୍ରଦାନ କରିବ। ଏଥିସହିତ ମହିଳା, ଶିଶୁ, ଦିବ୍ୟାଙ୍ଗ ଏବଂ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କରାଯାଇଛି, ଯେଉଁଥିରେ ସ୍ୱତନ୍ତ୍ର ପ୍ରବେଶ ଓ ପ୍ରସ୍ଥାନ ମାର୍ଗ ସାମିଲ ରହିବ। ସେହିପରି ରତ୍ନଭଣ୍ଡାରର ଗଣତିମଣତି ପ୍ରକ୍ରିୟାକୁ ଆଗେଇ ନେବା ପାଇଁ ନିଷ୍ପତ୍ତି ନିଆଯାଇଛି। ରତ୍ନଭଣ୍ଡାର ସବ୍ କମିଟି ଏହି କାର୍ଯ୍ୟକୁ ଶୀଘ୍ର ଆରମ୍ଭ କରିବ ଓ ସମସ୍ତ ସାମଗ୍ରୀର ଏକ ବିସ୍ତୃତ ତାଲିକା ପ୍ରସ୍ତୁତ କରିବ। ଦିବ୍ୟାଙ୍ଗମାନଙ୍କ ପାଇଁ ଉତ୍ତର ଦ୍ୱାରରେ ରାମ୍ପ୍ ବ୍ୟବସ୍ଥା ପାଇଁ ଏକ କମିଟି ଗଠନ ହୋଇଛି। ଏଥିପାଇଁ ଏସ୍‌ଓପି ପ୍ରସ୍ତୁତ କରାଯିବ।

ଇସ୍କନର ଅଦିନିଆ ରଥଯାତ୍ରା ପ୍ରସଙ୍ଗ ଉପରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି। ଦୀଘାରେ ଜଗନ୍ନାଥ ଧାମ ଲେଖାକୁ ନେଇ ପରିଚାଳନା କମିଟି କ୍ଷୋଭ ପ୍ରକାଶ କରିଛନ୍ତି। ଆସନ୍ତା ୬ ତାରିଖରେ ଅଦିନିଆ ରଥଯାତ୍ରା ଓ ସ୍ନାନଯାତ୍ରା ନେଇ ଗଜପତି ମହାରାଜାଙ୍କ ଦ୍ୱାରା ପ୍ରେସ୍ ବିଜ୍ଞପ୍ତି କରାଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ଇସ୍କନର ଗଭର୍ଣ୍ଣିଂବଡି ପାଖକୁ ପଠାଯିବ। ଜଗନ୍ନାଥ ଧାମ ଶବ୍ଦର କୌଣସି ଅପବ୍ୟବହାର କରିପାରିବେ ନାହିଁ। ସଂସଦ ଭବନରେ ରଥ ଚକ ସ୍ଥାନ ପାଇଁ ପରିଚାଳନା କମିଟି ଅନୁମୋଦନ କରିଛି। ଶ୍ରୀମନ୍ଦିର ଭିତରେ ମାତୃ ସ୍ତନ୍ୟପାନ ଗୃହ କାର୍ଯ୍ୟକ୍ଷମ ଉପରେ ଆଲୋଚନା କରାଯାଇଛି।

ବୈଠକ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି, ସବ୍ କମିଟିଗୁଡ଼ିକ ଶୀଘ୍ର ନିଜ ନିଜ କାର୍ଯ୍ୟ ଯୋଜନା ଉପରେ କାମ ଆରମ୍ଭ କରିବେ। ଭକ୍ତଙ୍କୁ ଉନ୍ନତ ଅନୁଭବ ପ୍ରଦାନ କରିବା ଏବଂ ମନ୍ଦିରର ସମସ୍ତ ଦିଗରେ ସୁବ୍ୟବସ୍ଥିତ ପରିଚାଳନା ଆମର ପ୍ରାଥମିକତା। ଧାଡ଼ି ଦର୍ଶନ ବ୍ୟବସ୍ଥା ସଫଳ ହେଲେ ଏହାକୁ ସ୍ଥାୟୀ ଭାବେ ଲାଗୁ କରାଯାଇପାରେ।

# ଶ୍ରୀହୀନ ସିଂହଦ୍ୱାର, ଲାଗିପାରୁନି ଦଶାବତାର ମୂର୍ତ୍ତି

ପୁରୀ,୩।୯ (ସମିସ): ବର୍ଷେ କି ଦୁଇବର୍ଷ ଅବା ପାଞ୍ଚବର୍ଷ ନୁହେଁ, ଦୀର୍ଘ ୧୪ବର୍ଷ ହେବ ଶ୍ରୀହୀନ ଶ୍ରୀମନ୍ଦିର ମୁଖଶାଳା। ସିଂହଦ୍ୱାର ସମ୍ମୁଖରେ ଲାଗି ପାରୁନାହିଁ ଦଶାବତାର ମୂର୍ତ୍ତି। ସାଧାରଣତଃ ଭକ୍ତମାନ ଶ୍ରୀମନ୍ଦିରକୁ ପ୍ରବେଶ କରିବା ପୂର୍ବରୁ ଅରୁଣ ସ୍ତମ୍ଭକୁ ମୁଣ୍ଡିଆ ମାରିଥା'ନ୍ତି। ପରେ ସିଂହଦ୍ୱାର ଗୁମୁଟ ଉପରେ ଥିବା ଦଶାବତାର ମୂର୍ତ୍ତିର ସାନ୍ନିଧ ନେଇ ବାଇଶିପାହାଚ ଦେଇ ବଡ଼ଦେଉଳକୁ ପ୍ରବେଶ କରିଥାନ୍ତି। ହେଲେ ଚଉଦ ବର୍ଷ ପୂର୍ବେ ସିଂହଦ୍ୱାର ମରାମତି ନାଁରେ ଦଶାବତାର ମୂର୍ତ୍ତିକୁ ଖୋଲି ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ନବମ ଅବତାରରେ କିଏ ତାକୁ ନେଇ ଉଠିଥିଲା ବାଦ ବିବାଦ। ତେବେ ଏହି ବିବାଦ ଏବଂ ଆଇନର ଜାଲ ମଧ୍ୟରେ ଛନ୍ଦି ହୋଇଗଲା ଭକ୍ତଙ୍କ ଭାବାବେଗ।

## ଏଏସ୍‌ଆଇ କି ପରିଚାଳନା କମିଟିର ଚିନ୍ତା ନାହିଁ

ଆଇନର ଆଳ ଦେଖାଇ ଭକ୍ତଙ୍କ ବିଶ୍ୱାସରେ ପୂର୍ଣ୍ଣଚ୍ଛେଦ ଟାଣିଦେଇଛି ଏଏସ୍‌ଆଇ। ଶ୍ରୀମନ୍ଦିର ପରିଚାଳନା କମିଟି ବି ଚୁପ୍ ବସିଛି। ଫଳସ୍ୱରୂପ ଏବେ ଶ୍ରୀହୀନ ଶ୍ରୀମନ୍ଦିର ସିଂହଦ୍ୱାର।

କାହିଁ କେଉଁ ଅମଳରୁ ସିଂହଦ୍ୱାର ସମ୍ମୁଖରେ ଦଶାବତାର ମୂର୍ତ୍ତି ପୂଜା ପାଇ ଆସୁଥିଲେ। ମହାପ୍ରଭୁଙ୍କ ଦର୍ଶନ ପାଇଁ ଯିବାବେଳେ ଶ୍ରଦ୍ଧାଳୁମାନେ ମଥା ଟେକି ଦଶାବତାର ମୂର୍ତ୍ତିଙ୍କୁ ଭକ୍ତମାନେ ମୁଣ୍ଡିଆ ମାରି ମନ୍ଦିର ପ୍ରବେଶ କରୁଥିଲେ। କିନ୍ତୁ ଶ୍ରୀମନ୍ଦିର ମରାମତି, ସଂରକ୍ଷଣ ଆଳରେ ୨୦୧୨ରେ ଏଏସ୍‌ଆଇ ଏହାକୁ ସିଂହଦ୍ୱାର ଗୁମୁଟରୁ ଚୁନର ମୂର୍ତ୍ତିକୁ ହଟାଇ ଦେଇଥିଲା। ହେଲେ ବିଡ଼ମ୍ବନାର ବିଷୟ ଦଶାବତାରଙ୍କ ସ୍ଥାନରେ ସାଦା ପଥର ଲଗାଯାଇଥିଲା, ଯାହା ଏବେ ବି ରହିଛି। ଏହା ଶ୍ରୀମନ୍ଦିରର ଶ୍ରୀକୁ ନଷ୍ଟ କରିବା ସହ ଭକ୍ତଙ୍କ ଭାବାବେଗକୁ ଘୋର୍ ଆଘାତ ପହଞ୍ଚାଇଛି। ସେ ସମୟରେ ଦଶାବତାର ମୂର୍ତ୍ତି ହଟାଯିବାକୁ ନେଇ ତୀବ୍ର ବିବାଦ ଓ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ପୁନର୍ବାର ପୂର୍ବ ସ୍ଥାନରେ ଦଶାବତାର ମୂର୍ତ୍ତି ଲଗାଇବା ପାଇଁ ଭକ୍ତ ଓ ବିଭିନ୍ନ ସଂଗଠନ ଦାବି କରିଥିଲେ। ଏ ନେଇ ଶ୍ରୀମନ୍ଦିର ପ୍ରଶାସନକୁ ଏକାଧିକ ଦାବିପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା। ଶେଷରେ ମନ୍ଦିର ପ୍ରଶାସନ ଦଶାବତାର ମୂର୍ତ୍ତି ଲଗାଇବାକୁ ନିଷ୍ପତ୍ତି ନେଇଥିଲା। ସେହି ଅନୁଯାୟୀ ପଥରରେ ମୂର୍ତ୍ତି ମଧ୍ୟ ବରାଦ ଦିଆଗଲା। କିନ୍ତୁ ଦଶାବତାର ମୂର୍ତ୍ତିଙ୍କ ନବମ ସ୍ଥାନରେ ବୁଦ୍ଧ ନା ଜଗନ୍ନାଥ ସ୍ଥାନୀତ କରାଯିବ ତାକୁ ନେଇ ବିବାଦ ମୁଣ୍ଡ ଟେକିଥିଲା। ଦଶାବତାର କହିଲେ ମତ୍ସ୍ୟ, କଶ୍ୟପ, ବରାହ, ନୃସିଂହ, ବାମନ, ପର୍ଶୁରାମ, ରାମ, ବଳରାମ, ବୁଦ୍ଧ ଓ କଳ୍‌କୀଙ୍କୁ ବୁଝାଏ। ମାତ୍ର ନବମ ସ୍ଥାନରେ ଜଗନ୍ନାଥ ରହିଥିଲେ। ଏହି ତ୍ରୁଟିକୁ ସୁଧାରି ଜଗନ୍ନାଥଙ୍କ ସ୍ଥାନରେ ବୁଦ୍ଧଙ୍କ ମୂର୍ତ୍ତି ଲଗାଇବାକୁ ଅନେକ ଯୁକ୍ତି ବାଢିଥିଲେ। ସେମାନେ କହିଥିଲେ ଯେ, ଶ୍ରୀଜଗନ୍ନାଥ ଅବତାର ନୁହନ୍ତି, ସେ ହେଉଛନ୍ତି ଅବତାରୀ। ଯେହେତୁ ନବମ ଅବତାର ବୁଦ୍ଧଙ୍କର ତେଣୁ ଦଶାବତାର ଭିତରେ ଜଗନ୍ନାଥ ରହିବା ଅନୁଚିତ ବୋଲି ମତ ରଖିଥିଲେ। ଅନେକ କିନ୍ତୁ ପୂର୍ବଭଳି ଦଶାବତାର ରଖିବାକୁ ଜିଦ୍ ଧରିଥିଲେ। ଏହି ବାଦ ବିବାଦ ଭିତରେ ମାମଲା ହାଇକୋର୍ଟରେ ପହଞ୍ଚିଥିବା ବେଳେ ଆଜି ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ଦଶାବତାର ମୂର୍ତ୍ତି ଲାଗିପାରୁ ନାହିଁ।

ଦୀର୍ଘବର୍ଷ ହେବ ଶ୍ରୀମନ୍ଦିର ସମ୍ମୁଖରେ ଦଶାବତାର ମୂର୍ତ୍ତି ନ ଲାଗିବା ନେଇ ଶ୍ରଦ୍ଧାଳୁ ଏଏସ୍‌ଆଇକୁ ଦାୟୀ କରିଛନ୍ତି। କାରଣ ଶ୍ରୀମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱ ହେଉଛି ଏଏସ୍‌ଆଇର। ଯେତେବେଳେ ଏଏସ୍‌ଆଇ ପକ୍ଷରୁ ଶ୍ରୀମନ୍ଦିର ମରାମତି କରାଗଲା ସେ ସମୟରେ ଦଶାବତାର ମୂର୍ତ୍ତି କ୍ଷତବିକ୍ଷତ ହୋଇଥିଲା। ପରବର୍ତ୍ତୀ ସମୟରେ ଏହା ଖଡ଼ି ପଥରରେ ନିର୍ମାଣ କରାଯାଇଥିବାରୁ ମରାମତି ସମୟରେ ଏହାକୁ କାଢି ଦିଆଯାଇଥିବା କହି ଏଏସ୍‌ଆଇ ଚୁପ୍ ବସିଲା। ଏବେ ଏହି ପ୍ରସଙ୍ଗକୁ ଏଏସ୍‌ଆଇ ସମ୍ପୂର୍ଣ୍ଣ ଭୁଲିଯାଇଛି।

ଶ୍ରୀମନ୍ଦିରର ସୁରକ୍ଷା ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ପରିଚାଳନା କମିଟି ଅନେକ ନିଷ୍ପତ୍ତି ନେଇଥାଏ। ପରିଚାଳନା କମିଟିରେ ଚୂଡ଼ାନ୍ତ ନିଷ୍ପତ୍ତି ପରେ ତାହା କାର୍ଯ୍ୟକାରୀ ହୁଏ। ହେଲେ ଏ ଦିଗରେ ପରିଚାଳନା କମିଟି ମଧ୍ୟ ନିରବ ରହିଛି।

# 'ସେମିକନ' ସମ୍ମିଳନୀରେ ଓଡ଼ିଶା ସହ ୨ ଏମ୍‌ଓୟୁ



■ ୨୬୫୫ କୋଟି ଟଙ୍କାର ବୁଝାମଣା ସ୍ୱାକ୍ଷର
■ 'ଜାପାନ ସେମିକନ୍'କୁ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ

ଭୁବନେଶ୍ୱର,୩।୯ (ସମିସ): ସେମିକନ୍-୨୦୨୫ ସମ୍ମିଳନୀରେ ରାଜ୍ୟ ସରକାର ଟପ୍ପ୍ରାକ୍ ହାଇ-ଟେକ୍ ପିସିବି ଓ ସାନକୋଡ୍ ଟେକ୍‌କୋଲୋଜି ସହ ୨୬୫୫ କୋଟି ଟଙ୍କାର ଦୁଇଟି ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଛନ୍ତି। ଟପ୍ପ୍ରାକ୍ଟ ହାଇଟେକ୍ ସଂସ୍ଥା ଉନ୍ନତ ପ୍ରିଣ୍ଟେଡ୍ ସର୍କିଟ୍ ବୋର୍ଡ ଉତ୍ପାଦନ କ୍ଷେତ୍ରରେ ୧୦୦୫ କୋଟି ଟଙ୍କା ନିବେଶ କରିବ। ସେହିପରି ସାନକୋଡ୍ ଟେକ୍ନୋଲୋଜିସ୍ ଲିମିଟେଡ୍ ଏହାର ବିଶ୍ୱସ୍ତରୀୟ ଅଂଶୀଦାରମାନଙ୍କ ସହାୟତାରେ ୧,୬୫୦ କୋଟି ଟଙ୍କା ନିବେଶ କରିବ।

ନୂଆଦିଲ୍ଲୀରେ ରାଜ୍ୟ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ପକ୍ଷରୁ 'ଓଡ଼ିଶା ପାଭିଲିୟନ' ଷ୍ଟଲକୁ ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣ ସହିତ ତାଳ ଦେଇ ଓଡ଼ିଶା ଦେଶର ଇଲେକ୍ଟ୍ରୋନିକ୍ସ ଏବଂ ସେମିକଣ୍ଡକ୍ଟର ଯାତ୍ରାରେ ଏକ ପ୍ରମୁଖ କେନ୍ଦ୍ର ହେବାକୁ ପ୍ରତିବଦ୍ଧ। ଏନ୍‌ଆଇଟି ରାଉରକେଲା ଏବଂ ପିଏମ୍‌ଇସି ବ୍ରହ୍ମପୁର ଦ୍ୱାରା ପ୍ରଥମ ମେଡ୍-ଇନ୍-ଇଣ୍ଡିଆ ଚିପ୍ ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ରାଜ୍ୟ ପାଇଁ ଏହା ଏକ ଅତ୍ୟନ୍ତ ଗର୍ବର ବିଷୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ବିଶ୍ୱସ୍ତରୀୟ ସେମିକଣ୍ଡକ୍ଟର କମ୍ପାନୀଗୁଡ଼ିକ ସହିତ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି। ଆର୍‌ଆଇଆର୍ ପାୱାର ଇଲେକ୍ଟ୍ରୋନିକ୍ସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ 'ଏସ୍‌ଆଇସି ୱେଫର ଫାବ୍ରିକେସନ୍' ସୁବିଧା ବିଷୟରେ ସୂଚନା ଦେଇଛନ୍ତି। ଏହା ଆସନ୍ତା ମାର୍ଚ୍ଚ ୨୦୨୬ ରେ ବାଣିଜ୍ୟିକ ଉତ୍ପାଦନ ଆରମ୍ଭ କରିବ ବୋଲି ଆଶା କରାଯାଉଛି। ସେହିପରି ଏସ୍‌ଆଇସିସେମ୍ ପିଭିଟି ଏଲ୍‌ଟିଡି, ଥ୍ରୀ-ଡି ଗ୍ଲାସ୍ ସଲ୍ୟୁସନ୍ସ ଆଇଏନ୍‌ସି, ଭଳି ସଂସ୍ଥା ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ସେମାନଙ୍କ ସଂସ୍ଥା ଓ ନିବେଶ ଆଦି ସମ୍ପର୍କରେ ଅବଗତ କରାଇଛନ୍ତି। ୧୯୪୪ କୋଟି ନିବେଶ ସହିତ ୱେଷ୍ଟର୍ଣ୍ଣ ଡିଜିଟାଲ୍, ରେନେସାସ୍, ଏନ୍‌ଏକ୍ସପି ସେମିକଣ୍ଡକ୍ଟର୍, ସିମେନ୍ସ ଏବଂ ମାଇକ୍ରୋନ୍ ସହିତ ମଧ୍ୟ ମଧ୍ୟ ଓଡ଼ିଶା ଜଡ଼ିତ ହୋଇଛି। ଏହି ସଂସ୍ଥାଗୁଡ଼ିକ ଆଇଆଇଟି ଭୁବନେଶ୍ୱର ଏବଂ ଅନ୍ୟାନ୍ୟ ପ୍ରତିଷ୍ଠାନ ସହିତ ସହଯୋଗ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। 'ସେମି'ର ସଭାପତି ଏବଂ ସିଇଓ ଅଜିତ ମନୋଚା ଓଡ଼ିଶାର ସେମିକଣ୍ଡକ୍ଟର୍ ନୀତିକୁ ପ୍ରଶଂସା କରିବା ସହ ଜାପାନ ସେମିକନକୁ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରିଛନ୍ତି।

ଇନ୍ସପେକ୍ଟର, ସବ ଇନ୍ସପେକ୍ଟର କରିବେ ଏସ୍‌ସି ଓ ଏସ୍‌ଟି ଅତ୍ୟାଚାର ଅଭିଯୋଗ ତଦନ୍ତ

# ସାଂଘାତିକ ଷଡ଼ଯନ୍ତ୍ର କରୁଛନ୍ତି ସରକାର: ବିଜେଡି

ଭୁବନେଶ୍ୱର,୩।୯ (ସମିସ): ଆଦିବାସୀ ଛାତ୍ରଛାତ୍ରୀଙ୍କ ପାଇଁ ବିଜେଡି ସରକାର ଅମଳରେ କାର୍ଯ୍ୟକାରୀ ହେଉଥିବା 'ଅନ୍ୱେଷା' ଯୋଜନା ବନ୍ଦ ହୋଇଯିବା ଆଶଙ୍କା ସୃଷ୍ଟି ହୋଇଛି। ଏହି ସମୟରେ ଅନୁସୂଚୀତ ଜାତି ଓ ଜନଜାତି ଆଇନ ଆଧାରରେ ଅଭିଯୋଗର ତଦନ୍ତ ଅନ୍ୟୂନ ଡ଼ିଏସ୍‌ପି ପାହ୍ୟା ଅଧିକାରୀଙ୍କ ଉପରେ ନ୍ୟସ୍ତ ଥିବା ନିୟମକୁ ସରକାର ପରିବର୍ତ୍ତନ କରିଛନ୍ତି। ଏହି ତଦନ୍ତ ଏବେ ଇନ୍ସପେକ୍ଟର ବା ସବ ଇନ୍ସପେକ୍ଟର ପାହ୍ୟାର ଅଧିକାରୀ କରିପାରିବେ ବୋଲି ରାଜ୍ୟ ସରକାର ନିଷ୍ପତ୍ତି ନେବା ଦୁର୍ଭାଗ୍ୟଜନକ ଏବଂ ସରକାର ଆଦିବାସୀ ଓ ଦଳିତ ବିରୋଧୀ କାର୍ଯ୍ୟ କରୁଥିବା ଅଭିଯୋଗ କରିଛି ବିଜେଡି। ଶଙ୍ଖ ଭବନଠାରେ ସାମ୍ବାଦିକ ସମ୍ମିଳନୀରେ ଦଳର ବିଧାୟିକା ତଥା ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ପୂର୍ବତନ ମନ୍ତ୍ରୀ ତଥା ଦଳର ଉପସଭାପତି ସୁଦାମ ମାରାଣ୍ଡି ଓ ଦଳର ମିଡ଼ିଆ ସଂଯୋଜକ ଡ. ପ୍ରିୟବ୍ରତ ମାଝୀ ଏହି ପ୍ରସଙ୍ଗରେ ରାଜ୍ୟ ବିଜେପି ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି ।



■ ରାଜ୍ୟ ବିଜେପି ସରକାର ଏସ୍‌ସି, ଏସ୍‌ଟି ବିରୋଧୀ
■ ଅନ୍ୱେଷା ଯୋଜନାକୁ ଅନୁଦାନ ବନ୍ଦ ଦୁର୍ଭାଗ୍ୟଜନକ

ପ୍ରମିଳା ମଲ୍ଲିକ କହିଛନ୍ତି ଯେ ସମଗ୍ର ରାଜ୍ୟରେ ୧୭ଟି ଜିଲ୍ଲାରେ ୧୬୩ଟି ପବ୍ଲିକ ସ୍କୁଲର ୯୮ଟି ଛାତ୍ରାବାସରେ ରହୁଥିବା ଆଦିବାସୀ ଛାତ୍ରଛାତ୍ରୀମାନେ ଅନ୍ୱେଷା ଯୋଜନାରେ ଲାଭ ପାଉଥିଲେ। ୨୦୧୫-୧୬ରେ ନବୀନ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଅନ୍ୱେଷା ଯୋଜନାରେ ୨୨ ହଜାର ୩ଶହ ୪୦ଜଣ ଆଦିବାସୀ ଛାତ୍ରଛାତ୍ରୀ ଉପକୃତ ହୋଇଛନ୍ତି। ଶିକ୍ଷା ବର୍ଷ ଆରମ୍ଭ ହେବାର ୫ ମାସ ବିତି ଯାଇଥିଲେ ମଧ୍ୟ ସମଗ୍ର ଓଡ଼ିଶାର ଆଦିବାସୀ ଛାତ୍ରଛାତ୍ରୀଙ୍କୁ ଚଳିତ ଶିକ୍ଷା ବର୍ଷ ପାଇଁ ଅନୁଦାନ ମିଳିନାହିଁ । ପୂର୍ବ ବର୍ଷର ବଳକା ଟଙ୍କାରେ କାମ ଚଳେଇ ନିଆଯାଉଥିଲା; କିନ୍ତୁ ଚଳିତ ବର୍ଷ ମାର୍ଚ୍ଚ ମାସ ସରିବା କ୍ଷଣି ସରକାର ସବୁ ବଳକା ଟଙ୍କା ଫେରାଇ ନେଇଗଲେ। ସରକାରଙ୍କ ପକ୍ଷରୁ ଅର୍ଥ ଆସି ନଥିବାରୁ ଅନେକ ଛାତ୍ରଛାତ୍ରୀ ହଷ୍ଟେଲ ଛାଡିଲେଣି।

ବରିଷ୍ଠ ନେତା ସୁଦାମ ମାରାଣ୍ଡି କହିଥିଲେ ଯେ ରାଜ୍ୟରେ ବାସ କରୁଥିବା ଲୋକଙ୍କ ଭିତରୁ ପ୍ରାୟ ୪୦ ପ୍ରତିଶତ ଲୋକ ଏସଟି ଏସସି ବର୍ଗର। ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ରାଜ୍ୟର ଏସଟି ଏସସି ବର୍ଗର ଲୋକଙ୍କ ବିରୋଧରେ ସାଂଘାତିକ ଷଡ଼ଯନ୍ତ୍ର। ସରକାର ଏହାକୁ ତୁରନ୍ତ ପ୍ରତ୍ୟାହାର କରନ୍ତୁ ନହେଲେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ଶ୍ରୀ ମାରାଣ୍ଡି କହିଥିଲେ।

ଡ. ପ୍ରିୟବ୍ରତ ମାଝୀ କହିଥିଲେ ଯେ, ଜନଜାତି (ଅତ୍ୟାଚାର ନିବାରଣ) ଆଇନ, ୧୯୮୯ (୧୯୮୯ ର ୩୩) ର ଧାରା ୨୩ ର ଉପ-ଧାରା (୧) ଦ୍ୱାରା ପ୍ରଦାନ କରାଯାଇଥିବା କ୍ଷମତା ବ୍ୟବହାର କରି, କେନ୍ଦ୍ର ସରକାର ନିୟମ ପ୍ରଣୟନ କରୁଛନ୍ତି। ସଂସଦରେ ଅନୁମୋଦିତ ନିୟମକୁ ରାଜ୍ୟ ସରକାର ଏକତରଫା ଭାବେ ପରିବର୍ତ୍ତନ କରିବା ନିୟମ ବିରୋଧୀ ବୋଲି ଶ୍ରୀ ମାଝୀ କହିଛନ୍ତି ।

# ପରିକଳ୍ପନାରେ ଅଟକିଗଲା 'ମନୋଦୟ'

ଭୁବନେଶ୍ୱର,୩।୯ (ସମିସ): ରାଜ୍ୟରେ ୧୧ଟି ଜିଲ୍ଲାରେ 'ମନୋଦୟ' ସ୍ଥାପନ କରିବାକୁ ଯୋଜନା କରିଥିଲେ ସରକାର। ଏହାଦ୍ୱାରା ଉକ୍ତ ଜିଲ୍ଲା ସମେତ ନିକଟବର୍ତ୍ତୀ ଜିଲ୍ଲାର ଦିବ୍ୟାଙ୍ଗ ପିଲାମାନେ ସମସ୍ତ ସୁବିଧା ପାଇଥାଆନ୍ତେ। ଫଳରେ କେବଳ ଭୁବନେଶ୍ୱରରେ ରହିଥିବା 'ଭିନ୍ନକ୍ଷମ ପ୍ରତିଷ୍ଠାନ କେନ୍ଦ୍ର-ମନୋଦୟ'କୁ ମାନସିକ ଓ ଶାରିରୀକ ଭିନ୍ନକ୍ଷମଙ୍କ ଚିକିତ୍ସା ନିମନ୍ତେ ଦୂର ଦୂରାନ୍ତରୁ ଆସିବାକୁ ପଡ଼ି ନ ଥାନ୍ତା। ମାତ୍ର ସରକାର ବଦଳିବା ପରେ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଏହି ପରିକଳ୍ପନା ଅଧାରେ ଅଟକିଯାଇଛି। ବିଭାଗ ଏହି ପ୍ରସଙ୍ଗକୁ ଭୁଲି ଯାଇଛି ଓ ସରକାର ବି ଏ ସମ୍ପର୍କରେ ରହସ୍ୟମୟ ନିରବତା ଅବଲମ୍ବନ କରୁଛନ୍ତି। ଭିନ୍ନକ୍ଷମ ପିଲାମାନେ କିପରି ସ୍ୱାବଲମ୍ବନଶୀଳ ହୋଇ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇ ପାରିବେ, ଏଥିପାଇଁ ପୂର୍ବତନ ରାଜ୍ୟ ସରକାର ୨୦୨୧ ମସିହାରେ ପୋଖରୀପୁଟସ୍ଥିତ ଜାତୀୟ ଆଜୀବିକା ସେବା କେନ୍ଦ୍ର (ଏନସିଏସସିଡିଏ) ପରିସରରେ 'ମନୋଦୟ' ବା ଏସିଆଇଇପି(ଷ୍ଟେଟ ଇନଷ୍ଟିଚ୍ୟୁଟ ଫର୍ ଏମ୍ପାୱାରମେଣ୍ଟ ଅଫ୍ ପର୍ସନସ ୱିଥ୍ ଡିଜାବିଲିଟିଜ୍) ସ୍ଥାପନ କରିଥିଲେ। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ଏଠାରେ ୧୬ବର୍ଷ ପର୍ଯ୍ୟନ୍ତ ଉଭୟ ମାନସିକ ଓ ଶାରିରୀକ ଦିବ୍ୟାଙ୍ଗମାନେ ସମସ୍ତ ସୁବିଧା ମାଗଣାରେ ପାଉଛନ୍ତି। ଏହାସହ ଜଣେ ଦିବ୍ୟାଙ୍ଗ ପିଲା ସହ ଜଣେ ଅଭିଭାବକଙ୍କ ରହଣି ସୁବିଧା ମଧ୍ୟ ରହିଛି। ଭବିଷ୍ୟତରେ ରାଜ୍ୟର ଏହି ଅନୁଷ୍ଠାନକୁ ସମ୍ପୂର୍ଣ୍ଣ ଭାବେ ସ୍ୱୟଂଶାସିତ କରାଯିବା ସହ ୧୧ଟି ଜିଲ୍ଲାରେ କାର୍ଯ୍ୟକାରୀ କରିବାକୁ ବିଭାଗ ଲକ୍ଷ୍ୟ ରଖିଥିଲା। ପ୍ରଥମ ପର୍ଯ୍ୟାୟରେ ୨ଜିଲ୍ଲାରେ ଆରମ୍ଭ କରାଯିବାକୁ ଯୋଜନା ରହିଥିବା ବେଳେ ଗଞ୍ଜାମ ଜିଲ୍ଲାରେ ଏହା କାର୍ଯ୍ୟକାରୀ ହେଉଥିଲେ ବି ଏଯାଏ ଉଦ୍‌ଘାଟନ ହୋଇନଥିବା ସୂଚନା ରହିଛି। ଏହାସହ ଜଟଣୀରେ ସମସ୍ତ କାର୍ଯ୍ୟ ଶେଷ ହୋଇଥିଲେ ବି ଏହା ଆରମ୍ଭ ହୋଇପାରୁ ନାହିଁ। ବିଭାଗର ଜଣେ ବରିଷ୍ଠ ସଦସ୍ୟ କହିଛନ୍ତି ଯେ, ବର୍ତ୍ତମାନ ଅନ୍ୟ ଜିଲ୍ଲାରେ ମନୋଦୟ ପାଇଁ ବିଭାଗର ଯୋଜନା ନାହିଁ। ଯେଉଁଗୁଡ଼ିକ ରହିଛି, ତାହାର ପରିଚାଳନା କରିବାକୁ ମାନବସମ୍ବଳ ଆଶ୍ୟକତା ରହିଥିବା ବେଳେ ମାର୍ଚ୍ଚରୁ ଆଉଟସୋର୍ସିଂ କର୍ମଚାରୀ ନିଯୁକ୍ତି ବନ୍ଦ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ଅନ୍ୟ ଜିଲ୍ଲାରେ ବର୍ତ୍ତମାନ 'ମନୋଦୟ' ସ୍ଥାପନ କରାଯିବ ନାହିଁ ବୋଲି ସେ କହିଛନ୍ତି ।

ଉଦ୍ୟମ ଆରମ୍ଭ କଲା ସମବାୟ ବିଭାଗ

# ପୁନଃ କାର୍ଯ୍ୟକ୍ଷମ ହେବ ୨ ଚିନିକଳ

ଭୁବନେଶ୍ୱର,୩।୯ (ସମିସ): ରାଜ୍ୟରେ ୨ଟି ବନ୍ଦ ହୋଇ ପଡ଼ିରହିଥିବା ଚିନିକଳକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ସରକାରୀସ୍ତରରେ ପ୍ରକ୍ରିୟା ଆରମ୍ଭ ହୋଇଛି। କଟକର ବଡ଼ମ୍ବା ସମବାୟ ଚିନି କଳ ଏବଂ ବଲାଙ୍ଗୀରର ବିଜୟାନନ୍ଦ ସମବାୟ ଚିନିକଳର ପୁନରୁଦ୍ଧାର ପାଇଁ ସମବାୟ ବିଭାଗ ଉଦ୍ୟମ ଆରମ୍ଭ କରିଛି। ଏସବିଆଇ କ୍ୟାପିଟାଲ ମାର୍କେଟ ଲିମିଟେଡର ପ୍ରସ୍ତାବ ଆଧାରରେ ସମବାୟ ବିଭାଗ ଏନେଇ ଏକ କମିଟି ଗଠନ କରିଛି।

କମିଟି ଗଠନ, ଆସନ୍ତା ୬ରେ ବୈଠକ


ସମବାୟ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଏହି କମିଟିରେ ଅଧ୍ୟକ୍ଷଙ୍କ ବ୍ୟତୀତ ୫ ଜଣ ସଦସ୍ୟ ରହିଛନ୍ତି। ସମବାୟ ସମିତି ରେଜିଷ୍ଟ୍ରାର କମିଟିର ଅଧ୍ୟକ୍ଷ ରହିଥିବା ବେଳେ ସଦସ୍ୟ ଭାବେ ବିଭାଗର ଅତିରିକ୍ତ ସଚିବ, ଅର୍ଥ ବିଭାଗର ପ୍ରତିନିଧି, ଶିଳ୍ପ ବିଭାଗର ପ୍ରତିନିଧି ଓ କୃଷି ବିଭାଗ ପ୍ରତିନିଧିଙ୍କୁ ସ୍ଥାନ ମିଳିଛି। ଏହି କମିଟି ଏସବିଆଇ କ୍ୟାପିଟାଲ ମାର୍କେଟ ଲିମିଟେଡର ପ୍ରସ୍ତାବର ଅଧ୍ୟୟନ କରିବ। ସମ୍ପୂର୍ଣ୍ଣ ଅଧ୍ୟୟନ ପରେ କମିଟି ସରକାରହ୍କ ପୂର୍ଣ୍ଣାଙ୍ଗ ରିପୋର୍ଟ ପ୍ରଦାନ କରିବା ପରେ ପରବର୍ତ୍ତୀ ପ୍ରକ୍ରିୟା ଆଗକୁ ବଢ଼ିବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ଏସବିଆଇ କ୍ୟାପିଟାଲ ମାର୍କେଟ ଲିମିଟେଡ ଏହାର କାରବାର ପରାମର୍ଶଦାତା ରହିବ। ଏସବିଆଇ କ୍ୟାପିଟାଲର ସେବା ସମ୍ବନ୍ଧୀୟ ପ୍ରସ୍ତାବ ସହ ଆର୍ଥିକ କାର୍ଯ୍ୟକାରିତା ଏବଂ ପୁନରୁଦ୍ଧାର ନେଇ ସବିଶେଷ ଅଧ୍ୟୟନ ପାଇଁ ଆସନ୍ତା ୬ ତାରିଖରେ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ବସିବ ବୋଲି ଜଣାପଡ଼ିଛି।

ହାଇକୋର୍ଟରେ ସମ୍ବଲପୁର ମହାନଗର ନିଗମ ମାମଲା

# ନିର୍ବାଚନ ପାଇଁ ଫିଟିଲା ବାଟ

## ୬ସପ୍ତାହ ମଧ୍ୟରେ ସାନି ବିଜ୍ଞପ୍ତି ପ୍ରକାଶ ପାଇଁ ସରକାରଙ୍କୁ ନିର୍ଦ୍ଦେଶ

କଟକ, ୩।୯ (ସମିସ): ଦୀର୍ଘ ୧୦ବର୍ଷ ପରେ ସମ୍ବଲପୁର ମହାନଗର ନିଗମ ନିର୍ବାଚନ ପାଇଁ ବାଟ ଫିଟିଛି। ଏକ ଦଶନ୍ଧି ଧରି ବିଚାରାଧୀନ ମାମଲାର ଶୁଣାଣିରେ ହାଇକୋର୍ଟ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ଏଥିସହ ଆସନ୍ତା ୬ସପ୍ତାହ ମଧ୍ୟରେ ସଂରକ୍ଷଣ ନିୟମ ଅନୁସାରେ ସାନି ୱାର୍ଡ ସଂରକ୍ଷଣ ବିଜ୍ଞପ୍ତି ଜାରି କରିବାକୁ ଅଦାଲତ ନିର୍ଦ୍ଦେଶ ପ୍ରଦାନ କରିବା ସହ ଗତ ୨୦୧୫ର ବିଜ୍ଞପ୍ତିକୁ ରଦ୍ଦ କରିଦେଇଛନ୍ତି। ଅଜୟ କୁମାର ମହାନ୍ତିଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକ ଏପରି ନିର୍ଦ୍ଦେଶ ପ୍ରଦାନ କରି ପୂର୍ବରୁ ଜାରି ଅନ୍ତରୀଣ ରହିତାଦେଶକୁ ଉଠାଇଦେଇଛନ୍ତି। ୨୦୧୩ ନଭେମ୍ବର ମାସ ୧୫ତାରିଖରେ ସମ୍ବଲପୁର ସହରକୁ



ପ୍ରକାଶ ପାଇବ ସାନି ୱାର୍ଡ ସଂରକ୍ଷଣ ତାଲିକା

ମହାନଗର ନିଗମର ମାନ୍ୟତା ମିଳିଥିଲା। ତେବେ ଆଜି ପର୍ଯ୍ୟନ୍ତ ସମ୍ବଲପୁର ମହାନଗର ନିଗମର ନିର୍ବାଚନ ହୋଇପାରି ନାହିଁ। ୱାର୍ଡ ପୁନର୍ଗଠନ ଓ ସଂରକ୍ଷଣ ପାଇଁ ୧୫ ଜାନୁଆରୀ ୨୦୧୫ରେ ଗେଜେଟ ବିଜ୍ଞପ୍ତି ଜାରି କରିଥିଲେ ସରକାର।

ସେହିଭଳି ୧୩ ଫେବୃଆରୀ ୨୦୧୫ରେ ୱାର୍ଡ ପୁନର୍ଗଠନ ଓ ସଂରକ୍ଷଣର ତାଲିକା ପ୍ରକାଶ ପାଇଥିଲା। ହେଲେ ସଂରକ୍ଷିତ ବର୍ଗଙ୍କ ପାଇଁ ନିୟମ ଉଲ୍ଲଙ୍ଘନ କରି ୫୦ ପ୍ରତିଶତରୁ ଅଧିକ ପଦ ସଂରକ୍ଷିତ ରହିବାକୁ ବିରୋଧ କରି ହାଇକୋର୍ଟରେ ଏହି ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ସେପଟେ ସମ୍ବଲପୁର ପୌର ପରିଷଦରେ ବୁର୍ଲା ଏନଏସି ଓ ହୀରାକୁଦ ଏନଏସି ସହ ଧନକଉଡା ଓ ମାନେଶ୍ୱରର ୧୨ଟି ପଞ୍ଚାୟତର ୫୬ଟି ଗାଁକୁ ନେଇ ମହାନଗର ନିଗମର ୪୧ ୱାର୍ଡ ଗଠନ ହୋଇଥିଲା।

ନିୟମାନୁସାରେ ସଂରକ୍ଷଣ ହୋଇନଥିବା ହେତୁ ହାଇକୋର୍ଟ ଏହି ପୌର ନିର୍ବାଚନ ଉପରେ ଗତ ୨୦୧୫ରେ ଅନ୍ତରୀଣ ରହିତାଦେଶ ଜାରି କରିଥିଲେ। ଯାହା ବିଭିନ୍ନ ସମୟରେ ବଳବତ୍ତର ରହିଆସିଥିଲା। ଫଳରେ ସମ୍ବଲପୁର ମହାନଗର ନିଗମର ନିର୍ବାଚନ ହୋଇପାରୁ ନ ଥିଲା।

# ମିଳିତ ସମରାଭ୍ୟାସ ସାଗରକବଚ-୨ ଆରମ୍ଭ

ପାରାଦୀପ,୩।୯ (ସମିସ): ଜଗତସିଂହପୁର ଜିଲ୍ଲା ପାରାଦୀପ ମାଛଧରା ବନ୍ଦରଠାରେ ଆଜିଠାରୁ ଦୁଇଦିନ ଧରି ଆରମ୍ଭ ହୋଇଛି ମିଳିତ ସମରାଭ୍ୟାସ ସାଗର କବଚ-୨। ଏହି ମିଳିତ ସମରାଭ୍ୟାସରେ ସାମିଲ ହୋଇଛନ୍ତି ମେରାଇନ ପୁଲିସ, ଇଣ୍ଡିଆନ କୋଷ୍ଟଗାର୍ଡ, ଇଣ୍ଡିଆନ ନେଭି, ଓଡ଼ିଶା ପୁଲିସ, ମତ୍ସ୍ୟବିଭାଗ, ବନ୍ୟବିଭାଗ, ସିଆଇଏସ୍‌ଏଫ୍ ସହିତ ବିଭିନ୍ନ ଟିମ ଏଥିରେ ସାମିଲ ହୋଇଛନ୍ତି। ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ପରେ ଉପକୂଳର ସୁରକ୍ଷା ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ତରଫରୁ ପ୍ରତ୍ୟକ ବର୍ଷ ଦୁଇଥର ଆୟୋଜିତ ହେଉଛି ଏହି ମିଳିତ ସମରାଭ୍ୟାସ ସାଗର କବଚ। ୧୮ରୁ ଊର୍ଦ୍ଧ୍ୱ ବିଭାଗକୁ ଦୁଇଟି ବିଭାଗରେ ବିଭକ୍ତ କରାଯାଇଥାଏ। ଆଜିଠାରୁ ଆରମ୍ଭ ହୋଇଥିବା ମିଳିତ ଅପରେସନରେ ଓଡ଼ିଶା ଓ ପଶ୍ଚିମବଙ୍ଗ ତରଫରୁ ମିଳିତ ଭାବରେ ଅନୁଷ୍ଠିତ ହେଉଛି।




ଯାହାକୁ ନେଇ ଉପକୂଳ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏହି ମିଳିତ ଅପରେସନରେ ସୁରକ୍ଷାକର୍ମୀ ଦୁଇଟି ବିଭାଗ ବ୍ଲୁ ଟିମ୍ ଓ ରେଡ୍ ଟିମ୍‌ରେ ସାମିଲ ହୋଇଥାନ୍ତି। ବ୍ଲୁ ଟିମ୍ ବିଭିନ୍ନ ସ୍ଥାନରେ ଆତଙ୍କବାଦୀ ଭାବରେ ଆସୁଥିବା ଛଦ୍ମବେଶୀ ସୁରକ୍ଷାକର୍ମୀଙ୍କ ଆକ୍ରମଣ ଯୋଜନାକୁ ପଣ୍ଡ କରିବାକୁ ପ୍ରୟାସ ଜାରି ରଖିଥିବା ବେଳେ ରେଡ୍ ଟିମ୍ କିପରି ବ୍ଲୁ ଟିମ୍‌ର ସୁରକ୍ଷା ବଳୟକୁ ପଣ୍ଡ କରି ଆକ୍ରମଣ ଯୋଜନା କରିବେ ଏନେଇ ପ୍ରଚେଷ୍ଟା ଜାରି ରଖିଥାନ୍ତି। ଯାହାକୁ ନେଇ ଆଜି ଓ କାଲି ଦୁଇଦିନ ପାରାଦୀପ ଉପକୂଳ ଅଞ୍ଚଳ ସମେତ ବିଭିନ୍ନ ସମ୍ବେଦନଶୀଳ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

## ବିଦ୍ୟାଳୟରୁ ଚୋରି ଅଭିଯୋଗ

**ବଇଣ୍ଡା,୩।୯(ସମିସ):** ଅନୁଗୋଳ ଜିଲ୍ଲା କିଶୋରନଗର ଥାନା ବଅଁରନାଳୀ ସରକାରୀ ବିଦ୍ୟାଳୟର ତାଲା ଭାଙ୍ଗି ଚୋରି ହୋଇଯାଇଥିବା ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଶ୍ୱନାଥ ସାହୁ ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ଉକ୍ତ ଅଞ୍ଚଳର ଦୁଇ ଯୁବକ ବିଦ୍ୟାଳୟରେ ଲାଗିଥିବା ଇନଭର୍ଟର ସହ ବ୍ୟାଟେରି ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିଥିବା ଅଭିଯୋଗରେ ଦର୍ଶାଯାଇଛି। ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

## ଯୁବକଙ୍କୁ ଟାଙ୍ଗିଆରେ ଆକ୍ରମଣ

**ବଇଣ୍ଡା,୩।୯(ସମିସ):** ଅନୁଗୋଳ ଜିଲ୍ଲା ଠାକୁରଗଡ଼ ଥାନା ଭାଗୀରଥିପୁର ଗ୍ରାମର ପ୍ରତାପ ଭୋଇଙ୍କୁ ସେହି ଗ୍ରାମର ପିଣ୍ଟୁ ସାହୁ ଟାଙ୍ଗିଆରେ ଆକ୍ରମଣ କରିଥିବା ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ପ୍ରତାପ ତାଙ୍କ ଜମିରେ ସାର ପକାଇ ଘରକୁ ଫେରୁଥିବା ବେଳେ କୌଣସି କାରଣ ନ ଥାଇ ପିଣ୍ଟୁ ତାଙ୍କୁ ଗାଳିଗୁଲଜ କରିଥିଲେ। ପ୍ରତାପ ପ୍ରତିବାଦ କରିବାରୁ ପିଣ୍ଟୁ ଧରିଥିବା ଟାଙ୍ଗିଆରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଆକ୍ରମଣରେ ପ୍ରତାପଙ୍କ ମୁଣ୍ଡ ଫାଟିଯାଇଛି। ସେ ଆଠମଲ୍ଲିକ ମେଡିକାଲରେ ଚିକିତ୍ସା ହେବା ପରେ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟପଟେ ପିଣ୍ଟୁ ମଧ୍ୟ ପାଲଟା ଅଭିଯୋଗ କରିଛନ୍ତି। ପ୍ରତାପ ତାଙ୍କୁ ମାଡ଼ ମାରିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ପୁଲିସ ଆଉଏକ ମାମଲା ରୁଜୁ କରିଛି।

## ଦମ୍ପତିଙ୍କୁ ଆକ୍ରମଣ ଅଭିଯୋଗ

**ବଇଣ୍ଡା,୩।୯(ସମିସ):** ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ହଣ୍ଡପା ଅଞ୍ଚଳର ଦୀପା ବେହେରା ଓ ତାଙ୍କ ସ୍ୱାମୀ ଗିରୀଶ ବେହେରାଙ୍କୁ ସେହି ଅଞ୍ଚଳର ପ୍ରମୋଦ କୁମାର ବେହେରା ମାଡ଼ ମାରିଥିବା ମଙ୍ଗଳବାର ଦୀପା ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଗିରୀଶ ପୂଜା ଭସାଣିରେ ଯାଉଥିବା ବେଳେ ପୂର୍ବ ଶତ୍ରୁତାକୁ ନେଇ ପ୍ରମୋଦ ତାଙ୍କୁ ମାଡ଼ ମାରିଥିଲେ। ଦୀପା ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ମାଡ଼ ମାରିଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି।

# ଅନୁଗୋଳରେ ଗଣେଶ ପୂଜା ଭସାଣି ଯାତ୍ରା










**ଅନୁଗୋଳ,୩।୯(ସମିସ):** ଅଗ୍ରପୂଜ୍ୟଙ୍କୁ ଯେମିତି ଆଡ଼ମ୍ବର ସହକାରେ ପୂଜା ମଣ୍ଡପରେ ବିରାଜମାନ କରାଯାଇଥିଲା ଠିକ୍ ସେମିତି ଭାବୋଦ୍ଦୀପକ ଢଙ୍ଗରେ ମେଲାଣି ଦେଇଛନ୍ତି ସହରବାସୀ। ପାରମ୍ପରିକ ଲୋକବାଦ୍ୟ, ଲୋକନୃତ୍ୟ, ଲୋକସଙ୍ଗୀତ, ସଂକୀର୍ତ୍ତନର ତାଳେତାଳେ ଶ୍ରୀଗଣେଶ ବାହୁଡ଼ିଥିବା ବେଳେ ବିଦାୟ ବେଳା ସୃଷ୍ଟି କରିଥିଲା ଭାବବିହ୍ୱଳ ପରିବେଶ। ଶେଷ ହୋଇଛି ଅନୁଗୋଳରେ ଗଜାନନଙ୍କ ପୂଜା ସମାରୋହ। ମଣ୍ଡପରେ ସପ୍ତାହ ବ୍ୟାପୀ ପୂଜା ପରେ ବୁଧବାର ବିଦାୟ ନେଇଛନ୍ତି ଗଜାନନ। ଭସାଣି ଶୋଭାଯାତ୍ରା ଆରମ୍ଭରେ ଝିପିଝିପି ବର୍ଷା ତଥା ପ୍ରତିକୂଳ ପାଗ କିଛିମାତ୍ରାରେ ଶ୍ରଦ୍ଧାଳୁଙ୍କୁ ନିରାଶ କରିଥିଲେ ବି ଭିଜି ଭିଜି ଗଜାନନଙ୍କ ମେଲାଣି ଯାତ୍ରା ଆରମ୍ଭ କରିଥିଲେ। ମୋଟ ୧୪ଟି ପୂଜା ପ୍ରତିଷ୍ଠାନର ମେଢ଼ ମିଳିତ ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ଅପରାହ୍ନ ୩ଟାରେ ସମସ୍ତ ମେଢ଼ ନିଜ ନିଜ ମଣ୍ଡପରୁ ବାହାରି ଥାନା ଛକରେ ପହଞ୍ଚିଥିଲେ। ସେଠାରେ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଭସାଣି ଶୋଭାଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

### ଡିଜେ କଟକଣାକୁ ବେଖାତିର, କମ୍ପିଲା ସହର

ଏଥିରେ ଜିଲ୍ଲାସ୍ତରୀୟ ସମସ୍ତ ପ୍ରଶାସନିକ ଅଧିକାରୀ ସମେତ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ। ପରେ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ରାଜ୍ୟ ତଥା ରାଜ୍ୟ ବାହାର ନୃତ୍ୟ, ବାଜା ଦର୍ଶକଙ୍କ ମନ ଜିଣିଥିଲା। ଟ୍ରେଲର ଗାଡ଼ିରେ ସୁସଜ୍ଜିତ ମେଢ଼ ସହ ଘଣ୍ଟବାଦ୍ୟ, ଲଉଡ଼ି ଖେଳ, ପାରମ୍ପରିକ ନୃତ୍ୟ ଆଦି ବେଶ୍ ଆକର୍ଷଣୀୟ ହୋଇଥିଲା। ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ତୁରଙ୍ଗ ଗଣେଶ ପୂଜା କମିଟି, ଇନ୍ଦିରା କ୍ଲବ, ଗାନ୍ଧୀ କ୍ଲବ, ଇନକ୍ୟୁ ୟୁଥ କ୍ଲବ, ତୋଫାନ କ୍ଲବ ସମେତ ୧୪ଟି ମେଢ଼ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ରାତି ୧୦ଟା ପର୍ଯ୍ୟନ୍ତ ୫୫ନଂ ଜାତୀୟ ରାଜପଥରେ ଭସାଣି ଶୋଭାଯାତ୍ରା ଚାଲିଥିଲା। ଏ ନେଇ ରାଜପଥରେ ଉପୁଜିଥିବା ଟ୍ରାଫିକ ସମସ୍ୟାକୁ ଅନୁଗୋଳ ଥାନା ପୁଲିସ ନିୟନ୍ତ୍ରଣ କରିଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସ୍ୱତନ୍ତ୍ର ପୁଲିସ ସ୍କ୍ୱାଡ୍ ଗଠନ ହୋଇଥିଲା। ତେବେ ଡିଜେ ସାଉଣ୍ଡରେ କମ୍ପିଉଠିଥିଲା ଅନୁଗୋଳ ସହର। ଡିଜେ କଟକଣାକୁ ସମସ୍ତ ପୂଜା କମିଟି ବେଖାତିର କରି ଉଚ୍ଚ ଶବ୍ଦରେ ବଜାଇଥିଲେ।

## ଜିଲ୍ଲା ସଦର ମହକୁମାଠାରୁ ୬କିମି ଦୂରକୁ ଛୁଇଁନି ବିକାଶ



### ଗାଁକୁ ରାସ୍ତା ନାହିଁ, ନଈନାଳ ପାର୍ ହେଲେ ଜୀବନଜୀବିକା

### ଆଣ୍ଠୁଏ ପାଣିରେ ପଶି ସ୍କୁଲ ଯାଉଛନ୍ତି କୁନି କୁନି ଛାତ୍ରଛାତ୍ରୀ

**ଅନୁଗୋଳ,୩।୯(ସମିସ):** ସାଧାରଣ ଲୋକଙ୍କ ଜୀବନଯାପନ ପ୍ରଣାଳୀର ମାନଦଣ୍ଡକୁ ଆଧାର କରି ବିକାଶର ମୂଲ୍ୟାୟନ କରାଯାଉଥିବା ବେଳେ ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ପରଙ୍ଗ ପଞ୍ଚାୟତର ମୁକୁନ୍ଦପୁର ଗ୍ରାମବାସୀଙ୍କ କ୍ଷେତ୍ରରେ ଏହା ଉପହାସ ପାଲଟିଛି। ଏଠି ସର୍ବନିମ୍ନ ସୁବିଧା ଗାଁକୁ ସଂଯୋଗୀକରଣ ରାସ୍ତା ଖଣ୍ଡେ ନାହିଁ। ଗ୍ରାମବାସୀ ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି। ଅନୁଗୋଳ ଜିଲ୍ଲା ସଦର ମହକୁମାଠାରୁ ୬ କିମି ଦୂର ଏହି ଗାଁରେ ଆଜିପର୍ଯ୍ୟନ୍ତ ବିକାଶ ପହଞ୍ଚି ପାରିନି।

ଉକ୍ତ ଗ୍ରାମକୁ କୌଣସି ଦିଗରୁ ସବୁଦିନିଆ ରାସ୍ତାଟିଏ ନାହିଁ। ଯଦିଓ ଏହି ପରଙ୍ଗ ପଞ୍ଚାୟତରେ ରହିଛି ତଥାପି ଗ୍ରାମବାସୀ ନିଜ ଦୈନନ୍ଦିନ କାର୍ଯ୍ୟ ପାଇଁ ପାଇଁ ନିକଟତମ ଗାଁ ବେଡ଼ାସର ଉପରେ ନିର୍ଭର କରନ୍ତି। ଅନୁଗୋଳ ଆସିବା ପାଇଁ ଲୋକଙ୍କୁ ଗାଁ ମୁଣ୍ଡ ଦୁଇଆ ନାଳ ପାର ହେବାକୁ ପଡ଼େ। ଡେରଜାଙ୍ଗ ଡ୍ୟାମଠାରୁ ଚିରସ୍ରୋତା ଦୁଇଟି ନାଳ ବେଡ଼ାସରଠାରେ ମିଶ୍ରଣ ହୋଇ କୁଇଓ ନାଳ ଭାବେ ତଳକୁ ବହିଯାଇଛି। ମୁକୁନ୍ଦପୁର ଗ୍ରାମର ପ୍ରାୟ ୭୦ ପରିବାର ଲୋକ ଦୈନନ୍ଦିନ ଚଳଣି ପାଇଁ ହେଉ ଅବା ଜୀବନଜୀବିକା ପାଇଁ ଅଥବା ସହର ବଜାର, ଅଫିସ ଯିବାକୁ ଏହି ନାଳ ପାର ହେବାକୁ ପଡ଼ିଥାଏ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଗାଁରେ ପ୍ରାଥମିକ ଶିକ୍ଷା ପରେ ଉଚ୍ଚଶିକ୍ଷା ପାଇଁ ସ୍କୁଲ କଲେଜ ଛାତ୍ରଛାତ୍ରୀମାନେ ସବୁଦିନ ଆଣ୍ଠୁଏ ପାଣିରେ ପଶି ଏହି ନାଳ ପାର ହୋଇଥାନ୍ତି।

ବର୍ଷାଦିନେ ନାଳରେ ବଢ଼ି ପାଣି ଆସିଲେ ସେ ଦିନ ସ୍କୁଲ ଯିବା ସମ୍ଭବ ହେଉନାହିଁ। ସେଥିପାଇଁ ଗ୍ରାମର ଟିକେ ସ୍ୱଚ୍ଛଳ ବର୍ଗ ପିଲାମାନେ ସହରରେ ରହି ପାଠ ପଢ଼ିବା ସୁବିଧା ପାଉଥିବା ବେଳେ ଗରିବ ପିଲାମାନେ ପାଠ ଛାଡ଼ିବାକୁ ବାଧ ହୁଅନ୍ତି। ଆଉ କିଛି ମେଧାବୀ ଛାତ୍ରଛାତ୍ରୀ ଜୀବନକୁ ବାଜି ଲଗାଇ ନଈନାଳ ପାର ହୋଇ ନିକଟସ୍ଥ ବେଡ଼ାସର ଗାଁ ହାଇସ୍କୁଲକୁ ପାଠ ପଢ଼ିବାକୁ ଯାଉଛନ୍ତି।

## ତାଳଚେର ମେଡିକାଲ କଲେଜରେ ଚଳିତ ବର୍ଷରୁ ନାମଲେଖା

**ଅନୁଗୋଳ,୩।୯(ସମିସ):** ତାଳଚେର ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜରେ ଚଳିତ ବର୍ଷଠାରୁ ୧୦୦ ସିଟ୍‌ରେ ନାମଲେଖା ହେବ ବୋଲି ମଙ୍ଗଳବାର ଜାତୀୟ ମେଡିକାଲ କମିଶନ ଜଣାଇଛନ୍ତି। ଏହାକୁ ନେଇ ସମଗ୍ର ଅନୁଗୋଳ ଜିଲ୍ଲାରେ ଖୁସିର ଲହରୀ ଖେଳିଯାଇଛି। ଜମି, କ୍ୟାମ୍ପସ, ମେଡିକାଲ ଏବଂ ମେଡିକାଲ କଲେଜ ୫ ବର୍ଷ ଚଳାଇବାର ସମସ୍ତ ବ୍ୟୟ ମୋଟାମୋଟି ୧୭୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଏମସିଏଲ ଦ୍ୱାରା କରାଯାଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏ ଅଞ୍ଚଳର ସାଂସଦ ଥିବା ବେଳେ ତାଳଚେରରେ ମେଡିକାଲ କଲେଜ ସ୍ଥାପନ ପାଇଁ ପ୍ରୟାସ ଆରମ୍ଭ କରିଥିଲେ। ପରେ ସେ କେନ୍ଦ୍ରରେ ମନ୍ତ୍ରୀ ହେବା ପରେ ତାଳଚେର ମେଡିକାଲ କଲେଜ କାର୍ଯ୍ୟ ଶୁଭାରମ୍ଭଠାରୁ କଲେଜ କ୍ୟାମ୍ପସର ଉଦଘାଟନ, ମେଡିକାଲ କଲେଜ ରାଜ୍ୟ ସରକାର ଚଳାଇବା ପର୍ଯ୍ୟନ୍ତ ଏବଂ ମେଡିକାଲ କଲେଜରେ ନାମଲେଖା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ତାଙ୍କ ପ୍ରଚେଷ୍ଟାରେ ସାକାର ହୋଇଛି। ତାଳଚେର ମେଡିକାଲ କଲେଜ ଆରମ୍ଭ ହେବା ନେଇ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା, ମୁଖ୍ୟମନ୍ତ୍ରୀ ମୋହନ ମାଝି ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେହିପରି ଜିଲ୍ଲା ବିଜେପି ସଭାପତି ଯଯାତି ପଟ୍ଟନାୟକ, ବିଧାୟକ ଅଶୋକ ମହାନ୍ତି, ପ୍ରତାପ ଚନ୍ଦ୍ର ପ୍ରଧାନ, ଅଗସ୍ତି ବେହେରା, ବରିଷ୍ଠ ନେତା କାଳନ୍ଦୀ ସାମଲ, ପ୍ରାକ୍ତନ ମନ୍ତ୍ରୀ ସଞ୍ଜୀବ ସାହୁ, ପ୍ରାକ୍ତନ ବିଧାୟକ ରମେଶ ସାଏ, ପ୍ରାକ୍ତନ ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର, ଜୋନାଲ ମିଡିଆ ସେଲ ସଂଯୋଜକ ପର୍ଶୁରାମ ବାରିକଙ୍କ ସମେତ ସମସ୍ତ ଜିଲ୍ଲା ପଦାଧିକାରୀ କୃତଜ୍ଞତା ଜଣାଇଛନ୍ତି।

## ଗଜାନନଙ୍କ ମେଲଣ ଉତ୍ସବ ଓ ଆଣ୍ଠାଲଡ୍ଡୁ ନିଲାମ



**ଛେଣ୍ଡିପଦା,୩।୯(ସମିସ):** ଛେଣ୍ଡିପଦା ବ୍ଲକ ବ୍ରାହ୍ମଣବିଲ ଗ୍ରାମରେ ପ୍ରଭୁ ଗଜାନନଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଛି।

ଗ୍ରାମରେ ୭ଟି ମେଢ଼କୁ ନେଇ ଭସାଣି ଶୋଭାଯାତ୍ରା ହୋଇଥିଲା। ଅପରାହ୍ନ ୩ଟାରେ ଗ୍ରାମର ବନ୍ଧସାହିରୁ ଶୋଭାଯାତ୍ରା ବାହାରି ସନ୍ଧ୍ୟା ୬ଟାରେ ସମସ୍ତ ମେଢ଼ ମେଲଣ ପଡ଼ିଆକୁ ଆସିବା ପରେ ଶ୍ରୀଗଣେଶଙ୍କ ଆଣ୍ଠାଲଡ୍ଡୁ ନିଲାମ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଆଣ୍ଠାଲଡ୍ଡୁକୁ ଗ୍ରାମର ବରମୁଣ୍ଡା ଗଣେଶ ପୂଜା କମିଟି ୬୦,୫୦୦ ଟଙ୍କାରେ ନିଲାମ ନେଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଯଶୋବନ୍ତ ପ୍ରସାଦ ବେହେରା, ସରପଞ୍ଚ ଲକ୍ଷ୍ମୀପ୍ରିୟା ଧଳ, ସମିତି ସଭ୍ୟା ମୀନତି ସାହୁ, ଗ୍ରାମ ସଭାପତି ରବୀନ୍ଦ୍ର ପ୍ରଧାନ, ସମ୍ପାଦକ କାଳୀଚରଣ ବେହେରା, ହେଡ୍ ବେହେରା, କନ୍ଦର୍ପ ପ୍ରଧାନ, ସରୋଜ କୁମାର ଲେଙ୍କା, ମେଲଣ କମିଟି ସଭାପତି ବିକାଶ ପ୍ରଧାନ ଏବଂ ସମ୍ପାଦକ ଚେତନ ସାହୁ ଯୋଗଦେଇଥିଲେ।

ସୁନୀଲ ନାଏକ, ଗୋପବନ୍ଧୁ ସାହୁ, ରାମଚନ୍ଦ୍ର ସାହୁ, ଲିକୁନ୍ ସାହୁ, ସୌମ୍ୟରଞ୍ଜନ ସାହୁ, କେଶବାନନ୍ଦ ସାହୁ, ସିପୁନ ଦେହୁରୀ, କାହ୍ନୁ ସାହୁ, ସିପୁନ ପ୍ରଧାନ, ପୁଷ୍ପରାଜ ପ୍ରଧାନ, ସଂଗ୍ରାମ କେଶରୀ ପ୍ରଧାନ, ଶୁଭମ ପ୍ରଧାନ, ସିଦ୍ଧାନ୍ତ ବେହେରା, ନଗେନ ସାହୁ, ସୁଶାନ୍ତ ପ୍ରଧାନ, ଜଳିଆ ଗୋଛାୟତ, ନାରାୟଣ ଗୋଛାୟତ, ବାଇଧର ନାଏକ, ସୁଶାନ୍ତ ନାଏକ ଏବଂ ସମସ୍ତ କମିଟିର ସଭାପତି ଏବଂ ସମ୍ପାଦକ ମେଲଣକୁ ପରିଚାଳନା କରିଥିଲେ।

## ନୁନକାପଶି ପଞ୍ଚାୟତରେ ଜନଶୁଣାଣି

**କିଶୋରନଗର,୩।୯(ସମିସ):** କିଶୋରନଗର ବ୍ଲକ ନୁନକାପଶି ପଞ୍ଚାୟତରେ ଜନଶୁଣାଣି ଶିବର ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ ସୁବ୍ରତ କୁମାର ବେହେରା ଯୋଗ ଦେଇ ଲୋକଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରି ତାହାର ସମାଧାନ କରିଥିଲେ। ସରପଞ୍ଚ ଦୀପ୍ତିମୟୀ ସାହୁ, ଜିପିଡିଓ ସତ୍ୟପ୍ରିୟ ସାହୁ, ବିଏସଏସଓ ଝସକେତନ ସାହୁ, ଆରଡବ୍ଲ୍ୟୁଏସଏସ କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ପ୍ରଧାନ, ଭିଏଡବ୍ଲ୍ୟୁ ଜନନୀ ପ୍ରଧାନ, ଏଏଚଓ ବିସ୍ମୟ ମେହେର, ବିଏଲସି ଓଏଲଏମ ସାଗରକାନ୍ତ ରାଉତ, ଏବିଇଓ ଲକ୍ଷଣ ଦେହୁରୀ, ବିପିସି ସୌମ୍ୟରଞ୍ଜନ ପ୍ରଧାନ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

■ ମେଡିକାଲକଲେଜରେସିଟ୍‌ଅନୁମୋଦନ


## ସରକାରଙ୍କୁ କୃତଜ୍ଞତା ଜଣାଇଲେ ସ୍ୱେଚ୍ଛାସେବୀ



**ଅନୁଗୋଳ,୩।୯(ସମିସ):** ତାଳଚେର ମେଡିକାଲ କଲେଜ୍‌କୁ ବିଧିବଦ୍ଧ ଅନୁମୋଦନ ମିଳିଥିବାରୁ ଅନୁଗୋଳ ସ୍ୱେଚ୍ଛାସେବୀଙ୍କ ତରଫରୁ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ଅନୁଗୋଳ ଜିଲ୍ଲାବାସୀ ଏବଂ ଛାତ୍ରଛାତ୍ରୀଙ୍କ ସ୍ୱପ୍ନ ଥିଲା। ଏ ନେଇ ଅତୀତରେ ଅନେକ ଆନ୍ଦୋଳନ, ବନ୍ଦ ଡାକରା ଦିଆଯାଇଥିଲା। ଶେଷରେ କେନ୍ଦ୍ର ସରକାରଙ୍କ ସହଯୋଗ ଓ ରାଜ୍ୟ ସରକାରଙ୍କ ନିରବଚ୍ଛିନ୍ନ ଉଦ୍ୟମ ସହ ଅନୁଗୋଳ ଜିଲ୍ଲା ପ୍ରଶାସନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଯୋଗୁଁ ଏହା ସାକାର ହୋଇପାରିଛି। ଏ ନେଇ ସ୍ୱେଚ୍ଛାସେବୀମାନଙ୍କ ତରଫରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ଜରିଆରେ ବୁଧବାର ଏକ ଧନ୍ୟବାଦ ବାର୍ତ୍ତା ପ୍ରଦାନ କରାଯାଇଛି। ତାଳଚେର ଅଞ୍ଚଳର ବରପୁତ୍ର ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ନାମରେ ଏହି ମେଡିକାଲ କଲେଜର ନାମକରଣ କରାଯାଇଛି। କଲେଜର ଉତ୍ତରୋତ୍ତର ଉନ୍ନତି କାମନା ସହ ଉତ୍ତମ ଚିକିତ୍ସା ଓ ସୁପରିଚାଳନା ନିମନ୍ତେ ସ୍ୱେଚ୍ଛାସେବୀଙ୍କ ତରଫରୁ ଅନୁରୋଧ କରାଯାଇଛି। ଏହି ସମୟରେ ସ୍ୱେଚ୍ଛାସେବୀ ପ୍ରତାପ ମହାପାତ୍ର, ଆଦ୍ୟଶ୍ଳୋକ ମିଶ୍ର, ଜୟନ୍ତ କର, ବିଶ୍ୱଜିତ୍ ବିଶ୍ୱାଳ, ରୁକେସ୍ ରୋଶନ୍ ଦାସ ଓ ପର୍ଶୁରାମ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଚାଣକ୍ୟତା ପୂର୍ବକ କୋଇଲା ପରିବହନରେ ହେରଫେର

**ତାଳଚେର,୩।୯(ସମିସ)**



### ରାକେଟ ସକ୍ରିୟ: ଟ୍ରକ ମାଲିକ ସଂଘ ଚୁପ୍

ତାଳଚେର ଅଞ୍ଚଳରେ ଥିବା କୋଇଲା ଖଣିଗୁଡ଼ିକରୁ ଟ୍ରକ ମାଧ୍ୟମରେ ରାଜ୍ୟର ବିଭିନ୍ନ କଳକାରଖାନାକୁ କୋଇଲା ପରିବହନ ହୋଇଥାଏ। ଖଣିଗୁଡ଼ିକରେ କିପରି ସୁରୁଖୁରୁରେ କୋଇଲା ପରିବହନ ହେବ ସେ ନେଇ ପ୍ରଶାସନ ଦ୍ୱାରା ଫାଷ୍ଟ କମ ଫାଷ୍ଟ ସର୍ଭିସ ନିୟମ ପ୍ରଚଳିତ ହୋଇଛି। ପ୍ରଥମେ ତାଳଚେର ଟ୍ରକ ମାଲିକ ସଂଘର ଟ୍ରକଗୁଡ଼ିକୁ ଲୋଡିଂ ଦିଆଯିବ ଓ ପରେ ବାହାର ଅଞ୍ଚଳ ଟ୍ରକଗୁଡ଼ିକୁ କ୍ରମାନ୍ୱୟରେ ଦିଆଯିବା ବ୍ୟବସ୍ଥା ରହିଛି। କିନ୍ତୁ ମାଲିକମାନଙ୍କ ଅଭିଯୋଗ ଅନୁଯାୟୀ ଲିଙ୍ଗରାଜ ସେକ୍ଟର ଖଣି କର୍ତ୍ତୃପକ୍ଷ ନିୟମକୁ ପାଳନ ନ କରି ସମସ୍ତ ଟ୍ରକକୁ ଗୋଟିଏ ଲାଇନରେ ଠିଆ କରି ଲୋଡିଂ ଦେଉଛନ୍ତି। ଫଳରେ କିଛି ବାହାର ଅଞ୍ଚଳ ଟ୍ରକ କୋଇଲା ପରିବହନ କ୍ଷେତ୍ରରେ ହେରଫେର କରୁଥିବା ଦେଖିବାକୁ ମିଳିଛି।

ଲିଙ୍ଗରାଜ କୋଇଲା ଖଣିରୁ ଓଡି୩୫-ଇ୬୪୨୫ ନମ୍ବର ବିଶିଷ୍ଟ ବାହାର ଅଞ୍ଚଳର ଟ୍ରକ ସିରିଏଲ ଟୋକନ ଓ ଡିଓ ଧରି ଜିଏମ୍‌ଆର୍ ପ୍ଲାଣ୍ଟକୁ ଲୋଡିଂ ନେବା ପାଇଁ ଖଣି ଭିତରକୁ ପ୍ରବେଶ କରି କୋଇଲା ଲୋଡିଂ କରି ଟିପି ପାଇସାରିଲା ପରେ ବ୍ରଜକିଶୋର ସ୍ୱାଇଁ ନାମକ ଡ୍ରାଇଭର ପରିବହନ ସଂସ୍ଥାଠୁ ଚାଲାଣ କାଟି ଲିଙ୍ଗରାଜ ଗେଟରୁ ଆଉଟ କରି ଜିଏମ୍‌ଆର୍ ପ୍ଲାଣ୍ଟ ଯିବା ପରିବର୍ତ୍ତେ ସେହି କୋଇଲାକୁ ଅନ୍ୟତ୍ର ବିକ୍ରି କରି ସେଠାରୁ ଅଳଚର୍ ଗୁଣ୍ଡ ଧରି ପରେ ଜିଏମ୍‌ଆର୍ ପ୍ଲାଣ୍ଟକୁ ଗୋଟିଏ ଦିନ ପରେ ଅନଲୋଡିଂ କରିବା ଲାଗି ପ୍ଲାଣ୍ଟ ଭିତରକୁ ପ୍ରବେଶ କରିଥିଲା। ତେବେ ପ୍ଲାଣ୍ଟ କର୍ତ୍ତୃପକ୍ଷଙ୍କ ଏହି କୋଇଲା ଟ୍ରକ ପ୍ରତି ସନ୍ଦେହ ସୃଷ୍ଟି ହେବାରୁ ତାହାକୁ ଅଟକ ରଖି ଜେସିବି ଦ୍ୱାରା ଅନଲୋଡିଂ କରିବା ସମୟରେ ସେହି ଟ୍ରକରୁ ଅଳଚର ଗୁଣ୍ଡ ବାହାରିଥିଲା। ପ୍ଲାଣ୍ଟ କର୍ତ୍ତୃପକ୍ଷ ତୁରନ୍ତ ପରିବହନ ସଂସ୍ଥା ମାଲିକଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଏହି ଘଟଣାକୁ ନେଇ ପରିବହନ ସଂସ୍ଥା ମାଲିକଙ୍କୁ ଆମ ପ୍ରତିନିଧି ଫୋନ ଯୋଗେ ପଚାରିବାରୁ ସେ କହିଥିଲେ ଆମେ ଡ୍ରାଇଭର ଓ ଟ୍ରକ ମାଲିକ ନାମରେ ଥାନାରେ ଏଫଆଇଆର କରିଛୁ। ଲିଙ୍ଗରାଜ ସେକ୍ଟରରେ ବାହାର ଅଞ୍ଚଳ ଟ୍ରକଗୁଡ଼ିକୁ ଆଣି ଏଠାରେ କିଛି ଦଲାଲ କୋଇଲା ଲୋଡିଂ କରି ଏପରି ହେରଫେର କରୁଛନ୍ତି। ଏଥିରେ ଏକ ବଡ଼ ରାକେଟ କାମ କରୁଛି। ଯଦି ଏହାର ତଦନ୍ତ କରାଯାଏ ତେବେ ଏହି କୋଇଲା ଚୋର ରାକେଟ ନିଶ୍ଚିତ ଧରାପଡ଼ିବ। ଯଦି ଏପରି ହେରଫେର ଚାଲେ ଲିଙ୍ଗରାଜ ସେକ୍ଟରକୁ ବିଭିନ୍ନ କଳକାରଖାନାରୁ କୋଇଲା ଅର୍ଡର ଆସିବା ବନ୍ଦ ହୋଇଯିବ ବୋଲି ସେ ପ୍ରକାଶ କରିଥିଲେ।

ସଂଘ ସଭ୍ୟ ଟ୍ରକଗୁଡ଼ିକ ପ୍ରଥମେ ଲୋଡିଂ ପାଇବେ ଓ ବାହାର ଅଞ୍ଚଳ ଟ୍ରକକୁ ସଂଘ ଯାଞ୍ଚ କରି ପରେ ଲୋଡିଂ ପାଇବେ ବୋଲି ନିୟମ ରହିଛି। ତାଳଚେର ଟ୍ରକ ମାଲିକ ସଂଘ ଏହି ବାହାର ଅଞ୍ଚଳ ଟ୍ରକଗୁଡ଼ିକୁ ଯାଞ୍ଚ କରୁନାହିଁ ଯାଦ୍ୱାରା ଖଣି କର୍ତ୍ତୃପକ୍ଷ ମଧ୍ୟ ଏହି ବାହର ଅଞ୍ଚଳ ଟ୍ରକଗୁଡ଼ିକୁ ଲୋଡିଂ କରିବାକୁ ପ୍ରୋତ୍ସାହନ ଦେଉଛନ୍ତି। ନଚେତ ଏପରି ଘଟଣା ଘଟନ୍ତା ନାହିଁ ବୋଲି ସଂଘ ଟ୍ରକ ମାଲିକମାନେ ପ୍ରକାଶ କରିଛନ୍ତି।

## ମାମୁଭଣଜା ଠାକୁରଙ୍କ ବାର୍ଷିକ ପୂଜା

**ଛେଣ୍ଡିପଦା,୩।୯(ସମିସ):** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ୍ ଶିମିଳିପାଳ ପଞ୍ଚାୟତ କାଠପାଳ ଗାଁ ନିକଟରେ ଥିବା ମାମୁଭଣଜା ଠାକୁରଙ୍କ ବାର୍ଷିକ ପୂଜା ମହା ଆଡ଼ମ୍ବରରେ ପାଳିତ ହୋଇଛି। ବହୁ ଦୂରଦୂରାନ୍ତରୁ ଭକ୍ତମାନଙ୍କ ସମାଗମ ହୋଇଥିଲା। ସଭାପତି ଶରତ କୁମାର ସାହୁ ଓ ସମ୍ପାଦକ କଲ୍ୟାଣ ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜା ହୋଇଥିଲା। ପୂଜକ ଦିବାକର ବାଘଙ୍କ ଦ୍ୱାରା ମାମୁଭଣଜାଙ୍କ ପ୍ରତୀକ ଭାବେ ପଥର ମୂର୍ତ୍ତିକୁ ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା କରିବା ସହ କାଠପାଳ ଅଞ୍ଚଳବାସୀଙ୍କ ସୁଖସମୃଦ୍ଧି କାମନା କରିଥିଲେ। ଶେଷରେ ଭକ୍ତଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ପୂଜାରେ କାଠପାଳ ଗ୍ରାମର ସମସ୍ତ ଜନସାଧାରଣ ସହଯୋଗ କରିଥିଲେ।

# ଧୋୟା ଅଞ୍ଚଳବାସୀଙ୍କ ବର୍ଷକର ଆହାର ଛଡ଼ାଇ ନେଲା ବନ୍ୟା

ଗୋବିନ୍ଦପୁର,୩।୯ (ସମିସ):



କୃଷି ଋଣ ଛାଡ଼ ଦାବି

ଖରସ୍ରୋତା ଓ ଏହାର ଶାଖା କାଣୀ ନଦୀରେ ଚଳିତ ବର୍ଷ ତିନି ଥର ବନ୍ୟା ଯୋଗୁଁ ଆଳି ଧୋୟା ଅଞ୍ଚଳର ଗୋବିନ୍ଦପୁର, ଜୁଆଣିଆ, କେତୁଆପାଳ, ଦେସାହି, ପାଳିମି, ଏରଡଙ୍ଗ, ପେତପଡ଼ା, ଫଂଶିଧା, ଡିମିରିପାଳ, ଅର୍ଗଳ ଆଦି ପଞ୍ଚାୟତର ଧାନ ଫସଲ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ଜୁନ ମାସରେ ଅଧିକାଂଶ ଏହି ଅଞ୍ଚଳର ଚାଷୀମାନେ ସମବାୟ ସମିତିରୁ ଋଣ କରି ଓ ଧାର ଉଧାର କରି ଧାନ ଚାଷ କରିଥିଲେ। ଜୁଲାଇ ଓ ଅଗଷ୍ଟରେ ଦୁଇ ଥର ବନ୍ୟାରେ ୨୫ ଦିନ ବନ୍ୟା ପାଣିରେ ଧାନ ଗଛ ବୁଡ଼ି ରହି ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲା। ଫସଲ ନଷ୍ଟ ହୋଇଯିବା ପରେ ପୁଣି ଥରେ ଚାଷୀମାନେ ଧାନ ତଳି ରୋଇଥିଲେ। ପୁଣି ଅଗଷ୍ଟ ଶେଷ ସପ୍ତାହରେ ବନ୍ୟା ଯୋଗୁଁ ୧୦ ଦିନ ଜମି ବୁଡ଼ିରହି ନଷ୍ଟ ହୋଇଗଲା। ଦୁଇ, ଦୁଇ ଥର ଫସଲ ନଷ୍ଟ ଯୋଗୁଁ ଚାଷୀ ମୁଣ୍ଡରେ ଚଡ଼କ ପଡ଼ିଛି। କେମିତି ଋଣ ସୁଝିବେ, ବର୍ଷକେ ଚଳିବେ ଏହି ଚିନ୍ତାରେ ଏବେ ଚାଷୀ ମୁଣ୍ଡରେ ହାତ ଦେଇବସିଛି। ଧୋୟା ଅଞ୍ଚଳର ଅଧିକାଂଶ ଲୋକେ ଚାଷ ଉପରେ ନିର୍ଭର କରି ଚଳୁଥିବା ବେଳେ ଫସଲ କ୍ଷତି ଚାଷୀଙ୍କ ମେରୁଦଣ୍ଡକୁ ଭାଙ୍ଗି ଦେଇଛି। ମୂଲିଆ ଓ ଦିନମଜୁରିଆ ଲୋକେ କାମ ଧନ୍ଦା ନ ପାଇଁ ହାତ, ଗୋଡ଼ ଯାକି ଘରେ ବସିଛନ୍ତି। ଚାଷଜମି ଦୀର୍ଘ ଦିନ ବୁଡ଼ି ରହିଥିବାରୁ ଗୃହପାଳିତ ପଶୁ ଖାଦ୍ୟ ବିନା ହନ୍ତସନ୍ତ ହେଉଛନ୍ତି। ଅଞ୍ଚଳରେ ଗୋଖାଦ୍ୟ ସଙ୍କଟ ଦେଖାଦେଇଛି। ସରକାରଙ୍କ ପକ୍ଷରୁ ଦୁଇ ଥରରେ ଛଅ ଦିନ ପାଇଁ ଗୋଖାଦ୍ୟ ଯୋଗାଇ ଦିଆଯାଇଛି। ଯାହାକି ସମୁଦ୍ରକୁ ଶଙ୍ଖେ। ଆଳି ଧୋୟା ଅଞ୍ଚଳକୁ ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ଭାବେ ଘୋଷଣା, ଫସଲ କ୍ଷତି ସହାୟତା, କୃଷି ଋଣ ଛାଡ, ଆଗମୀ ରବି ଫସଲ ଋଣ ଯୋଗାଣ ଓ ପର୍ଯ୍ୟାପ୍ତ ପରିମାଣରେ ଗୋଖାଦ୍ୟ ଯୋଗାଇ ଦେବାକୁ ଦାବି କରାଯାଇଛି।

### ପଟ୍ଟାମୁଣ୍ଡାଇ ଶାନ୍ତି କମିଟି ବୈଠକ

# ଶାନ୍ତି, ସଦ୍‌ଭାବନା, ଭାଇଚାରା ବଜାୟ ରଖିବା ପାଇଁ ନିଷ୍ପତ୍ତି

ପଟ୍ଟାମୁଣ୍ଡାଇ,୩।୯ (ସମିସ): ପଟ୍ଟାମୁଣ୍ଡାଇରେ ଦୁଇ ସମ୍ପ୍ରଦାୟ ଦେଖାଦେଇଥିବା ଉତ୍ତେଜନାକୁ ଦୃଷ୍ଟିରେ ରଖି ଆଜି ପଟ୍ଟାମୁଣ୍ଡାଇ ପ୍ରଶାସନ ପକ୍ଷରୁ ଶାନ୍ତି କମିଟି ବୈଠକ ବ୍ଲକ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବର୍ଷ ବର୍ଷ ଧରି ବଜାୟ ରହିଥିବା ଶାନ୍ତି, ସଦ୍‌ଭାବନା ଓ ଭାଇଚାରାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ସବୁବର୍ଗର ଲୋକମାନେ ନିଷ୍ଠାପର ଉଦ୍ୟମ ଜାରି ରଖିବାକୁ ନିଷ୍ପତ୍ତି ସର୍ବ ସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ପଟ୍ଟାମୁଣ୍ଡାଇ ଭାରପ୍ରାପ୍ତ ତହସିଲଦାର ଦିଲ୍ଲୀପ କୁମାର ନାୟକଙ୍କ ପୌରହିତ୍ୟରେ ଆଜି ପଟ୍ଟାମୁଣ୍ଡାଇ ବ୍ଲକ ସମ୍ମିଳନୀ କକ୍ଷରେ ଆହୁତ ବୈଠକରେ କେନ୍ଦ୍ରାପଡ଼ା ଅତିରିକ୍ତ ଏସପି ସୁଧାକର ସାହୁ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌରପରିଷଦ ଅଧ୍ୟକ୍ଷ ହେମନ୍ତ କୁମାର ସାହୁ, ଏସଡିପିଓ କ୍ଷମାସାଗର ପଣ୍ଡା, ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର, ପୌରନିର୍ବାହୀ ଅଧିକାରୀ ରଞ୍ଜନ କୁମାର ଦାଶ ପ୍ରମୁଖ ଯୋଗଦେଇ ପଟ୍ଟାମୁଣ୍ଡାଇ ସହରରେ ଶାନ୍ତି, ମୈତ୍ରୀ, ସଦଭାବନା ଓ ଭାଇଚାରା ବଜାୟ ରଖିବା ପାଇଁ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ଏଥିରେ ପଟ୍ଟାମୁଣ୍ଡାଇ ବଣିକ ସଂଘ ସଭାପତି ଗୋପୀନାଥ କର ଉପସଭାପତି ମୋହନ ଦାସ (ନମି), ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳ, ବିକାଶ ପରିଷଦ ସଭାପତି ଗୋପୀବଲ୍ଲଭ ନାୟକ, ସମ୍ପାଦକ ଗୋପୀନାଥ ତ୍ରିପାଠୀ, ପଟ୍ଟାମୁଣ୍ଡାଇ ବ୍ଲକ ପ୍ରାକ୍ତନ ଅଧ୍ୟକ୍ଷ ନିଶିକାନ୍ତ ପ୍ରଧାନ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, ବିଜେପି ନେତା ମିଟୁ ମନୋଜ ନାୟକ, ପ୍ରଧାପକ ଡ.ନୀଳମଣି ଲେଙ୍କା, ପ୍ରାକ୍ତନ ଜିଲ୍ଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ, ବିଶ୍ୱହିନ୍ଦୁ ପରିଷଦର ଜିଲ୍ଲା ସଭାପତି ଗୋପୀନାଥ ତ୍ରିପାଠୀ ସଂଖ୍ୟାଲଘୁ ସଂଗଠକ ସେକ ଅବଦୁଲ ବରି, ଆଡ୍‌ଭୋକେଟ ସଞ୍ଜୟ ସାହୁ, ଓକିଲ ସଂଘ ସମ୍ପାଦକ ରବୀନ୍ଦ୍ର ଦାଶ, ବରିଷ୍ଠ ନେତା ଅମୂଲ୍ୟ ପ୍ରଧାନ ପୂର୍ବତନ କାଉନସିଲର ସେକ ଅମରୁଲ ଆଡଭୋକେଟ ପ୍ରମୋଦ ସାହୁ, କାଉନସିଲର ମଳୟ ଓଝା, ମୃତ୍ୟୁଞ୍ଜୟ ପାଢ଼ୀ, ବିଦ୍ୟାଧର ସେଠୀ ଦିଲ୍ଲୀପ ସେଠୀ, ସରପଞ୍ଚ ଲକ୍ଷ୍ମୀପ୍ରିୟା ଷଡଙ୍ଗୀ, ସେକ ମଦାନୀ, ଦଳିତ ନେତା ବାରେଣୀ ସେଠୀ, ଜାକିର ହୁଷେନ, ବ୍ରଜବନ୍ଧୁ ଦାଶ ସମୀର ପାତ୍ର, କଳ୍ପତରୁ ମଲିକ, ଚନ୍ଦନ ପାତ୍ର, ରବୀନ୍ଦ୍ର ବିଶ୍ୱାଳ, ଅବିନାଶ ଲେଙ୍କା, ଶତ୍ରୁଘ୍ନ ପାତ୍ର, ରବୀନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଶାନ୍ତି, ମୈତ୍ରୀ, ସଦଭାବନା ଓ ଭାଇଚାରା ବଜାୟ ରଖିବା ଦିଗରେ ପ୍ରଶାସନର ସମସ୍ତ ପଦକ୍ଷେପକୁ ପୂର୍ଣ୍ଣ ସମର୍ଥନ ଓ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପଟ୍ଟାମୁଣ୍ଡାଇ ଅଞ୍ଚଳର ପ୍ରଶାସନିକ ଅଧିକାରୀଙ୍କ ପରାମର୍ଶ କ୍ରମେ ବିଭିନ୍ନ ବିଶୃଙ୍ଖଳା ଓ ଗଣ୍ଡଗୋଳ ସମାଧାନ ପାଇଁ ସ୍ଥାୟୀ ଶାନ୍ତି କମିଟି ଗଠନ ପାଇଁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା।

# ସମସ୍ୟା ଘେରରେ ବାରହା ଆଞ୍ଚଳିକ ବିଜ୍ଞାନ ମହାବିଦ୍ୟାଳୟ



ରାଜକନିକା,୩।୯ (ସମିସ): ରାଜକନିକା ବ୍ଲକର ସର୍ବ ପୁରାତନ ସାଇନ୍ସ କଲେଜ ଭାବରେ ସୁନାମ ଆଣିଥିବା ବାରହା ଆଞ୍ଚଳିକ ବିଜ୍ଞାନ ମହାବିଦ୍ୟାଳୟ (ବି ଆର ସାଇନ୍ସ କଲେଜ) ଏବେ ବିବିଧ ସମସ୍ୟା ଦେଇ ଗତି କରୁଥିବା ଅଭିଯୋଗ ହେଉଛି। କେନ୍ଦ୍ରାପଡ଼ା ଜିଲ୍ଲାର ଦ୍ୱିତୀୟ ବିଜ୍ଞାନ କଲେଜ ଭାବରେ ୧୯୮୧ ମସିହାରେ ଏହି କଲେଜ ହାଟସାହି କଟେରୀ ଗ୍ରାମରେ ପ୍ରତିଷ୍ଠା କରାଯାଇଥିଲା। ଦୀର୍ଘ ୪୫ ବର୍ଷ ବିତିଥିଲେ ମଧ୍ୟ ଏହି କଲେଜ ନାନା ଘାତପ୍ରତିଘାତ ଦେଇ ଗତି କରୁଥିବା ବେଳେ ଏହାର ଶିକ୍ଷାଦାନ ଶୈକ୍ଷିକ ଦିଗଟି ବେଶ ପ୍ରଶଂସନୀୟ ହୋଇରହିଛି। ତେବେ ଏହି କଲେଜର ନିଜସ୍ୱ ସ୍ଥିତିବାନ ସମ୍ପତ୍ତି କଲେଜ ଅକ୍ତିଆରକୁ ଆଣିବାକୁ ବର୍ତ୍ତମାନର ଅଧ୍ୟକ୍ଷ ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ଧଳଙ୍କ ପ୍ରଚେଷ୍ଟା ଓ ସ୍ଥାନୀୟ ଜନଗଣଙ୍କ ସହଯୋଗ ପାଇଁ ସମ୍ଭବ ହୋଇପାରିଥିବା ବେଳେ ଏହି ଜମିରେ ପାଚେରୀ ନିର୍ମାଣ ଜରୁରୀ ହୋଇପଡିଛି।

**ସୁଧାର ଆଣିବାକୁ ପ୍ରଶାସନର ସହଯୋଗ ଲୋଡ଼ା**

ଉଚ୍ଚ ଶିକ୍ଷା ବିଭାଗକୁ କଲେଜର ସାମଗ୍ରିକ ବିକାଶ ପାଇଁ ବହୁବାର ବିବିଧ ଫୋରମରେ ନିବେଦନ କରାଯାଇଥିଲେ ବି ସୁଫଳ ମିଳି ନଥିବାରୁ ସମସ୍ୟା ବଢୁଛି ବୋଲି ଅଭିଯୋଗ ହେଉଛି। ପ୍ରଥମତଃ ଏହି କଲେଜକୁ ଯିବାଆସିବା ପାଇଁ ଭଲ ରାସ୍ତାଟିଏ ନ ଥିବାରୁ ଛାତ୍ରଛାତ୍ରୀ ଓ ଅଧ୍ୟାପକ, କର୍ମଚାରୀ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମ୍ୟନିର୍ମାଣ ବିଭାଗର କଣ୍ଡିଆ-ହାଟସାହି ମୁଖ୍ୟରାସ୍ତା ସହ କଲେଜକୁ ସଂଯୋଗ କରିବା ପାଇଁ ଉଦ୍ୟମ ହେଲେ ରାସ୍ତା ସମସ୍ୟା ଦୂର ହୋଇପାରିବ ବୋଲି ଛାତ୍ରଛାତ୍ରୀ ଦାବି କରିଛନ୍ତି। ଦିନକୁ ଦିନ ପ୍ରଗତିର ସୋପାନ ଆଡ଼କୁ ମୁହାଇ ଚାଲିଥିବା ଉଚ୍ଚ ଶିକ୍ଷା ବ୍ୟବସ୍ଥାରେ ବି ଆର ସାଇନ୍ସ କଲେଜ ଶୁଭ ଦୃଷ୍ଟିରେ ରହିଲେ ଆଞ୍ଚଳିକ ସ୍ତରର ଏହି ମହାବିଦ୍ୟାଳୟ ବେଶ ସଫଳ ହେବ ବୋଲି ପ୍ରତିଷ୍ଠାତାମାନେ ଅନୁରୋଧ କରିଛନ୍ତି।

# ଡେରାଡି ଗ୍ରାମ ଢଳେଇ ରାସ୍ତା ଉପରେ ପାଣିର ସୁଅ

### ରାସ୍ତା ମରାମତି ପାଇଁ ଅଞ୍ଚଳବାସୀଙ୍କ ଦାବି

କେନ୍ଦ୍ରାପଡ଼ା,୩।୯ (ସମିସ): ଡେରାବିଶ ବ୍ଲକ ଏଣ୍ଡର ପଞ୍ଚାୟତ ଅଧୀନ ଡେରାଡି ଗ୍ରାମର ଏକ ଢ଼ଳେଇ ରାସ୍ତାରେ ପାଣିର ସୁଅ ଦେଖିବାକୁ ମିଳିଛି। ଏହି ରାସ୍ତା ଦୀର୍ଘ ପ୍ରାୟ ୧୦ ବର୍ଷ ହେବ ଢ଼ଳେଇ ରାସ୍ତାର କାମ ହୋଇଥିଲା। କିନ୍ତୁ ଏହା ପରେ ରାସ୍ତାର ମରାମତି କରିବା ପାଇଁ ସ୍ଥାନୀୟ ସରପଞ୍ଚଙ୍କ ଠାରୁ ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଗୁହାରି କରିଥିଲେ ସୁଦ୍ଧା କେହି କର୍ଣ୍ଣପାତ କରିନଥିଲେ। ଏହି ରାସ୍ତାଦେଇ ପ୍ରାୟ ଷାଠିଏରୁ ଅଧିକ ପରିବାର ଲୋକେ ଯାତାୟାତ କରୁଥିବା ଦେଖିବାକୁ ମିଳିଛି। ଅସରାଏ ବର୍ଷା ହେଲେ ରାସ୍ତାରେ ଆଣ୍ଠୁଏ ପାଣି ଠିଆ ହୋଇଥିବା ବେଳେ ଯାତାୟାତ କରିବାପାଇଁ ଲୋକଙ୍କୁ ବିଭିନ୍ନ ପ୍ରକାରର ସମସ୍ୟା ଭୋଗିବାକୁ ପଡୁଛି। ଏହାର ତଦନ୍ତ କରାଯାଇ ରାସ୍ତାକୁ ମରାମତି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



# ଚୋରାମଦ ସହିତ ବାଇକ୍ ଜବତ, ୫କୋର୍ଟଚାଲାଣ

କେନ୍ଦ୍ରାପଡ଼ା,୩।୯ (ସମିସ): ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ କେନ୍ଦ୍ରାପଡ଼ା ସଦର, ତନ୍ତିଆପାଳ ମେରାଇନ, ମହାକାଳପଡ଼ା ଓ ମାର୍ଶାଘାଇ ଥାନା ଅଧୀନ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଛି। ମାଲୁଆ ଗ୍ରାମର ବିଭୁତି ସାମଲ(୨୬)ଙ୍କ ଠାରୁ ୨୫ ଲିଟର ଦେଶୀ ମଦ ସହିତ ଏକ ସ୍କୁଟି ଜବତ କରାଇଯାଇଥିବା ବେଳେ କାନ୍ତିଲ ଗ୍ରାମର ଝଣ୍ଟି ରାଉତ(୪୫)ଙ୍କ ଠାରୁ ୨୦ ଲିଟର ବିଦେଶୀ ମଦ, ବିଜୟନଗର ଗ୍ରାମର ଭାବଗ୍ରାହି ବସନ୍ତିଆ(୬୦)ଙ୍କ ଠାରୁ ୨୫ ଲିଟର ଦେଶୀମଦ, ନଛିପଡା ଗ୍ରାମର ଚଗଳକ ଦାସ(୪୩)ଙ୍କ ଠାରୁ ୨୭ ଲିଟର ଦେଶୀ ମଦ ଏବଂ ଜଗଦିଶପୁର ଗ୍ରାମର ସରୋଜ ସାମଲ (୩୦)ଙ୍କ ଠାରୁ ୩୨ଲିଟର ଦେଶୀ ମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି। ସେମାନଙ୍କ ପାଖରୁ ସମୁଦାୟ ୧୨୯ ଲିଟର ବିଦେଶୀ ଓ ଦେଶୀ ମଦ ସହିତ ଏକ ସ୍କୁଟି ଜବତ କରାଯାଇ ୫ ଜଣଙ୍କୁ କୋର୍ଟଚାଲାଣ କରାଯାଇଛି। ଆଗାମୀ ଦିନରେ ଏହି ଚଢ଼ଉ ବ୍ୟାପକ ଭାବରେ ଜାରି ରହିବ ବୋଲି ଅବକାରୀ ଅଧିକ୍ଷକ ବିପ୍ରଚରଣ ମଣ୍ଡଳ କହିଛନ୍ତି। ଚଢ଼ଉରେ ଅବକାରୀ ନିରୀକ୍ଷକ ପଦ୍ମଲୋଚନ ନାୟକ, ଅବକାରୀ ଉପନିରୀକ୍ଷକ ଧର୍ମପଦ ଦାସଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ।

# ଭାରସାମ୍ୟ ହରାଇ ଓଲଟିଲା ଡିଜେ ଗାଡ଼ି



ଡେରାବିଶ,୩।୯ (ସମିସ): ଆଜି ଅପରାହ୍ନରେ କଟକ-ଚାନ୍ଦବାଲି ରାଜରାସ୍ତାର ସଲାର ମଠ ନିକଟରେ ଏକ ଡିଜେ ଗାଡ଼ି ଭାରସାମ୍ୟ ହରାଇ ମଝି ରାସ୍ତାରେ ଓଲଟି ପଡ଼ିଥିଲା। ସୌଭାଗ୍ୟକୁ ଏହି ଡିଜେ ଗାଡ଼ି ଓଲଟିବା ସମୟରେ ରାସ୍ତାରେ କୌଣସି ଲୋକ ନଥିଲେ। ତେବେ ଗାଡ଼ିଟି ମଝି ରାସ୍ତାରେ ଓଲଟି ପଡ଼ିଥିବାରୁ କିଛି ସମୟ ପାଇଁ ରାସ୍ତାରେ ଯାଉଥିବା ଟ୍ରକ ବସ୍ ଭଳି ବଡ଼ବଡ଼ ଭାରୀଯାନଗୁଡ଼ିକ ଅଟକି ରହିଥିଲା। ପରେ ଏହି ଗାଡ଼ିଟିକୁ ରାସ୍ତାକୁ ସାଇଡ୍ କରିବା ପରେ ରାସ୍ତାରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

### ■ ଶୁଣିଲାନି ପ୍ରଶାସନ

# ଶ୍ମଶାନରେ ଆଲୋକ ଲଗାଇଲେ ଯୁବ ସମାଜସେବୀ

ରାଜକନିକା,୩।୯ (ସମିସ): ପଞ୍ଚାୟତରାଜକୁ ଅଧିକ ସଶକ୍ତ କରି ଗ୍ରାମାଞ୍ଚଳର ପୂର୍ଣ୍ଣ ବିକାଶ ପାଇଁ ପୋଖରୀ ତୁଠ, ଶ୍ମଶାନ, ଆଲୋକୀକରଣ ଆଦିକୁ ଗୁରୁତ୍ୱ ଦେଉଥିବା ବେଳେ ଓଳାଭର



ପଞ୍ଚାୟତରେ ଏହି ସୁବିଧା ହୋଇ ନଥିବା ଅଭିଯୋଗ ହେଉଛି। ଆନୁଷଙ୍ଗିକ ବ୍ୟବସ୍ଥା ନଥିବାରୁ ଅନ୍ଧାରରେ ଶବସତ୍କାର କରୁଥିଲେ ଓଳାଭର ଅଞ୍ଚଳବାସୀ। ଗ୍ରାମର ଶ୍ମଶାନ ଓ ମୁସଲିମ ବସ୍ତି କବରସ୍ଥାନରେ ଦୀର୍ଘଦିନ ହେବ ଆଲୋକ ନଥିବାରୁ ରାତିରେ ପଞ୍ଚାୟତବାସୀ ଶବସତ୍କାର ପାଇଁ ନାନାପ୍ରକାର ଅସୁବିଧାର ସମ୍ମୁଖୀନ ହେଉଥିବା ଜାଣି ମଧ୍ୟ ଦୀର୍ଘଦିନ ହେବ ଏହି ସମସ୍ୟାର ସମାଧାନ ପାଇଁ କୌଣସି ସରକାରୀ ସହାୟତା ମିଳିନଥିଲା। ଅଞ୍ଚଳବାସୀଙ୍କ ସମସ୍ୟାର ସୁଧାର ଆଣି ଗ୍ରାମର ଯୁବ ସମାଜସେବୀ ଦେବକୁମାର ନାଥ (ଗୁନ୍ନ) ନିଜସ୍ୱ ଅର୍ଥରେ ଓଳାଭର ଶ୍ମଶାନ, ମୁସଲିମ ସାହି କବରସ୍ଥାନ ଓ ପଞ୍ଚମୁଖୀ ହନୁମାନଙ୍କ ନିକଟରେ ମୋଟ ୪ଟି ସୌରଚାଳିତ ଆଲୋକ ଲଗାଇଛନ୍ତି। ଏହି ଆଲୋକୀକରଣ ପରେ ସାଧାରଣରେ ଖୁସି ପ୍ରକଟ ପାଇବା ସହ ଆଲୋକ ସ୍ଥାପନ ବେଳେ ସୂର୍ଯ୍ୟକାନ୍ତ ପୃଷ୍ଟି, ବିବେକ ପୃଷ୍ଟି, ଉତ୍ତମ ମଥାନ, ସୁଶାନ୍ତ ପଣ୍ଡା, ଦୀପକ ରଥ, ଧନେଶ୍ୱର ମଲ୍ଲିକ, ସୁବାସ ସାହୁ, ପ୍ରକାଶ ସାହୁ, ପ୍ରମୋଦ ମଲିକ, ଦେବାଶିଷ ବେହେରା, ସୁଲେମାନ ଖାଁ, ଇସ୍ରାଫିଲ ରହେମନ, ଫଗୁଆ ରାଜୁ ପ୍ରମୁଖ ସ୍ଥାନୀୟଯୁବକ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଅବସରପ୍ରାପ୍ତ ପ୍ରାଧାପକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ମାର୍ଶାଘାଇ,୩।୯ (ସମିସ): ମାର୍ଶାଘାଇ ମହାବିଦ୍ୟାଳୟର ପ୍ରାକ୍ତନ ଦର୍ଶନଶାସ୍ତ୍ର ଓ ତର୍କଶାସ୍ତ୍ର ବିଭାଗ ପ୍ରାଧ୍ୟାପକ ଦିଲ୍ଲୀପ କୁମାର ସାହୁଙ୍କୁ ମାର୍ଶାଘାଇ କଲେଜ କର୍ମଚାରୀ ସଂଘ ପକ୍ଷରୁ ସ୍ୱତନ୍ତ୍ର ଉତ୍ସବରେ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କର୍ମଚାରୀ ସଂଘ ପକ୍ଷରୁ ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନ, ଶାଶ୍ୱତ ଚନ୍ଦନ ସାମନ୍ତରାୟ, ଚିତ୍ତରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ବିଦାୟୀ ପ୍ରାଧ୍ୟାପକ ଶ୍ରୀ ସାହୁଙ୍କ ୩୪ବର୍ଷର ଅଧ୍ୟାପନା ଜୀବନର ସ୍ମୃତିଚାରଣ କରିବା ସହ ମାନପତ୍ର, ଅଙ୍ଗାଭରଣ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ମାର୍ଶାଘାଇ ମହାବିଦ୍ୟାଳୟରେ ବୃତ୍ତିଗତ ଜୀବନ ଆରମ୍ଭ କରିଥିଲେ। କୋରୁଆ ଲୋକନାଥ ମହାବିଦ୍ୟାଳୟରୁ ଅଗଷ୍ଟ ୩୦ତାରିଖ ପ୍ରାଧ୍ୟାପକ ଶ୍ରୀ ସାହୁ ଅବସର ଗ୍ରହଣ କରିଥିଲେ।

### ● ନିମ୍ନମାନର କାମକୁ ନେଇ ବିବାଦ

# ସରପଞ୍ଚଙ୍କ ସ୍ୱାମୀ-ଗ୍ରାମବାସୀଙ୍କ ମଧ୍ୟରେ ଠେଲାପେଲା

ମାଳିପୁର,୩।୯ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ଶ୍ରୀରାମପୁର ପଞ୍ଚାୟତରେ ସ୍କୁଲରେ ଗେଟ ଲଗାଇବାକୁ ନେଇ ଗ୍ରାମବାସୀ ଓ ସରପଞ୍ଚଙ୍କ ସ୍ୱାମୀଙ୍କ ମଧ୍ୟରେ ଠେଲାପେଲା ହେବା ଘଟଣାକୁ ନେଇ ଉଭୟଙ୍କ ପକ୍ଷରୁ ଦୁଇଟି ପୃଥକ ଏତଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଦାୟର ହୋଇଛି। ଘଟଣାରୁ ପ୍ରକାଶ ଶ୍ରୀରାମପୁର ପଞ୍ଚାୟତ ଅଧୀନ ରାମଚନ୍ଦ୍ର ନୋଡାଲ ହାଇସ୍କୁଲରେ ଦୀର୍ଘଦିନରୁ ଭାଙ୍ଗି ପଡିଥିବା ସ୍କୁଲ ଗେଟକୁ ପୁନଃନିର୍ମାଣ କାର୍ଯ୍ୟ କରିବା ପାଇଁ ସରପଞ୍ଚଙ୍କ ସ୍ୱାମୀ ସ୍କୁଲ ନିକଟକୁ ଯାଇଥିବା ବେଳେ ସ୍ଥାନୀୟ ବାସିନ୍ଦା ନିମ୍ନମାନର କାମକୁ ବିରୋଧ କରିଥିଲେ। ଏଥିସହିତ ଆକଳନ ଅନୁଯାୟୀ ଗେଟ ପିଲରକୁ ଢଳେଇ କରି କାମ କରିବାକୁ ଦାବି କରିଥିଲେ। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଯେଉଁଭଳି ଭାବରେ ଗେଟ ପିଲର ନିମ୍ନ ଭାଗକୁ ପତଳା କରି ଉପର ଅଂଶକୁ ମୋଟାକରି କାମ କରାଯାଉଛି ଭବିଷ୍ୟତରେ ପିଲର ଭୁଶୁଡି ପଡି ସେଥିରେ ଲାଗିଥିବା ଲୁହାଗେଟ ଛାତ୍ରଛାତ୍ରୀଙ୍କ ଉପରେ ପଡିଯିବାର ସମ୍ଭାବନା ରହିଛି। ଫଳରେ ଛାତ୍ରଛାତ୍ରୀଙ୍କ ଜୀବନ ପ୍ରତି ବିପଦ ରହିଛି ବୋଲି ଗ୍ରାମବାସୀ କହିଥିଲେ। ପିଲର ନିର୍ମାଣରେ ମଧ୍ୟ ଭାଗ ମାପ ବି ଠିକ ନକରି ନିର୍ମାଣ କରାଯାଉଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଥିଲେ। କିନ୍ତୁ ସରପଞ୍ଚଙ୍କ ସ୍ୱାମୀ ଗ୍ରାମବାସୀଙ୍କ କଥା ନଶୁଣିବାରୁ ଗ୍ରାମବାସୀ ଏବଂ ତାଙ୍କ ମଧ୍ୟରେ ବଚସା ହୋଇ ଠେଲାପେଲା ହୋଇଥିଲା। ଘଟଣା ପରେ ଉଭୟ ପକ୍ଷରୁ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ପରସ୍ପର ବିରୁଦ୍ଧରେ ଦୁଇଟି ଏତଲା ଦିଆଯାଇଛି। ଗ୍ରାମାଞ୍ଚଳ ପୁଲିସ ଉକ୍ତ ଘଟଣାରେ ଦୁଇଟି ମୋକଦ୍ଦମା ଦାୟର କରି ତଦନ୍ତ ଜାରି ରଖିଥିବା ଜଣାପଡିଛି।

# ଭିତରକନିକାରେ ୫୦ ଫରେଷ୍ଟରଙ୍କୁ ତାଲିମ

ରାଜନଗର,୩।୯ (ସମିସ): ଭିତରକନିକା ଜାତୀୟ ଉଦ୍ୟାନର ଲୁଣା ଜଙ୍ଗଲ, ଆଦ୍ରଭୂମି, ବିରଳ ଜୀବଜନ୍ତୁ ଓ ଜୈବ ବିବିଧତା ସଂପର୍କରେ ଜ୍ଞାନ ଆହରଣ କରିଛନ୍ତି ୫୦ ଜଣ ଫରେଷ୍ଟର। ଜି.ଉଦୟଗିରି ଫରେଷ୍ଟ ଟ୍ରେନିଂ ସ୍କୁଲର ୫୦ ଜଣ ଫରେଷ୍ଟର ଭିତରକନିକା ଜାତୀୟ ଉଦ୍ୟାନରେ ପହଞ୍ଚି ଭିତରକନିକା ସମ୍ବନ୍ଧୀୟ ଜ୍ଞାନ ଆହରଣ କରିଛନ୍ତି। ଭିତରକନିକା ଘଞ୍ଚ ଜଙ୍ଗଲ ଭିତରେ ଦୁଃସାହସିକ ଯାତ୍ରା କରିବା ସମୟରେ କିଙ୍ଗ୍ କୋବ୍ରା ସହିତ ଅନ୍ୟାନ୍ୟ ସାପ, ହେଟାବାଘ, ଝିଙ୍କ ପକ୍ଷୀ, ଚିତାବିରାଡି, ହରିଣ, ବାହା,



ବଉଳା କୁମ୍ଭୀର, ଦେଶୀ ଓ ବିଦେଶାଗତ ପକ୍ଷୀଙ୍କ ସମ୍ପର୍କରେ ଜ୍ଞାନ ଆହରଣ କରିଛନ୍ତି। ଏଥିସହିତ ଭିତରକନିକା ଜାତୀୟ ଉଦ୍ୟାନ, ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ଡଲଫିନ ଓ ଅଲିଭ ରିଡ଼ଲେ କଇଁଛ ସମ୍ବନ୍ଧୀୟ ବହୁ ତଥ୍ୟ ସଂଗ୍ରହ କରିଛନ୍ତି। ଐତିହାସିକ ହୁକିଟୋଲା ଦ୍ୱୀପ, କାଳୀଭଞ୍ଜଡିଆ ଦ୍ୱୀପ ସମେତ ଭିତରକନିକାର ବିରଳ ଲୁଣାବୃକ୍ଷ ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରିଛନ୍ତି। ଭାରତର ଦ୍ୱିତୀୟ ବୃହତ୍ତମ ଲୁଣା ଜଙ୍ଗଲର ବୈଶିଷ୍ଟ, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଉପକୂଳବର୍ତ୍ତୀ ଧନଜୀବନ ସୁରକ୍ଷା କ୍ଷେତ୍ରରେ ଲୁଣା ଜଙ୍ଗଲର ଅମୂଲ୍ୟ ଅବଦାନ ସଂପର୍କରେ ଅବଗତ ହୋଇଛନ୍ତି। ଡିଏଫଓ ବର୍ଦ୍ଧରାଜ ଗାଁଓକର, ଏସିଏଫ୍ ମାନସ କୁମାର ଦାସ, ଗବେଷକ ପ୍ରସନ୍ନ କୁମାର ନାୟକ ପ୍ରମୁଖ ଏହି ପ୍ରଶିକ୍ଷଣ ଶିବିରରେ ଯୋଗଦେଇ ଫରେଷ୍ଟରଙ୍କୁ ପ୍ରଶିକ୍ଷଣ ଦେଇଥିଲେ।

# କେନାଲକୁ ଖସିପଡ଼ି ଯୁବକଙ୍କ ମୃତ୍ୟୁ

ପଟ୍ଟାମୁଣ୍ଡାଇ,୩।୯ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଅଧୀନ ନଳଢଳିଆ ଗ୍ରାମ ନିକଟ ଗୋବରୀ ସମ୍ପ୍ରସାରିତ କେନାଲ ଉପରେ ଥିବା ପୋଲବାଡ଼ ଉପରେ ବସି ସାଙ୍ଗ ମାନଙ୍କ ସହିତ ଗପ କରୁଥିବା ଗ୍ରାମର ଅବିନାଶ ଦାସ (ଛତିଶ) ଭାରସାମ୍ୟ ହରାଇ କେନାଲ ମଧ୍ୟକୁ ଖସି ପଡ଼ିଥିଲେ। ସେ ପହଁରା ଶିଖି ନଥିବାରୁ ସ୍ରୋତରେ ଭାସିଯାଇ ବୁଡି ଯାଇଥିଲେ। ଉପସ୍ଥିତ ଥିବା ଗ୍ରାମର ଅନ୍ୟ ଯୁବକମାନେ ତାଙ୍କୁ ଖୋଜିବା ପାଇଁ କେନାଲ ମଧ୍ୟକୁ ଡେଇଁ ଚେଷ୍ଟା କରିଥିଲେ। ହେଲେ ଅବିନାଶ ପାଣିରେ ବୁଡି ନିଖୋଜ ହୋଇଯାଇଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ପଟ୍ଟାମୁଣ୍ଡାଇ ଅଗ୍ନିଶମ ବିଭାଗକୁ ଖବର ଦିଆଯିବାରୁ ଅଗ୍ନିଶମ କର୍ମଚାରୀମାନେ ଅନେକ ଖୋଜା ଖୋଜି ପରେ ରାତି ପ୍ରାୟ ସାଢେ ବାରଟାରେ ଅବିନାଶଙ୍କ ମୃତଦେହକୁ ଉଦ୍ଧାର କରିଥିଲେ। ଅବିନାଶ ଜଣେ ମିଷ୍ଟଭାଷୀ ମେଳାପୀ ଯୁବକ ଥିଲେ। ସେ କଟକରେ ଠିକାଦାରୀ କରୁଥିବା ବେଳେ ଗତ କାଲି ସନ୍ଧ୍ୟାରେ ଗାଁକୁ ଫେରିଥିଲେ। ତାଙ୍କ ଅକାଳ ବିୟୋଗରେ ବରିଷ୍ଠ ରାଜନେତା ମଳେ ଦାସ ଏବଂ ଗ୍ରାମରେ ଶୋକପ୍ରକାଶ ପାଇଛି।

### ବନିତା ରାଉତ ହତ୍ୟାକାଣ୍ଡର ପର୍ଦ୍ଦାଫାଶ କଲା ପୁଲିସ


# ପରକୀୟା ପ୍ରୀତି ଓ ଉଧାର ଟଙ୍କା ପାଇଁ ଘଟିଥିଲା ହତ୍ୟାକାଣ୍ଡ

ପଟ୍ଟାମୁଣ୍ଡାଇ,୩।୯ (ସମିସ):



ବହୁଚର୍ଚ୍ଚିତ ବନିତା ରାଉତ ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରିଛି ପୁଲିସ। ପରକୀୟା ପ୍ରୀତି ଓ ଧାର ଟଙ୍କା ପାଇଁ ଘଟିଥିଲା ଏହି ଜଘନ୍ୟ ହତ୍ୟାକାଣ୍ଡ ବୋଲି ଆଜି ଅପରାହ୍ନରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପରିସରରେ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ରାପଡ଼ା ଜିଲ୍ଲା ଉପଆରକ୍ଷୀ ଅଧିକ୍ଷକ ସୁଧାକର ସାହୁ ସୂଚନା ଦେଇଛନ୍ତି। ବିଭତ୍ସ ହତ୍ୟାକାଣ୍ଡ ମୁନିସିପାଲିଟି ଭେଣ୍ଡିଂ ଜୋନ କ୍ୟାବିନ ଭିତରେ ଦିନ ଦ୍ୱିପ୍ରହରରେ ଘଟିଥିଲା ବୋଲି ସେ କହିଥିଲେ। ଗତ ୨୮ ତାରିଖ ଅପରାହ୍ନରୁ ବନିତା ପଟ୍ଟାମୁଣ୍ଡାଇ ବଜାରକୁ ପରିବା କିଣିବାକୁ ଆସି ବେଲତଳସ୍ଥିତ ଗଳିସାହି ଭଡାଘରକୁ ଆଉ ଫେରି ନଥିଲେ। ସେବେଠାରୁ ସେ ନିଖୋଜ ନେଇ ପରିବାର ଲୋକେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଅଭିଯୋଗ କରିଥିଲେ। ଗତ ୩୧ ତାରିଖରେ ଆହାରକେନ୍ଦ୍ର ନିକଟ ମ୍ୟୁନିସିପାଲିଟି ଭେଣ୍ଡିଂ ଜୋନ ୩୧ ନଂ କ୍ୟାବିନରୁ ଦୁର୍ଗନ୍ଧ ଆସୁଥିବା ପାଖ ଦୋକାନୀ ଥାନାକୁ ଖବର ଦେଇଥିଲେ। ପୁଲିସ ଓ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ବନିତାର ଗଳିତ ଶବ ଉଦ୍ଧାର କରିଥିଲେ। ଘଟଣାକୁ ନେଇ ଉତ୍ତେଜନା ଲାଗିରହିଥିଲା। ତିନିଦିନ ପରେ ପଟ୍ଟାମୁଣ୍ଡାଇ ପୁଲିସର ଏକ ଟିମ ପାଣିକୋଇଲି ପାଖରୁ ଆଖୁ ବିଲରେ ଲୁଚି ରହିଥିବା ମୁଖ୍ୟ ଅଭିଯୁକ୍ତ ସନ୍ତୋଷ ପରିଡା ଓରଫ ବାୟାକୁ ଗିରଫ କରିବାରେ ସଫଳ ହୋଇଥିଲା ବୋଲି ଉପଆରକ୍ଷୀ ଅଧିକ୍ଷକ କହିଛନ୍ତି। ପୁଲିସ ସୂଚନା ମୁତାବକ ବନିତା ଓ ସନ୍ତୋଷ ଉଭୟଙ୍କ ମଧ୍ୟରେ ସମ୍ପର୍କ ଥିଲା। ବନିତା ଗଳିସାହି ମାନସ ଭଦ୍ରଙ୍କ ଘରେ ଭଡ଼ାରେ ରହୁଥିବା ବେଳେ ସନ୍ତୋଷ ସେଠାରେ ରହୁଥିଲା। ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ସନ୍ତୋଷ ବନିତା ତାଙ୍କର ଧରମ ଭଉଣୀ ବୋଲି ସମସ୍ତଙ୍କ ଆଗରେ କହୁଥିଲେ। କିନ୍ତୁ ଦୀର୍ଘଦିନ ଧରି ଦୁହେଁ ଏକାଠି ରହୁଥିବା ଓ ଉଭୟଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ରହିଥିବା ସୂଚନା ଦେଇଛି ପୁଲିସ। ତେବେ ବନୀତାଙ୍କ ଠାରୁ ସନ୍ତୋଷ ଲକ୍ଷାଧିକ ଟଙ୍କା ଉଦ୍ଧାର ନେଇଥିଲେ ହେଁ ଆଉ ଫେରାଉ ନଥିଲା। ବନୀତାଙ୍କ ସ୍ୱାମୀ ଅତୁଳ କୁମାର ରାଉତ କତରରୁ ଘରକୁ ଫେରୁଥିବାରୁ ଏବଂ ସ୍ୱାମୀ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଜାଗା ଜମି କିଣିବା ପ୍ରସ୍ତାବ ଥିବାରୁ ବନିତା ଉଧାର ଟଙ୍କା ଫେରାଇ ଦେବାକୁ ସନ୍ତୋଷକୁ କହିଥିଲେ। କିନ୍ତୁ ସନ୍ତୋଷ ଟଙ୍କା ଫେରାଇବା ପାଇଁ ମନା କରିଦେବାରୁ ଘଟଣା ଦିନ ଅପରାହ୍ନରେ ଭେଣ୍ଡିଂ ଜୋନ କ୍ୟାବିନରେ ପଇସା ପାଇଁ ଉଭୟଙ୍କ ମଧ୍ୟରେ ବଚସା ହେବା ସହିତ ମାରପିଟ ହୋଇଥିଲା। କ୍ଷୁବ୍ଧ ହୋଇ ସନ୍ତୋଷ ତଣ୍ଟି ଚିପି ବନିତାକୁ ହତ୍ୟା କରିଥିଲା। ପରେ କ୍ୟାବିନରେ ସନ୍ତୋଷ ପଲିଥିନ, ବେଡ଼ସିଟ ଓ ସେଲୋ ଟେପରେ ବନିତାର ମୃତଦେହକୁ ପ୍ୟାକକରି ସେ ନିଖୋଜ ହୋଇଯାଇଥିଲେ। ଘଟଣାର ଗୁରୁତ୍ୱକୁ ଲକ୍ଷ୍ୟକରି କେନ୍ଦ୍ରାପଡ଼ା ଏସପିଙ୍କ ନିର୍ଦ୍ଦେଶ କ୍ରମେ ୩ଟି ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରାଯାଇ ତାକୁ ଧରିବା ପାଇଁ ଜାଲ ବିଛାଇଥିଲା ପୁଲିସ। ଶେଷରେ ପୁଲିସ ହାତରେ ଧରାପଡ଼ିଲା ସନ୍ତୋଷ। ଯାଜପୁର ଜିଲ୍ଲା ପାଣିକୋଇଲିରୁ ସନ୍ତୋଷକୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି ପଟ୍ଟାମୁଣ୍ଡାଇ ପୁଲିସ ବୋଲି ଉପଆରକ୍ଷୀ ଅଧିକ୍ଷକ ଶ୍ରୀ ସାହୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ପଟ୍ଟାମୁଣ୍ଡାଇ ଏସଡିପିଓ କ୍ଷମା ସାଗର ପଣ୍ଡା, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ପାଦକୀୟ



ସଫଳତାର ତିନି ମନ୍ତ୍ର ହେଉଛି - ସ୍ଥିରତା, ଧୈର୍ଯ୍ୟ ଓ ଦୃଢ଼ତା।
-ବିବେକାନନ୍ଦ

ସକାଳ
THE SAKALA

## ବ୍ୟବସ୍ଥା ବିରୋଧରେ ବିଦ୍ରୋହ

ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ସରକାର ଜନସମୁଦାୟ ନିକଟରେ ଉତ୍ତରଦାୟୀ। ଏକ୍ଷେତ୍ରରେ ମାତ୍ରାଧିକ ବ୍ୟତିକ୍ରମ ବେଳେ ବେଳେ ବିଦ୍ରୋହର ପଥ ପରିଷ୍କାର କରିଥାଏ। ଶାତନତନ୍ତ୍ରକୁ ମତାଧିକାର ମାଧ୍ୟମରେ ହଟାଇବାର ସୁଯୋଗ ଜନତାଙ୍କ ପାଖରେ ଥିଲେ ମଧ୍ୟ ପ୍ରତାରଣାର ସୀମା ଲଂଘନ ହେଲେ ଜନତାଙ୍କ ଧୈର୍ଯ୍ୟଚ୍ୟୁତି ଘଟେ ଏବଂ ସମୟକୁ ଅପେକ୍ଷା ନ କରି ଶାସନ-ବିରୋଧୀ ବିସ୍ଫୋରକ ସ୍ଥିତି ଜନ୍ମ ନିଏ, ଯାହା ଏବେ ବିଶ୍ୱର ତୃତୀୟ ବୃହତ୍ ଗଣତନ୍ତ୍ର ଇଣ୍ଡୋନେସିଆରେ ଘଟିଛି। କ୍ଷମତା କେନ୍ଦ୍ର ଯେମିତି ଚାହେଁ ଅତୁଟ ଓ ଅପରିବର୍ତ୍ତିତ ଶାସନ ବ୍ୟବସ୍ଥା, ଜନସମୂହ ମଧ୍ୟ ସେମିତି ଚାହାନ୍ତି ପ୍ରତାରଣା ଓ ପ୍ରବଞ୍ଚନା ମୁକ୍ତ ସୁଶାସନ। ଏହି ପୃଷ୍ଠଭୂମିରେ ଇଣ୍ଡୋନେସିଆରେ କ୍ଷମତା ବିରୋଧୀ ଆନ୍ଦୋଳନ ଯେଉଁ ରୂପ ନେଇଛି, ସେଥିରେ ୮ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଶତାଧିକ ଆହତ ହୋଇଛନ୍ତି ଏବଂ ୩୧୯୫ଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଛାତ୍ରଛାତ୍ରୀ ଓ ଶ୍ରମିକ ସଂଗଠନ ସହ ସଂଶ୍ଳିଷ୍ଟ କର୍ମୀ। ଏମାନଙ୍କୁ ଦେଶଦ୍ରୋହୀ ଓ ଆତଙ୍କବାଦୀ ଘୋଷଣା କରାଯାଇଛି। ଆନ୍ଦୋଳନକାରୀ ଜଣେ ସାଂସଦଙ୍କ ଗୃହଦାହ କରିବା ସହ ଅର୍ଥମନ୍ତ୍ରୀ ମୂଲ୍ୟାନୀ ଇନ୍ଦ୍ରାବତୀଙ୍କ ବାସଗୃହ ଲୁଟପାଟ କରିଛନ୍ତି। ସାଂସଦଙ୍କ ମାସିକ ଭତ୍ତା ୩୦୦୦ ଡଲାର ବୃଦ୍ଧି ନିଷ୍ପତ୍ତିକୁ କେନ୍ଦ୍ର କରି ଏହି ବିଦ୍ରୋହର ସୂତ୍ରପାତ ହୋଇଥିଲା, ଯାହା ଜାକର୍ତ୍ତାର ସର୍ବନିମ୍ନ ବେତନଠାରୁ ୧୦ ଗୁଣ ଅଧିକ। ପୁଲିସ ଓ ସାମରିକ ବାହିନୀର କଠୋର ଦମନମୂଳକ କାର୍ଯ୍ୟାନୁଷ୍ଠାନରେ ହିଂସା ପ୍ରଶମିତ ହୋଇଛି ସତ, କିନ୍ତୁ ଆନ୍ଦୋଳନ ଓ ଧାରଣା ଜାରି ରହିଛି।

ଆମେରିକା ଢାଞ୍ଚାରେ ଇଣ୍ଡୋନେସିଆରେ ରାଷ୍ଟ୍ରପ୍ରତି ପ୍ରଧାନ ଶାସନ ବ୍ୟବସ୍ଥା ପ୍ରଚଳିତ ଏବଂ ରାଷ୍ଟ୍ରପତି ହିଁ ଶାସନର ସର୍ବମୟ କର୍ତ୍ତା। ୨୦୨୪ ଅକ୍ଟୋବର ନିର୍ବାଚନରେ କ୍ଷମତାସୀନ ରାଷ୍ଟ୍ରପତି ପ୍ରବୋୱୋ ସୁବିଆଣ୍ଟୋଙ୍କ ମୁଖ୍ୟ ପ୍ରତିଶ୍ରୁତି ଥିଲା, ଦୁର୍ନୀତିର ମୂଳୋତ୍ପାଟନ ଓ ଆତ୍ମନିର୍ଭରଶୀଳ ଇଣ୍ଡୋନେସିଆ ଗଠନ। ୨୦୧୪ରୁ ନିରଙ୍କୁଶ କ୍ଷମତାରେ ରହିଆସିଛି ସେ ପ୍ରତିନିଧିତ୍ୱ କରୁଥିବା ଇଣ୍ଡୋନେସୀୟ ଗଣତାନ୍ତ୍ରିକ ଦଳ (ଆଇଡିପି)। ଦେଶବାସୀ ମନରେ କୁହୁଳୁଥିବା ଅସନ୍ତୋଷର ମୁଖ୍ୟ କାରଣ ହେଲା, ଦୀର୍ଘଦିନ ଧରି କର୍ମଚାରୀଙ୍କ ବେତନ – ଭତ୍ତା ଅପରିବର୍ତ୍ତିତ ରହି ଦରଦାମ କ୍ରମାଗତ ବଢ଼ିଚାଲିଥିବାରୁ ଲୋକଙ୍କ କ୍ରୟଶକ୍ତି କମି ଚାଲିଛି। ଆଉଟସୋର୍ସିଂକୁ ପ୍ରାଧାନ୍ୟ ଦେଇ ନିଯୁକ୍ତି ସୁଯୋଗ ହ୍ରାସ କରାଯାଇଥିବାରୁ ବେକାରୀ ସମସ୍ୟା ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି। ଏଭଳି ଅର୍ଥନୈତିକ ପ୍ରତିକୂଳ ପରିସ୍ଥିତିରେ ସାଂସଦଙ୍କ ଭତ୍ତା ବୃଦ୍ଧି ନିଷ୍ପତ୍ତି ବିଦ୍ରୋହ ପାଇଁ ଖୋରାକ ଯୋଗାଇଥିଲା। ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଯାଉଥିବାରୁ ରାଷ୍ଟ୍ରପତି ତୁରନ୍ତ ଏହି ନିଷ୍ପତ୍ତି ପ୍ରତ୍ୟାହାର କରିନେଇଛନ୍ତି।

ଜେନେରାଲ ସୁହାର୍ତ୍ତୋଙ୍କ ଏକଛତ୍ରବାଦୀ ଶାସନର ୧୯୯୮ରେ ଅବସାନ ପରେ ଇଣ୍ଡୋନେସିଆରେ ଗଣତନ୍ତ୍ର ଶାସନ ପ୍ରତିଷ୍ଠା ହୋଇଛି। ଶାସନ ଢାଞ୍ଚାରେ ପରିବର୍ତ୍ତନ ପ୍ରୟାସୀଙ୍କ ମନରେ ଅନେକ ଆଶା ଓ ଉଦ୍ଦୀପନା ଏବେ ବି ସଜୀବ ହୋଇରହିଛି। ତେଣୁ ଆକାଂକ୍ଷିତ ସୁଫଳ ମିଳିବା ଯେତିକି ବିଳମ୍ବିତ ହେଉଛି ସେମାନଙ୍କ ମନରେ ବିଦ୍ରୋହର ବହ୍ନି ସେତିକି ଉଜ୍ଜୀବିତ ହେଉଛି। ଇଣ୍ଡୋନେସିଆର ଶାସନ ବିରୋଧୀ ବିଦ୍ରୋହ ବିଶ୍ୱକୁ ଏହି ବାର୍ତ୍ତା ଦେଇଛି ଯେ ପ୍ରବଞ୍ଚନାମୂଳକ ଶାସନ ବ୍ୟବସ୍ଥାରେ ପରିବର୍ତ୍ତନ ଲୋଡ଼ା, ନ ହେଲେ ବିଦ୍ରୋହ ଅବଶ୍ୟାମ୍ଭାବୀ ●

## ପ୍ରତିବନ୍ଧକୁ ପ୍ରତ୍ୟାଖ୍ୟାନ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଇଙ୍ଗିତରେ ପାଶ୍ଚାତ୍ୟ ରାଷ୍ଟ୍ରସମୂହ ଅର୍ଥନୈତିକ ବାସନ୍ଦ ବା ପ୍ରତିବନ୍ଧ ପ୍ରୟୋଗ ପାଇଁ କଥା କଥାକେ ବିଶ୍ୱକୁ ଯେଉଁ ନାଲି ଆଖି ଦେଖାଉଛନ୍ତି ତାହାକୁ ମିଳିତ ପ୍ରତିରୋଧ କରିବାର ସମୟ ଉପସ୍ଥିତ। ସାଂଘାଇ ସହଯୋଗ ସଂଗଠନ(ଏସ୍‌ସିଓ) ବୈଠକରେ ଯୋଗ ଦେବା ଅବସରରେ ଏକଥା କହିଛନ୍ତି ରୁଷର ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍। ଏସସିଓ ଏକ ଆଞ୍ଚଳିକ ସହଯୋଗୀ ଓ ସହଭାଗିତା ମଞ୍ଚ ହୋଇଥିଲେ ମଧ୍ୟ ଏକ ବୃହତ୍ତର ଦିଗକୁ ପୁଟିନ୍‌ଙ୍କ ଇଙ୍ଗିତକୁ ଚୀନ ପୂର୍ଣ୍ଣ ସମର୍ଥନ କରିଛି। ବ୍ରିକ୍ସ ଅଂଶୀଦାର ରାଷ୍ଟ୍ରଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ପୁଟିନ ଓ ସି ଜିନପିଙ୍ଗ ଏହି ମିଳିତ ନିଷ୍ପତ୍ତି ଗ୍ରହଣ କରିଛନ୍ତି।

ସମଗ୍ର ବିଶ୍ୱରେ ବଜାର ଅର୍ଥନୀତିର ପ୍ରାଧାନ୍ୟ ବୃଦ୍ଧି ପାଇଥିବା ବେଳେ ପାରସ୍ପରିକ ନିର୍ଭରଶୀଳତା ଓ ସହଯୋଗିତାର ଗୁରୁତ୍ୱ ବଢ଼ିଛି। ଅପରପକ୍ଷରେ ଏବେ ମଧ୍ୟ ବାଣିଜ୍ୟ ଓ ବିନିମୟରେ ଡଲାରର ପ୍ରାଧାନ୍ୟ ଅତୁଟ ରହିଥିବାରୁ ଟ୍ରମ୍ପ ବଡ଼ଭାଇ ପଣିଆ ଜାହିର କରିଚାଲିଛନ୍ତି। ବ୍ରିକ୍ସ ପକ୍ଷରୁ ଡଲାରର ବିକଳ୍ପ ବ୍ୟବସ୍ଥା ସପକ୍ଷରେ କେତେକ ପଦକ୍ଷେପ ନିଆଯାଇଥିବା ସୂଚନା ଟ୍ରମ୍ପଙ୍କୁ ବିବ୍ରତ କରିଛି। ତେଣୁ ବ୍ରିକ୍ସ ସଦସ୍ୟ ହିଁ ତାଙ୍କ ଟାରିଫ ରାଜନୀତିରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ଦେଖାଯାଇଛି। ଏହି ପ୍ରେକ୍ଷାପଟରେ ଚୀନ୍ ଗଣମାଧ୍ୟମକୁ ଏକ ସାକ୍ଷାତକାରରେ ପୁଟିନ କହିଛନ୍ତି ଯେ ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଙ୍କ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ବିକାଶରେ ପରିଲକ୍ଷିତ ପ୍ରତିବନ୍ଧକ ଦୂର ସକାଶେ ଅତିରିକ୍ତ ସମ୍ବଳ ସଂଗ୍ରହକୁ ରୁଷ ଓ ଚୀନ ସ୍ୱତନ୍ତ୍ର ପ୍ରାଧାନ୍ୟ ଦେବେ।

ବ୍ରାଜିଲ, ରୁଷିଆ, ଭାରତ, ଚୀନ ଓ ଦକ୍ଷିଣ ଆଫ୍ରିକାକୁ ନେଇ ଗଠିତ ବ୍ରିକ୍ସ ସଂଗଠନ ପାରିସ୍ପରିକ ସହଯୋଗ ହେବା ପାଇଁ କାର୍ଯ୍ୟ କରୁଛନ୍ତି। ପରିବର୍ତ୍ତିତ ପରିବେଶରେ ସାଉଦୀ ଆରବ, ଇରାନ, ଇଥିଓପିଆ, ମିଶର, ଆର୍ଜେଣ୍ଟିନା ଓ ଆରବ ଏମିରେଟ୍ସ ଏହି ସଂଗଠନରେ ଖୁବ୍ ଶୀଘ୍ର ଯୋଡ଼ି ହେଉଛନ୍ତି। ସମ୍ବଳ ସକାଶେ ଆମେରିକା ଓ ୟୁରୋପ ରାଷ୍ଟ୍ର ସମୂହ ଉପରେ ନିର୍ଭରଶୀଳତା ହ୍ରାସ ପଇଁ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି ଓ ବିଶ୍ୱବ୍ୟାଙ୍କ ବ୍ୟବସ୍ଥାରେ ସଂସ୍କାର ଆଣିବାକୁ ମସ୍କୋ ଓ ବେଜିଂ ମିଳିତ ପଦକ୍ଷେପ ଗ୍ରହଣ କରିବେ। ସମୟର ଆବଶ୍ୟକତା ସଂପର୍କରେ ସୂଚନା ଦେଇ ପୁଟିନ କହିଛନ୍ତି ଯେ ବିଶ୍ୱର ଏହି ଅର୍ଥ ଯୋଗାଣକାରୀ ସଂସ୍ଥା ବାଛବିଚାରମୂଳକ ନୀତି ପରିତ୍ୟାଗ କରି ସମାନ ଦୃଷ୍ଟିଭଙ୍ଗୀ ନେଇ କାର୍ଯ୍ୟ କରିବା ଉଚିତ୍। ଏହି ମହାନ ଲକ୍ଷ୍ୟ ହାସଲ ପ୍ରତି ଦୁଇ ରାଷ୍ଟ୍ର ଅଙ୍ଗୀକାରବଦ୍ଧ ବୋଲି ସେ ଉଲ୍ଲେଖ କରିଛନ୍ତି।

ଏସସିଓ ଶିଖର ସମ୍ମିଳନୀ ଅବସରରେ ପୁଟିନଙ୍କ ଏହି ବକ୍ତବ୍ୟ ସ୍ୱତନ୍ତ୍ର ଗୁରୁତ୍ୱ ବହନ କରେ। ବିଶେଷକରି ଏକ ପ୍ରତିକୂଳ ପରିସ୍ଥିତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବୈଠକରେ ଯୋଗଦାନ ଏବଂ ଭାରତର ଆସ୍ଥା ଓ ବିଶ୍ୱାସ ହାସଲ ସକାଶେ ଏହାକୁ ଏକ କୂଟନୈତିକ ପଦକ୍ଷେପ ରୂପେ ଗ୍ରହଣ କରାଯାଇପାରେ। ବିଶେଷକରି ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଙ୍କ ପ୍ରତି ଟ୍ରମ୍ପଙ୍କ ଆଭିମୁଖ୍ୟକୁ କିଭଳି ପ୍ରତିରୋଧ କରାଯାଇପାରିବ ତାହାର ନକ୍ସା ପ୍ରସ୍ତୁତି ପୁଟିନଙ୍କ ବ୍ୟକ୍ତବ୍ୟରୁ ସ୍ପଷ୍ଟ ହୋଇଛି।●

# ପ୍ରକୃତି ଆଉ ସହିବ ନାହିଁ

ସୌଭାଗ୍ୟ ସୁନ୍ଦରରାୟ

ନିକଟରେ ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲ୍ଲାର ଧରାଲି ଗ୍ରାମରେ କଲିଜା ଥରା ଖଣ୍ଡପ୍ରଳୟ ଘଟିଯାଇଛି। ଆଖି ପିଛୁଳାକେ ଧରାଲି ମାଟିରେ ମିଶିଗଲା। ମାତ୍ର ୨୦ ସେକେଣ୍ଡରେ ବାସଗୃହ, ହୋଟେଲ, ଢାବା ବଜାର ନିଶ୍ଚିହ୍ନ ହୋଇଗଲା। ବୃହତ୍‌କାୟ ପଥର ମୁଣ୍ଡିଆ, ପଙ୍କକାଦୁଅ, ମାଟିରେ ଧରାଲି ପୋତି ହୋଇପଡ଼ିଲା। ଏହାକୁ ପ୍ରକୃତିର ନକାରାତ୍ମକ ଦିଗ ବୋଲି କୁହାଯାଇପାରେ। ତେବେ ସକାରାତ୍ମକ ଦିଗଟି ହେଲା ଭଗୀରଥର ଉପନଦୀ କ୍ଷୀରଗଡ଼ ନଦୀ ଶଯ୍ୟା ପୂର୍ବବସ୍ଥାକୁ ଫେରିଆସିଲା। କ୍ଷୀରଗଡ଼ ଓ ଭଗୀରଥର ସଙ୍ଗମ ସ୍ଥଳରେ ସୃଷ୍ଟି ହୋଇଥିବା ୨୦ ହେକ୍ଟର ବିଶିଷ୍ଟ ଚଡ଼ା ସଂପୂର୍ଣ୍ଣ ଧୋଇ ହୋଇଗଲା। ଏହାକୁ ପ୍ରାକୃତିକ ଦୁର୍ବିପାକ କିମ୍ବା ପ୍ରକୃତିର ଭାରସାମ୍ୟ ରକ୍ଷା ବୋଲି ମଧ୍ୟ କୁହାଯାଇପାରେ।

ଧରାଲି ଉତ୍ତରକାଶୀର ଏକ କ୍ଷୁଦ୍ର ଗ୍ରାମ। ଜନସଂଖ୍ୟା ମାତ୍ର ୫୦୦। ଚାରିଧାମ ରାସ୍ତା ପାର୍ଶ୍ୱରେ ଗ୍ରାମଟି ଅବସ୍ଥିତ। ଏଠାରୁ ଗଙ୍ଗୋତ୍ରୀ ଧାମର ଦୂରତା ମାତ୍ର ୧୫/୨୦ କିଲୋମିଟର। ଗଙ୍ଗୋତ୍ରୀ, ଯମୁନେତ୍ରୀ, ବଦ୍ରିନାଥ ଓ କେଦାରନାଥକୁ ନେଇ ଗଠିତ ଚାରଧାମ ଆଧାତ୍ମିକ ସର୍କିଟକୁ ଗମନାଗମନ ଦୃଷ୍ଟିରୁ ଅଧିକ ସୁଗମ କରିବା ଉଦ୍ଦେଶ୍ୟରେ ସରକାର ଏହି ରାସ୍ତା ପ୍ରଶସ୍ତ ପାଇଁ ନିଷ୍ପତ୍ତି ନେଲେ। କୁହାଗଲା ପ୍ରତିରକ୍ଷା ଦୃଷ୍ଟିକୋଣରୁ ଏହା କରାଯାଉଛି। ପାହାଡ଼ କଟାହେଲା। ରାସ୍ତା ସୁଗମ ହେଲା। ଚାରିଧାମକୁ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବୃଦ୍ଧି ପାଇଲା। ଧରାଲି ଓ ଏହାର ନିକଟବର୍ତ୍ତୀ ପଡ଼ା ଗ୍ରାମ ସୁଖି ଓ ଝଲା ଉଚ୍ଚ ସମ୍ବେଦନଶୀଳ ଅଞ୍ଚଳ ଭାବେ ଚିହ୍ନଟ କରାଯାଇଥିଲେ ମଧ୍ୟ ସେଠାରେ ନିର୍ମାଣ କାର୍ଯ୍ୟ ଜାରି ରହିଲା। ଧରାଲିରେ ଅନେକ ହୋଟେଲ, ଅତିଥିଶାଳା, ଢାବା ଓ କୋଠା ନିର୍ମାଣ କରାଗଲା। ପରିସ୍ଥିତି ଏପରି ହେଲା ଯେ, ପର୍ଯ୍ୟଟନ ଋତୁରେ ଧରାଲିର ଜନସଂଖ୍ୟାଠାରୁ ପର୍ଯ୍ୟଟକ ସଂଖ୍ୟା ଦ୍ୱିଗୁଣିତ ହୋଇଗଲା। ଧରାଲି ବାସିନ୍ଦାଙ୍କ ଆୟ ବୃଦ୍ଧି ଘଟିଲା ଏବଂ ରାଜ୍ୟ ରାଜକୋଷକୁ ମଧ୍ୟ ଅର୍ଥାଗମ ହେଲା।

୫୦ ଦଶକରେ ଚାଲିଚାଲି ବଦ୍ରିନାଥରେ ପହଞ୍ଚିବା ନିମନ୍ତେ ଶ୍ରଦ୍ଧାଳୁଙ୍କୁ ୪ ଦିନ ସମୟ ଲାଗିଯାଉଥିଲା। ତେବେ ୧୯୬୨ ମସିହା ଯୁଦ୍ଧ ପରେ ରାସ୍ତା ନିର୍ମାଣ, ବସସେବା ଏହି ସମୟ ସୀମାକୁ ହ୍ରାସ କରିବାରୁ ପର୍ଯ୍ୟଟକ ଆଗମନରେ ବୃଦ୍ଧି ଘଟିଥିଲା। ୬୦ ଦଶକ ସୁଦ୍ଧା ଏହି ଅଞ୍ଚଳକୁ ପର୍ଯ୍ୟଟକ ଆଗମନ ସଂଖ୍ୟା ୨ଲକ୍ଷ ପର୍ଯ୍ୟନ୍ତ ରହିଥିବା ବେଳେ ଗତବର୍ଷ ବଦ୍ରିନାଥକୁ ୧୪ ଲକ୍ଷ ଓ କେଦାରନାଥକୁ ୧୬ ଲକ୍ଷ ଶ୍ରଦ୍ଧାଳୁ / ପର୍ଯ୍ୟଟକ ଗସ୍ତ କରିଥିବା ଜଣାଯାଇଛି। ଆଉ କିଛିଦିନ ପରେ ଚାରଧାମ ରାଜପଥ ପ୍ରକଳ୍ପ ସଂପୂର୍ଣ୍ଣ ହେବ। ସେତେବେଳକୁ ପର୍ଯ୍ୟଟକ ସଂଖ୍ୟା କେତେ ବୃଦ୍ଧି ପାଇବ ଅନୁମାନ କରାଯାଇପାରେ। ଏତେସଂଖ୍ୟକ ପର୍ଯ୍ୟଟକଙ୍କୁ ବିଭିନ୍ନ ମୌଳିକ ଓ ରହଣି ସୁବିଧା ଯୋଗାଇ ଦେବା ନିମନ୍ତେ ଅବିଚାରିତ ଭାବେ ଏଠାରେ ନିର୍ମାଣ କାର୍ଯ୍ୟ ଚାରି ରହୁଛି। ନଦୀ ଶଯ୍ୟାରେ କଂକ୍ରିଟ ନିର୍ମାଣ କରାଯାଇଛି। ଗଛ କଟାଯାଉଛି। ଗାଡ଼ି ପାର୍କିଂ ନିମନ୍ତେ ନଦୀଶଯ୍ୟା ପୋତି ଦିଆଯାଉଛି। ଏଥିପାଇଁ ଡିନାମାଇଟ ଓ ଅନ୍ୟାନ୍ୟ ଭାରି ଯନ୍ତ୍ରାଂଶ ଉପଯୋଗ କରାଯାଉଛି। ଏସବୁ ଯନ୍ତ୍ର ବ୍ୟବହାର ଦ୍ୱାରା ହିମାଳୟ ପାର୍ବତ୍ୟାଞ୍ଚଳରେ କମ୍ପନ ସୃଷ୍ଟି ହେଉଛି। ଫଳରେ ଏହାର ମୂଳ ଦୋହଲି ଯାଉଛି। ନିର୍ମାଣ ସମୟରେ ବାହାରୁଥିବା ବର୍ଜ୍ୟ ଓ ପର୍ଯ୍ୟଟକଙ୍କ ଦ୍ୱାରା ସୃଷ୍ଟ କଠିନ ବର୍ଜ୍ୟକୁ ନଦୀରେ ଫିଙ୍ଗି ଦିଆଯାଉଛି। ଚାରଧାମ ରାସ୍ତା ପ୍ରକଳ୍ପ ପାଇଁ ଇତିମଧ୍ୟରେ ୫୦ ହଜାରରୁ ଅଧିକ ଗଛ କଟାଯାଇ ସାରିଲାଣି।

ବାଦଲ ଫଟା ବର୍ଷା ଯୋଗୁଁ ଧରାଲି ବିପର୍ଯ୍ୟୟ ଘଟିଲା ବୋଲି ଯାହା କୁହାଯାଉଛି ତାହାର ବିଶେଷ ସତ୍ୟତା ନାହିଁ। କାରଣ ଘଟଣା ଦିନ ଉତ୍ତରକାଶୀ ଜିଲ୍ଲାରେ ସର୍ବାଧିକ ୨୭ ମିମି ବୃଷ୍ଟିପାତ ରେକର୍ଡ କରାଯାଇଛି। ଧରାଲି ଅଞ୍ଚଳରେ ଏହାଠାରୁ କମ୍ ମାତ୍ର ୬.୫ ମିମି ବୃଷ୍ଟିପାତ ରେକର୍ଡ କରାଯାଇଛି। ଏହାକୁ ବାଦଲଫଟା ବର୍ଷା କୁହାଯାଇପାରିବ ନାହିଁ। ହିମାଳୟ ପାର୍ବତ୍ୟାଞ୍ଚଳରେ ଅନେକ ହିମସ୍ରୋତ ରହିଛି। କେଉଁଠି ତୁଷାର ହ୍ରଦ ମଧ୍ୟ ରହିଛି। ନିର୍ମାଣ ଜନିତ କମ୍ପନ କାରଣରୁ ହିମସ୍ରୋତ ବା ତୁଷାର ହ୍ରଦ ଏକପ୍ରକାର ବିସ୍ଫୋରିତ ଅବସ୍ଥାକୁ ଚାଲିଆସିଲା, ଯାହା ଧରାଲି ପାଇଁ ବିପର୍ଯ୍ୟୟ ସୃଷ୍ଟି କରିଛି। ଉପର ମୁଣ୍ଡରୁ ଆସୁଥିବା ଏହି ସ୍ରୋତର ଶକ୍ତି ଓ ଗତି ଅତ୍ୟନ୍ତ ତୀବ୍ର ରହିଥାଏ, ଯେଉଁ କାରଣରୁ ଧରାଲି ଏକ ବାଲିଘର ପରି ଭୁଶୁଡ଼ି ପଡ଼ିଲା। ଧରାଲି ପୂର୍ବରୁ ୧୯୭୮, ୧୯୮୪, ୨୦୦୩, ୨୦୧୦, ୨୦୧୨ ଓ ୨୦୧୮ ମସିହାରେ ଅତ୍ୟଧିକ ବୃଷ୍ଟିପାତ, ବନ୍ୟା, ବାଦଲଫଟା ବର୍ଷା ଆଦି ଦେଖିଛି। କିନ୍ତୁ ଏହି ବିପର୍ଯ୍ୟୟ ମଧ୍ୟରେ କାହାରି ପ୍ରାଣହାନି ଘଟି ନ ଥିଲା। ପ୍ରଥମ ଥର ପାଇଁ ଧରାଲିରେ ପ୍ରାଣହାନି ଘଟିବା ସହ ଏହି ଜନବସତି ସଂପୂର୍ଣ୍ଣ ନିଶ୍ଚିହ୍ନ ହୋଇଗଲା।

ପରିବେଶ ଦୃଷ୍ଟିରୁ ଦେଖିବାକୁ ଗଲେ ହିମାଳୟର ଜୈବ ବିବିଧତା ଅତି ସମ୍ବେଦନଶୀଳ। ହିମାଳୟ କନିଷ୍ଠ ପର୍ବତମାଳା ଭାବେ ବିବେଚିତ। ଭାରତ ଓ ୟୁରେସିଆର ଦୁଇଟି ବଡ଼ ଭୂଖଣ୍ଡର ଚଳନ ଓ ଧକ୍କା ଦ୍ୱାରା ପ୍ରାୟ ମାତ୍ର ୫୦ ନିୟୁତ ବର୍ଷ ପୂର୍ବେ ହିମାଳୟ ପର୍ବତମାଳାର ସୃଷ୍ଟି ହୋଇଥିବାରୁ ଏହାର ଭୂସ୍ତର ଏବେ ମଧ୍ୟ ନମନୀୟ ଓ ଭଙ୍ଗୁର। ଏହି ପରିସ୍ଥିତିରେ ମନୁଷ୍ୟକୃତ କାର୍ଯ୍ୟକଳାପ ହିମାଳୟ ଅଞ୍ଚଳ ପାଇଁ ଅଧିକ ବିପର୍ଯ୍ୟୟ ସୃଷ୍ଟି କରୁଛି। ହିମାଳୟ ପାର୍ବତ୍ୟମାଳା ଅନ୍ତର୍ଗତ ଯୋଶୀମଠ ଅଞ୍ଚଳଟି ୨୦୨୩ ମସିହାରେ ଦବିଗଲା। କାରଣ ଅନୁଧ୍ୟାନ ପାଇଁ ୧୯୬୪ ମସିହାରେ ଘରୱାଲ ଜିଲ୍ଲାପାଳଙ୍କ ଦ୍ୱାରା ଗଠିତ ୧୮ ସଦସ୍ୟ ବିଶିଷ୍ଟ କମିଟି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଥିଲେ ଯେ, ଯୋଶୀମଠ ଅଞ୍ଚଳ ଏକ ପୁରାତନ ଭୂସ୍ଖଳନ ଅଞ୍ଚଳରେ ଅବସ୍ଥିତ। ଏହାମଧ୍ୟରେ ଜଳବାୟୁ ପରିବର୍ତ୍ତନରେ ସମଗ୍ର ବିଶ୍ୱ ସହ ହିମାଳୟ ମଧ୍ୟ ପ୍ରଭାବିତ ହେଉଛି। ଏଥିସହ ମନୁଷ୍ୟକୃତ ହସ୍ତକ୍ଷେପ ହିମାଳୟର ଦୁର୍ଦ୍ଦିନକୁ ଦ୍ୱିଗୁଣିତ କରିଛି। ଯୋଶୀମଠ ଓ ତପୋବନ ଅଞ୍ଚଳରେ ଏକାଧିକ ଜଳବିଦ୍ୟୁତ ପ୍ରକଳ୍ପକୁ ମଞ୍ଜୁରୀ ଦିଆ ଯିବା ପ୍ରସଙ୍ଗରେ ସ୍ଥାନୀୟ ବାସିନ୍ଦା ଓ ପରିବେଶବିତ୍ ପ୍ରତିବାଦ କରିଥିଲେ ମଧ୍ୟ ସେଥିପ୍ରତି କର୍ଣ୍ଣପାତ କରାଗଲା ନାହିଁ। ବିସ୍ଫୋରଣ ଦ୍ୱାରା ପାହାଡ଼ ଫଟାଯାଇ ଟନେଲ ନିର୍ମାଣ କରାଯାଉଛି। ଏହାଦ୍ୱାରା ସ୍ଥାନୀୟ ଭୂସ୍ତରରେ କମ୍ପନ ସୃଷ୍ଟି ହେବା ସହ ଚାପ ବୃଦ୍ଧି ପାଉଛି। ଜଳଧାରଣ କରୁଥିବା ଭୂସ୍ତରରେ ରନ୍ଧ୍ର ସୃଷ୍ଟି ହେଉଛି। ଫଳରେ ବିଭିନ୍ନ ସମୟରେ ଚାପ ଯୋଗୁଁ ନିମ୍ନ ଜଳ ଫୁଟି ବାହାରି ବନ୍ୟା ପରି ସମସ୍ୟା ସୃଷ୍ଟି କରୁଛି।

କେରଳର ୱାୟନାଡ଼ରେ ୨୦୨୪ ମସିହା ଜୁଲାଇ ୩୧ ତାରିଖରେ ଭୟଙ୍କର ଭୂସ୍ଖଳନ ଘଟି ଶତାଧିକ ବ୍ୟକ୍ତିଙ୍କର ପ୍ରାଣହାନି ଘଟିଲା। ଅତ୍ୟଧିକ ବର୍ଷା ଯୋଗୁଁ ଏହି ଭୂସ୍ଖଳନ ଘଟିଥିବା କୁହାଗଲା। କିନ୍ତୁ କେବଳ ବର୍ଷାକୁ ଏଥିପାଇଁ ଦାୟୀ କରାଯାଇ ପାରିବ ନାହିଁ। ସେଠାରେ ରାସ୍ତା ନିର୍ମାଣଠାରୁ ଆରମ୍ଭ କରି ଜଳବିଦ୍ୟୁତ ପ୍ରକଳ୍ପ ଓ ଖଣି ଖନନ କାର୍ଯ୍ୟ ଜାରି ରହିଛି। ପଶ୍ଚିମଘାଟ ପର୍ବତମାଳା ସୁରକ୍ଷା ପାଇଁ ପ୍ରସ୍ତାବ ଦେବାକୁ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ୨୦୧୦ ମସିହାରେ ଏକ କମିଟି ଗଠନ କରାଯାଇଥିଲା। ବିଶିଷ୍ଟ ପରିବେଶବିତ୍ ତଥା ପଶ୍ଚିମଘାଟ ପର୍ବତମାଳା ବିଶେଷଜ୍ଞ ଭାବେ ପରିଚିତ ମାଧବ ଗାଡ଼ଗିଲ ଏହି କମିଟିର ନେତୃତ୍ୱ ନେଇ ୫ଟି ଚିଠା ପ୍ରସ୍ତବ ସରକାରଙ୍କୁ ପ୍ରଦାନ କରିଥିଲେ। ଏଥିରେ ପରିବେଶ ସମ୍ବେଦନଶୀଳ ଅଞ୍ଚଳ ଚିହ୍ନଟଠାରୁ ଆରମ୍ଭ କରି କେଉଁ ଅଞ୍ଚଳରେ କିପ୍ରକାର ବିକାଶମୂଳକ କାର୍ଯ୍ୟ କରାଯିବ, କେଉଁ କାର୍ଯ୍ୟ ସଂପୂର୍ଣ୍ଣ ନିଷେଧ କରାଯିବ ଏବଂ କେଉଁଟି ନିୟନ୍ତ୍ରିତ ଭାବେ କରାଯିବ ତାହା ଉଲ୍ଲେଖ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟ ପ୍ରସ୍ତାବ ୨୦୧୪ ମସିହାରେ ସରକାରଙ୍କୁ ଦିଆଯାଇଥିଲା। ତାହାର କାର୍ଯ୍ୟକାରିତା ଫାଇଲ ମଧ୍ୟରେ ହଜିଯାଇଛି। ଧରାଲି, ଯୋଶୀମଠ, ୱାୟନାଡ଼ କିମ୍ବା କୋରାପୁଟ ହେଉ, ବିକାଶମୂଳକ କାର୍ଯ୍ୟ ଓ ଭିତ୍ତିଭୂମି ସୃଷ୍ଟି ନିକଟରେ ପରିବେଶ ସୁରକ୍ଷା ହାର ମାନିଯାଇଛି, ଯାହାର ପରିଣାମ ମଣିଷକୁ ହିଁ ଭୋଗିବାକୁ ପଡୁଛି ଓ ପଡ଼ିବ।

ସୁଖ, ସ୍ୱାଚ୍ଛନ୍ଦ୍ୟ, ଆମୋଦପ୍ରମୋଦ ଓ ବିଳାସବ୍ୟସନରେ ରହିବାକୁ ଚାହୁଁଥିବା ମଣିଷ ପ୍ରକୃତି ବିନିମୟରେ ସବୁକିଛି କରିବା ପାଇଁ ଚାହୁଁଛି। ଅପରପକ୍ଷରେ ପ୍ରକୃତି ପ୍ରତି ଅବିଚାରିତ ନିର୍ଯାତନା ଧରିତ୍ରୀ ବେଶୀ କାଳ ସହ୍ୟ କରିପାରିବ ନାହିଁ ବୋଲି ଯେଉଁ ବାର୍ତ୍ତା ଦେଉଛି ତାହା ପୁଣି ଥରେ ଧରାଲିରେ ପ୍ରତିଧ୍ୱନିତ ହୋଇଛି। ଏଇଠି ମନେପଡ଼େ ସନ୍ଥ ହାଡ଼ିଦାସ ଲେଖିଥିବା ମାଳିକାର କିଛି ଅଂଶ। ତାହା ହେଲା - 'ହିମାଳୟ ଗିରି ଫାଟିଲୋ ବଉଳ, ଦୋହଲି ଯିବ କଲିଜା; କଳାପାହାଡ଼ ଯେ ଦେଶରେ ବୁଲିବେ, ବଜାଇ ବିବିଧ ବାଜା।'●

(ବରିଷ୍ଠ ସାମ୍ବାଦିକ)

କଟକ, ମୋ: ୯୪୩୭୨୨୯୨୩୩

# ଡିଜିଟାଲ୍ ଯୁଗରେ ରେଡିଓର ପ୍ରାସଙ୍ଗିକତା

ଡକ୍ଟର ଅଭିମନ୍ୟୁ ବରାଳ

ସ୍ୱାଧୀନତା ପରବର୍ତ୍ତୀ କାଳରେ ଏକ ପ୍ରକୃଷ୍ଟ ଗଣମାଧ୍ୟମ ଭାବରେ ରେଡିଓ ବେଶ ପ୍ରଭାବ ବିସ୍ତାର କରିଥିଲା। ଓଡ଼ିଶାର ବିଭିନ୍ନ ଲୋକସଂଗୀତ ବା ଲୋକକଳାର ପ୍ରଚାର ପ୍ରସାରରୁ ଆରମ୍ଭ କରି କୃଷି ସଂପର୍କିତ ସୂଚନା, ଉପଦେଶ ଓ ଦିଗ୍‌ଦର୍ଶନ ଏବଂ ପ୍ରାକୃତିକ ବିପର୍ଯ୍ୟୟ ଓ ପାଣିପାଗ ପୂର୍ବସୂଚନା; ନିଯୁକ୍ତି ସୂଚନା; ଅନ୍ତର୍ଜାତୀୟ, ଜାତୀୟ ଓ ଆଞ୍ଚଳିକ ଖବର ପ୍ରସାରଣ, ମନୋରଞ୍ଜନ ପାଇଁ ରେଡିଓ ହିଁ ମାଧ୍ୟମ ଥିଲା।

ପ୍ରଖ୍ୟାତ ବୈଜ୍ଞାନିକ ହେନେରିକ୍ ରୁଡୋଲ୍ଡ ଜର୍ଜଙ୍କ ବୈଦ୍ୟୁତିକ ଚୁମ୍ବକୀୟ ତରଙ୍ଗ ୧୮୮୬ ରୁ ୧୮୮୮ ମଧ୍ୟରେ ପରୀକ୍ଷଣ ହୋଇଥିଲା। ୧୯୦୧ ମସିହାରେ ଇଟାଲିର ବୈଜ୍ଞାନିକ ଜି.ମାର୍କୋନୀଙ୍କ ଉଦ୍ୟମରେ ଗଢ଼ା ହୋଇଥିବା ଯନ୍ତ୍ର ଦ୍ୱାରା ବେତାର ବାର୍ତ୍ତା ପ୍ରେରଣ କରାଯାଇଥିଲା। ସେହିଠାରୁ ହିଁ ରେଡିଓର ଜନ୍ମ। ବୈଜ୍ଞାନିକ ମାର୍କୋନୀ ରେଡିଓର ଜନକ। ୧୮୦୬ ମସିହାରେ ପ୍ରଥମେ ଜେନିନାଲଫେସେଡେନ୍‌ଙ୍କ ଦ୍ୱାରା ମଣିଷର ସ୍ୱର ରେଡିଓ ଦ୍ୱାରା ପ୍ରସାରିତ ହୋଇଥିଲା। ଆମ ଭାରତରେ ସର୍ବପ୍ରଥମେ ୧୯୨୩ ମସିହାରେ 'ରେଡିଓ କ୍ଲବ୍ ଅଫ୍ ବମ୍ବେ' ନାମରେ ରେଡିଓ ପ୍ରବେଶ କଲା। ୧୯୩୬ ମସିହାରେ 'ଅଲ୍ ଇଣ୍ଡିଆ ରେଡିଓ' ଏବଂ ୧୯୫୬ ମସିହାରେ 'ଆକାଶବାଣୀ' ଭାବେ ଜନମାନସରେ ରେଡିଓ ଆଦୃତି ଲାଭ କଲା। ଆମ କଟକ ଆକାଶବାଣୀ ୧୯୪୮ ମସିହା ଜାନୁଆରୀ ୨୮ ତାରିଖରେ ପ୍ରତିଷ୍ଠା ହେଲା।

ପୂର୍ବରୁ ସରକାରଙ୍କ ଦ୍ୱାରା କ୍ଲବ, ପାଠାଗାର ଓ ସ୍କୁଲ ପ୍ରଭୃତିକୁ ରେଡିଓ ଯୋଗାଇ ଦିଆଯାଇଥିଲା। ଦୁଇଟା ବାଉଁଶରେ ଆଣ୍ଟିନା ବାନ୍ଧି କାହାଳି ଲଗାଯାଇ ସେ ରେଡିଓ କହୁଥିଲା। ଏପରିକି ରେଡିଓ ଶୁଣିବା ପାଇଁ ଲୋକମାନେ ସନ୍ଧ୍ୟା ବେଳେ ୨/୩ କି.ମି ବାଟ ଚାଲି ଚାଲି ଯାଉଥିଲେ। ଇତିମଧ୍ୟରେ ରେଡିଓର ବିବର୍ତ୍ତନ ଧାରା ପ୍ରଯୁକ୍ତି ବିଦ୍ୟାର ପ୍ରଭାବରେ ବେଶ୍ ଅଗ୍ରସର ହୋଇଛି। ଆକାଶବାଣୀ ବା ଅଲ୍ ଇଣ୍ଡିଆ ରେଡିଓ ସହିତ ଏବେ ଗୋଷ୍ଠୀ ବେତାର କେନ୍ଦ୍ର, ବାଣିଜ୍ୟିକ ରେଡିଓ, କମ୍ୟୁନିଟି ରେଡିଓ, ଡିଜିଟାଲ ରେଡିଓ ଆଦି ବହୁ ଶାଖାରେ ବିଭକ୍ତ ହୋଇଛି। ଏବେ ରେଡିଓ ଖୁବ୍ ନିକଟତର ହୋଇ ଯାଇଛି। ନିଜ ମୋବାଇଲ୍ ଫୋନରେ ମଧ୍ୟ ରେଡିଓର ସୁବିଧା ରହିଛି। ପୁନଶ୍ଚ ସରକାର ବିଭିନ୍ନ ବେସରକାରୀ ସଂସ୍ଥାକୁ ରେଡିଓ ଖୋଲିବାକୁ ଅନୁମତି ଦେଇଛନ୍ତି। କିନ୍ତୁ ରେଡିଓର ବ୍ୟବହାର ଓ ଆଦୃତି କମିଯାଇଛି।

ରେଡିଓ ଭାଗ୍ୟାକାଶରେ ସେହିଦିନ ଅମା ଅନ୍ଧକାର ଘୋଟି ଗଲା, ଯେଉଁଦିନ ଟେଲିଭିଜନ ସମାଜରେ ପ୍ରବେଶ କଲା। ଟେଲିଭିଜନ ଏକ ଦୃଶ୍ୟ ଗଣମାଧ୍ୟମ ହୋଇଥିବାରୁ ତା'ର ପ୍ରଭାବ ସମାଜ ଉପରେ ବିଶେଷ ଭାବରେ ପଡ଼ିଲା। ରେଡିଓର ଶ୍ରୋତାମାନେ ଟେଲିଭିଜନର ଦର୍ଶକ ସାଜିଲେ। ଘରେ ବସି ସିନେମା ଦେଖିବା ପରି ଅନୁଭୂତି ହେଲା। କିନ୍ତୁ ବେଳେ ବେଳେ ଟିଭିର ବିଜ୍ଞାପନରେ କେତେ ଅଶାଳୀନ ଚିତ୍ର ଏବଂ ଧାରାବାହିକରେ କେତେକ ଦୋଷତ୍ରୁଟି ପ୍ରସାରିତ ହୁଏ, ଯାହା ସମାଜ ଉପରେ କୁପ୍ରଭାବ ପକାଇ ଥାଏ। ଟିଭିରେ ଯେ ଖାଲି ଖରାପ କଥା ଅଛି, ଭଲ କଥା ନାହିଁ, ତା' ନୁହେଁ। କିନ୍ତୁ ଖରାପ କଥାରେ ଯୁବକମାନେ ଶୀଘ୍ର ପ୍ରଭାବିତ ହେଉଛନ୍ତି।

ବର୍ତ୍ତମାନ ଦେଖା ଯାଉଛି କୌଣସି ପ୍ରତିଷ୍ଠିତ କଂପାନୀର ରେଡିଓ ଦୋକାନ ବଜାରରେ ପ୍ରାୟ ନାହିଁ। କାଁଭାଁ ଗୋଟାଏ ରେଡିଓ କେଉଁଠାରେ ଖୋଜିଲେ ମିଳୁଛି ନଚେତ ନାହିଁ। ରେଡିଓ ଟିଏ ଖରାପ ହେଲେ ତାକୁ ମରାମତି କରିବାକୁ କାରିଗର ନାହାନ୍ତି। ବର୍ତ୍ତମାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ମନକି ବାତ' ଯଦି ରେଡିଓରେ ପ୍ରସାରିତ ହେଉ ନଥା'ନ୍ତା, ତେବେ ରେଡିଓ କେବେଠାରୁ ତା'ର ଅସ୍ତିତ୍ୱ ହରାଇ ଲୁପ୍ତ ହୋଇ ଯାଆନ୍ତାଣି।

ଟେଲିଭିଜନ୍ ଓ ମୋବାଇଲ୍ ଫୋନ୍ ଯୁଗରେ ତଥାପି ରେଡିଓ ଧୈର୍ଯ୍ୟ ହରାଇନାହିଁ। ଆକାଶବାଣୀ ଓଡ଼ିଶାର ଦୁର୍ଗମ ଆଦିମ ଜନଜାତି ଅଧ୍ୟୁଷିତ ଅଞ୍ଚଳକୁ ସେମାନଙ୍କ ଜୀବନଶୈଳୀ, ଦିନଚର୍ଯ୍ୟା ଓ ସାଂସ୍କୃତିକ ଜୀବନଧାରାକୁ ଲୋକଲୋଚନକୁ ଆଣୁଛି। ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ବିଷୟରେ ସେମାନଙ୍କୁ ସଚେତନ କରିବା ସହିତ ଏକ ଏକ ରେଡିଓ ସେଟ ସରକାର ସେମାନଙ୍କୁ ଦେଇ ଆଗ୍ରହ ଦ୍ୱିଗୁଣିତ କରିଛନ୍ତି। ଶ୍ରୋତାମାନଙ୍କର ରୁଚି ଅନୁସାରେ ରେଡିଓ ବର୍ତ୍ତମାନ ଆଧୁନିକ ଶୈଳୀରେ ବହୁତ କାର୍ଯ୍ୟକ୍ରମ ପ୍ରସାରଣ କରୁଛି। ଗୋଷ୍ଠୀ ବେତାର କେନ୍ଦ୍ର ସଂପୃକ୍ତ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ ଓ ସାଂସ୍କୃତିକ ଦୃଶ୍ୟପଟ୍ଟର ମଧୁର ପରିବେଷଣ କରୁଛି। ଯୁବ ଗୋଷ୍ଠୀଙ୍କ ମନକୁ ଛୁଇଁଲା ଭଳି ତଥା ଆଧୁନିକ ଶୈଳୀରେ ବାଣିଜ୍ୟିକ ଓ ଡିଜିଟାଲ ରେଡିଓରେ କାର୍ଯ୍ୟକ୍ରମମାନ ପ୍ରସାରଣ ହେଉଛି। ଅବଶ୍ୟ ରେଡିଓ ଶୁଣୁଥିବା ଶ୍ରୋତାମାନଙ୍କ ସଂଖ୍ୟା ବହୁତ କମ ହେଲେ ମଧ୍ୟ ରେଡିଓର ସ୍ଥାନ ଏ ସମସ୍ତ ବିକଳ୍ପଠାରୁ ସ୍ୱତନ୍ତ୍ର ଓ ଭିନ୍ନ। କାରଣ ରେଡିଓ ଆମକୁ ଭେଟି ଦେଉଥିବା କାର୍ଯ୍ୟକ୍ରମଗୁଡ଼ିକ ଅନ୍ୟମାଧ୍ୟମରେ ମିଳିପାରିବ ନାହିଁ। ଏବେ ମଧ୍ୟ ରେଡିଓରେ ପ୍ରଚାର ହେଉଥିବା କାର୍ଯ୍ୟକ୍ରମଗୁଡ଼ିକରେ ଆମ ସଂସ୍କୃତି ଓ ପରମ୍ପରାର ପୁରୁଣା ସୁଗନ୍ଧ ସ୍ପଷ୍ଟ ପ୍ରତୀତ ହୁଏ।

ଏବେ ସମୟ ଆସିଛି, ଲୋକମାନଙ୍କ ମନୋଭାବକୁ ଆକର୍ଷିତ କରିବା ପାଇଁ। ଆମର ରାମାୟଣ, ଭାଗବତ, ଓଡ଼ିଶୀ, ଚମ୍ପୁ, ଛାନ୍ଦ ଆଦିକୁ ଆମେ ଆଉ କ୍ରମାନ୍ୱୟରେ କେଉଁଠାରୁ ଶୁଣିପାରିବା? ନିୟମିତ ଭାବରେ ରେଡିଓ ଶୁଣି ଅନେକ ବ୍ୟକ୍ତି କବି, ଗୀତିକାର ତଥା ନାଟ୍ୟକାର ହୋଇପାରିଛନ୍ତି। କଥା କହିବାର ଶୈଳୀ ମଧ୍ୟ ସେମାନେ ଶିଖିଛନ୍ତି ଆକାଶବାଣୀରୁ। ମୁଁ ନିଜେ ମଧ୍ୟ ରେଡିଓ ଦ୍ୱାରା ବିଶେଷ ପ୍ରଭାବିତ ଓ ଉପକୃତ। ଏବେ ବି ରେଡିଓ ପାଖରେ ଜନମାନସରେ ନବଜାଗରଣ ସୃଷ୍ଟି କରିବାର କ୍ଷମତା ଓ ଦକ୍ଷତା ରହିଛି। ଭାରତ ମାତା ଏହାକୁ ଦୀର୍ଘସ୍ଥାୟୀ କରନ୍ତୁ।●

ସାକ୍ଷୀଗୋପାଳ, ମୋ: ୯୯୩୭୮୩୫୨୩୦

# ଓଡ଼ିଶାର ରାଜନୈତିକ ବିବେକ: ଗୋଦାବରୀଶ ମହାପାତ୍ର

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ସାହିତ୍ୟ ସରିତ୍

ରାଜନୀତିର ନୈତିକ ବିବେକ ସାହିତ୍ୟରେ କିପରି ଝଙ୍କୃତ ହୋଇଉଠେ ତାହାର ଏକ ଶ୍ରେଷ୍ଠ ଦୃଷ୍ଟାନ୍ତ ହେଉଛନ୍ତି ସତ୍ୟବାଦୀ ଆଦର୍ଶ-ନିର୍ମିତ ସାହିତ୍ୟ ସାଧକ ଗୋଦାବରୀଶ ମହାପାତ୍ର। ତାଙ୍କୁ ସ୍ମରଣ କରିବା ମାତ୍ରକେ 'ନିଆଁଖୁଣ୍ଟା'ର ଉତ୍ତାପ ଆଜି ବି ଅନୈତିକ ରାଜନୀତି ଦ୍ୱାରା ସାମାଜିକ ପରିବେଶକୁ କଳୁଷିତ କରୁଥିବା ନେତୃମଣ୍ଡଳୀଙ୍କୁ ସଚେତନ କରିଦିଏ। ସମାଜର ସେ ଥିଲେ ଚିରଜାଗ୍ରତ ପ୍ରହରୀ। ଯେଉଁମାନେ ନିଜ କର୍ତ୍ତବ୍ୟ ପ୍ରତି ଉଦାସୀନ, ଅନୈତିକ କାର୍ଯ୍ୟକଳାପରେ ଜଡ଼ିତ, କ୍ଷମତା ଓ ପଦପଦବୀ-ମୋହାଚ୍ଛନ୍ନ, ସଂକୀର୍ଣ୍ଣ ସ୍ୱାର୍ଥ ସାଧନରେ ନିମଗ୍ନ, ଶାଳୀନତା-ଶୂନ୍ୟ ଆଚରଣ ପ୍ରଦର୍ଶନରେ ସଂକୋଚ-ରହିତ, ରାଜନୀତି, ସାହିତ୍ୟ ବା ସମାଜସେବା କ୍ଷେତ୍ରରେ ଛଦ୍ମତାଯୁକ୍ତ, ସେମାନେ ହେଉଥିଲେ ଗୋଦାବରୀଶଙ୍କ ନିଶାଣ।

ସୁପ୍ତ, ଅଚେତନ, ନିଷ୍କ୍ରିୟ, ନିଷ୍ପ୍ରାଣ ଓଡ଼ିଆ ଜାତିକୁ ଜାଗ୍ରତ କରିବା ଉଦ୍ଦେଶ୍ୟରେ ସେ ଯେଉଁ 'ଉଠକଙ୍କାଳ'କବିତା ରଚନା କରିଥିଲେ ତାହା ପ୍ରତିଟି ଯୁଗ ପାଇଁ ଦେଇପାରେ ଯେକୌଣସି ଜାତିକୁ ଦୃପ୍ତ ଆହ୍ୱାନ। 'ଉଠ କଙ୍କାଳ ଛିଡ୍ଡୁ ଶୃଙ୍ଖଳ ଜାଗ ଦୁର୍ବଳ ଆଜି / ଉଠୁ ଗତ ଗୌରବ ହୃତ ଗୌରବ ମୃତ ଗୌରବ ରାଜି।' ବିଶିଷ୍ଟ ଅସ୍ତିତ୍ୱବାଦୀ ଦାର୍ଶନିକ ଓ ସାହିତ୍ୟଶିଳ୍ପୀ ଜାଁ ପଲ ସାର୍ତ୍ତ କହିଥିଲେ- 'କଲମ ଧରିବା ଅର୍ଥ ହେଲା ଆପଣାର ସ୍ୱାଧୀନତା ଘୋଷଣା କରିବା।' ଜଣେ ସଚ୍ଚୋଟ କବିର ଲେଖନୀ ହୋଇପାରେ କେତେ ସ୍ୱାଧୀନ, ଅକୁତୋଭୟ, ସତ୍ୟ ଉଚ୍ଚାରଣରେ ଏକନିଷ୍ଠ, ତାହା ଗୋଦାବରୀଶଙ୍କ 'ହେ ମୋର କଲମ' କବିତାରେ ରୂପାୟିତ, ଯାହା ତାଙ୍କର ଶ୍ରେଷ୍ଠ କାବ୍ୟାଦର୍ଶର ବଳିଷ୍ଠ ସ୍ୱାକ୍ଷର। ଆଉ ସମସ୍ତ କବି, ଲେଖକ ସାମ୍ବାଦିକଙ୍କ ପାଇଁ ଅବ୍ୟର୍ଥ ଅସ୍ତ୍ର। ସେଥିରୁ ଗୋଟିଏ ପଦ ଉଦ୍ଧାର କରିବା ଦ୍ୱାରା ଏହା ଯେ କେହି ଅନୁଭବ କରିପାରିବେ ପ୍ରାଣବନ୍ତ ଭାବରେ। 'ତୁମେ ତ ଭୁଲିନ ଛଳନାରେ କେବେ ଥକିନ ଗୁଣ୍ଡାମିରେ, ପେଷଣ, ଶୋଷଣ, ଦୂଷଣ ଦେଇଚ ଆଡ଼େଇ ଏକଇ ଗାରେ/ ଛେଦନ କରିଚ ବନ୍ଧନ ଯେତେ ଅନ୍ଧେ ଦେଇଚ ଆଖି, କାଳ ବକ୍ଷରେ ମହାଅକ୍ଷରେ ପଦେ ପଦେ ଲେଖି ଲେଖି।'

ସାହିତ୍ୟର ବିଭିନ୍ନ ବିଭାଗରେ ସେ ପ୍ରାୟ ଅର୍ଦ୍ଧଶତାବ୍ଦୀ ଧରି ନିରବଚ୍ଛିନ୍ନ ଭାବରେ ଅକ୍ଲାନ୍ତ ଲେଖନୀ ଚାଳନା କରିଛନ୍ତି। 'ନିଆଁଖୁଣ୍ଟା'ରୁ ଏକ ଛୋଟ ଦୃଷ୍ଟାନ୍ତ ନିଆଯାଉ। 'କୌତୁକ ଆସେମବ୍ଲି'ର ଗୋଟିଏ ଧାଡ଼ି ହେଲା 'ଇନ୍ସପେକ୍ଟର ମିଶ୍ରଙ୍କୁ ବୟସ ହେଲେ ମଧ୍ୟ ସେ କାହିଁକି ଟୋକା ପରି ଦେଖା ଯାଉଛନ୍ତି ସରକାର ଅନୁସନ୍ଧାନ କରିଛନ୍ତି କି?'। 'ଏବେ ମଧ୍ୟ ବଞ୍ଚିଛି', 'ନୀଳ ମାଷ୍ଟ୍ରାଣୀ', 'ମୁଁ ଦିନେ ମନ୍ତ୍ରୀ ଥିଲି' ଆଦି ଗଳ୍ପ ସଂକଳନରେ ତାଙ୍କ ଜାତୀୟତାବାଦୀ, ମାନବିକତା-ସମୃଦ୍ଧ ଭାବାବେଗ କଳାତ୍ମକ ଶୈଳୀରେ ବିନ୍ୟସ୍ତ। 'ରାଜଦ୍ରୋହୀ', 'ରକ୍ତପାତ', 'ବିଦ୍ରୋହୀ', 'ବନ୍ଦୀର ମାୟା', 'ବୀର ଯୁବକ' ଆଦି ଉପନ୍ୟାସ ମଧ୍ୟରେ ତାଙ୍କ ଉଚ୍ଚକୋଟୀର ଶୈଳ୍ପିକ ମହନୀୟତାକୁ ଯୁଗ ଯୁଗାନ୍ତର ବ୍ୟାପୀ ଏ ଜାତି ସ୍ମରଣ କରୁଥିବ ନିଶ୍ଚୟ।

'ଆଶା', 'ଉତ୍କଳ ହିତୈଷିଣୀ', 'ସମାଜ', 'ଲୋକମୁଖ, 'ପୁରୀବାସୀ' ଆଦି ସମ୍ବାଦପତ୍ରରେ କାର୍ଯ୍ୟ କରି ସେ ଆହରଣ କରିଥିଲେ ଅମାପ ଅଭିଜ୍ଞତା। ତାଙ୍କ ସାଧନାପୁତ ଜୀବନର କେତୋଟି ଦିଗ ମଧ୍ୟରେ ଅନ୍ତର୍ଗୁମ୍ଫିତ ହୋଇରହିଛି ସକଳ ବିଶେଷତ୍ୱ। ତାହା ହେଲା ସତ୍ୟବାଦୀ ବନବିଦ୍ୟାଳୟର ବିନୀତ ଛାତ୍ର ଭାବରେ ମହାନ ଶିକ୍ଷାଦାତାମାନଙ୍କ ଆଦର୍ଶରେ ଉଦବୁଦ୍ଧ ହେବା, ସ୍ୱାଧୀନତା ସଂଗ୍ରାମରେ ନିଜକୁ ଆହୂତି ଦେବା, ସ୍ୱାଧୀନ ଭାବରେ ଲେଖନୀ ଚାଳନା କରି ଜୀବିକା ନିର୍ବାହ, ସରସ ବ୍ୟଙ୍ଗ ବିଦ୍ରୂପରେ ହୃଦୟଗ୍ରାହୀ ତୀକ୍ଷଣ ସମାଲୋଚନା କରିବାରେ ସମଗ୍ର ଭାରତବର୍ଷରେ ଅଦ୍ୱିତୀୟ ଉଦାହରଣ ସୃଷ୍ଟି। କାହା ପ୍ରତି ବ୍ୟକ୍ତିଗତ ବିଦ୍ୱେଷ ରଖି ସେ ବ୍ୟଙ୍ଗର ଶର ସନ୍ଧାନ କରୁ ନ ଥିଲେ। ଯାହା ସମାଜ ପାଇଁ ହିତକର ଓ ବ୍ୟଙ୍ଗର ଶରବ୍ୟ ହୋଇଥିବା ବ୍ୟକ୍ତିଙ୍କ ପାଇଁ ମଧ୍ୟ ଯାହା ଆମୋଦଦାୟକ ହୋଇପାରେ ସେପରି ସକାରାତ୍ମକ, ଚେତନା ଉତ୍ପନ୍ନ-କ୍ଷମ, ହାସ୍ୟରସ ଉଦ୍ରେକକାରୀ ରଚନା ଦ୍ୱାରା ସେ ଓଡ଼ିଆ ସାହିତ୍ୟକୁ ଏକ ଭିନ୍ନ ଶକ୍ତି ତଥା ସୌକୁମାର୍ଯ୍ୟ ପ୍ରଦାନ କରିପାରିଛନ୍ତି। 'କଣ୍ଟା ଓ ଫୁଲ', 'ବଙ୍କା ଓ ସିଧା'ଦୁଇଟି କବିତା ଗ୍ରନ୍ଥ ପାଇଁ ସେ ରାଜ୍ୟ ଓ ଜାତୀୟସ୍ତରରେ ଲାଭ କରିଛନ୍ତି ଏକାଡେମୀ ପୁରସ୍କାର।

ସତ୍ୟ କହିବା ଓ ତାହାକୁ ପୁଣି ରସାଣିତ କରି ଉପସ୍ଥାପନ କରିବା ଦ୍ୱାରା ଓଡ଼ିଶାର ରାଜନୈତିକ ପରିମଣ୍ଡଳରେ ସେ ଯେଉଁ ସଂସ୍କାର ଆଣିବାର ଆନ୍ତରିକ ପ୍ରୟାସ କରିଛନ୍ତି, ସେ ଦୃଷ୍ଟିରୁ ତାଙ୍କୁ ରାଜନୈତିକ ଚେତନାର ବିବେକ ବୋଲି ଅଭିହିତ କରିବା ସମ୍ପୂର୍ଣ୍ଣ ଯଥାର୍ଥ।●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଏଣିକି ଦୁଇଟି...

ପରିବହନ ଗାଡ଼ିଗୁଡିକୁ ୧୮ ପ୍ରତିଶତ ସ୍ଲାବରେ ରଖାଯାଇଛି। ବ୍ୟାଟେରି ଚାଳିତ ଗାଡ଼ିର ହାର ପୂର୍ବବତ୍ ୫ ପ୍ରତିଶତ ରହିଛି।

କେଶ ତେଲ, ଶାମ୍ପୁ, ଟୁଥପେଷ୍ଟ, ଟଏଲେଟ ସୋପ୍ ବାର୍, ବ୍ରସ୍, ସେଭିଂ କ୍ରିମ୍, ଘିଅ, ଲହୁଣୀ, ପ୍ୟାକେଜ୍ଡ ନମ୍‌କିନ, ଭୁଜିଆ, ମିକ୍ସ, ବାସନକୁସନ, ଫିଡିଂ ବଟଲ, ଶିଶୁଙ୍କ ନାପ୍‌କିନ୍, ସିଲେଇ ମେସିନ ଓ ଏହାର ଯନ୍ତ୍ରାଂଶଙ୍କୁ ୫ ପ୍ରତିଶତ ସ୍ଲାବ୍‌ରେ ରଖାଯାଇଛି।

ସେହିପରି ଥର୍ମୋମିଟର, ମେଡିକାଲ ଗ୍ରେଡ ଅକ୍ସିଜେନ, ସବୁ ପ୍ରକାରର ଡାଇଗ୍ନୋଷ୍ଟିକ୍ସ, ଗ୍ଲୁକୋମିଟର ଆଦିକୁ ୫ ପ୍ରତିଶତ ସ୍ଲାବରେ ରଖାଯାଇଛି। କୃଷି ଯନ୍ତ୍ରପାତିକୁ ୫ ପ୍ରତିଶତ ସ୍ଲାବ୍‌ରେ ରଖାଯାଇଛି। ଏହା ବ୍ୟତୀତ ଏସି, ୩୨ ଇଞ୍ଚରୁ ବଡ଼ ଏଲଇଡି ଓ ଏଲସିଡି ଟିଭି, ମନିଟର ଏବଂ ପ୍ରୋଜେକ୍ଟର୍ସ, ଡିସ୍ ୱାସିଂ ମେସିନ ଭଳି ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀ ଉପରେ ୧୮ ପ୍ରତିଶତ ଟିକସ ଲଗାଯାଇଛି।

ଏହା ସହିତ ବ୍ୟବସାୟୀଙ୍କ ଉପରୁ ବୋଝ କମ୍ କରିବା ପାଇଁ ସହମତି ପ୍ରକାଶ ପାଇଛି। ଏଥିରେ ଏମଏସଏମଇ ଏବଂ ଷ୍ଟାର୍ଟଅପ୍‌ର ପଞ୍ଜିକରଣ ସମୟକୁ ୩୦ ଦିନରୁ ତିନି ଦିନ ହ୍ରାସ କରିବା ସାମିଲ ରହିଛି। ସେହିପରି ରପ୍ତାନୀକାରୀଙ୍କ ପାଇଁ ସ୍ୱୟଂଚାଳିତ ଜିଏସ୍‌ଟି ରିଫଣ୍ଡ ବ୍ୟବସ୍ଥାକୁ ଅନୁମୋଦନ ଦିଆଯାଇଛି। ଏହା ଦ୍ୱାରା ପଞ୍ଜିକରଣ ପ୍ରକ୍ରିୟା ଅଧିକ ସରଳ ହେବ।

ଜିଏସ୍‌ଟିରେ ଏହି ପରିବର୍ତ୍ତନ ଜୀବନକୁ ଅଧିକ ସରଳ ଏବଂ ଅର୍ଥବ୍ୟବସ୍ଥାକୁ ମଜବୁତ କରିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଜିଏସ୍‌ଟିକୁ ସରଳ କରିବା ପାଇଁ କେନ୍ଦ୍ର ସରକାର ଦେଇଥିବା ପ୍ରସ୍ତାବକୁ ମଞ୍ଜୁରି ଦେଇଥିବାରୁ ସେ ପରିଷଦକୁ ଧନ୍ୟବାଦ ଦେଇଛନ୍ତି। ଏହା ଦ୍ୱାରା ସାଧାରଣ ଜନତା, ଚାଷୀ, ଏମଏସଏମଇ, ମଧ୍ୟବିତ୍ତ, ମହିଳା ଏବଂ ଯୁବ ବର୍ଗଙ୍କୁ ଲାଭ ମିଳିବ। ବ୍ୟବସାୟ ସହଜ ହେବ। ବିଶେଷ କରି କ୍ଷୁଦ୍ର ବ୍ୟବସାୟୀଙ୍କୁ ସହାୟତା ମିଳିବ ବୋଲି ମୋଦୀ କହିଛନ୍ତି।

ଜିଏସ୍‌ଟି ହାରରେ ଏଭଳି ସରଳୀକରଣ ଯୋଗୁଁ ପ୍ରାୟ ୪୮ ହଜାର କୋଟି ଟଙ୍କାର ରାଜସ୍ୱ କ୍ଷତି ହେବ ବୋଲି କୁହାଯାଉଛି। ବିରୋଧୀ ରାଜ୍ୟଗୁଡିକ କେନ୍ଦ୍ର ନିକଟରେ ରାଜସ୍ୱ ସୁରକ୍ଷା ଏବଂ ଉପଭୋକ୍ତାଙ୍କ ସ୍ୱାର୍ଥରକ୍ଷା କରିବାକୁ ଦାବି କରିଛନ୍ତି। ବିରୋଧୀ ରାଜ୍ୟଗୁଡିକର ସୂଚନା ଅନୁଯାୟୀ କମ୍ ଟିକସ ଲଗାଇ କମ୍ପାନୀଗୁଡିକ ଲାଭ ଉଠାଇବାକୁ ନ ଦେବା ଉଚିତ। ଟିକସ ହ୍ରାସର ଲାଭ ସିଧାସଳଖ ଗ୍ରାହକଙ୍କ ନିକଟରେ ପହଞ୍ଚିବା ଉଚିତ। ଏହା ସହିତ ନୂଆ ଟିକସ ସ୍ଲାବ ଦ୍ୱାରା ହେଉଥିବା କ୍ଷତି ଭରଣା କରିବା ପାଇଁ କେନ୍ଦ୍ର ଆର୍ଥିକ ସହାୟତା ଦେବା ଆବଶ୍ୟକ। ପୂର୍ବରୁ ଏଥିପାଇଁ ୧.୫ ଲକ୍ଷ କୋଟିରୁ ୨ ଲକ୍ଷ କୋଟି କ୍ଷତି ହେବ ବୋଲି କୁହାଯାଇଥିଲା। କିଛି ବିଜେପି ଶାସିତ ରାଜ୍ୟ ମଧ୍ୟ ରାଜସ୍ୱ କ୍ଷତି ଉପରେ ଚିନ୍ତା ପ୍ରକଟ କରିଛନ୍ତି। ଏହି ବୈଠକରେ ଆରବିଆଇ ଅଧ୍ୟକ୍ଷଙ୍କ ସମେତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡିକର ଅର୍ଥମନ୍ତ୍ରୀମାନେ ଉପସ୍ଥିତ ଥିଲେ।

## ଚୂଡ଼ାନ୍ତ ହେବ ମନ୍ତ୍ରିମଣ୍ଡଳ...

ବିଶେଷକରି ଦୁଇଗୋଷ୍ଠୀ ମଧ୍ୟରେ ମନ୍ତ୍ରୀ ପଦକୁ ନେଇ ଭାଗବଣ୍ଟା ଛିଡ଼ିଥିବା ବେଳେ ଶେଷ ନିଷ୍ପତ୍ତି ଦିଲ୍ଲୀରେ ହେବ ବୋଲି ସୂଚନା ମିଳିଛି। ସେଥିପାଇଁ ହଠାତ୍ ମନମୋହନଙ୍କୁ ଶୀର୍ଷ ନେତୃତ୍ୱ ଡକାଇଥିବା ବିଜେପି ଅଳିନ୍ଦରେ ଚର୍ଚ୍ଚା ହେଉଛି। ଯଦି ସବୁ ଠିକ୍‌ଠାକ ରୁହେ ତାହେଲେ ମୌସୁମୀ ଅଧିବେଶନ ପୂର୍ବରୁ ପୂର୍ଣ୍ଣାଙ୍ଗ ମନ୍ତ୍ରିମଣ୍ଡଳ ଗଠନ ହେବ। ନହେଲେ ଅଧିବେଶନ ସରିବା କ୍ଷଣି ସମ୍ପ୍ରସାରଣ ସମ୍ପନ୍ନ ହେବ ବୋଲି ବିଜେପିର ଜଣେ ବରିଷ୍ଠ ନେତା କହିଛନ୍ତି। ଅପରପକ୍ଷେ ନିଗମ, ବୋର୍ଡକୁ ନେଇ ଏଯାବତ୍ କୌଣସି ନିଷ୍ପତ୍ତି ହୋଇପାରିନଥିବା ବେଳେ ଏଥିପାଇଁ ଆହୁରି କିଛି ସମୟ ଲାଗିପାରେ ବୋଲି ଉକ୍ତ ନେତାଜଣକ ସୂଚନା ପ୍ରଦାନ କରିଛନ୍ତି।

## ନିଶା ନିବାରଣ...

ନିବାରଣ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ମଙ୍ଗଳବାର ଅପରାହ୍ଣରେ ସୂର୍ଯ୍ୟକାନ୍ତ ଆତ୍ମହତ୍ୟା କରିଥିବା ନେଇ ନିଶା ନିବାରଣ କେନ୍ଦ୍ର କର୍ତ୍ତୃପକ୍ଷ ପରିବାର ଲୋକଙ୍କୁ ଜଣାଇଥିଲେ। ତାଙ୍କୁ କଳିଙ୍ଗନଗରରେ ଥିବା ଏକ ଘରୋଇ ଡ଼ାକ୍ତରଖାନାକୁ ନିଆଯାଇଛି ବୋଲି କହିଥିଲେ। ସୂର୍ଯ୍ୟକାନ୍ତଙ୍କ ଦାଦା ପ୍ରଶାନ୍ତ ଓ ଅନ୍ୟ ସଦସ୍ୟମାନେ ଆସି ସେଠାରେ ପହଞ୍ଚିବା ବେଳକୁ ମୃତଦେହକୁ କ୍ୟାପିଟାଲ ହସପିଟାଲକୁ ସ୍ଥାନାନ୍ତର କରା ଯାଇଥିଲା। ସେଠାରୁ କ୍ୟାପିଟାଲ ହସପିଟାଲ ଯାଇଥିଲେ ମଧ୍ୟ ମୃତଦେହକୁ ଶବ ସଂରକ୍ଷଣ ଗୃହରେ ରଖାଯାଇଥିବାରୁ ଆଉ ଦେଖିବାର ସୁଯୋଗ ମିଳି ନ ଥିଲା। ପରିବାର ଲୋକଙ୍କ କହିବାନୁଯାୟୀ ନିଶା ନିବାରଣ କେନ୍ଦ୍ରରେ ଛାଡ଼ିବା ବେଳେ ସୂର୍ଯ୍ୟକାନ୍ତଙ୍କର କୌଣସି ସ୍ୱାସ୍ଥ୍ୟଗତ ସମସ୍ୟା ନ ଥିଲା। ଏମିତି କି କେନ୍ଦ୍ରରେ ଛାଡ଼ିବା ପରଦିନ ମଧ୍ୟ ପରିବାର ଲୋକଙ୍କ ସହ କଥାବାର୍ତ୍ତା କରିଥିଲେ। ତେବେ ସେ କାହିଁକି ଆତ୍ମହତ୍ୟା କରିବ ବୋଲି ପ୍ରଶାନ୍ତ ପ୍ରଶ୍ନ କରିଛନ୍ତି। ଯଦି ସୂର୍ଯ୍ୟକାନ୍ତ ଆତ୍ମହତ୍ୟା କରିଲେ, ପରିବାର ଉପସ୍ଥିତିରେ ମୃତଦେହ ଉଦ୍ଧାର ନକରି କାହିଁକି ତରବରିଆ ଭାବେ ଶବ ଉଦ୍ଧାର କରାଗଲା ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଏହା ଆତ୍ମହତ୍ୟା ନୁହଁ, ବରଂ ତାଙ୍କୁ ହତ୍ୟା ପରେ ଆତ୍ମହତ୍ୟାର ରୂପ ଦେବାକୁ ଉଦ୍ୟମ କରାଯାଇଛି ବୋଲି ପ୍ରଶାନ୍ତ ଭରତପୁର ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ହତ୍ୟା ମାମଲା ରୁଜୁ କରିବା ସହ ଅନ୍ତେବାସୀ ଓ ନିଶା ନିବାରଣ କେନ୍ଦ୍ରର କର୍ମଚାରୀଙ୍କୁ ପଚରାଉଚରା କରିଛି।

ପୂର୍ବରୁ ମଧ୍ୟ ଅନେକ ଅଘଟଣ ଘଟିଛି। କେଉଁଠି ମାଡ଼ମରା ଯାଉଥିବାର ଭିଡିଓ ଭାଇରାଲ ହୋଇଛି ତ ଆଉ କେଉଁଠି ହତ୍ୟା କରାଯାଇଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି। ହେଲେ ଏସବୁରେ ଏପର୍ଯ୍ୟନ୍ତ ରୋକ୍ ଲାଗି ପାରିନାହିଁ। ଅଘଟଣ ଘଟିବା ପରେ ପୁଲିସ କେବଳ ତନାଘନା କରି ବସି ପଡୁଛି। ନିଶା ନିବାରଣ କରିବା ପାଇଁ ଥିବା ନିୟମାବଳୀ ଅନୁପାଳନ ହେଉନାହିଁ କି କେନ୍ଦ୍ରଗୁଡ଼ିକରେ ସିସିଟିଭି କ୍ୟାମେରା ଲାଗିଛି କି ନାହିଁ ସେନେଇ ମଧ୍ୟ ଯାଞ୍ଚ ହେଉନାହିଁ। କିଛି ଦିନ ତଳେ 'ସ୍ୱୀକାର' ନାମକ କେନ୍ଦ୍ରରେ ଝରଣା ସାହିର କାଲୁ ନାୟକଙ୍କ ମୃତ୍ୟୁ ଘଟିଥିଲା। ପୂର୍ବରୁ ସରଦେଇପୁର ଠାରେ ଥିବା 'ଶ୍ରଦ୍ଧା' ନିଶା ନିବାରଣ ଗୃହ ବିରୋଧରେ ସମାନ ଅଭିଯୋଗ ଆସିଥିଲା। ଏହା ପୂର୍ବରୁ ପାଣ୍ଡରା ଅଞ୍ଚଳରେ ଥିବା ସାଇକୃପା ଡିଆଡିକ୍ସନ ସେଣ୍ଟରରେ ସର୍ବେଶ୍ୱର ବେହେରାଙ୍କୁ ପିଟିପିଟି ମାରିବା ଘଟଣାରେ ୩ ଜଣ ଗିରଫ ହୋଇଥିଲେ। ସେହିପରି ପାଣ୍ଡରା ଅଞ୍ଚଳରେ ଥିବା କୃପା ଫାଉଣ୍ଡେସନ ଓ ଉତ୍ତରାରେ ଥିବା ଦିଶା ଫାଉଣ୍ଡେସନରେ ମଧ୍ୟ ୨ ଜଣଙ୍କ ମୃତ୍ୟୁ ହୋଇଥିଲା।

## ୮ ଏସ୍‌ଏଚ୍‌ଜି...

ସଦସ୍ୟ ଥିବା ଏହି ୮ ଜଣ ମହିଳାଙ୍କୁ ସ୍ୱର୍ଣ୍ଣଜୟନ୍ତୀ ଗ୍ରାମ ସ୍ୱରୋଜଗାର ଯୋଜନାରେ ଦୁଧିଆଳି ଗାଈ କିଣିବା ପାଇଁ ଅର୍ଥ ମଞ୍ଜୁର କରାଯାଇଥିଲା। ତେବେ ଏହି ମହିଳାମାନେ ଗାଈ କ୍ରୟ ନକରି ମିଳିଥିବା ଅର୍ଥରାଶିର ଦୁରୁପଯୋଗ କରିଥିବା ଅଭିଯୋଗ ହୋଇଥିଲା। ପରେ ଏହି ମାମଲା ଭିଜିଲାନ୍ସକୁ ଦିଆଯାଇଥିଲା ଏବଂ ବିଭାଗ ତରଫରୁ ମଧ୍ୟ ତଦନ୍ତ କରାଯାଇ ଅର୍ଥ ହଡ଼ପ ଘଟଣାରେ ସତ୍ୟତା ଥିବା ରିପୋର୍ଟ ହୋଇଥିଲା। କଟକର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର ହେବାକୁ ବାରମ୍ବାର ନୋଟିସ ପରେ ମଧ୍ୟ ଏହି ମହିଳାମାନେ ହାଜର ହୋଇନଥିଲେ। ତେଣୁ ଏମାନଙ୍କ ନାମରେ ୱାରେଣ୍ଟ ବାହାରିଥିଲା। ଆଜି ଭିଜିଲାନ୍ସର ଏକ ଟିମ୍ ସମସ୍ତ ୮ ଜଣଙ୍କୁ ଗିରଫ କରି କଟକର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଇଥିଲେ। ସେହିପରି ଏହି ଅର୍ଥ ହଡ଼ପ ମାମଲାରେ ସମ୍ପୃକ୍ତ ଥିବା ସେ ସମୟର ନାଉଗାଁ ପ୍ରାଣୀ ଚିକିତ୍ସକ ଡା. କୁଞ୍ଜବିହାରୀ ସ୍ୱାଇଁ ଏବଂ ସରକାରୀ ସ୍ୱୀକୃତିପ୍ରାପ୍ତ ସପ୍ଲାୟର ରଞ୍ଜିତ କୁମାର ବେହେରା ମଧ୍ୟ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କ ନୋଟିସ କ୍ରମେ ହାଜର ହେଉଛନ୍ତି।

## ୩ ମିନିଟରେ...

ଆୟୋଗ (ଓଇଆରସି) ବିତରଣ କାର୍ଯ୍ୟଦକ୍ଷତାର ମାନଦଣ୍ଡ ଓ ସପ୍ଲାଇ କୋଡ ପାଇଁ ଦୁଇଟି ପୃଥକ ପୃଥକ ଅଧିନିୟମ ପ୍ରସ୍ତୁତ କରି ୨୦୦୪ରେ ଗୋଟେ ଦିନରେ ପ୍ରଣୀତ କରିଛନ୍ତି। କିନ୍ତୁ ପଞ୍ଜାବ ଓ ମହାରାଷ୍ଟ୍ର ଭଳି ଅନ୍ୟ ରାଜ୍ୟର ବିଦ୍ୟୁତ ଆୟୋଗ ଓଇଆରସି ଭଳି ଦୁଇଟି ଅଧିନିୟମ ବଦଳରେ ଉଭୟ ପାଇଁ ଗୋଟେ ଅଧିନିୟମ ୨୦୦୪ରେ ପ୍ରଣୀତ କଲେ। ପ୍ରଗତିଶୀଳ ଅର୍ଥନୀତିରେ ଅତିରିକ୍ତ ପୁଞ୍ଜିନିବେଶ ଓ ବୈଷୟିକ ଉନ୍ନତି ପରିଲକ୍ଷିତ ହେଉଥିବାରୁ ଅନ୍ୟ ରାଜ୍ୟ ଆୟୋଗଗୁଡିକ ଏକାଧିକ ଥର ପୁରୁଣା ଅଧିନିୟମକୁ ନବୀକରଣ କରି ନୂତନ ଅଧିନିୟମ ପ୍ରଣୀତ କରିଛନ୍ତି। କିନ୍ତୁ ଓଡ଼ିଶା ଆୟୋଗ ପୁରୁଣା ସପ୍ଲାଇ କୋଡକୁ ନବୀକରଣ କରିବାରେ ସମର୍ଥ ହୋଇଥିବା ବେଳେ ବିତରଣ କମ୍ପାନୀର କାର୍ଯ୍ୟଦକ୍ଷତା ମାନଦଣ୍ଡ ଅଧିନିୟମ ନବୀକରଣ କରିପାରିଲେ ନାହି। ଫଳରେ ଓଡ଼ିଶା ଉପଭୋକ୍ତା ଉନ୍ନତ ମାନର ବିଦ୍ୟୁତସେବା ପାଇବାରୁ ବଞ୍ଚିତ ହୋଇଛନ୍ତି।

ଶ୍ରୀ ମହାପାତ୍ର ଆହୁରି କହିଛନ୍ତି ଯେ ବିଦ୍ୟୁତ ସେବା ମାନଦଣ୍ଡ ପାଳନରେ ବିତରଣ କମ୍ପାନୀ ବିଫଳ ହେଲେ ପୁରୁଣା ଅଧିନିୟମ ଅନୁସାରେ ଟାଟା ବିତରଣ କମ୍ପାନୀକୁ ଜୋରିମନା ଦେବାପାଇଁ ୫୦ରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ ୫ଟି ସ୍ଲାବ ପ୍ରଣୀତ ହୋଇଥିବାବେଳେ ନୂତନ ଚିଠା ଅଧିନିୟମରେ ତାହାକୁ କମାଇ ୫୦ରୁ ୨୫୦ ଟଙ୍କା ଭିତରେ ସ୍ଥିର କରିବା ଏହା ଏକ ଅବାସ୍ତବ ନିୟାମକ ପ୍ରକ୍ରିୟା। ଅନ୍ୟ ରାଜ୍ୟ ଆୟୋଗ ୧୦୦ରୁ ୫୦୦୦ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ସ୍ଲାବ କରିଛନ୍ତି। ସେହିପରି ମାସକୁ କେତେ ଘଣ୍ଟା ବିଦ୍ୟୁତସେବା ଉପଲବ୍ଧ ହେଉଛି ଓ କେତେ ଥର ବିଦ୍ୟୁତ ବ୍ୟାହତ ହେଉଛି ଉପଭୋକ୍ତାଙ୍କୁ ବିଦ୍ୟୁତବିଲରେ ଅବଗତ କରିବାପାଇଁ ଚିଠା ଅଧିନିୟମରେ ବ୍ୟବସ୍ଥା ହୋଇନାହି। ତେଣୁ ଗ୍ରାମାଞ୍ଚଳର ବିକାଶକୁ ଚିଠା ଅଧିନିୟମରେ ଆୟୋଗ ଅଣଦେଖା କରିଥିବା ସେ ଅଭିଯୋଗ କରିଛନ୍ତି। ତେବେ ପୁରୁଣା ଅଧିନିୟମରେ ମାନଦଣ୍ଡ ଓ କାର୍ଯ୍ୟଦକ୍ଷତାକୁ ଦୁଇ ସ୍ତରରେ ବିଭକ୍ତ ହୋଇଥିବା ବେଳେ ଚିଠା ଅଧିନିୟମରେ ତିନି ସ୍ତରରେ ବିଭକ୍ତ ହୋଇଛି। ଆଗରୁ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ପାଇଁ ପୃଥକ ପୃଥକ ଭାବେ ମାନଦଣ୍ଡ ଓ କାର୍ଯ୍ୟଦକ୍ଷତା ରହିଥିବା ବେଳେ ଚିଠା ଅଧିନିୟମରେ ଅତିରିକ୍ତ ଭାବେ ମହାନଗର ନିଗମ ସୃଷ୍ଟି କରାଯାଇ ତାପାଇଁ ଉଚ୍ଚକୋଟିର ମାନଦଣ୍ଡ ଓ କାର୍ଯ୍ୟଦକ୍ଷତା ନିର୍ଣ୍ଣୟ ହୋଇଛି।

## ଦିଲ୍ଲୀରେ ପଶିଲା...

ସେହିପରି ରାଜସ୍ଥାନର ଜୟପୁରରେ ମଧ୍ୟ ପ୍ରବଳ ବର୍ଷା ଜାରି ରହିଛି। ଏଠାରେ ଥିବା ସବୁଠୁ ବଡ଼ ଏମ୍‌ଏମ୍‌ଏସ୍ ହସ୍ପିଟାଲରେ ପାଣି ପଶିଯାଇଛି। କୋଟାର ଦରା ରେଲୱେ ଷ୍ଟେସନ ନିକଟ ଥିବା ରେଲୱେ ଟ୍ରାକ୍ ଉପରେ ଭୂସ୍ଖଳନ ହୋଇଛି। ହିମାଚଳ ପ୍ରଦେଶରେ ୧୩୦୦ରୁ ଊର୍ଦ୍ଧ୍ୱ ସଡକ ମୌସୁମୀ ବର୍ଷା ଓ ଭୂସ୍ଖଳନ ଯୋଗୁଁ ବନ୍ଦ ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ବର୍ଷାଜନିତ ଭୂସ୍ଖଳନ ଯୋଗୁଁ ୧୧ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ଆଜି ସକାଳେ କୁଲ୍ଲୁରେ ଭୂସ୍ଖଳନ ଯୋଗୁଁ ଦୁଇ ଜଣ ଲୋକ ପ୍ରାଣ ହରାଇଛନ୍ତି। ସେହିପରି ମଣ୍ଡିର ସୁନ୍ଦରନଗରରେ ଭୂସ୍ଖଳନରେ ଘରଗୁଡ଼ିକ ଭୁଶୁଡ଼ି ପଡ଼ିବାରୁ ୭ ଜଣ ପ୍ରାଣ ହରାଇଛନ୍ତି। ଆବର୍ଜନା ତଳୁ ୪ଟି ମୃତଦେହ ଉଦ୍ଧାର କରାଯାଇଛି। ରାଜ୍ୟର ୭ଟି ଜିଲ୍ଲାରେ ସ୍କୁଲ ଓ କଲେଜକୁ ବନ୍ଦ କରାଯାଇଛି। ସେହିପରି ଉତ୍ତରପ୍ରଦେଶର ନୋଏଡାରେ ଯମୁନା ନଦୀରେ ବନ୍ୟା କାରଣରୁ ୧୦୦୦ଟି ଫାର୍ମହାଉସ୍‌ରେ ପାଣି ପଶିଛି। ମଥୁରା ୯୦୦ ପରିବାର ବନ୍ୟା ଯୋଗୁଁ ପ୍ରଭାବିତ ହୋଇଛନ୍ତି। ଆଗ୍ରାରେ ଯମୁନା ପାଣି ତାଜମହଲ ପାଚେରିକୁ ସ୍ପର୍ଶ କରିଛି। ଆଗ୍ରାର କେତୋଟି ଘାଟ ଓ ଶ୍ମଶାନ ମଧ୍ୟ ବୁଡିଯାଇଛି। ନୋଏଡା ସେକ୍ଟର-୧୬୭ରେ ଯମୁନା ପାଣି ପଶିଛି। ଜମ୍ମୁ-କଶ୍ମୀରରେ ଉଧାମପୁରରେ ଭୂସ୍ଖଳନ ଯୋଗୁଁ ଜମ୍ମୁ- ଶ୍ରୀନଗର ରାଜପଥ ବନ୍ଦ ରହିଛି। ପୁଣି ଆଗାମୀ ୨୪ ଘଣ୍ଟାରେ ଦେଶର ଉତ୍ତର-ପଶ୍ଚିମ ଭାଗରେ ବର୍ଷା ଜାରି ରହିବ ବୋଲି ଅନୁମାନ କରାଯାଉଛି।

## ରାଜ୍ୟସାରା ନିର୍ଦ୍ଧୂମ୍...

ଗୁରୁବାର ସୁନ୍ଦରଗଡ଼, ସମ୍ବଲପୁର ଓ ଝାରସୁଗୁଡ଼ାରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବା ଆଶଙ୍କା ରହିଥିବା ବେଳେ ରାଜ୍ୟର ବାକି ସମସ୍ତ ଅଞ୍ଚଳରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ଆଶଙ୍କା ରହିଛି। ୪ ତାରିଖ ପରେ ବର୍ଷାର ପ୍ରଭାବ କମିଲେ ମଧ୍ୟ ୫ ଓ ୬ ତାରିଖରେ କିଛି କିଛି ସ୍ଥାନରେ ବର୍ଷା ଆଶଙ୍କା ରହିଛି।

ରାଜ୍ୟରେ ଲଘୁଚାପ ଜନିତ ବର୍ଷା ପରେ ବିଭିନ୍ନ ନଦୀରେ ଜଳସ୍ତରରେ ବୃଦ୍ଧି ପାଇବାରେ ଲାଗିଛି। ବର୍ଷା ନଦୀ ଜଳସ୍ଥିତିକୁ ନେଇ ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି ଯେ ରାଜ୍ୟରେ ଯେଉଁ ଅଧିକ ବର୍ଷା ଆକଳନ ହୋଇଥିଲା ସେପରି ବର୍ଷା ହୋଇନାହିଁ। ଆଖୁଆପଦାରେ ଯଦିଓ ବୈତରଣୀ ସତର୍କ ସଂକେତ ଉପରେ ଅଛି, ହେଲେ ଜଳସ୍ତର ବିପଦ ସଙ୍କେତ ଉପରକୁ ଯିବନି। ଗତକାଲି ୧୬ଟି ବ୍ଲକ୍ ମୁଖ୍ୟାଳୟରେ ୫୦ ମିମିରୁ ଅଧିକ ବର୍ଷା ହୋଇଛି। ମାତ୍ର ରାଜ୍ୟର କୌଣସି ଗୋଟିଏ ସ୍ଥାନରେ ବନ୍ୟା ସ୍ଥିତି ନାହିଁ ବୋଲି ସେ କହିଛନ୍ତି। ତେବେ ପାଣି ସମୁଦ୍ରକୁ ଯିବା ପାଇଁ ସମୟ ଲାଗେ। ତେଣୁ ପ୍ରବଳ ବର୍ଷା ଯୋଗୁଁ ବୈତରଣୀ, ବୁଢାବଳଙ୍ଗ ଏବଂ ସୁବର୍ଣ୍ଣରେଖା ଭଳି ପ୍ରମୁଖ ନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧି ପାଇଛି। ସୋମବାରଠାରୁ ବର୍ଷା ହେବା ପରେ କିଛି ନଦୀ ଫୁଲିବା ଆରମ୍ଭ କରିଛି।

ରାଜ୍ୟରେ ମୌସୁମୀ ଋତୁରେ ସେପ୍ଟେମ୍ବର ୩ ସୁଦ୍ଧା ୯୦୭ ମିମି ବର୍ଷା ହୋଇଛି। ଏହି ସମୟରେ ସ୍ୱାଭାବିକ ବର୍ଷା ୯୪୧ ମିମି ତୁଳନାରେ ୪ ମିମି କମ୍ ବର୍ଷା ହୋଇଛି। ଜିଲ୍ଲାୱାରୀ ସ୍ଥିତିରେ ୯ ଟି ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଥିବା ବେଳେ ୪ ଟି ଜିଲ୍ଲାରେ ସ୍ୱାଭାବିକଠୁ ଅଧିକ ହୋଇଛି ଓ ବାକି ସମସ୍ତ ଜିଲ୍ଲାରେ ବର୍ଷାର ସ୍ଥିତି ସ୍ୱାଭାବିକ ରହିଛି। ପୁରୀ ଓ କନ୍ଧମାଳ ଜିଲ୍ଲାରେ ବର୍ଷାର ସ୍ଥିତି ସବୁଠୁ ଅଧିକ ଅର୍ଥାତ ୩୧ ଓ ୩୦ ପ୍ରତିଶତ ଲେଖାଏଁ ନିଅଣ୍ଟିଆ ରହିଛି।

# ପାର୍ବଣ ପୂର୍ବରୁ ରାସ୍ତା ମରାମତି

ଭୁବନେଶ୍ୱର,୩।୯(ସମିସ): ଦଶହରା ପୂର୍ବରୁ ରାଜ୍ୟର ସବୁ ସହରାଞ୍ଚଳ ରାସ୍ତାର ମରାମତି କାମ ଶେଷ ହେବ। ଏଥିପାଇଁ ଆସନ୍ତା ୬ ତାରିଖରେ ବିଏମ୍‌ସି ଓ ସିଏମ୍‌ସି ସମେତ ରାଜ୍ୟର ସବୁ ସହରାଞ୍ଚଳ ରାସ୍ତାର କାମକୁ ନେଇ ସମୀକ୍ଷା ହେବା ସହ ୨୦ ତାରିଖ ସୁଦ୍ଧା କିପରି ଏହି ରାସ୍ତାଗୁଡ଼ିକର ମରାମତି କାମ ଶେଷ ହେବ ସେନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ। ପୂର୍ତ୍ତମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ବସିବାକୁ ଥିବା ବେଳେ ଏଥିରେ ବିଏମ୍‌ସି ଓ

**୬ରେ ବସିବ ଗୁରୁତ୍ୱପୂର୍ଣ୍ଣ ବୈଠକ**

ସିଏମ୍‌ସି ଅଞ୍ଚଳର ସମସ୍ତ ବିଧାୟକ ଓ ଦୁଇ ମେୟର ଉପସ୍ଥିତ ରହିବେ। ବୁଧବାର ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ସୂଚନା ଦେଇଛନ୍ତି। ମୌସୁମୀ ସମୟରେ ରାଜ୍ୟର ସମସ୍ତ ସହରାଞ୍ଚଳରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଅନେକ ସ୍ଥାନରେ ଖାଲଖମା ଯୋଗୁଁ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି। ଆଗକୁ ପାର୍ବଣ ଆସୁଥିବାରୁ ରାସ୍ତା ମରାମତି ନ ହେଲେ ବହୁ ଲୋକ ହଇରାଣ ହେବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି କିପରି ପାର୍ବଣ ପୂର୍ବରୁ ସହରାଞ୍ଚଳର ରାସ୍ତାଗୁଡ଼ିକ ମରାମତି ହୋଇପାରିବ ସେଥିପାଇଁ ପ୍ରତିବର୍ଷ ଏଭଳି ବୈଠକ ଆୟୋଜନ ହେଉଛି।


**AFFIDAVIT**

By virtue of an affidavit before notary Jharsuguda, I Raj Kumar Kakani, S/o. Late Vassand Ram Kakani, aged about 61 years, R/o. Kakani Complex, Main Road, Jharsuguda, PS/Dist-Jharsuguda, declares that, My actual, true and correct name is Raj Kumar Kakani as mentioned in my Aadhaar Card vide No.4255 9577 3610. In my Passport vide Passport No. J 8483976 my name has been wrongly mentioned as Raju Kakani instead of Raj Kumar Kakani.That, the names Raj Kumar Kakani and Raju Kakani relates to same and one person i.e. myself only none else. From today I shall be known as RAJ KUMAR KAKANI S/o. Vassand Ram Kakani for all purpose.

**FORM NO. URC-2**

Advertisement giving notice about registration under
**Part I of Chapter XXI**
[Pursuant to Section 374(b) of the Companies Act, 2013 and Rule 4(1) of the Companies (Authorised to Register) Rules, 2014]

1. Notice is hereby given that in pursuance of sub-section (2) of Section 366 of the Companies Act, 2013, an application has been made to the Registrar at Central Registration Centre (CRC), Indian Institute of Corporate Affairs (IICA), Plot No.6,7 & 8, Secotr-5, IMT Manesar, Dist: Gurgaon (Haryana) Pin-122050 that M/s. NEW BORN AND PEDIATRIC HEALTH CENTRE a partnership firm may be registered under Part I of Chapter XXI of the Companies Act, 2013, as a Company Limited by Shares with the name may be read as NEW BORN AND PEDIATRIC HEALTH CENTRE PRIVATE LIMITED.
2. The Principal object of the Company are as follows: To take over the running business of M/s. NEW BORN AND PEDIATRIC HEALTH CENTRE (Partnership Firm) and to do the business relating to acquire, establish, maintain, operate, run, manage or administer hospitals, medicare, nursing homes, health care, diagnostic, health aids, and research centres and to do the business of pharmacy and surgical items and equipments for medical use and to carry related business activities.
3. A copy of the draft Memorandum and Articles of Association of the pro posed company may be inspected at the Office at: Plot No- D/54 Sector-7, CDA, 0802/808, Cuttack- 753014, Odisha.
4. Notice is hereby given that any person objecting to this application may communicate their objection in writing to the Central Registration centre (CRC)-ROC CRC, IICA, Manesar, Plot No.6,7 & 8, Secotr-5, IMT Manesar, Gurgaon-122050 within Twenty One days from date of publication of this notice, with a copy to the Firm i.e. Proposed Company at its office address mentioned above.

Dated this 3rd day of Sep, 2025.

For and on behalf of
M/s. New Born And Pediatric Health Centre
Sd/-
(Mr. Udayanath Upadhaya) Partner

**GOVERNMENT OF ODISHA, DEPARTMENT OF WATER RESOURCES** A-572
Office of the Engineer-In-Chief, Water REsources, Secha Sadan, Bhubaneswar
Email address: cemech.eicwr.od@gmail.com
e-Procurement Notice- Bid Indentification No.- CEM/MDC-16/2025-26

| | | |
|---|---|---|
| 1. | Name of the Work | : Mechanical Gate Works |
| 2. | No. of Works | : 01 (One) |
| 3. | Category of executors | : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates. |
| 4. | Bid Identification No. | : CEM / MDC - 16/ 2025-26 |
| 5. | Estimated Cost | : Rs. 94,77,043.00 |
| 6. | Period of Completion | : 03 (Three) calendar months. |
| 7. | Date & time of availability of bid documents in the Portal | : From dt.06.09.2025 (10.00 AM) to dt.18.09.2025(5.30 PM) |
| 8. | Last date/ time for receipt of bid in the Portal | : dt. 18.09.2025 (up to 5.30 PM) |
| 9. | Date and Place of opening of Technical Bid | : dt.19.09.2025 (12.00 Noon onwards in the O/O the undersigned) |
| 10. | Date and Place of opening of Financial Bid | : To be intimated to the qualified Bidders after evaluation of Technical Bid. |
| 11. | Name of the Officer inviting bid | : Chief Engineer, Mechanical, O/O the E.I.C, Water Resources, Odisha, Bhubaneswar |

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Chief Engineer, Mechanical
O/o- Engineer-In-Chief,
Secha Sadan, Bhubaneswar

OIPR-32520/11/0072/2526

**THE ORISSA MINERALS DEVELOPMENT COMPANY LTD.**
(A Government of India Enterprise)
CIN: L51430OR1918GOI034390
Regd. Office: Ground Floor, SAIL Building, Plot-271, Bidyut Marg, Unit-IV, Shastri Nagar, Bhubaneswar, Khordha, Odisha, India-751001
Email: info.birdgroup@birdgroup.co.in, Website: www.birdgroup.co.in

STATEMENT OF REVIEWED STANDALONE FINANCIAL RESULTS FOR THE QTR. ENDED 30th JUNE 2025-IND-AS COMPLIANT

| SL. NO. | PARTICULARS | Qtr-I ENDING 30.06.2025 | Qtr-I ENDING 30.06.2024 | FOR YEAR ENDING 31.03.2025 |
|---|---|---|---|---|
| | | (Reviewed) | (Reviewed) | (Audited) |
| 1 | Total Income from Operation / Other Income | 2,103.28 | 1,465.44 | 7,100.17 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | (278.61) | (207.81) | (4,840.40) |
| 3 | Net Profit / (Loss) for the period Before Tax (after exceptional and / or extraordinary items) | (278.61) | (207.81) | (4,840.40) |
| 4 | Net Profit / (Loss) for the period after Tax (after exceptional and / or extra ordinary items) | (278.61) | (207.81) | (4,840.40) |
| 5 | Total Comprehenshive income for the period [comprising profit / (loss) for the period(after tax) and other comprehensive income (after tax)] | (278.61) | (207.81) | (4,022.39) |
| 6 | Paid up Equity Share Capital | 60.00 | 60.00 | 60.00 |
| 7 | Reserves (Excluding revaluation reserve) as shown in the audited balance sheet of the previsous year | (5,496.43) | (1,341.73) | (5,217.81) |
| 8 | Net Worth | (5,436.43) | (1,281.73) | (5,157.81) |
| 9 | Earning per share (of Re. 1/-each) (for continuing and discontinued operations):- | | | |
| | 1. Basic: | (4.64) | (3.46) | (67.04) |
| | 2. Diluted | (4.64) | (3.46) | (67.04) |

1. The above results of the Company were approved by the Board of Directors at their respective meetings held on 02nd September 2025.
2. The above is the extract of the detail format of Annual Financial Result filed with the Stock Exchange under Regulation 33 of the SEBI (Listing Obligations and Disclosure Requirements) Regulations, 2015. The full Format of the Annual Financial Results are available on the Company's Website: www.birdgroup.co.in, the NSE (www.nseindia.com), the BSE (www.bseindia.com) and the CSE (www.cse-india.com)

Place: Bhubaneswar
Date: 2nd September 2025

For and on behalf of the Board of Director
Sd/-
(Vasudha Chandra Suratkal)
Managing Director

**EASTERN INVESTMENTS LIMITED**
CIN: L65993OR1927GOI034842
Regd. Office :Plot No:255, Pristine Green, Pokharipput, Bhubaneswar-751020

STATEMENT OF STANDALONE & CONSOLIDATED REVIEWED FINANCIAL RESULTS FOR THE QUARTER ENDED 30TH JUNE 2025

| Sl. No. | Particulars | Standalone | | | Consolidated | | |
|---|---|---|---|---|---|---|---|
| | | Quarter Ended | | Year Ended | Quarter Ended | | Year Ended |
| | | 30.06.2025 | 30.06.2024 | 31.03.2025 | 30.06.2025 | 30.06.2024 | 31.03.2025 |
| | | (Reviewed) | | (Audited) | (Reviewed) | | (Audited) |
| 1 | Total Income from Operation(including Other Income) | 32.25 | 42.91 | 44.27 | 4,497.58 | 2,756.45 | 13,405.00 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | 15.99 | 23.30 | (44.47) | 175.11 | 176.31 | (4,119.11) |
| 3 | Net Profit / (Loss) for the period Before Tax (after exceptional and / or extraordinary items) | 15.99 | 23.30 | (44.47) | 175.11 | 176.31 | (4,119.11) |
| 4 | Net Profit / (Loss) for the period after Tax (after exceptional and / or extra ordinary items) | (0.39) | 4.76 | (28.91) | 19.35 | 67.25 | (3,518.39) |
| 5 | Total Comprehensive income for the period [comprising profit / (loss) for the period(after tax) and other comprehensive income (after tax)] | (0.39) | 4.76 | (28.91) | 19.35 | 67.25 | (3,525.52) |
| 6 | Net Profit attributable to Non Controlling Interests | - | - | - | (1.04) | 19.10 | (1,791.41) |
| 7 | Net Profit attributable to Owners of the Company | - | - | - | 20.39 | 48.15 | (1,726.98) |
| 8 | Paid up Equity Share Capital (Face Value Rs. 10/- each) | 144.44 | 144.44 | 144.44 | 141.90 | 141.90 | 141.90 |
| 9 | Other Equity (Excluding Revaluation Reserve as per Balance Sheet) | 26,546.25 | 26,580.31 | 26,546.64 | (9,388.86) | (7,630.55) | (9,409.25) |
| 10 | Earning per share ( Rs) | | | | | | |
| | (i) Basic: | (0.03) | 0.33 | (2.00) | 1.44 | 3.39 | (121.71) |
| | (ii) Diluted | (0.03) | 0.33 | (2.00) | 1.44 | 3.39 | (121.71) |

1. The above results of the Company were approved by the Board of Directors at their respective meetings held on 02-09-2025.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

Place: Visakhapatnam
Date: 2nd September 2025

Sd/-
(S.C.Pandey)
Managing Director-EIL

**Notice (for Minor)**

By virtue of an affidavit sworn before Executive Magistrate, Bhubaneswar dated 03.09.2025 I, Lingaraj Prasad Barik Address At-Uttarana (Kandal), PO-Uttarana, PS-Gobindpur, Dist-Cuttack, Odisha, Pin-754105 declare that I have changed the name of my son from Shulin Snehashish (old name) to Shri Shulin Snehashis (new name). Henceforth, he shall be known as Shri Shulin Snehashis (new name) for all purposes.
Lingaraj Prasad Barik

**AFFIDAVIT**

By virtue of an affidavit no.05, dtd. 01.09.2025 before the Notary Public, Bhanjanagar, Ganjam, I , Sarojini Dakua, have changed my name from Sajani Dakua to Sarojini Dakua. Henceforth I shall be known as Sarojini Dakua for all purposes.
Sd/- Sarojini Dakua

**AFFIDAVIT**

I, Mirza Mehbub Alam Baig, S/o.: Mirza Abdul Kalam Baig, Flat No.: 16/8, Block-16, Rangamatia, Gadakan, P.S.: Mancheswar, Bhubaneswar-751017, Odisha Declare by this Affidavit No.: 2263, Dated: 02/09/2025 that now onwards I shall be known as **Mirza Mehebub Alam Baig,** for all future purposes.
Mirza Mehebub Alam Baig

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar dated 01.09.2025, **I, Sushree Yajnaseni Mohapatra** permanent resident of Vill: Arjunpur, PO.: ABC Patna, P.S.: Dhusuri, Dist.: Bhadrak, PIN-755036, Odisha, currently residing at C/o-Manoranjan Lenka, L-115, Phase-II, Basanti Colony, PO.: Uditnagar, Sub-Dist.: Raghunathpalli, Dist.: Sundargarh, PIN-769012, Odisha declare that I have changed my name from Yajnaseni Mohapatra to (Sushree Yajnaseni Mohapatra. Henceforth, I shall be known as **Sushree Yajnaseni Mohapatra** for all purposes.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, CF.NO- 128, dated 26-08-2025 I, **SWAGATIKA BARIK,** D/o Govinda Barik permanent resident of Village At-Kiapalla, PO- Nuagaon, PS- Banki Dist-Cuttack, State- Odisha, Pin- 754008 declare that I have changed my name from **GEETA DEVI** (Old name) to **SWAGATIKA BARIK** (New name). Henceforth, I shall be known as **SWAGATIKA BARIK** for all future purposes.
Sd-( SWAGATIKA BARIK )

**AFFIDAVIT**

I, Behera Dinesh Kamlakanth, S/o Kamlakanta, resident of At/Po/Ps-Bhograi, Dist.-Balasore, Pin.No-756038, State-Odisha declared by this affidavit no-3156 dated 30-08-2025 that now onwards I shall be known as Dinesh Kamalakanta Behera (24) S/o-Kamalakanta Behera for all future purposes.

**AFFIDAVIT**

By virtue of an affidavit no.732, dtd. 01.09.2025 before the Sub-Divisional Magistrate / Assistant Collector /Sub-Collector, Nabarangpur, I, Namramani Majhi have changed my name from Nabaramani Christian to Namramani Majhi. Henceforth I shall be known as **Namramani Majhi** for all purposes.
Sd/- Namramani Majhi

**AFFIDAVIT**

By virtue of an affidavit sworn before The Executive Magistrate Banpur, Dist.- Khordha vide no.-3367, Dated- 2/9/2025, I Radharani Sen, aged about 37 yrs., W/O- Haribandhu Sen, Address At- Lahangadihi, Po.-Gambharimunda, Ps.-Banpur, Dist.- Khordha, Pin- 752035, Odisha, declare that I have changed my minor daughter's name from **Harshita Sen** to **Shushree Harsita Raginee Sen**. Henceforth, she shall be known as **Shushree Harsita Raginee Sen** for all purpose.
**Shushree Harsita Raginee Sen**

**AFFIDAVIT**

I Jyotirmayee Mohanty, W/o- Asim Mohanty, resident of Friends Colony, Ps-Manglabag, Dist-Cuttack, Pin-753001, Odisha declare that by this affidavit Sl No. 210, dtd. 12/07/2025 that now onwards I shall be known as **Jyotirmayee Kanungo** for all future purposes.

## ସଚେତନ ନାଗରିକ ମଞ୍ଚର ପ୍ରସ୍ତୁତି ବୈଠକ

# ଏନ୍‌ଏସି ଘୋଷଣା ଦାବିରେ ୯ ତାରିଖରେ କୁଜଙ୍ଗ ବନ୍ଦ

କୁଜଙ୍ଗ,୩।୯ (ସମିସ)




ଏବେ କୁଜଙ୍ଗରେ ଘନ ଘନ ସର୍ବଦଳୀୟ ବୈଠକ ବସୁଛି। କୁଜଙ୍ଗକୁ ଏନ୍‌ଏସି ଘୋଷଣା ଦାବିରେ ଆସନ୍ତା ୯ ତାରିଖରେ ସଚେତନ ନାଗରିକ ମଞ୍ଚ ପକ୍ଷରୁ କୁଜଙ୍ଗ ବଜାର ବନ୍ଦ ଡାକରା ଦିଆଯାଇଛି। ଏହାକୁ ସଫଳ କରିବା ସହିତ କିପରି ସମସ୍ତ ଦୋକାନ ବଜାର, ବେସରକାରୀ, ସରକାରୀ କାର୍ଯ୍ୟାଳୟ, ଗାଡ଼ିମଟର ଚଳାଚଳ ବନ୍ଦ ରହିବ ସେନେଇ ଆବାହକ ରଘୁନାଥ ସାହୁଙ୍କ ପୌରାହିତ୍ୟରେ କୁଜଙ୍ଗ ଲୋକନାଥ ଭାବନରେ ଆଜି ଅପରାହ୍ଣରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କୁଜଙ୍ଗ ବଜାରର ବିଭିନ୍ନ ବଣିକ ସଂଘ ସହିତ ଆଲୋଚନା କରାଯିବା ସହିତ ସେମାନେ ଏହି ବନ୍ଦକୁ ସମର୍ଥନ ଜଣାଇଥିବା ଆବାହକ ଶ୍ରୀ ସାହୁ ପ୍ରକାଶ କରିଥିଲେ। ଏପରିକି କଟକ-ପାରାଦ୍ୱୀପ ରାଜ୍ୟ ରାଜପଥରେ ଯାନବାହାନ ଚଳାଚଳ ବନ୍ଦ କରିବା ସହିତ ବିଭିନ୍ନ ସଂଘ ସହିତ ଆଲୋଚନା କରାଯାଇ ସେମାନଙ୍କ ସମର୍ଥନ ଓ ସହଯୋଗ କାମନା କରାଯାଇଥିଲା। ସେହିପରି ଆସନ୍ତା ଶନିବାର କୁଜଙ୍ଗ ବଜାରର ବିଭିନ୍ନ ଜନଗହଳି ପୂର୍ଣ୍ଣ ସ୍ଥାନରେ ପଥପ୍ରାନ୍ତ ସଭା କରାଯାଇ ବ୍ୟବସାୟୀ ଓ ଜନସାଧାରଣ ମାନଙ୍କୁ ସଚେତନ କରାଯିବା ବୋଲି ବୈଠକରେ ସହମତି ଭିତ୍ତିରେ ନିଷ୍ପତି ଗୃହୀତ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ପିତାମ୍ବର ତରାଇ, ବାବୁରାମ ଚୌଧୁରୀ, ସୁବାସ ମହାପାତ୍ର, କୈଳାଶ ଷଡ଼ଙ୍ଗୀ, ସୌଭାଗ୍ୟ ବିଶ୍ୱାଳ, ମନୀନ୍ଦ୍ର ଗୁରୁ, ରବୀନ୍ଦ୍ର ନାଥ, ମହେଶ୍ୱର ଦାସ, ରଶ୍ମୀରଞ୍ଜନ ଦାସ, ବିବେକାନନ୍ଦ ଦାସ, କୁଜଙ୍ଗ ଆଥଲେଟିକ କ୍ଲବ ସମ୍ପାଦକ ରଜନୀକାନ୍ତ ଗୁରୁ, କୁଜଙ୍ଗ ଓକିଲ ସଂଘ ସମ୍ପାଦକ ବ୍ରଜକିଶୋର ରାଉତ, ଆଡଭୋକେଟ ରଞ୍ଜିତ ବିଶ୍ୱାଳ, ଆଡଭୋକେଟ ପରେଶ ନାଥ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

## ପାରାଦୀପଗଡ଼ରେ ବ୍ରାଉନ୍‌ସୁଗର ବ୍ୟବସାୟୀ ସକ୍ରିୟ

# ଲକ୍ଷାଧିକ ଟଙ୍କାର ବ୍ରାଉନସୁଗର ଜବତ; ୩ ଗିରଫ

ପାରାଦୀପ, ୩।୯ (ସମିସ): ପାରାଦୀପ ଲକ୍ ଥାନା ଅଞ୍ଚଳରେ ଏବେ ବ୍ରାଉନସୁଗର ବ୍ୟବସାୟ ସକ୍ରିୟ ହୋଇଉଠିଛି। ଗତକାଲି ଉକ୍ତ ଅଞ୍ଚଳରୁ ବ୍ରାଉନ୍‌ସୁଗର ଜବତ କରିବା ସହିତ ୩ ବ୍ୟବସାୟୀଙ୍କୁ ପୁଲିସ ଗିରଫ କରିଛି। ଏନେଇ ପାରଦୀପ ଏଏସ୍‌ପି ସ୍ମୃତିରଞ୍ଜନ କର ଆଜି ଆୟୋଜିତ ଏକ ପ୍ରେସମିଟ୍‌ରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପୁଲିସର ସୂଚନା ମୁତାବକ ଲକ୍ ଥାନା ଅଧୀନ ଚୂନ ଛକ ନିକଟରେ ବ୍ରାଉନ୍‌ସୁଗର ବ୍ୟବସାୟ ହେଉଥିବା ନେଇ ଥାନାଧିକାରୀ ରଶ୍ମିରଞ୍ଜନ ଦାସ ସୂଚନା ପାଇଥିଲେ। ପରେ ସବ୍‌ଇନ୍ସପେକ୍ଟର ଡି ଓଝାଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରେ ନିକଟସ୍ଥ ଉଛବାନନ୍ଦ ଡିଆ ଗ୍ରାମର ନିତ୍ୟାନନ୍ଦ ମହାରଣାଙ୍କ ପୁଅ ବୁଲା ମହାରଣା(୫୨), ଝିମାଣୀ ଗ୍ରାମର କାଙ୍ଗାଳୀ ବାହାଲିଆଙ୍କ ପୁଅ ଯୋଗେନ୍ଦ୍ର ବାହାଲିଆ (୩୨) ଓ ରବିନ୍ଦ୍ରନାଥ ପ୍ରଧାନଙ୍କ ପୁଅ ସମ୍ପଦ ଓରଫ ପ୍ରଳୟ ପ୍ରଧାନ(୨୫)ଙ୍କୁ ଧରିବା ସହିତ ସେମାନଙ୍କ ନିକଟରୁ ୨୧ ଗ୍ରାମ ବ୍ରାଉନ ସୁଗାର ଜବତ କରିଥିଲେ। ଏହାର ଅନୁମାନିକ ମୂଲ୍ୟ ୨ଲକ୍ଷ ୧୦ ହଜାର ଟଙ୍କା ହେବ ବୋଲି ପାରଦୀପ ଏଏସପି ସ୍ମୃତିରଞ୍ଜନ କର ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କ ନିକଟରୁ ମୋବାଇଲ୍ ଫୋନ୍ ସହ ୧୮ ଶହ ଟଙ୍କା ଜବତ କରାଯାଇଛି। ଏନେଇ ଥାନାରେ ମାମଲା ରୁଜୁ କରାଯାଇ ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

## ଟଙ୍କା ଓ ବାଇକ୍ ସହିତ ବ୍ରାଉନସୁଗର ଜବତ; ୧ ଗିରଫ

ଜଗତସିଂହପୁର, ୩।୯ (ସମିସ): ଜଗତସିଂହପୁର ସଦର ଥାନା ପୁଲିସ ଆଜି ଅପରାହ୍ଣ ସମୟରେ ପୁନଙ୍ଗ କେନାଲ ବନ୍ଧ ନିକଟରେ ଚଢ଼ଉ କରି ୩୫ ଗ୍ରାମ୍ ବ୍ରାଉନସୁଗର ଜବତ କରିଛି। ଏଥିସହିତ ବ୍ରାଉନସୁଗର ବିକ୍ରି କରୁଥିବା ଅଭିଯୋଗରେ ମାର୍କଣ୍ଡପୁର ଗ୍ରାମର ପ୍ରମୋଦ କୁମାର ଗୋଛାୟତ ଓରଫ କୁନୁକୁ ଗିରଫ କରିଛି। ପ୍ରମୋଦ ନିକଟରୁ ନଗଦ ୨୪୦୦ ଟଙ୍କା ଏବଂ ଏକ ବାଇକ୍ ପୁଲିସ ଜବତ କରିଥିବା ସଦର ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଏସ୍‌ପି ଅଙ୍କିତ ବର୍ମା। ପ୍ରମୋଦ ପୁନଙ୍ଗ କେନାଲ ବନ୍ଧରେ ବ୍ରାଉନ ସୁଗାର ବିକ୍ରି କରୁଥିବା ସୂତ୍ରରୁ ଖବର ପାଇବା ପରେ ସଦର ଥାନା ଆଇଆଇସିଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ବିବେକାନନ୍ଦ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ଚଢ଼ଉ କରିଥିଲା। ଜବତ ବ୍ରାଉନ ସୁଗାରର ଆନୁମାନିକ ମୂଲ୍ୟ ୩ ଲକ୍ଷ ୫୦ ହଜାର ହେବ ବୋଲି ସୂଚନା ଦିଆଯାଇଛି। ପ୍ରମୋଦ ପୂର୍ବରୁ ମଧ୍ୟ ଏକାଧିକ ଥର ବ୍ରାଉନସୁଗର ବିକ୍ରି ଅଭିଯୋଗରେ ଗିରଫ ହୋଇଥିବା ଏସ୍‌ପି ସୂଚନା ଦେଇଛନ୍ତି। ଆସନ୍ତାକାଲି ପ୍ରମୋଦକୁ କୋର୍ଟଚାଲାଣ କରାଯିବ ବୋଲି ପୁଲିସ ସୂଚନା ଦେଇଛି। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଡିପିଓ ଏବଂ ସଦର ଥାନା ଆଇଆଇସି ସରୋଜ ସାମଲ ପ୍ରମୁଖ ସମ୍ମିଳନୀରେ ଉପସ୍ଥିତ ଥିଲେ।

# ଇଫ୍‌କୋର ପରିବେଶ ସଚେତନତା କାର୍ଯ୍ୟକ୍ରମ



ପାରାଦୀପ,୩।୯ (ସମିସ): ପାରାଦୀପ ପୌର ପରିଷଦ ଅଧୀନ ୫ ନମ୍ବର ୱାର୍ଡ ବଲିଝରା ଗଣପତି ଶିଶୁ ବିଦ୍ୟାମନ୍ଦିରରେ ବିଶ୍ୱର ସର୍ବବୃହ ସାର ଉତ୍ପାଦନକାରୀ ସଂସ୍ଥା ଇଫକୋ ପକ୍ଷରୁ ପରିବେଶ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଯୋଗଦେଇ ଉନ୍ନତ ଶିକ୍ଷା ଭଳି ପରିବେଶ ସ୍ୱଚ୍ଛତା ମଧ୍ୟ ଜରୁରୀ ବୋଲି କହିଛନ୍ତି ଇଫକୋ ପାରାଦୀପ ୟୁନିଟ୍ ମୁଖ୍ୟ ତଥା ନିର୍ବାହୀ ନିର୍ଦ୍ଦେଶକ ପ୍ରଦୀପ କୁମାର ମହାପାତ୍ର। ନିଜର ଭବିଷ୍ୟତ ପାଇଁ ଶିକ୍ଷାର ଆବଶ୍ୟକତା ହେଉଛି ମୁଖ୍ୟ ଏବଂ ମନଦେଇ ପାଠପଢିବା ସହିତ ବାପାମାଆଙ୍କ ନାମକୁ ରଖିବା ସହିତ ରାଜ୍ୟ ତଥା ଦେଶର ସୁନାମ ବଜାୟ ରଖିବାକୁ ମୁଖ୍ୟଅତିଥି ଶ୍ରୀ ମହାପାତ୍ର ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ। ଭବିଷ୍ୟତ ବଂଶଧରମାନଙ୍କ ନିମନ୍ତେ ଚାରାରୋପଣ କରିବାକୁ ସେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥି ଭାବେ ଇଫ୍‌କୋର ଲୋକସମ୍ପର୍କ ଅଧିକାରୀ ଡ. ପ୍ରସନ୍ନ କୁମାର ବେଉରା ଯୋଗଦେଇଥିଲେ। ଏଅବସରରେ ଇଫ୍‌କୋ ପାରାଦୀପ ୟୁନିଟ୍ ପକ୍ଷରୁ ନବନିର୍ମିତ ଶ୍ରେଣୀ କକ୍ଷକୁ ମୁଖ୍ୟଅତିଥି ଶ୍ରୀ ମହାପାତ୍ର ଲୋକାର୍ପଣ କରିଥିଲେ। ବିଦ୍ୟାମନ୍ଦିରର ପ୍ରଧାନଶିକ୍ଷୟିତ୍ରୀ ଗିତାଞ୍ଜଳୀ ତରାଇଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# କଂଗ୍ରେସର ସଂଗଠନ ସୃଜନ ଅଭିଯାନ କାର୍ଯ୍ୟକ୍ରମ




ଜଗତସିଂହପୁର,୩।୯ (ସମିସ): ଜଗତସିଂହପୁର ଜିଲ୍ଲା କଂଗ୍ରେସ ସଭାପତି ପଦ ପାଇଁ ମନୋନୟନ ପ୍ରକ୍ରିୟା ଆଜିଠାରୁ ଆରମ୍ଭ ହୋଇଛି। ସ୍ଥାନୀୟ ସରଳାଦେବୀ କଲ୍ୟାଣମଣ୍ଡପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏଆଇସିସିର ପର୍ଯ୍ୟବେକ୍ଷକ ଏମ୍ ଲିଜୁ ଉପସ୍ଥିତ ରହି ସଂଗଠନ ସୃଜନ ଅଭିଯାନରେ ଜିଲ୍ଲା ସଭାପତି ମନୋନୟନ ସମ୍ବନ୍ଧରେ ସୂଚନା ପ୍ରଦାନ କରିଛନ୍ତି। ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖାର୍ଗେଙ୍କ ନିର୍ଦ୍ଦେଶ କ୍ରମେ ଦଳ ପକ୍ଷରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପୂର୍ବତନ ବିଧାୟକ, ବିଧାୟକ ପ୍ରାର୍ଥୀ, ବ୍ଲକ ସଭାପତି, ପୂର୍ବତନ ବ୍ଲକ ଓ ମ୍ୟୁନିସିପାଲିଟି ଅଧ୍ୟକ୍ଷ, ସରପଞ୍ଚ ଓ ପୂର୍ବତନ ସରପଞ୍ଚ, ଜିଲ୍ଲା କଂଗ୍ରେସ ଓ ବିଭିନ୍ନ ସାମ୍ମୁଖ୍ୟର ବର୍ତ୍ତମାନ ଓ ପୂର୍ବତନ କର୍ମକର୍ତ୍ତା, ଗଣମାଧ୍ୟମର ପ୍ରତିନିଧି, ସାମାଜିକ ସଂଗଠନର ପ୍ରତିନିଧି, ସିଭିଲ ସୋସାଇଟିର ପ୍ରତିନିଧି,ପଞ୍ଚାୟତ ପ୍ରତିନିଧି, ବରିଷ୍ଠ ଓ ତୃଣମୂଳସ୍ତରର କର୍ମୀଙ୍କର ମତାମତ ନିଆଯାଇ ଜିଲ୍ଲା କଂଗ୍ରେସ ସଭାପତି ମନୋନୟନ କରାଯିବ ବୋଲି ଏଆଇସିସି ପର୍ଯ୍ୟବେକ୍ଷକ ସୂଚନା ଦେଇଛନ୍ତି। ଆଜିଠାରୁ ଆରମ୍ଭ ଏହି ଅଭିଯାନ ପ୍ରକ୍ରିୟା ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏଆଇସିସି ପର୍ଯ୍ୟବେକ୍ଷକ ଜିଲ୍ଲାର ୪ଟି ଯାକ ନିର୍ବାଚନମଣ୍ଡଳୀର ସମସ୍ତ ବ୍ଲକ ଓ ପୌରାଞ୍ଚଳ ଗସ୍ତକରି କର୍ମୀମାନଙ୍କ ସହିତ ସଭାପତି ପଦ ପାଇଁ ଆଲୋଚନା କରିବେ। ଜିଲ୍ଲା ସଭାପତି ପଦ ପାଇଁ କୌଣସି ବୟସ ସୀମା ଲାଗୁ ହେବନାହିଁ। ଦଳର ତୃଣମୂଳସ୍ତରରେ ଅତି କମରେ ୫ବର୍ଷ ଧରି କାମ କରିଥିବା ଏବଂ ଦଳ ପ୍ରତି ଆନୁଗତ୍ୟ ଥିବା ତଥା ସାଂଗଠନିକ ଦକ୍ଷତା ଥିବା ବ୍ୟକ୍ତିଙ୍କୁ ପ୍ରାଧାନ୍ୟ ଦିଆଯିବ ବୋଲି ସୂଚନା ଦିଆଯାଇଛି। ଦଳ ବିରୋଧୀ ଓ ଅପରାଧିକ କାର୍ଯ୍ୟକଳାପରେ ଜଡ଼ିତ ଥିବା କର୍ମୀ ଓ ନେତାଙ୍କ ନାମକୁ ଜିଲ୍ଲା ସଭାପତି ପଦ ପାଇଁ ବିଚାରକୁ ନିଆ ଯିବ ନାହିଁ। ଜିଲ୍ଲା ସଂଯୋଜକ ନଟବର ବାରିକଙ୍କ ସଂଯୋଜନାରେ ସମ୍ମିଳନୀରେ ପିସିସି ପର୍ଯ୍ୟବେକ୍ଷକ ରାଜକିଶୋର ବାରିକ, ପିସିସି ଉପସଭାପତି ଡା. ଲଲାଟେନ୍ଦୁ ମହାପାତ୍ର, ବାଲିକୁଦା-ଏରସମା ବିଧାୟକ ପ୍ରାର୍ଥୀ ନଳିନୀ କୁମାର ସ୍ୱାଇଁ, ପାରାଦ୍ୱୀପ ବିଧାୟକ ପ୍ରାର୍ଥୀ ନିରଞ୍ଜନ ନାୟକ, ଜଗତସିଂହପୁର ବିଧାୟକ ପ୍ରାର୍ଥୀ ପ୍ରତିମା ମଲ୍ଲିକ, ରାଜ୍ୟ କିସାନ କଂଗ୍ରେସ ସଭାପତି ଅଭୟ ସାହୁ, ପୂର୍ବତନ ପୌରାଧକ୍ଷ ବିପ୍ଳବ ଚୌଧୁରୀ, ପୂର୍ବତନ ପିସିସି ସମ୍ପାଦକ ଅଜୟ ସାହୁ, ଯୁବ ଆଇଏନଟିଉସିର ଜିଲ୍ଲା ସଭାପତି ବେଦଦ୍ୟୁତି ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ।

# ନାବାଳକକୁ ମଦପିଆଇ ନିର୍ଯାତନା ଅଭିଯୋଗରେ ଯୁବକ ଗିରଫ

କୁଜଙ୍ଗ,୩।୯ (ସମିସ): ନାବାଳକୁ ମଦପିଆଇ ନିର୍ଯାତନା ଅଭିଯୋଗରେ ଜଣେ ଯୁବକ ଗିରଫ ହୋଇଛି। ଏରସମା ବ୍ଲକ୍ ତଥା କୁଜଙ୍ଗ ଥାନା ବାମଦେଇପୁର ପଞ୍ଚାୟତ ଅଧୀନ କଙ୍କରଦିଆ ଗ୍ରାମର ମନୋରଞ୍ଜନ ସାମନ୍ତରାୟ (ମାନୁରୀ ନନା) ଓ ପାରପରା ଗ୍ରାମର ଶୁଶାନ୍ତ ଦାସ (କୁନା ଟେଲର) ନିଶାସକ୍ତ ଅବସ୍ଥାରେ ବନାପାଟ ଗ୍ରାମର ଜଗବନ୍ଧୁ ସ୍ୱାଇଁଙ୍କ ନାବାଳକ ପୁତ୍ରକୁ ଜୋର୍ ଜବରଦସ୍ତ ମଦ ପିଆଇ ମାଡ଼ମାରି ତାର ଭିଡିଓକୁ ଭାଇରାଲ୍ କରିଥିଲେ। ନାବାଳକଙ୍କ ବାପା ଏହି ଦୁଇଜଣଙ୍କ ବିରୁଦ୍ଧରେ କୁଜଙ୍ଗ ଥାନାରେ ଅଭିଯୋଗ କରିବାରୁ ପୁଲିସ ମାମଲା ରୁଜୁକରି ବିଳମ୍ବିତ ରାତିରେ ଜଣେ ଅଭିଯୁକ୍ତ ମାନୁରୀ ନନାଙ୍କୁ ଗିରଫ କରିଛି। କୋର୍ଟରେ ଜାମିନୀ ନା ମଞ୍ଜୁରୀ ହେବାକୁ ତାକୁ ସମାଗଳ ଉପକାରଗାରକୁ ପଠାଇ ଦିଆଯାଇଛି। ଅନ୍ୟତମ ଆଶାମୀ କୁନା ଟେଲରକୁ ଧରିବାକୁ ପୁଲିସ ଛାନ୍‌ଭିନ୍ କରୁଛି।

# ୧୭ରୁ ଜିଲ୍ଲା ବିଜେପିର ସେବାପକ୍ଷ କାର୍ଯ୍ୟକ୍ରମ




ଜଗତସିଂହପୁର,୩।୯ (ସମିସ): ଜଗତସିଂହପୁର ସହରର ଯୋଗଧାରୀସ୍ଥିତ ସର୍କିଟ ହାଉସରେ ଜିଲ୍ଲା ବିଜେପି ସଭାପତି ପ୍ରତାପ କୁମାର ମିଶ୍ରଙ୍କ ସଭାପତିତ୍ୱରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ରାଜ୍ୟ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମର ସଂଯୋଜକ ମହେଶ ମହାନ୍ତି, ଜିଲ୍ଲା ମିଡିଆ ସେଲ ଅଧ୍ୟକ୍ଷ ଗଣେଶ ପ୍ରସାଦ ମହାନ୍ତି, ସାଂସଦ ଡ. ବିଭୂପ୍ରସାଦ ତାରାଇ, ପ୍ରାକ୍ତନ ଜିଲ୍ଲା ସଭାପତି ସତ୍ୟବ୍ରତ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଉପେନ୍ଦ୍ର ନାଥ ବିଶ୍ୱାଳ, ରାଜକିଶୋର ବେହେରା ଏବଂ ସତ୍ୟସାରଥି ମହାନ୍ତି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଆସନ୍ତା ୧୭ ତାରିଖ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନଠାରୁ ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୀ ଓ ଲାଲବାହାଦୁର ଶାସ୍ତ୍ରୀ ଜୀଙ୍କ ଜନ୍ମ ଦିବସ ଯାଏ ସେବା ପକ୍ଷ ପାଳନ କରାଯିବ ବୋଲି ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମକୁ ଜିଲ୍ଲାର ସମସ୍ତ ବୁଥ୍ ଯାଏ ପାଳନ କରାଯିବା ପାଇଁ ଜିଲ୍ଲାରେ ଏକ ଟୋଲୀ ଗଠନ କରାଯାଇଛି। ଯାହାର ସଂଯୋଜକ ଭାବେ ସୁବାଷ ଜେନା, ସହ ସଂଯୋଜକ ଗଣେଶ ପ୍ରସାଦ ମହାନ୍ତି, ଜଟାଧାରୀ ସ୍ୱାଇଁ, ଭବେନ୍ଦ୍ର ଦାସ ଓ କଳ୍ପନା ମହାନ୍ତି ସର୍ଜନ ସିଂହ ପ୍ରଭୃତି ରହିଛନ୍ତି। ପୌର ପରିଷଦ ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଷୋଇ, ବାମଦେବ ମଲ୍ଲିକ, ଗଗନ ଦାଶ, ନୃସିଂହ ସାହୁ, ବିଜୟ ଦାଶ, ତାପସୀ ମଲ୍ଲିକ, ଅନୁସୟା ଲେଙ୍କା, ସୁବ୍ରତ ପ୍ରଦାନ, ଶିଶିର ପାତ୍ର, ସମୀର ନାୟକ ପ୍ରମୁଖ ଏଥିରେ ଯୋଗଦେଇଥିଲେ। ଶେଷରେ ସୁବାଷ ଜେନା ଧନ୍ୟବାଦ ପ୍ରଦାନ କରିଥିଲେ।

## ବାୟା ଅବଧୂତ ମହାବିଦ୍ୟାଳୟ

# ଜାତୀୟ ସେବା ଯୋଜନା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ତିର୍ତ୍ତୋଲ,୩।୯ (ସମିସ): ତିର୍ତ୍ତୋଲ ବ୍ଲକ୍ ଅଧୀନ କନିମୂଳସ୍ଥିତ ବାୟା ଅବଧୂତ ମହାବିଦ୍ୟାଳୟ ପରିସରରେ ଚାଲିଥିବା ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ନେତୃତ୍ୱ ବିକାଶ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଭାରତ ସରକାରଙ୍କ ଯୁବବିକାଶ ବିଭାଗ ଅଧିକାରୀ ଅଜିତ୍ ଖୁଣ୍ଟୱା ଏବଂ ସମ୍ମାନିତ ଅତିଥି ଶୈଳବାଳା ମହିଳା କଲେଜର ସହଯୋଗୀ ପ୍ରଫେସର ଡ. ଯୋଗମାୟା ପଣ୍ଡା ଓ ନିଖିଳ ପାଣିଗ୍ରାହୀ ପ୍ରମୁଖ ଜାତୀୟ ସେବା ଶିବିରର ଲକ୍ଷ୍ୟ, ଆଭିମୁଖ୍ୟ ଓ ମହତ୍ତ୍ୱ ବିଷୟରେ ଆଲୋଚନା କରିଥିଲେ। ସମାଜ ସେବା କାର୍ଯ୍ୟରେ ନିଜକୁ ନିୟୋଜିତ ଓ ଉତ୍ସର୍ଗ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ଆବେଗ ପୂର୍ଣ୍ଣ ଆହ୍ୱାନ ଦେଇଥିଲେ। ଅବସରରେ ନୃତ୍ୟ, ସଙ୍ଗୀତ, ବାକ୍ତୃତା, କୁଇଜ୍ ଓ ମ୍ୟୁଜିକ ଚେୟାର ଆଦି ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାର୍ଥିମାନଙ୍କୁ, ପ୍ରଶଂସାପତ୍ର, କପ୍ ଓ ଟ୍ରଫି ଅତିଥିମାନେ ପ୍ରଦାନ କରିଥିଲେ। ଶିବିରରେ ବିଭିନ୍ନ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର କ୍ୟାଡେଟମାନେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ବିଜୟିନୀ ପଢିଆରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରକୁ ମହାବିଦ୍ୟାଳୟ କାର୍ଯ୍ୟକ୍ରମ ଅଧିକାରୀ ପ୍ରଣତିକା ମହାନ୍ତି, ଅଧ୍ୟାପକ ନଟବର ସୁତାର, ମୃତ୍ୟୁଞ୍ଜୟ ମହାନ୍ତି, ସତ୍ୟନାରାୟଣ ମହାପାତ୍ର, ଅଧ୍ୟାପକ ସଞ୍ଜୟ ଦାସ ଓ ସ୍ୱେଚ୍ଛାସେବୀ ବିଦ୍ୟାର୍ଥୀମାନେ ପରିଚାଳନା କରିଥିଲେ।

# 'ଗୁରୁଶ୍ରୀ ସମ୍ମାନ'ରେ ଶିକ୍ଷକ ଆଶୁତୋଷ ପଣ୍ଡା ସମ୍ବର୍ଦ୍ଧିତ

ଜଗତସିଂହପୁର,୩।୯ (ସମିସ): ସାରସ୍ୱତ ଅନୁଷ୍ଠାନ ମୂର୍ଚ୍ଛନା ଏବଂ ଓଡ଼ିଶା କଲଚର୍ ଆର୍ଟ ଏକାଡେମୀ ଆନୁକୁଲ୍ୟରେ ରାଜ୍ୟସ୍ତରୀୟ ଗୁରୁପୂଜନ ଉତ୍ସବ ଓ ସ୍ୱର ମଲ୍ଲାର କାର୍ଯ୍ୟକ୍ରମ ୨୦୨୫ ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ତ୍ରିଲୋଚନ ବରାଳ(ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡ଼ିଶା), ବିଶିଷ୍ଟ ଅତିଥି ଭାବେ ଓଡ଼ିଶାର ସୁନାମଧନ୍ୟ ସଙ୍ଗୀତ ନିର୍ଦ୍ଦେଶକ ଓ ଅଭିନେତା ଶ୍ରୀକାନ୍ତ ଗୌତମ, ମୁଖ୍ୟ ବକ୍ତା ଭାବେ ସମାଜସେବୀ ଓ ଶିକ୍ଷାବିତ୍ ଧର ପଣ୍ଡା ଏବଂ ଅନ୍ୟାନ୍ୟ ବହୁ ଉଚ୍ଚ ପଦାଧିକାରୀ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା କୃତୀ ପ୍ରତିଭାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଉତ୍ସବରେ ଶିକ୍ଷକତା, ସ୍କାଉଟିଂ ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶୁଦ୍ଧାନନ୍ଦ ବିଦ୍ୟାଳୟର ସ୍କାଉଟ୍ ମାଷ୍ଟର ଏବଂ ସହକାରୀ ଶିକ୍ଷକ ଆଶୁତୋଷ ପଣ୍ଡାଙ୍କୁ "ଗୁରୁଶ୍ରୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଏହି ପୁରସ୍କାର ହାସଲ କରି ଜିଲ୍ଲା ତଥା ବିଦ୍ୟାଳୟର ମର୍ଯ୍ୟାଦା ବୃଦ୍ଧି କରିଥିବାରୁ ବିଦ୍ୟାଳୟର ଅଧ୍ୟକ୍ଷ ବିଶ୍ୱଜିତ୍ ସ୍ୱାଇଁ, ବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ବ୍ର. ଯଦୁନାଥ ଦାସ ଏବଂ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ତାଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଏହିଭଳି କାର୍ଯ୍ୟଧାରାକୁ ଜାରି ରଖିବା ପାଇଁ ପ୍ରେରଣା ପ୍ରଦାନ କରିଛନ୍ତି।




# ଅଧ୍ୟାପକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ବାଲିକୁଦା,୩।୯ (ସମିସ): ବାଲିକୁଦା ବ୍ଲକ ବରମୁଣ୍ଡଳୀ ପଞ୍ଚାୟତ ତାଳଗାଁରେ ଥିବା ବାସୁଦେବ ସ୍ମାରକୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ କଲେଜ ଅଧ୍ୟକ୍ଷ ଉପେନ୍ଦ୍ର ନାଥ ପରିଡ଼ାଙ୍କ ଅଧ୍ୟକ୍ଷତାରେ କଲେଜର ଇତିହାସ ବିଭାଗ ଅଧ୍ୟାପକ ବୀର କିଶୋର ପରିଡାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସାମ୍ବାଦିକ ପ୍ରଣବ ପ୍ରଧାନ ଏବଂ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ବିସ୍ମୟ କୁମାର ମିତ୍ର, କାର୍ତ୍ତିକ ଚନ୍ଦ୍ର ନାୟକ, ଅଧ୍ୟାପିକା ସୁମିତ୍ରା ମହାନ୍ତି, ଦିପ୍ତିମୟୀ ଜେନା, ଗୀତାଞ୍ଜଳି ସାହୁ, ମିତାଲି ମଧୁସ୍ମିତା ସାହାଣୀ, କ୍ରୀଡ଼ା ବିଭାଗ ଅଧ୍ୟାପକ ଆଲୋକ ରଞ୍ଜନ ଜେନା, ଅବସରପ୍ରାପ୍ତ ବରିଷ୍ଠ କିରାଣୀ ଅକ୍ଷୟ କୁମାର ପ୍ରଧାନ ଯୋଗଦେଇ ଶ୍ରୀ ପରିଡାଙ୍କ ଦୀର୍ଘ ୩୪ ବର୍ଷର ନିଷ୍ଠାପର ସେବା ଏପରିକି ନିଜ କର୍ମ କ୍ଷେତ୍ରରେ ଶେଷ କାଳ ପର୍ଯ୍ୟନ୍ତ ବିନା ପାରିଶ୍ରମିକରେ ଅନେକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସୃଷ୍ଟି କରିବା ଏକ ମହନିୟତା ବୋଲି ପ୍ରକାଶ କରିଥିଲେ। ଶେଷରେ ବିଦାୟୀ ଅଧ୍ୟାପକଙ୍କୁ କଲେଜ ପକ୍ଷରୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଗ୍ରନ୍ଥା ଗାରିକ ପ୍ରଶାନ୍ତ କୁମାର ମହାନ୍ତି ପ୍ରଦାନ କରିଥିବା ବେଳେ ଛାତ୍ରୀ ପ୍ରାଚୀ ପ୍ରିୟଦର୍ଶିନୀ ମାନପତ୍ର ପଠନ କରିଥିଲେ। ବରିଷ୍ଠ କିରାଣୀ ମାଧବାନନ୍ଦ ରାଉତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିବାରେ କଲେଜ କର୍ମଚାରୀ ବିଜୟ କୁମାର ସେଠି, ସୁରେନ୍ଦ୍ର କୁମାର ବିଶ୍ୱାଳ, ନରେଶ ଚନ୍ଦ୍ର ଜେନା, କ୍ଷୀରୋଦ ବେହେରା, ଭିକାରୀ ମହାନ୍ତି ଓ ସୁନାକାର ସ୍ୱାଇଁଙ୍କ ସମେତ ବହୁ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

# ବ୍ଲକ୍ ସମ୍ମିଳନୀ କକ୍ଷରେ ଅଷ୍ଟମ ପଞ୍ଚାୟତ ସମିତି ବୈଠକ

ବାଲିକୁଦା,୩।୯ (ସମିସ)



ବାଲିକୁଦା ବ୍ଲକ୍ ସମ୍ମିଳନୀ କକ୍ଷରେ ଅଷ୍ଟମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଶାରଦା ପ୍ରସନ୍ନ ଜେନା, ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ବିଡିଓ ସାଗର କୁମାର ନନ୍ଦ, ତହସିଲଦାର ବିକାଶ ରଞ୍ଜନ, ଅତିରିକ୍ତ ବିଡିଓ ସ୍ମାରକ ରଞ୍ଜନ ମହାନ୍ତି, ବ୍ଲକ ଉପାଧ୍ୟାକ୍ଷା ପ୍ରିୟମ୍ବଦା ପଲାଉର, ସାଂସଦ ବାଲିକୁଦା ପ୍ରତିନିଧି ପ୍ରଶାନ୍ତ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ୨ ମାସକୁ ଥରେ ପଞ୍ଚାୟତ ସମିତି ବୈଠକ ବସିବାର ନିୟମ ଥିଲେ ସୁଦ୍ଧା କେଉଁ କାରଣରୁ ୭ ମାସ ପରେ ବୈଠକ ଅନୁଷ୍ଠିତ ହେଉଛି ତାହାକୁ ନେଇ ପ୍ରଶ୍ନ ଉଠାଇଥିଲେ ଅଳାବୋଳ ସମିତିସଭ୍ୟ ଚିତ୍ତରଞ୍ଜନ ମନ୍ତ୍ରୀ। ଏପରିକି ସମସ୍ତ ଜନପ୍ରତିନିଧି ବ୍ଲକ୍ ପ୍ରଶାସନ ଜନ ପ୍ରତିନିଧିମାନଙ୍କ ଉପରେ ଆସ୍ଥା ପ୍ରକଟ କରି ପ୍ରତ୍ୟେକ ବିକାଶ ମୂଳକ କାର୍ଯ୍ୟରେ ସେମାନଙ୍କ ପରାମର୍ଶ ଓ ସହଯୋଗ ନେବାକୁ କହିବାସହ ଏହାହେଲେ ସମସ୍ତଙ୍କ ସହଯୋଗରେ ବ୍ଲକର ସାମଗ୍ରିକ ବିକାଶ ହୋଇପାରିବ ବୋଲି କହିଥିଲେ। ବ୍ଲକରେ ସମସ୍ତ ଅନୁଦାନ କିଭଳି ପଞ୍ଚାୟତସ୍ତରରେ କାର୍ଯ୍ୟକାରୀ ହୋଇପାରିବ ସେନେଇ ଆଲୋଚନା ହୋଇଥିଲା। ପଞ୍ଚାୟତ ସମିତି ଭଳି ଗୁରୁତ୍ୱପୂର୍ଣ୍ଣ ବୈଠକରେ ବ୍ଲକ ଶିକ୍ଷା ଅଧିକାରୀ ଅନୁପସ୍ଥିତ ରହିବା ନେଇ ଅସନ୍ତୋଷ ପ୍ରକାଶ କରିଥିଲେ ଜନପ୍ରତିନିଧି। ଏପରିକି ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବାସହ ବାଲିକୁଦା ବ୍ଲକରେ ସ୍ଥାୟୀ ଶିକ୍ଷା ଅଧିକାରୀ ଯୋଗାଇ ଦେବାକୁ କହିଥିଲେ। ସେହିପରି ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ଅଧୀନରେ ନିର୍ମାଣ ହେଉଥିବା ବିଭିନ୍ନ ପଞ୍ଚାୟତରେ ୧୩ଟି ପ୍ରକଳ୍ପ ଅଧାପନ୍ତରିଆ ଥିବା ପ୍ରସଙ୍ଗ ଉଠିଥିଲା। ଯାହାର ଠିକାଦାରଙ୍କୁ ବ୍ଲାକଲିଷ୍ଟ କରିବା ସହ ତାଙ୍କ ପାଖରୁ ଜୋରିମାନା ଆଦାୟ କରି ଆଉଥରେ ଟେଣ୍ଡର କରି କାର୍ଯ୍ୟ ଶେଷ କରିବାକୁ ମୁଖ୍ୟ ପ୍ରସଙ୍ଗ ପାଲଟିଥିଲା। ସେହିପରି ବାଲିକୁଦା ସରପଞ୍ଚ ରାଜକିଶୋର ସାହୁ ବାଲିକୁଦା ମେଡିକାଲରେ ଡାକ୍ତର ସମସ୍ୟା, କେନାଲରେ ଚାଷୀଙ୍କ ନିକଟରେ ପାଣି ପହଞ୍ଚାଇବାରେ ବିଳମ୍ବ, ବ୍ଲକ ପରିସରରେ ଥିବା ସାଧାରଣ ଖାଉଟି ବିଭାଗ ପ୍ରକୋଷ୍ଠ ଅତ୍ୟନ୍ତ ଛୋଟ ହୋଇଥିବାରୁ ନୂତନ ଗୃହ ଏବଂ ଇନର୍ଭଟର ବ୍ୟବସ୍ଥା ପାଇଁ ପ୍ରସ୍ତାବ ଦେଇଥିଲେ। ଚାଷୀମାନଙ୍କୁ ସାର ଯୋଗାଇବାରେ ପ୍ରଶାସନ ବିଫଳ ଓ କଳାବଜାରରେ ଅଧିକ ଦାମରେ ବିକ୍ରି ହେଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଟିମ ଗଠନ କରି ଜିଲ୍ଲା ପ୍ରଶାସନ ଚଢ଼ଉ କରି ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ହୋଇଥିଲା। ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ କେତେକ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ନୂତନ ରାସ୍ତା ପ୍ରସ୍ତାବ ସହ, ମା' ବନ୍ଦରେଇ ପୀଠକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଓ ଆଦର୍ଶ ବିଦ୍ୟାଳୟକୁ ହଜାର ହଜାର ଟଙ୍କାରେ ମାସିକ ଭଡ଼ାଦେଇ ଛାତ୍ରଛାତ୍ରୀ ଯାଉଥିବା କାରଣରୁ ଲକ୍ଷ୍ମୀ ବସ ସେବା ଯୋଗାଇ ଦେବାକୁ ପ୍ରସ୍ତାବ ଦେଇଥିଲେ। ମେଗା ପାନୀୟ ଜଳ ପ୍ରକଳ୍ପ ଅକ୍ଟୋବର ଶେଷ ସୁଦ୍ଧା ଶତ ପ୍ରତିଶତ କାର୍ଯ୍ୟ ଶେଷ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଶେଷରେ ସାମ୍ବାଦିକମାନଙ୍କୁ ବ୍ଲକ ଅଧକ୍ଷ ସମ୍ମିଳନୀ କକ୍ଷରୁ ବାହାରକୁ ଯିବା ପ୍ରସଙ୍ଗ କରିବାକୁ ସାମ୍ବାଦିକମାନେ ବିରୋଧ କରିଥିଲେ। ଯାହାକୁ ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ କହିଥିଲେ କି ଏହା ଜନପ୍ରତିନିଧିମାନଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ। ଏହି ଆଲୋଚନା ବାହାରକୁ ନ ଯିବା ପାଇଁ ସେମାନଙ୍କୁ ବାରଣ କରାଯିବା ସହ କାର୍ଯ୍ୟ ଶେଷରେ ସେମାନେ ଗୃହକୁ ଆସି ଅଧିକାରୀ, ବିଧାୟକ ଓ ଜନପ୍ରତିନିଧି ମାନଙ୍କ ପ୍ରତିକ୍ରିୟା ନେଇପାରିବେ ବୋଲି କୁହାଯାଇଥିଲା।

## ● ପିକ୍‌ଅପକୁ ଧକ୍କାଦେଲା ବାଇକ
# ଭିଶୋଇ ମୃତ, ଶାଳକ ଗୁରୁତର

ହିନ୍ଦୋଳ,୩।୯ (ସମିସ): ହିନ୍ଦୋଳ ଥାନା ବାହାଲୁଣ୍ଡା ଛକରେ ସଡ଼କ ଦୁର୍ଘଟଣା ଘଟି ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ରାସୋଳ ଅଞ୍ଚଳର ଭଜମନ ବେହେରାଙ୍କ ପୁଅ ଭୀଷ୍ମ ବେହେରା। ଭୀଷ୍ମଙ୍କ ଶାଳକ ତଥା ହିନ୍ଦୋଳ ଥାନା ନୂଆବଗ ଗ୍ରାମର ବାପି ବେହେରାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ହିନ୍ଦୋଳ ମେଡିକାଲରେ ଭର୍ତ୍ତି କରାଯାଇଛି। ବୁଧବାର ରାତି ପ୍ରାୟ ୯ଟାରେ ଭୀଷ୍ମ ଓ ବାପି ଏକ ବାଇକ୍‌ରେ ଯାଉଥିବା ବେଳେ ବାହାଲୁଣ୍ଡା ଛକସ୍ଥିତ ଏକ ଢାବା ନିକଟରେ ଠିଆ ହୋଇଥିବା ପିକ୍‌ଅପ ସହ ଧକ୍କା ହୋଇଥିଲେ। ଘଟଣାସ୍ଥଳରେ ଭୀଷ୍ମଙ୍କ ମୃତ୍ୟୁ ହୋଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଶିକ୍ଷକ ଅଭାବ; ସ୍କୁଲରେ ତାଲା ପକାଇଲେ ଗ୍ରାମବାସୀ

ଭୁବନ,୩।୯ (ସମିସ): ଭୁବନ ବ୍ଲକ ଚଣ୍ଡିପାଳ ଗ୍ରାମ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘଦିନ ହେଲା ଶିକ୍ଷକ ଅଭାବ ସମସ୍ୟା ଲାଗି ରହିଛି। ଏ ନେଇ ବିଦ୍ୟାଳୟ ପରିଚାଳନା କମିଟି ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ବୁଧବାର ବିଦ୍ୟାଳୟର ଫାଟକରେ ତାଲା ପକାଇଛନ୍ତି ଗ୍ରାମବାସୀ ଓ କମିଟି ସଦସ୍ୟ। ଏହି ବିଦ୍ୟାଳୟରେ ଶିଶୁବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୫୭ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବାବେଳେ ପ୍ରଧାନଶିକ୍ଷକଙ୍କ ସହ ମୋଟ ଚାରିଜଣ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ଫଳରେ ପିଲାଙ୍କ ପାଠପଢ଼ାରେ ବ୍ୟାଘାତ ଘଟୁଛି। ଅଧିକ ଶିକ୍ଷକ ନିଯୁକ୍ତି ଦିଆ ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଛାତ୍ରୀ ମଧୁସ୍ମିତା ବେହେରା କୁହିଛନ୍ତି। ଅନ୍ୟପଟେ ଏହି ସ୍କୁଲ ଶିକ୍ଷକଙ୍କୁ ଡେପୁଟେସନରେ ନିଆଯାଉଥିବାରୁ ଆମେ ବିରୋଧ କରୁଛୁ। ଗୋଟିଏ ସପ୍ତାହ ମଧ୍ୟରେ ଶିକ୍ଷକ ସମସ୍ୟା ସମାଧାନ ହେବ ବୋଲି ଏବିଇଓ ପ୍ରତିଶ୍ରୁତି ଦେଇଛନ୍ତି। ଶିକ୍ଷକ ଦୀପ୍ତିରଞ୍ଜନ ପାଲଙ୍କ ଡେପୁଟେସନ ଆଦେଶ ପ୍ରତ୍ୟାହାର କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ପରିଚାଳନା କମିଟି ସଭାପତି ଗଣେଶ୍ୱର ମାଝି କହିଛନ୍ତି।

## ● ଭୁଜାଲିରେ ଆକ୍ରମଣ କରି ଟଙ୍କା ଲୁଟ୍ ଘଟଣା
# ଦୁଇ ଅଭିଯୁକ୍ତ କୋର୍ଟ ଚାଲାଣ

ଖଜୁରିଆକଟା,୩।୯ (ସମିସ): ୪ ଦିନ ତଳେ ହିନ୍ଦୋଳ ବ୍ଲକ ମହାଲୁଣ୍ଡା ଗ୍ରାମର ଗିରୀଶ ଚନ୍ଦ୍ର ସାହୁଙ୍କୁ ଭୁଜାଲିରେ ଆକ୍ରମଣ କରି ଟଙ୍କା ବ୍ୟାଗ୍ ଲୁଟ୍ ଘଟଣାରେ ବାଲିମି ଥାନା ପୁଲିସକୁ ସଫଳତା ମିଳିଛି। ବୁଧବାର ସକାଳେ ପୁଲିସ ମୋଟଙ୍ଗା ଥାନା ଅନ୍ତର୍ଗତ ଖଡ଼ଗପ୍ରସାଦ ଗ୍ରାମର ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ବରଣ ରାଉତ (୨୩) ଓ ଜଗନ ପୃଷ୍ଟି (୨୩)। ଏମାନଙ୍କ ବ୍ୟତୀତ ଏହି ଘଟଣାରେ ସମ୍ପୃକ୍ତ ଜଣେ ନାବାଳକଙ୍କୁ ମଧ୍ୟ ପୁଲିସ ହେପାଜତକୁ ନେଇଛି। ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଥାନା ଅଧିକାରିଣୀ ସୁଚିସ୍ମିତା ମହାନ୍ତିଙ୍କ ନେତୃତ୍ୱରେ ଏସ୍‌ଆଇ ଅନୁରାଗ ମଲ୍ଲିକ ଓ ଅନ୍ୟ କର୍ମଚାରୀମାନେ ଏହି ଚଢ଼ଉରେ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ଘଟଣା ଦିନ ଗିରୀଶ ନିଜ ବ୍ୟବସାୟ ସାରି ଅପରାହ୍ନ ପ୍ରାୟ ସାଢ଼େ ୧ଟାରେ ବାଇକ ଯୋଗେ ଘରକୁ ଫେରୁଥିବା ବେଳେ ବାଲିମି ଥାନା କୁମୁରିସିଙ୍ଗା ଗାଁ ମୁଣ୍ଡରେ ତିନି ଦୁର୍ବୃତ୍ତ ବାଇକରେ ଆସି ତାଙ୍କୁ ଭୁଜାଲିରେ ଆକ୍ରମଣ କରି ଟଙ୍କା ବ୍ୟାଗ ଛଡ଼ାଇ ନେଇଥିଲେ। ଏ ନେଇ ଗିରୀଶ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଜାରି ରଖିଥିଲା।

# ବର୍ଷାରେ ବର୍ଷାରେ ବିଘ୍ନରାଜଙ୍କୁ ବିଦାୟ
# ଶୋଭାଯାତ୍ରାରେ ୩୭ ମେଢ଼ ସାମିଲ
## ଶାନ୍ତିଶୃଙ୍ଖଳା ପାଇଁ ପୁଲିସ ଫୋର୍ସ ମୁତୟନ

ଢେଙ୍କାନାଳ,୩।୯ (ସମିସ): ଢେଙ୍କାନାଳ ସହରରେ ବୁଧବାର ବିଦାୟ ନେଇଛନ୍ତି ଗଜାନନ। ମିଳିତ ଭସାଣ ଶୋଭାଯାତ୍ରାରେ ୩୭ଟି ମେଢ଼ ସାମିଲ ହୋଇଛନ୍ତି। ଭସାଣ ଶୋଭାଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହିତ ସମାପନ କରିବାକୁ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଛି। ବର୍ଷାରେ ଭିଜି ଭିଜି ବିଘ୍ନ ବିନାଶକଙ୍କୁ ବିଦାୟ ଦେଇଛନ୍ତି ସହରବାସୀ।

ପାର୍ବଣ ଋତୁର ଅଗ୍ରପୂଜ୍ୟ ଗଣନାଥଙ୍କ ପୂଜା ଗତ ବୁଧବାର ଆରମ୍ଭ ହୋଇ ବୁଧବାର ଶେଷ ହୋଇଛି। ୮ ଦିନ ଧରି ପୂଜା ଜାରି ରହିଥିବା ବେଳେ ଆଜି ଭସାଣ ଉତ୍ସବ ଅନୁଷ୍ଠିତ ହୋଇଛି। ମେଢ଼ଗୁଡ଼ିକ ନିଜ ନିଜ ମଣ୍ଡପରୁ ବାହାରି ସ୍ଥାନୀୟ ମିନି ଷ୍ଟାଡିୟମ ନିକଟରେ ସକାଳ ସାଢ଼େ ୯ଟାରେ ପହଞ୍ଚିଥିଲେ। ସେଠାରେ ଉପଜିଲ୍ଲାପାଳ ବିବୁଧ ଗଡ଼ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ମିଳିତ ଭସାଣ ଶୋଭାଯାତ୍ରାକୁ ଉଦଘାଟନ କରିଥିଲେ। ଶୋଭାଯାତ୍ରା ପୂର୍ବରୁ ମିଳିତ ପୂଜା କମିଟି ସଭାପତି, କର୍ମକର୍ତ୍ତା ଓ ଶାନ୍ତି କମିଟି ଉପସ୍ଥିତିରେ ଲଟେରି ହୋଇଥିଲା। ଲଟେରୀ ଅନୁଯାୟୀ କ୍ରମିକ ନମ୍ବର ଅନୁସାରେ ପୂଜା ମଣ୍ଡପ ତରଫରୁ ବିଭିନ୍ନ ପ୍ରକାର ବାଦ୍ୟ, ଘୋଡ଼ାନାଚ, ଶିଙ୍ଗବାଜା ସହ ଶାନ୍ତିଶୃଙ୍ଖଳାରେ ମେଢ଼ଗୁଡ଼ିକ ବଜାର ପରିକ୍ରମା କରିଥିଲା। ପ୍ରଶାସନ ତରଫରୁ ନିର୍ଦ୍ଧାରିତ ସ୍ଥାନଗୁଡ଼ିକରେ ମେଢ଼ଗୁଡ଼ିକୁ ମେଲାଣି ଦିଆଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ମୂର୍ତ୍ତିଗୁଡ଼ିକୁ ଜେଲ୍ ପୋଖରୀ, କୁଞ୍ଜକାନ୍ତ ପୋଖରୀ, କାଠଶଙ୍ଖ ଏବଂ ଶିମିଳିଅ ପୋଖରୀରେ ବିସର୍ଜନ କରାଯାଇଛି। ଜିଲ୍ଲା ପ୍ରଶାସନ, ପୁଲିସ, ଅଗ୍ନିଶମ ବିଭାଗ, ପୌରସଂସ୍ଥା ସହ ବିଭିନ୍ନ ବିଭାଗର ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ରହି ଭସାଣି ଶୋଭାଯାତ୍ରାକୁ ସହ ପରିଚାଳନା କରିଥିଲେ। ଶୋଭଯାତ୍ରାକୁ ପାଇଁ ସହରରେ ସମସ୍ତ ଚାରିଚକିଆ ଯାନ ଚଳାଚଳ ବନ୍ଦ କରାଯାଇଥିଲା। ଶୋଭାଯାତ୍ରା ଦେଖିବା ପାଇଁ ସହରର ବିଭିନ୍ନ ସ୍ଥାନରେ ବ୍ୟାପକ ଜନସମାଗମ ହୋଇଥିଲା।






# ଇତିହାସ, ଓଡ଼ିଆ ବିଭାଗର ସ୍ୱାଗତ ଉତ୍ସବ



ଖଜୁରିଆକଟା,୩।୯ (ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ହିନ୍ଦୋଳ ମହାବିଦ୍ୟାଳୟରେ ଇତିହାସ ଏବଂ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ପ୍ରଥମ ବର୍ଷ ଛାତ୍ରଛାତ୍ରଙ୍କ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଛି। ଇତିହାସ ବିଭାଗରେ ବିଭାଗୀୟ ମୁଖ୍ୟ ଡ. ମହେନ୍ଦ୍ର କୁମାର ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ବିଭାଗୀୟ ମୁଖ୍ୟ ଶୈଳ୍ୟ ସାମଲ ସଭାପତିତ୍ୱ କରିଥିଲେ। ଉଭୟ ଉତ୍ସବରେ ଇଂରାଜୀ ବିଭାଗ ମୁଖ୍ୟ ଅକ୍ଷୟ କୁମାର ପାତ୍ର ମୁଖ୍ୟଅତିଥି, ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟବକ୍ତା ରୂପେ ଯୋଗଦେଇ ଛାତ୍ରଛାତ୍ରୀମାନେ ଶୃଙ୍ଖଳା ରକ୍ଷା କରିବା ସହ ଉଚ୍ଚ ଆକାଂକ୍ଷା ନେଇ ବିଦ୍ୟାନୁରାଗୀ ହେବାକୁ ପ୍ରେରଣା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ମୁରଲୀ କିଶୋର ଜେନାମଣି, କ୍ୟାପଟେନ ଡ. କିଶୋର କୁମାର ପୃଷ୍ଟି, ଜୟନ୍ତ ନାରାୟଣ ପତି, ଅଧ୍ୟାପିକା ପ୍ରିୟଙ୍କା ତିଗା, ଲକ୍ଷ୍ମୀପ୍ରିୟା ନାୟକ, କାର୍ଯ୍ୟାଳୟ କର୍ମଚାରୀ ମଙ୍ଗରାଜ ପ୍ରଧାନ ଓ ପୁରାତନ ଛାତ୍ର ପ୍ରଶାନ୍ତ କୁମାର ଜେନାମଣି ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

# ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ରାସ୍ତା ଶୋଚନୀୟ

ପରଜଙ୍ଗ,୩।୯ (ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବଜାରରୁ ଯାଇଥିବା ବ୍ଲକ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତାରେ ବ୍ଲକ କାର୍ଯ୍ୟାଳୟ, ମେଡିକାଲ, ହାଇସ୍କୁଲ, ମହାବିଦ୍ୟାଳୟ, ଅଗ୍ନିଶମ କେନ୍ଦ୍ର, କୃଷି ବିଭାଗ କାର୍ଯ୍ୟାଳୟ, ପଞ୍ଚାୟତ କାର୍ଯ୍ୟାଳୟ, ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ, ମିନି ଷ୍ଟାଡିୟମ ସମେତ ବହୁ ସରକାରୀ ବେସରକାରୀ କାର୍ଯ୍ୟାଳୟ ରହିଛି। ଏହା ସହ ଏହି ରାସ୍ତା ଦେଇ ଗଲେ ଅଳ୍ପ ଦୂରରେ ଗଡ଼ପରଜଙ୍ଗ ପଞ୍ଚାୟତ ଅଧୀନ ଜହ୍ନାପଡ଼ା ଗ୍ରାମ ରହିଛି। ବର୍ତ୍ତମାନ ଏହି ରାସ୍ତା ମରାମତି ଅଭାବରୁ ଦିନକୁ ଦିନ ଶୋଚନୀୟ ହୋଇପଡ଼ିଛି। ଖାଲଖମା ସୃଷ୍ଟି ହୋଇଥିବା ଏହି ରାସ୍ତାରେ ପଥଚାରୀଙ୍କଠାରୁ ଆରମ୍ଭ କରି ଦୁଇଚକିଆ ଯାନ, ସାଇକଲ ଆରୋହୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜହ୍ନାପଡ଼ା ଗାଁ ମୁଣ୍ଡରେ ରହିଥିବା ସହିଦ ବୀର ବେନୁ ସ୍ମୃତିସ୍ତମ୍ଭ ପର୍ଯ୍ୟନ୍ତ ଏହି ରାସ୍ତା ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଛି। ବର୍ଷା ହେଲେ ରାସ୍ତାରେ ସୃଷ୍ଟି ହୋଇଥିବା ଖାଲରେ ପାଣି ଜମିରହିବା ଦ୍ୱାରା ସ୍କୁଲ କଲେଜ ଛାତ୍ରଛାତ୍ରୀ ଓ ଅନ୍ୟ ପଥଚାରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହାଇସ୍କୁଲ ଛକରୁ ଜହ୍ନାପଡ଼ା ପର୍ଯ୍ୟନ୍ତ ରାସ୍ତା ସମ୍ପୂର୍ଣ୍ଣ ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ




ପରଜଙ୍ଗ,୩।୯ (ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ମହାବିଦ୍ୟାଳୟରେ ନବାଗତ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ବିଭାଗ ପକ୍ଷରୁ ସ୍ୱାଗତ କରାଯାଇଛି। ମହାବିଦ୍ୟାଳୟ ସଭାଗୃହରେ ନୃତତ୍ତ୍ୱ ବିଭାଗର ବରିଷ୍ଠ ଅଧ୍ୟାପିକା ଜୟଯୁକ୍ତା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଥିଲା।

ଅଧ୍ୟକ୍ଷା ସ୍ମିତାରାଣୀ ସାହୁ ମୁଖ୍ୟଅତିଥି, ଓଡ଼ିଆ ବିଭାଗ ଅଧ୍ୟାପକ ପ୍ରସନ୍ନ କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ନୃତତ୍ତ୍ୱ ବିଭାଗ ଅଧ୍ୟାପକ ସଞ୍ଜୟ କୁମାର ମୁଦୁଲି, ଅଧ୍ୟାପିକା କବିତା ସ୍ୱାଇଁ, ଦିବ୍ୟଦର୍ଶିନୀ ସାହୁ ପ୍ରମୁଖ ଉପସ୍ଥିତ ରହି ନବାଗତ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। କଳାରେ ନୃତତ୍ତ୍ୱ ବିଭାଗ ଅନ୍ୟତମ ରହିଥିବା ବେଳେ ଏହି ବିଭାଗରେ ଅଧ୍ୟୟନ କରିବା ପାଇଁ ଛାତ୍ରଛାତ୍ରୀ ପସନ୍ଦ କରିବା ସହ ପାସହାର ଶତପ୍ରତିଶତ ରହିଥାଏ ବୋଲି ପୁରାତନ ଛାତ୍ରଛାତ୍ରୀ ନବାଗତ ଛାତ୍ରଛାତ୍ରୀଙ୍କୁ କହିଥିଲେ। ଶେଷରେ ସମସ୍ତ ନବାଗତ ଛାତ୍ରଛାତ୍ରୀଙ୍କୁ ବିଭାଗ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ୟୁକୋ ବ୍ୟାଙ୍କ ତରଫରୁ ପରିପୂର୍ତ୍ତି ଅଭିଯାନ




ଢେଙ୍କାନାଳ,୩।୯ (ସମିସ): ଢେଙ୍କାନାଳ ଜିଲ୍ଲା ସଦର ବ୍ଲକ ଭାପୁର ପଞ୍ଚାୟତ କଲ୍ୟାଣ ମଣ୍ଡପରେ ଜନସୁରକ୍ଷା ଯୋଜନା ଅଧୀନରେ ୟୁକୋ ବ୍ୟାଙ୍କ ତରଫରୁ ପଞ୍ଚାୟତସ୍ତରୀୟ ପରିପୂର୍ତ୍ତି ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିବି ପଣ୍ଡା ଯୋଗଦେଇଥିଲେ। ୟୁକୋ ବ୍ୟାଙ୍କ କଟକର ଆଞ୍ଚଳିକ ପ୍ରବନ୍ଧକ ଶ୍ରୀମତୀ ବର୍ଷା, ଏସଏଲବିସି ଇନଚାର୍ଜ ଲିଙ୍ଗରାଜ ନାୟକ, ସରପଞ୍ଚ ଇନ୍ଦୁମତି ଭଞ୍ଜ, ଜିଲ୍ଲା ଅଗ୍ରଣୀ ବ୍ୟାଙ୍କ ପ୍ରବନ୍ଧକ ଦେବାଶିଷ କୁଣ୍ଡୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନମନ୍ତ୍ରୀ ଜନଧନ ଖାତା ଖୋଲିବା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ନାମାଙ୍କନ, ଜୀବନଜ୍ୟୋତି ବୀମା ଯୋଜନା, ପେନସନ ଯୋଜନାରେ ନିଷ୍କ୍ରିୟ ହୋଇଥିବା ଖାତାର ନବୀକରଣ, ଡିଜିଟାଲ ଖୋକାଧାଡ଼ି, ଅନକ୍ଲେମ ଜମାରାଶି ଭଳି ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା। ଯେଉଁମାନେ ଜନଧନ ଖାତା ଖୋଲିନାହାନ୍ତି ସେମାନେ ଖାତା ଖୋଲିବାକୁ ଏସଏଲବିସି ଇନଚାର୍ଜ ଅନୁରୋଧ କରିଥିଲେ। ଶେଷରେ ଡେପୁଟି ଜୋନାଲ ହେଡ ବିଭୂତି ଭୂଷଣ ବେହେରା ଧନ୍ୟବାଦ ଦେଇଥିଲେ। ୟୁକୋ ବ୍ୟାଙ୍କ ଭାପୁର ଶାଖା ପ୍ରବନ୍ଧକ ପ୍ରେମାନନ୍ଦ ସାହୁ, ଏଫଏଲସି ଗୋପୀନାଥ ସାହୁ, ଏଲଡିଏମ ଅଫିସ ପ୍ରବନ୍ଧକ ଅର୍ଚ୍ଚନା ଦେହୁରୀ ଉପସ୍ଥିତ ଥିଲେ।

# ବଳରାମଙ୍କ ମନ୍ଦିରରେ ପାର୍ଶ୍ୱ ପରିବର୍ତ୍ତନ ଏକାଦଶୀ

ଢେଙ୍କାନାଳ,୩।୯ (ସମିସ): କୈବଲ୍ୟ ବଜାରସ୍ଥିତ ସିଦ୍ଧ ବଳରାମଜୀଉ ମନ୍ଦିରରେ ଭାଦ୍ରବ ମାସର ଶ୍ରୀହରି ପାର୍ଶ୍ୱ ପରିବର୍ତ୍ତନ ବଡ଼ ଏକାଦଶୀ ନୀତି ପାଳନ କରାଯାଇଛି। ପ୍ରାତଃ ସମୟରୁ ମଙ୍ଗଳ ଆଳତି ମହାସ୍ନାନ, ବସ୍ତ୍ର, ତୁଳସୀ ହାର ଓ ଫୁଲହାର, ବଲ୍ଲଭ ଭୋଗ ଲାଗି କରାଯାଇଥିଲା। ପୂର୍ବାହ୍ନ ୧୦ଟାରେ ଖେଚୁଡ଼ି ଭୋଗ, ମଧ୍ୟାହ୍ନରେ ଅନ୍ନଧୂପ, ସନ୍ଧ୍ୟାରେ ଆଳତି, ରାତ୍ରଧୂପ ପରେ ଏକାଦଶୀ ବେଢ଼ା ମହାଦୀପ ମନ୍ଦିର ଉପରକୁ ଉଠିଥିଲା। ପୂଜକ ଶ୍ରୀବତ୍ସ ମିଶ୍ର, ପାଳିଆ ସେବକ ଶମ୍ଭୁନାଥ ମହାପାତ୍ର, ବ୍ରଜମୋହନ ମହାପାତ୍ର, କାହାଳିଆ ଟିକନ ବେହେରା ଓ ମନ୍ଦିର ଜିମାଦାର ଶ୍ୟାମସୁନ୍ଦର ପାଣିଗ୍ରାହୀଙ୍କ ଉପସ୍ଥିତିରେ ସମସ୍ତ ନୀତି ଅନୁଷ୍ଠିତ ହୋଇଥଲା।



# କଲ୍ୟାଣୀ ଷ୍ଟିଲ ପାଇଁ ପରିବେଶ ସଂକ୍ରାନ୍ତୀୟ ଅଭିଯୋଗ ଶୁଣାଣି
## କାରଖାନାକୁ ନେଇ ଦୁଇଗୋଷ୍ଠୀଙ୍କ ଭିନ୍ନ ମତ



ଢେଙ୍କାନାଳ,୩।୯ (ସମିସ): ଢେଙ୍କାନାଳ ସଦର ବ୍ଲକ ସପ୍ତଶଯ୍ୟାଠାରେ କଲ୍ୟାଣୀ ଷ୍ଟିଲ କମ୍ପାନୀ ପାଇଁ ପରିବେଶ ସଂକ୍ରାନ୍ତୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। କାରଖାନାକୁ ନେଇ ସପକ୍ଷବାଦୀ ଏବଂ ବିପକ୍ଷବାଦୀଙ୍କ ମଧ୍ୟରେ ବିବାଦ ଦେଖାଦେଇଛି।

ଗଜମରାରୁ ଏନଟିପିସ ବନ୍ଦ ହେବା ପରେ ସେହି ଜମିକୁ ଇଡ୍‌କୋ କଲ୍ୟାଣୀକୁ ହସ୍ତାନ୍ତର କରିଛି। ଏ ନେଇ ବୁଧବାର ପରିବେଶ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। ତେବେ ଶିବିର ଆରମ୍ଭ ହେବା ମାତ୍ରେ କାରଖାନା ସପକ୍ଷବାଦୀ ଏବଂ ବିପକ୍ଷବାଦୀଙ୍କ ହୋହଲ୍ଲା ଦେଖିବାକୁ ମିଳିଥିଲା। ଉଭୟଙ୍କ ହୋହଲ୍ଲା ମଧ୍ୟରେ ଶିବିର ଅନୁଷ୍ଠିତ ହୋଇଥିଲା। ତାଳବରକୋଟ ସରପଞ୍ଚ ପ୍ରଣୟିନୀ ଜେନା କାରଖାନାକୁ ସ୍ୱାଗତ କରିବା ସହ କେତେକ ଅସାମାଜିକ ବ୍ୟକ୍ତି ଅଯଥାରେ ବିଶୃଙ୍ଖଳା କରୁଥିବା କହିଥିଲେ। ବ୍ୟକ୍ତିଗତ ସମସ୍ୟାକୁ ନେଇ ଏଭଳି କରୁଥିବା ବେଳେ ଏଠାରେ ଶତପ୍ରତିଶତ କାରଖାନା ହେବ ଏବଂ ଲୋକେ ଉପକୃତ ହେବେ। ଯେଉଁମାନେ ଦାଦନ ଖଟିବାକୁ ବାହାରକୁ ଯାଉଛନ୍ତି ସେମାନେ କାମ ପାଇବେ ଏବଂ ଜମିକୁ ନେଇ ରହିଥିବା ସମସ୍ୟାର ସମାଧାନ କରାଯିବ ବୋଲି କହିଥିଲେ। ସେହିପରି ପୂର୍ବତନ ସମିତି ସଭ୍ୟ ଏହାକୁ ବିରୋଧ କରିଥିଲେ। କମ୍ପାନୀ ହେଲେ ସହ ଚାଷ ଯିବ, ଜୀବନଜୀବିକା ନଷ୍ଟହେବ, ପ୍ରଦୂଷଣ ବୃଦ୍ଧି ପାଇବା ସହ ଲୋକେ ଚାଷ ହରାଇ ଭୋକ ଉପାସରେ ରହିବେ ବୋଲି କହିଥିଲେ।




କମ୍ପାନୀ ଆମ ଶବ ଉପରେ ହେବ ବୋଲି କହିଥିଲେ। ସେହିପରି ସରୋଜ କୁମାର ଭଞ୍ଜ ଏହାକୁ ତୀବ୍ର ବିରୋଧ କରିବା ସହ ଆମେ ଏନଟିପିସିକୁ ଜମି ଦେଇଥିଲୁ, ଏବେ ତାହା ଇଡକୋକୁ ହସ୍ତାନ୍ତର କରି କଲ୍ୟାଣୀକୁ ବିକ୍ରି କରିଦେଇଥିବା କହିଥିଲେ। ଦରକାର ହେଲେ ଆମେ ରାଜରାସ୍ତା ଅବରୋଧ କରିବୁ ବୋଲି କହିଥିଲେ। ସେହିପରି କାରଖାନାର ଆସୋସିଏଟ ଭିପି କହିଛନ୍ତି ଯେ ୧.୪ ମିଲିୟନ ଟନ ଉତ୍ପାଦନ ହେବ। ପ୍ରଥମେ ୫ଶହ ଏକର ଜମି ଅଧିଗ୍ରହଣ କରାଯିବ ବୋଲି କହିଥିଲେ। କାରଖାନା ଦ୍ୱାରା ଜମି, ଜଳ, ମୃତ୍ତିକା ପ୍ରଦୂଷଣ ହେବ ନାହିଁ ବୋଲି କହିବା ସହ ସରକାର ପରିବେଶ ଅନୁମତି ପ୍ରଦାନ କଲେ ଆମେ କାରଖାନା କରିବୁ ବୋଲି କହିଥିଲେ। ପ୍ରାୟ ୧୧ ହଜାର ୫୮ କୋଟି ଟଙ୍କା ବ୍ୟୟ ଅଟକଳରେ କାରଖାନା ହେବ ବୋଲି ସେ କହିଥିଲେ। ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଲଳିତ ମୋହନ ବେହେରା, ଉପଜିଲ୍ଲାପାଳ ବିବୁଧ ଗଡ଼ନାୟକ, କମ୍ପାନୀର ପ୍ରୋଜେକ୍ଟ ଡାଇରେକ୍ଟର ପାର୍ଥସାରଥି ଘୋଷ, ଭାଇସ୍ ପ୍ରେସିଡେଣ୍ଟ ମୋତି ପ୍ରକାଶ ରଥ, ମାନବ ସମ୍ବଳ ଭିପି ବିନୋଦ ନାୟାର, ପ୍ରୋଜେକ୍ଟସ ଆସୋସିଏଟ ଭିପି ସ୍ୱାରକ ମହାନ୍ତି, ଟେକ୍ନିକାଲ ଭିପି ଗୌରବ ଶୁକ୍ଲା, ବରିଷ୍ଠ ମ୍ୟାନେଜର ସୂର୍ଯ୍ୟକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୁଲିସ ମୁତୟନ କରାଯାଇଥିଲା।

# ମୌଳିକ ସୁବିଧାରୁ ବଞ୍ଚିତ ଅନୁସୂଚିତ ଜାତି ପରିବାର

ହିନ୍ଦୋଳ,୩।୯ (ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳରେ ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି ଅନୁସୂଚିତ ଜାତି ପରିବାର। ସ୍ୱାଧୀନତାର ୭୯ ବର୍ଷ ପରେ ବି ହିନ୍ଦୋଳ ନିର୍ବାଚନମଣ୍ଡଳୀ ଅନେକ ସମସ୍ୟାର ଗନ୍ତାଘର ପାଲଟିଛି। କ୍ଷମତା ଓ ଅର୍ଥଲୋଭୀ ଜନପ୍ରତିନିଧି ଓ ଦାୟିତ୍ୱହୀନ ଅଧିକାରୀଙ୍କ ପାଇଁ ଲୋକଙ୍କ ପାଖରେ ପହଞ୍ଚି ପାରୁନି




ସରକାରୀ ଯୋଜନା ଓ ମୌଳିକ ସୁବିଧା। ହିନ୍ଦୋଳ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଓଡ଼ାପଡ଼ା ବ୍ଲକ ଓଡ଼ାପଡ଼ା ପଞ୍ଚାୟତ ପୋଡ଼ାପଡ଼ା ଗ୍ରାମରେ ୪୦ରୁ ଅଧିକ ଅନୁସୂଚିତ ଜାତି ପରିବାର ଅଛନ୍ତି। ତେବେ ଏହି ଗ୍ରାମକୁ ନା ଅଛି ପକ୍କା ରାସ୍ତା ନା ପିଇବାକୁ ମିଳୁଛି ସ୍ୱଚ୍ଛ ପାଣି। ଉତ୍ତମ ସ୍ୱାସ୍ଥ୍ୟ ଓ ଶିକ୍ଷା ସେବାରୁ ମଧ୍ୟ ବଞ୍ଚିତ ଏହି



ଗ୍ରାମବାସୀ। ବ୍ଲକ୍‌ଠାରୁ ମାତ୍ର ୨ କିଲୋମିଟର ଦୂର ତଥା ଏହି ପଞ୍ଚାୟତ ବ୍ଲକ୍ ମୁଖ୍ୟାଳୟ ହୋଇଥିଲେ ବି ଆଜିପର୍ଯ୍ୟନ୍ତ କୌଣସି ଜନପ୍ରତିନିଧି, ସରକାରୀ ଅଧିକାରୀଙ୍କ ନଜର ନ ପଡ଼ିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ବର୍ଷସାରା ଗ୍ରାମବାସୀ କାଦୁଅ ରାସ୍ତାରେ ଯାତାୟାତ କରୁଥିବା ବେଳେ ବର୍ଷାଦିନ ଆସିଲେ ନର୍କଯନ୍ତ୍ରଣା ଭୋଗନ୍ତି। ବର୍ଷା ଦିନେ ପିଲାଙ୍କ ସ୍କୁଲ ଯିବା ବନ୍ଦ କରନ୍ତି ଅଭିଭାବକ। ରାସ୍ତାରୁ ବୋହିଯାଉଥିବା ମଇଳା ପାଣି ଅସୁରକ୍ଷିତ ଖୋଲା କୂଅରେ ମିଶୁଥିବା ବେଳେ ସେହି ପାଣିକୁ ଗ୍ରାମବାସୀ ପାନୀୟ ଜଳ ଭାବେ ବ୍ୟବହାର କରନ୍ତି। ଅନେକ ଥର ବ୍ଲକ୍ ଅଫିସ ଯାଇ ଗୁହାରି ଜଣାଇଥିଲେ ମଧ୍ୟ ଅଧିକାରୀମାନଙ୍କ ନକାରାତ୍ମକ ମନୋଭାବ ଯୋଗୁଁ ଗ୍ରାମବାସୀ ନିଜ ଭାଗ୍ୟକୁ ଆଦରି ରହିଛନ୍ତି। ଦେଖିବାକୁ ବାକି ରହିଲା କେବେ ଏହି ଗ୍ରାମବାସୀଙ୍କ ପାଖରେ ପହଞ୍ଚୁଛି ମୌଳିକ ସୁବିଧା।

## ■ ସଡ଼କ ସୁରକ୍ଷା ନାଁରେ ବେଆଇନ ଭାବେ ଟଙ୍କା ଆଦାୟ
# ପଦକ୍ଷେପ ନେବା ପାଇଁ ଆର୍‌ଟିଓଙ୍କୁ ନିର୍ଦ୍ଦେଶ

କଟକ,୩।୯ (ସମିସ): ସଡ଼କ ସୁରକ୍ଷା ନାମରେ କେତେକ ଅସାଧୁ ବ୍ୟକ୍ତି ବିଭିନ୍ନ ସ୍ଥାନରେ ବେଆଇନ ଭାବେ ଗାଡି ଚାଳକଙ୍କଠାରୁ ଅର୍ଥ ଆଦାୟ କରୁଥିବା ନେଇ ପରିବହନ ବିଭାଗ ଦୃଷ୍ଟିକୁ ଆସିଛି। ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଏବଂ ଓଡପଡା ଆଦି ଅଞ୍ଚଳରୁ ଏଭଳି ଅଭିଯୋଗ ଆସିଲା ପରେ ରାଜ୍ୟ ପରିବହନ ବିଭାଗ ତତ୍ପର ହୋଇଛି। ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ଏଭଳି ଠକେଇର ଶିକାର ନହେବା ପାଇଁ ସଚେତନ କରିଛି ପରିବହନ ପ୍ରାଧିକରଣ।

ରାଜ୍ୟ ପରିବହନ ପ୍ରାଧୀକରଣ ପକ୍ଷରୁ ମଧ୍ୟ ସମସ୍ତ ଆରଟିଓ ମାନଙ୍କୁ ଏ ଦିଗରେ ଆବଶ୍ୟକ ଆଇନଗତ ପଦକ୍ଷେପ ଗ୍ରହଣ କରିବା ପାଇଁ କୁହାଯାଇଛି। ଏପରିକି କେନ୍ଦ୍ର ସରକାରଙ୍କ ସଡକ ଓ ପରିବହନ ମନ୍ତ୍ରଣାଳୟର ନିର୍ଦ୍ଦେଶାନୁସାରେ ସଡକ ସୁରକ୍ଷା ପାଇଁ ଏଭଳି ଅର୍ଥ ଆଦାୟ କରାଯାଉଥିବା କୁହାଯାଉଛି। ଏଥିପାଇଁ ଠକ ମାନେ ବିଭିନ୍ନ ପ୍ରକାରର ନକଲି ରସିଦ ବ୍ୟବହାର କରୁଛନ୍ତି। ରସିଦରେ ନ୍ୟାସନାଲ ହାଇୱେ ରିଫ୍ଲେକ୍ଟର ସର୍ଭିସ ବୋଲି ଉଲ୍ଲେଖ କରାଯାଉଛି। ୪ଚକିଆ ଯାନ, ବସ,ଟ୍ରକ ମାଲିକ ଓ ଚାଳକଙ୍କ ଠାରୁ ଆଦାୟ ହେଉଥିବା ଅର୍ଥ ରାଶି ୩ମାସ ପାଇଁ ବୈଧ ବୋଲି ରସଦିରେ ଲେଖାଯାଇଛି। ୫୦୦ରୁ ୧ହଜାର ଟଙ୍କା ପର୍ଯ୍ୟନ୍ତ ଆଦାୟ ହେଉଥିବାର ଅଭିଯୋଗ ବିଭିନ୍ନ ଆରଟିଓରେ ହେଲାଣି।

# ଦଳ ଛାଡ଼ିଲେ କବିତା



ହାଇଦରାବାଦ୍, ୩।୯(ଏଜେନ୍ସି): ଭାରତ ରାଷ୍ଟ୍ର ସମିତ (ବିଆରଏସ୍) ସୁପ୍ରିମୋ କେସିଆରଙ୍କ ଝିଅ କେ କବିତା ବିଆରଏସ୍ ପାର୍ଟିର ଏମ୍ଏଲ୍‌ସି ପଦରୁ ଇସ୍ତଫା ଦେଇଛନ୍ତି। ଗୋଟିଏ ଦିନ ପୂର୍ବରୁ ମଙ୍ଗଳବାର ଶୃଙ୍ଖଳା ଭଙ୍ଗ ଓ ଦଳ ବିରୋଧୀ କାର୍ଯ୍ୟକଳାପ ଯୋଗୁଁ ତାଙ୍କୁ ପାର୍ଟିରୁ ନିଲମ୍ବନ କରାଯାଇଥିଲା। କବିତା ସମ୍ବାଦିକ ସମ୍ମିଳନୀରେ ନିଜ ଭାଇ ତଥା ପାର୍ଟି ନେତା କେଟି ରାମା ରାଓ (କେଟିଆର)ଙ୍କୁ ସେ ଦାଦା ପୁଅ ଭାଇ ସନ୍ତୋଷ ରାଓଙ୍କ ଉପରେ ଭରସା ନ କରିବାକୁ ସତର୍କ କରାଇଛନ୍ତି। ଉଲ୍ଲେଖଥାଉ କି, କବିତା ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ନିଜାମାବାଦ୍‌ରୁ ସାଂସଦ ରହିଥିଲେ। ଦୀର୍ଘ ସମୟ ହେବ ପାର୍ଟି ନେତୃତ୍ୱକୁ ନେଇ ତାଙ୍କର ଭାଇ କେଟି ରାମା ରାଓ ଓ ଦାଦାପୁଅ ଭାଇ ହରିଶ ରାଓଙ୍କ ମଧ୍ୟରେ ବିବାଦ ଚାଲିଛି। ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ଓ ବିଆରଏସ୍‌ର କେତେଜଣ ନେତାଙ୍କ ସହ ମିଶି ଆମର ପରିବାର ଭାଙ୍ଗିବାକୁ ଚେଷ୍ଟା କରୁଛନ୍ତି ବୋଲି ସେ ଅଭିଯୋଗ ଆଣିଛନ୍ତି। ଭାଇ କେଟିଆରଙ୍କ ସମେତ ପାର୍ଟିର କେତେଜଣ ନେତାଙ୍କ ବିରୋଧରେ ସେ ଏକାଧିକ ଅଭିଯୋଗ ଆଣିଛନ୍ତି।

# ଆମେରିକା ଅଧିକାରୀଙ୍କ ମୃତ୍ୟୁକୁ ନେଇ ହଇଚଇ

ଢ଼ାକା, ୩।୯(ଏଜେନ୍ସି): ବାଂଲାଦେଶ ରାଜଧାନୀ ଢ଼ାକାର ଏକ ହୋଟେଲରେ ଶନିବାର ଆମେରିକୀୟ ସେନାବାହିନୀର ଏକ ସ୍ପେଶାଲ ଫୋର୍ସ କମାଣ୍ଡର ଜଣେ ବରିଷ୍ଠ ଅଧିକାରୀଙ୍କ ମୃତଦେହ ଉଦ୍ଧାର କରାଯିବା ପରେ ହଇଚଇ ସୃଷ୍ଟି ହୋଇଛି। ଏହି ଅଧିକାରୀଙ୍କ ନାମ ଟେରେନ୍ସ ଅରଭେଲ ଜ୍ୟାକ୍‌ସନ। ଏ ନେଇ ଭାରତୀୟ ଗୁଇନ୍ଦା ଏଜେନ୍ସି ଚିନ୍ତା ପ୍ରକାଟ କରିଛି। କିନ୍ତୁ ଭାରତ ଆନୁଷ୍ଠାନିକ ଭାବେ ଏ ନେଇ କୌଣସି ମନ୍ତବ୍ୟ ଦେଇନାହିଁ। ଜ୍ୟାକସନ୍ ଗତକେତେ ମାସ ହେବ ଢ଼ାକାରେ ରହୁଥିଲେ ଓ ସେ ଅଗଷ୍ଟ ୨୯ରେ ବେଷ୍ଟିନ ହୋଟେଲରେ ଅବସ୍ଥାନ କରିଥିଲେ। ସେ କ'ଣ ପାଇଁ ବାଂଲାଦେଶ ଯାତ୍ରା କରି ସେଠାରେ ରହୁଥିଲେ ସେ ନେଇ କିଛି ସ୍ପଷ୍ଟ କରାଯାଇନାହିଁ। କୌଣସି ଯାଞ୍ଚ ନ କରାଯାଇ ତାଙ୍କ ମୃତଦେହକୁ ଆମେରିକା ଦୂତାବାସକୁ ଦିଆଯାଇଛି। ଫଳରେ ଏ ନେଇ ପ୍ରଶ୍ନ ଉଠିଛି। ଜ୍ୟାକସନ ବାଂଲାଦେଶରେ କାହିଁକି ରହୁଥିଲେ ଓ କାହାକୁ ଭେଟିବାକୁ ଯାଇଥିଲେ ବୋଲି ଭାରତ ପ୍ରଶ୍ନ କରିଛି। ଜ୍ୟାକସନ ହଠାତ ମୃତ୍ୟୁବରଣ କରିବା ଖବରକୁ ଭାରତ ସହଜରେ ଗ୍ରହଣ କରିପାରୁନାହିଁ। ଏହା ଆଞ୍ଚଳିକ ସୁରକ୍ଷା ତଥା ନିରାପତ୍ତା ପାଇଁ ଏହା ଏକ ଗମ୍ଭୀର ପ୍ରଶ୍ନ ବୋଲି ଭାରତୀୟ ଗୁଇନ୍ଦା ଏଜେନ୍ସି ତରଫରୁ କୁହାଯାଇଛି।

# ଗଣେଶ ଶୋଭାଯାତ୍ରାରେ ପଶିଗଲା ଏସ୍‌ୟୁଭି କାର; ୩ ମୃତ, ଡ୍ରାଇଭର ଗିରଫ

ଯଶପୁର, ୩।୯ (ଏଜେନ୍ସି): ଛତିଶଗଡ଼ର ଯଶପୁର ଜିଲ୍ଲାର ଏକ ଧାର୍ମିକ ଶୋଭାଯାତ୍ରା ବାହାରିଥିବା ବେଳେ ଏକ ବଡ଼ ଅଘଟଣ ଘଟିଛି। ଦ୍ରୁତଗତିରେ ଆସୁଥିବା ଏକ ଏସ୍‌ୟୁଭି କାର ନିୟନ୍ତ୍ରଣ ହରାଇ ଗଣେଶ ପ୍ରତିମା ବିସର୍ଜନ ଶୋଭାଯାତ୍ରା ଭିତରକୁ ପଶିଯାଇଥିଲା। ଫଳରେ ୨ ଜଣ ଲୋକ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବା ବେଳେ ୨୨ ଜଣ ଲୋକ ଆହତ ହୋଇଛନ୍ତି ବୋଲି ପୁଲିସ ବୁଧବାର ସୂଚନା ଦେଇଛି। କାର ଚାଳକ ସୁଖସାଗର ବୈଷ୍ଣବଙ୍କୁ ଗିରଫ କରାଯାଇଛି। ମଙ୍ଗଳବାର ରାତିରେ ବଗିଚା ପୁଲିସ ଥାନ ଅଞ୍ଚଳର ଜୁରୁଡାଣ୍ଡ ଗାଁରେ ଏହି ଘଟଣା ଘଟିଥିଲା। ୧୦୦ରୁ ଉର୍ଦ୍ଧ୍ୱ ଲୋକ ଶୋଭାଯାତ୍ରାରେ ବାହାରି ଗଣେଶ ପ୍ରତିମା ବିସର୍ଜନ କରିବାକୁ ବାହାରିଥିଲେ। ଗୁରୁତର ଭାବେ ଆହତ ଶ୍ରଦ୍ଧାଳୁଙ୍କୁ ନିକଟସ୍ଥ ସୁରଗୁଜା ଜିଲ୍ଲାର ଅମ୍ବିକାପୁର ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି। ସେହିପରି ଅନ୍ୟମାନଙ୍କୁ ଲୋକାଲ କମ୍ୟୁନିଟି ହେଲ୍ଥ ସେଣ୍ଟରରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ଏକ ମାମଲା ରୁଜୁ କରାଯାଇଛି ଓ ତଦନ୍ତ ଜାରି ରହିଛି ବୋଲି କୁହାଯାଇଛି।

# ୧୭ ବର୍ଷ ପରେ ଜେଲ୍‌ରୁ ମୁକୁଳିଲେ ଗ୍ୟାଙ୍ଗଷ୍ଟର ଗୱାଲୀ



ନୂଆଦିଲ୍ଲୀ, ୩।୯(ଏଜେନ୍ସି): ୧୭ ବର୍ଷ ବନ୍ଦୀ ଭାବେ ରହିବା ପରେ ଗ୍ୟାଙ୍ଗଷ୍ଟର ଅରୁଣ ଗୱାଲି ନାଗପୁର ସେଣ୍ଟ୍ରାଲ ଜେଲରୁ ମୁକୁଳିଛନ୍ତି। ୨୦୦୭ରେ ଘଟିଥିବା ଏକ ହତ୍ୟା ମାମଲାରେ ତାଙ୍କୁ ସୁପ୍ରିମକୋର୍ଟ ଜାମିନ ପ୍ରଦାନ କରିଥିଲେ। ମୁମ୍ବାଇ ଶିବସେନା କର୍ପୋରେଟର କମଲାକର ଜାମସାନ୍ଦେକର ହତ୍ୟା କରିଥିବା ଅଭିଯୋଗରେ ୭୬ ବର୍ଷୀୟ ଗୱାଲୀଙ୍କୁ ଆଜୀବନ କାରାଦଣ୍ଡାଦେଶ ହୋଇଥିଲା। ବିଭିନ୍ନ ପ୍ରକାର ଔପଚାରିକତା ଶେଷ ହେବା ପରେ ଗୱାଲୀ ବୁଧବାର ଦିନ ୧୨.୩୦ରେ ଜେଲ ବାହରକୁ ଆସିଥିଲେ। ତାଙ୍କ ପରିବାର ସଦସ୍ୟ, ଓକିଲ ଓ ସମର୍ଥକମାନେ ଜେଲ ବାହାରେ ସ୍ୱାଗତ କରିଥିଲେ। ସେ ମଧ୍ୟ ଅଖିଳ ଭାରତୀୟ ସେନା ନାମକ ଏକ ରାଜନୈତିକ ଦଳ ଗଠନ କରିଥିଲେ। ତାଙ୍କର ଅପରାଧ ତାଲିକା ବେଶ୍ ଲମ୍ବା ରହିଛି।

# ନିଶାଦ୍ରବ୍ୟ ବୋଟ ଉପରେ ଆକ୍ରମଣ; ୧୧ ମୃତ

ୱାଶିଂଟନ, ୩।୯ (ଏଜେନ୍ସି): ଲାଟିନ ଆମେରିକାରେ ଚାଲିଥିବା ନିଶାଦ୍ରବ୍ୟ ଚୋରା ଚାଲାଣକୁ ରୋକିବା ପାଇଁ ଆମେରିକା ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛି। ଆମେରିକା ନୌସେନା ଭେନେଜୁଏଲାରୁ ନିଶାଦ୍ରବ୍ୟ ନେଇ ଯାଉଥିବା ଏକ ବୋଟ୍ ଉପରେ ଆକ୍ରମଣ କରିଛି ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ଏଥିରେ ୧୧ଜଣ ନିଶାଦ୍ରବ୍ୟ ଚୋରା ଚାଲଣକାରୀ ମୃତ୍ୟୁବରଣ କରିଛନ୍ତି। ଆମେରିକା ସେନା ତରଫରୁ ଏକ କାଇନେଟିକ୍ ଷ୍ଟ୍ରାଇକ୍ ଦ୍ୱାରା ଏହି ଡ୍ରଗ୍ସ ମାଫିଆଙ୍କ ଉପରେ ଆକ୍ରମଣ କରାଯାଇଛି। ଟ୍ରମ୍ପ ସାମାଜିକ ଗଣମାଧ୍ୟମ ଟ୍ରୁଥ୍‌ରେ ପୋଷ୍ଟ କରି ଏ ନେଇ ସୂଚନା ଦେଇଛନ୍ତି। ଏଥିରେ ଆମେରିକା ନୌସେନାର କୌଣସି କର୍ମଚାରୀଙ୍କର କ୍ଷତି ହୋଇନାହିଁ ବୋଲି କୁହାଯାଇଛି। ଆମେରିକାରେ ଡ୍ରଗ୍ସ ଚୋରା ଚାଲାଣ କରୁଥିବା ବ୍ୟକ୍ତିଙ୍କୁ ଏହା ଦ୍ୱାରା ଟ୍ରମ୍ପ ଚେତାବନୀ ଦେଇଛନ୍ତି।



# ଉ.କୋରିଆ ବାହାରେ ପ୍ରଥମଥର ଦେଖାଦେଲେ କିମ୍ ଜୋଙ୍ଗ୍‌ଙ୍କ ଝିଅ

ବେଜିଂ, ୩।୯(ଏଜେନ୍ସି): ଉତ୍ତର କୋରିଆର ସୁପ୍ରିମ ଲିଡର କିମ୍ ଜୋଙ୍ଗ୍ ଅନ୍‌ଙ୍କ ଝିଅ କିମ୍ ଜୁ ଆଏଙ୍କୁ ପ୍ରଥମଥର ପାଇଁ ଦେଶ ବାହାରେ ଦେଖିବାକୁ ମିଳିଛି। ଚୀନ୍‌ର ବିଜୟ ଦିବସ ପାଳନ ଅବସରରେ ପିତାଙ୍କ ସହ କିମ୍ ଜୁ ଆଏଙ୍କୁ ସମସ୍ତେ ଦେଖିବାକୁ ପାଇଥିଲେ। ତାଙ୍କୁ କିମ୍ ଜୋଙ୍ଗଙ୍କ ଉତ୍ତରାଧିକାରୀ ଭାବେ ବିବେଚନା କରାଯାଉଛି। ଜୁଙ୍କ ବୟସ ଏବେ ୧୩ ବର୍ଷ। ସେ ୨୦୨୨ରେ ପିତାଙ୍କ ସହ ସୈନ୍ୟ ପରେଡ, ଅସ୍ତ୍ରଶସ୍ତ୍ର ପରିକ୍ଷଣ ଓ ଅନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଦେଖିବାକୁ ମିଳିଥାନ୍ତି। ତେବେ ଉତ୍ତର କୋରିଆ ବାହାରେ ତାଙ୍କୁ ପ୍ରଥମଥର ଦେଖାଯାଇଛି ବୋଲି ଗଣମାଧ୍ୟମଗୁଡିକ ଦାବି କରିଛି। କିମ୍ ଜୋଙ୍ଗଙ୍କ ୩ଟି ସନ୍ତାନ ଅଛନ୍ତି। କିମ୍ ଜୁଙ୍କ ବାଦ୍ ଦେଲେ ତାଙ୍କର ଆଉ ଜଣେ ଭାଇ ଅଛନ୍ତି। ତେବେ ତୃତୀୟ ସନ୍ତାନ ଜଣକ ପୁଅ କି ଝିଅ ତାହା ସ୍ପଷ୍ଟ ହୋଇନାହିଁ। କିମ୍ ଜୁଙ୍କୁ ପିତା କିମ ଜଙ୍ଗ ତାଙ୍କ ଉତ୍ତରାଧିକାରୀ ଭାବେ ଉପସ୍ଥାପନା କରୁଛନ୍ତି।



# ଭାରତକୁ ଅଧିକ ଏସ୍-୪୦୦ ଦେବ ରୁଷ୍

ନୂଆଦିଲ୍ଲୀ, ୩।୯ (ଏଜେନ୍ସି): ରୁଷିଆ ଭାରତକୁ ପୁଣି ଏସ୍-୪୦୦ ଡିଫେନ୍ସ ସିଷ୍ଟମ ଦେବ। ଏହି ମିସାଇଲ ପ୍ରଣାଳୀ କିଣିବାକୁ ଦୁଇ ଦେଶ ମଧ୍ୟରେ କଥାବାର୍ତ୍ତା ଚାଲିଛି। ଭାରତକୁ ଆହୁରି ଅଧିକ ଏସ୍-୪୦୦ ଦେବାକୁ ରୁଷ ପ୍ରସ୍ତୁତ ବୋଲି ରୁଷିଆର ଜଣାଶୁଣା ନ୍ୟୁଜ ଏଜେନ୍ସି ଟାସ୍ ସୂଚନା ଦେଇଛି। ରୁଷିଆର ଜଣେ ବରିଷ୍ଠ ପ୍ରତିରକ୍ଷା ଅଧିକାରୀ ଏ ସଂକ୍ରାନ୍ତରେ ଆନୁଷ୍ଠାନିକ ଭାବେ ମନ୍ତବ୍ୟ ଦେଇଛନ୍ତି ବୋଲି ଟାସ କହିଛି। ଉଲ୍ଲେଖଥାଉ କି, ୨୦୧୮ରେ ୫ଟି ଏସ୍-୪୦୦ ସିଷ୍ଟମ କ୍ରୟ କରିବାକୁ ଭାରତ ଓ ରୁଷ୍ ମଧ୍ୟରେ ୫.୪ ବିଲିୟନ ଡଲାର ଅର୍ଥାତ ୪୮ ହଜାର କୋଟି ଟଙ୍କା ମୂଲ୍ୟରେ ଚୁକ୍ତି କରିଥିଲା। ଏପର୍ଯ୍ୟନ୍ତ ଭାରତକୁ ୩ଟି ଏସ୍-୪୦୦ ସିଷ୍ଟମ ମିଳିଛି। ବାକି ଦୁଇଟି ୨୦୨୬-୨୭ରେ ମିଳିବ ବୋଲି ଆଶା କରାଯାଉଛି। ପାକିସ୍ତାନ ବିପକ୍ଷରେ ହୋଇଥିବା ଅପରେସନ ସିନ୍ଦୂରରେ ଏସ୍-୪୦୦ ଡିଫେନ୍ସ ସିଷ୍ଟମ ବେଶ୍ ଉପାଦେୟ ସାବ୍ୟସ୍ତ ହୋଇଥିଲା ଓ ପାକିସ୍ତାନ ତରଫରୁ ଛଡା ଯାଇଥିବା ମିସାଇଲ ଓ ଡ୍ରୋନ୍ ଆକ୍ରମଣକୁ ଏହି ସିଷ୍ଟମ ଆକାଶରେ ହିଁ ନିଷ୍କ୍ରିୟ କରିଥିଲା।

# ତୃତୀୟ ବିଶ୍ୱଯୁଦ୍ଧ ପ୍ରସ୍ତୁତିରେ ୟୁରୋପ

ପ୍ୟାରିସ, ୩।୯ (ଏଜେନ୍ସି): ନାଟୋ ରାଷ୍ଟ୍ର ଏବଂ ରୁଷ ମଧ୍ୟରେ ଲାଗି ରହିଥିବା ଉତ୍ତେଜନା ଯୋଗୁଁ ଯେକୌଣସି ମୁହୂର୍ତ୍ତରେ ତୃତୀୟ ବିଶ୍ୱଯୁଦ୍ଧ ହୋଇପାରେ ବୋଲି ଆଶଙ୍କା କରାଯାଉଛି। ଫ୍ରାନ୍ସର ଯୁଦ୍ଧ ପ୍ରସ୍ତୁତିରୁ ଏଭଳି ସଙ୍କେତ ମିଳିଛି। ପ୍ରଘଟ ହୋଇଯାଇଥିବା ଏକ ଗୁଇନ୍ଦା ଚିଠିରୁ ଏହା ଜଣାପଡ଼ିଛି। ଫ୍ରାନ୍ସ ନିଜ ନାଗରିକ ଏବଂ ହସ୍ପିଟାଲଗୁଡିକୁ ବଡ଼ଧରଣର ଯୁଦ୍ଧ ପାଇଁ ପ୍ରସ୍ତୁତ ରହିବାକୁ କହିଛି। ଏଥିପାଇଁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ମାର୍ଗଦର୍ଶିକା ମଧ୍ୟ ଜାରି କରିସାରିଛି। ୨୦୨୬ ମାର୍ଚ୍ଚ ସୁଦ୍ଧା ଦିନକୁ ଶତାଧିକ ଆହତ ସୈନିକଙ୍କ ଯତ୍ନ ନେବା ପାଇଁ ପ୍ରସ୍ତୁତ ରହିବାକୁ ଡାକ୍ତରଖାନାଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଏହି ସୂତ୍ରରୁ ପ୍ରକାଶ।

ଏହି ଗୁପ୍ତ ଚିଠିରୁ ଜଣାପଡ଼ିଛି ଯେ ଫ୍ରାନ୍ସ କେବଳ ନିଜର ନୁହେଁ, ବରଂ ନାଟୋ ଦେଶର ସୈନିକଙ୍କ ପାଇଁ ମଧ୍ୟ ଚିକିତ୍ସା ବ୍ୟବସ୍ଥା କରୁଛି। ଏଥିନିମନ୍ତେ ଉନ୍ନତ ବ୍ୟବସ୍ଥା ପ୍ରସ୍ତୁତ କରିବାକୁ କୁହାଯାଇଛି। ନାଟୋର ଧାରା-୫ ଅନୁଯାୟୀ କୌଣସି ସଦସ୍ୟ ରାଷ୍ଟ୍ରଙ୍କ ଉପରେ ଆକ୍ରମଣ ହେଲେ ସବୁ ଦେଶ ଏକାଠି ହୋଇ ଏହାର ମୁକାବିଲା କରିବେ। ଏଭଳି ସ୍ଥିତିରେ ବ୍ରିଟେନ, ଆମେରିକା ଏବଂ ୟୁରୋପର ଅନେକ ଦେଶ ମଧ୍ୟ ସିଧାସଳଖ ଯୁଦ୍ଧରେ ସାମିଲ ହୋଇପାରନ୍ତି। ତେଣୁ ତୃତୀୟ ବିଶ୍ୱଯୁଦ୍ଧ ଭଳି ସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ଯୁଦ୍ଧ ସ୍ଥିତିକୁ ଦୃଷ୍ଟିରେ ରଖି

**ହସ୍ପିଟାଲ ସଜାଡୁଛି ଫ୍ରାନ୍ସ**

**ପୋଲାଣ୍ଡରେ ସେନା ମୁତୟନ ବୃଦ୍ଧି**

**ଉତ୍ତେଜନା ପଛରେ ରୁଷ୍‌ର ଯୁଦ୍ଧାଭ୍ୟାସ**

ଏଭଳି ପ୍ରସ୍ତୁତି କରାଯାଉଛି ବୋଲି ଫ୍ରାନ୍ସ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ସେହିପରି ସେନାରେ ଅଧିକ ଯବାନଙ୍କୁ ନିଯୁକ୍ତି କରାଯାଉଛି। ପୋଲାଣ୍ଡ ଏବଂ ବାଲ୍‌ଟିକ ଦେଶଗୁଡିକରେ ମଧ୍ୟ ସେନାକୁ ମଜବୁତ କରାଯାଉଛି। ଏହି ରାଷ୍ଟ୍ରଗୁଡିକରେ ଟ୍ୟାଙ୍କ, ମାଇଲଫିଲ୍ଡ ଏବଂ ରକେଟ ସିଷ୍ଟମ ସହ ସଂଯୁକ୍ତ ବାୟୁରକ୍ଷା ପ୍ରଣାଳୀ ପ୍ରସ୍ତୁତ ହୋଇରହିଛି। ଜର୍ମାନୀର ପ୍ରମୁଖ ଜେନେରାଲ କାର୍ଷ୍ଟନ ବ୍ରେଉର ଚେତାବନୀ ଦେଇଛନ୍ତି ଯେ ରୁଷର ଜାପାଡ-୨୦୨୫ ଯୁଦ୍ଧାଭ୍ୟାସର ଭୟାବହତାକୁ ଏଡାଇହେବ ନାହିଁ। ଏହା ଆଉ ଏକ ବିଶ୍ୱଯୁଦ୍ଧ ଅଡ଼କୁ ନେଇଯାଉଛି। ଅନ୍ୟପଟେ 'ଅପରେସନ ଡାୟଚଲାଣ୍ଡ' ନାମରେ ଜର୍ମାନୀ ଏକ କାଗଜପତ୍ର ପ୍ରସ୍ତୁତ କରିଛି। ଏଥିରେ ସୁରକ୍ଷିତ ସ୍ଥାନ, ବଙ୍କର ଏବଂ ନାଟୋ ସୈନିକ ସହିତ ଗାଡ଼ି ଗୁଡିକର ମୁତୟନ ନେଇ ସୂଚନା ଦିଆଯାଇଛି। ଏହା ବ୍ୟତୀତ ପରମାଣୁ ଯୁଦ୍ଧ ପାଇଁ ମଧ୍ୟ ପ୍ରସ୍ତୁତି ହେଉଛି। ଏଭଳି ଆକ୍ରମଣ ସ୍ଥିତିରେ ଜୀବନ ବଞ୍ଚାଇବାର ଉପାୟ ଉପରେ କାର୍ଯ୍ୟାରମ୍ଭ କରିଦେଇଛନ୍ତି। ଚିଠିରୁ ଜଣାପଡ଼ିଛି ଯେ ଜୁଲାଇରେ ବ୍ରିଟେନ ଏବଂ ଫ୍ରାନ୍ସ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ତୃତୀୟ ବିଶ୍ୱଯୁଦ୍ଧ ସ୍ଥିତିରେ ଦୁଇ ଦେଶ ସମନ୍ୱିତ ଭାବେ ଆକ୍ରମଣ କରିବେ ବୋଲି ଏଥିରେ କୁହାଯାଇଥିଲଶ।

ସମ୍ଭାବ୍ୟ ଯୁଦ୍ଧ ପ୍ରସ୍ତୁତିକୁ ନେଇ ୟୁରୋପ ପ୍ରସ୍ତୁତି ଚଳାଇଥିବା ବେଳେ ବିଶେଷଜ୍ଞଙ୍କ ଅନୁଯାୟୀ ଏହା ବିଶ୍ୱଯୁଦ୍ଧ ଆରମ୍ଭ ହେବାର ସଙ୍କେତ ଦେଉଛି।

# କୋହଳ ହେଲା ସିଏଏ ସୀମା

ନୂଆଦିଲ୍ଲୀ, ୩।୯(ଏଜେନ୍ସି): ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନରୁ ଆସିଥିବା ଅଳ୍ପସଂଖ୍ୟକଙ୍କ ପାଇଁ କେନ୍ଦ୍ର ସରକାର ବୁଧବାର ନାଗରିକତା ସଂଶାଧନ କାନୁନ୍ (ସିଏଏ)ରେ ଏକ ବଡ଼ ପରବର୍ତ୍ତନ କରିଛନ୍ତି। ଏହି ୩ଟି ପଡୋଶୀ ଦେଶରୁ ଆସିଥିବା ଅଳ୍ପସଂଖ୍ୟକ ନାଗରିକ ଯଥା ହିନ୍ଦୁ, ଶିଖ, ବୌଦ୍ଧ, ଜୈନ, ପାରସୀ ଓ ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟର ଲୋକମାନଙ୍କ ପାଇଁ ଅସ୍ୱାସ୍ଥ୍ୟକର ଖବର ଆସିଛି। ୨୦୨୪ ଡିସେମ୍ବର ୩୧ ପର୍ଯ୍ୟନ୍ତ ଆସିଥିବା ଏହି ସମ୍ପ୍ରଦାୟର ଲୋକମାନଙ୍କୁ ଭାରତରେ ବିନା ପାସପୋର୍ଟରେ ରହିବାକୁ ଅନୁମତି ଦିଆଯାଇଛି। ପୂର୍ବରୁ ସିଏଏ ଅନୁସାରେ ଏହା ୨୦୧୪ ପର୍ଯ୍ୟନ୍ତ ସୀମିତ ଥିଲା। ଯଦି ଏହି ଲୋକମାନଙ୍କର ପାସପୋର୍ଟ ଓ କାଗଜପତ୍ରର ବୈଧତା ଶେଷ ହୋଇଛି, ସେମାନେ ଭାରତରେ ରହିପାରିବେ ବୋଲି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ପୂର୍ବରୁ ସିଏଏ ଅନୁସାରେ ୨୦୧୪ ଡିସେମ୍ବର ୩୧ରେ ତାରିଖ ପର୍ଯ୍ୟନ୍ତ ଆସିଥିବା ଅଳ୍ପସଂଖ୍ୟକଙ୍କୁ ଭାରତରେ ରହିବାକୁ ଅନୁମତି ଦିଆଯାଇଥିଲା। ଉଲ୍ଲେଖଥାଉ କି, କେନ୍ଦ୍ର ସରକାର ୨୦୨୪ ମାର୍ଚ୍ଚ ୧୧ରେ ସାରା ଦେଶରେ ସିଏଏ ଆଇନ୍ ଲାଗୁ କରିଥିଲେ। ଏହି ଆଇନ୍ ଅନୁସାରେ ଚଳିତ ବର୍ଷ ମେ ମାସରେ ୧୪ ଜଣ ଲୋକଙ୍କୁ ଭାରତର ନାଗରିକତା ପ୍ରଦାନ କରାଯାଇଥିଲା। ସେହିପରି ନେପାଳ ଓ ଭୁଟାନର ନାଗିରକଙ୍କୁ ଭାରତ ଆସିବା ପାଇଁ ଭିସାର ଆବଶ୍ୟକତା ନାହିଁ ବୋଲି କୁହାଯାଇଛି। ୧୯୫୫ରେ ଲାଗୁ ହୋଇଥିବା ଆଇନ୍‌ରେ ପରିବର୍ତ୍ତନ କରାଯାଇଥିଲା।

**୨୦୨୪ ପର୍ଯ୍ୟନ୍ତ ପଡୋଶୀ ଦେଶରୁ ଆସିଥିବା ଅଳ୍ପସଂଖ୍ୟକ ଭାରତରେ ରହିପାରିବେ**

# ପୁଣି ବିଳିବିଳେଇଲେ ଟ୍ରମ୍ପ

## ଏକତରଫା ସମ୍ପର୍କ ଚଳିବନି



ୱାଶିଂଟନ, ୩।୯ (ଏଜେନ୍ସି): 'ମୃତ୍ୟୁ ଚର୍ଚ୍ଚା'ରେ ବିରାମ ଲଗାଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବୁଧବାର ସର୍ବ ସମ୍ମୁଖକୁ ଆସିଛନ୍ତି। ସେ ହ୍ୱାଇଟ ହାଉସ୍‌ରେ ସାମ୍ବାଦିକ ସମ୍ମିଳନୀ କରି ଭାରତକୁ ପୁଣି ଦୋଷ ଦେଇଛନ୍ତି। ଟ୍ରମ୍ପ କହିଛନ୍ତି ଯେ ଦୀର୍ଘ ଦିନ ହେଲା ଆମେରିକା ସହ ଭାରତର ଏକତରଫା ସମ୍ପର୍କ ଥିଲା। ସେଥିପାଇଁ ନୂଆଦିଲ୍ଲୀ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଯାଇଛି। ଟ୍ରମ୍ପଙ୍କ ଅନୁଯାୟୀ ଆମେରିକା ସାମଗ୍ରୀ ଉପରେ ଭାରତ ଶତ ପ୍ରତିଶତ ଶୁଳ୍କ ଲଗାଉଛି। ଏହା ବିଶ୍ୱରେ ସର୍ବାଧିକ। ଏଥିଯୋଗୁଁ ଦୁଇ ଦେଶର ମଧ୍ୟରେ ବାଣିଜ୍ୟ ଅସନ୍ତୁଳନ ସୃଷ୍ଟି ହୋଇଛି। ଆମେରିକା ବହୁତ କମ୍ ଏବଂ ଭାରତ ସର୍ବାଧିକ ବ୍ୟବସାୟ କରୁଥିଲା। କାରଣ ସେତେବେଳେ କୌଣସି ଶୁଳ୍କ ଲଗାଯାଉ ନ ଥିଲା। ଏହାର ଲାଭ ଭାରତ ଉଠାଉ ଥିଲା। ଟ୍ରମ୍ପ ଏଥିପାଇଁ ଆମେରିକୀୟ କମ୍ପାନୀ ହାର୍ଲେ ଡେଭିଡସନର ଉଦାହରଣ ଦେଇଛନ୍ତି। ଏହି କମ୍ପାନୀର ମୋଟରସାଇକେଲ ଉପରେ ଭାରତ ୨୦୦ ପ୍ରତିଶତ ଶୁଳ୍କ ଲଗାଉ ଥିଲା। ଏଥିପାଇଁ କମ୍ପାନୀ ଗାଡ଼ି ବିକ୍ରି କରିପାରୁ ନ ଥିଲା। ତେଣୁ ଏହି କମ୍ପାନୀକୁ ଭାରତରେ କାରଖାନା ପ୍ରତିଷ୍ଠା କରିବାକୁ ପଡ଼ିଥିଲା। ଏହା ଫଳରେ ଆଉ ହାର୍ଲେ ଡେଭିଡସନକୁ ଶୁଳ୍କ ଦେବାକୁ ପଡୁନାହିଁ।

ଟ୍ରମ୍ପ ଦାବି କରିଛନ୍ତି ଯେ ଭାରତୀୟ ସାମଗ୍ରୀ ଉପରେ ଲଗାଯାଇଥିବା ୫୦ ପ୍ରତିଶତ ଶୁଳ୍କ ଦ୍ୱାରା ଆର୍ଥିକ ଉତ୍ତେଜନା ବୃଦ୍ଧି ପାଇଛି। ରୁଷରୁ ଅଶୋଧିତ ତୈଳ କିଣୁଥିବାରୁ ଭାରତକୁ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଦେବାକୁ ପଡୁଛି। ଟ୍ରମ୍ପ ପୁଣି ନିଜ ଶୁଳ୍କକୁ ଉଚିତ ଦର୍ଶାଇଛନ୍ତି। ସେ ଏହାକୁ ଯୁଦ୍ଧ ସମାଧାନର ଅସ୍ତ୍ର କହିଛନ୍ତି। ଏହି ନୀତି ଯୋଗୁଁ ଆମେରିକାକୁ ଆଲୋଚନାର ଶକ୍ତି ମିଳୁଛି। ଏହି ଚମତ୍କାର ଅସ୍ତ୍ରବଳରେ ୭ ଯୁଦ୍ଧ ଅଟକାଇ ଥିବା ଟ୍ରମ୍ପ ଦାବି କରିଛନ୍ତି। ସେ ପୂର୍ବତନ ଜୋ ବାଇଡେନ ପ୍ରଶାସନକୁ ମଧ୍ୟ ନିଶାଣ କରିଛନ୍ତି। ଟ୍ରମ୍ପ କହିଛନ୍ତି ଯେ ଆମେରିକା ହେଉଛି ବିଶ୍ୱର ମେରୁଦଣ୍ଡ। ପ୍ରଥମ ଚାରି ବର୍ଷର କାର୍ଯ୍ୟକାଳରେ ସେ ଏହାକୁ ମଜବୁତ କରିଥିଲେ। କିନ୍ତୁ ବାଇଡେନ ପ୍ରଶାସନ ଏହାକୁ ଦୁର୍ବଳ କରିଦେଇଥିଲା। ଏବେ ଶୁଳ୍କ ନୀତି ଯୋଗୁଁ ଆମେରିକା ଆର୍ଥିକ ଭାବେ ମଜବୁତ ହେଉଛି।

# ଭାରତ ସହ ତିକ୍ତତା ଆମେରିକାକୁ ମହଙ୍ଗା ପଡ଼ିବ: ଫିନ୍‌ଲାଣ୍ଡ ରାଷ୍ଟ୍ରପତି

ହେଲସିଙ୍କି, ୩।୯ (ଏଜେନ୍ସି): ବୈଦେଶିକ ନୀତିକୁ ଗ୍ଲୋବାଲ ସାଉଥ୍ ପ୍ରତି ବିଶେଷ କରି ଭାରତ ନିମନ୍ତେ ଅଧିକ ସମ୍ମାନ ଏବଂ ସହଯୋଗ ଦେବା ଜରୁରୀ। ଯଦି ଏପରି ନ ହୁଏ ତେବେ ଆମେରିକା ଏହି ବାଜି ହାରିଯିବ ବୋଲି ଫିନଲାଣ୍ଡ ରାଷ୍ଟ୍ରପତି ଆଲେକଜାଣ୍ଡାର ଷ୍ଟବ୍ କହିଛନ୍ତି। ବିଦେଶୀ ନୀତିକୁ ନେଇ ପାଶ୍ଚାତ୍ୟ ରାଷ୍ଟ୍ର ବିଶେଷ କରି ଆମେରିକାକୁ ଚେତାବନୀ ଦେଇ ଷ୍ଟବ୍ ଏହି ଟିପ୍ପଣୀ ଦେଇଛନ୍ତି। ସେ ୟୁରୋପୀୟ ଦେଶଗୁଡିକୁ ମଧ୍ୟ ଏହି ବାର୍ତ୍ତା ଦେଇଛନ୍ତି। ସେ ଚୀନ୍‌ର ଟିଆନଜିନ୍‌ରେ ଅନୁଷ୍ଠିତ ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ସମ୍ମିଳନୀର ଉଦାହରଣ ମଧ୍ୟ ଦେଇଛନ୍ତି। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଯୋଗ ଦେଇଥିବା ଏହି ବୈଠକ ୟୁରୋପୀୟ ରାଷ୍ଟ୍ରଗୁଡିକ ପାଇଁ ସତର୍କ ଘଣ୍ଟି ସଦୃଶ। ଏହି ସମ୍ମିଳନୀ କ'ଣ ବାଜିରେ ଲାଗିଛି ବୋଲି ମନେ ପକାଇ ଦେଉଛି। ଆମେ ସମସ୍ତେ ଏକ ପୁରୁଣା ବ୍ୟବସ୍ଥାକୁ ସଂରକ୍ଷିତ କରି ରଖିବାକୁ ଚାହୁଁଛେ। କିନ୍ତୁ ଏସ୍‌ସିଓ ପାଶ୍ଚାତ୍ୟ ରାଷ୍ଟ୍ରଗୁଡିକର ଏକତାକୁ ଦୁର୍ବଳ କରିବାରେ ଲାଗିଛି। ଶୁଳ୍କକୁ ନେଇ ଆମେରିକା ଏବଂ ଭାରତ ମଧ୍ୟରେ ବିବାଦ ବଢ଼ିଥିବାବେଳେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଘନିଷ୍ଠ ଭାବେ ପରିଚିତ ଆଲେକଜାଣ୍ଡାର ଏହି ଟିପ୍ପଣୀ ଦେଇଛନ୍ତି। ରିପୋର୍ଟ ଅନୁଯାୟୀ ଟ୍ରମ୍ପଙ୍କ ଉପରେ ପ୍ରଭାବ ପକାଇ ପାରୁଥିବା ନେତାଙ୍କ ମଧ୍ୟରେ ଷ୍ଟବ୍ ସାମିଲ ଅଛନ୍ତି। ବିଶେଷଜ୍ଞଙ୍କ ଅନୁଯାୟୀ ଷ୍ଟବ୍‌ଙ୍କ ଉପରେ ପ୍ରଭାବ ପକାଇ ପାରୁଥିବା କ୍ଷୁଦ୍ର ରାଷ୍ଟ୍ରଗୁଡିକ ମଧ୍ୟରେ ଷ୍ଟବ୍‌ଙ୍କ ପରି ନେତା ନାହାନ୍ତି। ଏହା ପୂର୍ବରୁ କୌଣସି ୟୁରୋପୀୟ ନେତାଙ୍କୁ ଏଭଳି କ୍ଷମତା ମିଳି ନ ଥିଲା।

# ପବନଙ୍କ ପତ୍ନୀଙ୍କ ପାଖରେ ୨ଟି ଭୋଟ ପରିଚୟପତ୍ର; ବିଜେପି

ନୂଆଦିଲ୍ଲୀ, ୩।୯(ଏଜେନ୍ସି): ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ବିଜେପି ଓ ନିର୍ବାଚନ କମିସନଙ୍କ ବିରୋଧରେ ଭୋଟ ଚୋରି କରିବାର ଅଭିଯୋଗ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏବେ ବିଜେପି ମଧ୍ୟ ଏ ନେଇ ପାଲଟା ଅଭିଯୋଗ ଆଣିଛି। ବରିଷ୍ଠ କଂଗ୍ରେସ ନେତା ତଥା ମୁଖପାତ୍ର ପବନ ଖେଡ଼ାଙ୍କ ପତ୍ନୀ କୋଟା ନୀଳିମା ପାଖରେ ଦୁଇଟି ଭୋଟ ପରିଚୟ ପତ୍ର ରହିଛି ବୋଲି ବିଜେପି ଅଭିଯୋଗ କରିଛି। ବିଜେପି ଆଇଟି ସେଲ୍ ମୁଖ୍ୟ ଅମିତ ମାଲବ୍ୟ ସାମାଜିକ ଗଣମାଧ୍ୟମ ଏକ୍ସରେ ଏ ନେଇ ପୋଷ୍ଟ କରି ସୂଚନା ଦେଇଛି। ନୀଳିମାଙ୍କ ନାମ ତେଲଙ୍ଗାନାର ଖଇରାତାବାଦ୍ ଓ ଦିଲ୍ଲୀର ନୂଆଦିଲ୍ଲୀ ବିଧାନସଭା ନିର୍ବାଚନ ମଣ୍ଡଳୀର ଭୋଟର ତାଲିକାରେ ରହିଛି ବୋଲି ସେ ଉଲ୍ଲେଖ କରିଛନ୍ତି। ପୂର୍ବରୁ ମଙ୍ଗଳବାର ଖେଡାଙ୍କ ପାଖରେ ଦୁଇଟି ଭୋଟର ଆଇକାର୍ଡ ରହିଥିବା କଥା ଦାବି କରିଥିଲେ ଓ ଏ ନେଇ ସବୁ ତଥ୍ୟ ସେୟାର କରିଥିଲେ। ଦିଲ୍ଲୀର ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସର (ଇଆରଓ) ଖେଡ଼ାଙ୍କ ନିକଟକୁ ନୋଟିସ ପଠାଇଛି। ଦୁଇଟି ସ୍ଥାନରେ ଭୋଟ ତାଲିକାରେ ନାମ ରହିଥିବାରୁ ତାଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନହିଁ ବୋଲି ନୋଟିସରେ ଉଲ୍ଲେଖ କରାଯାଇଛି।



# ବିଜୟ ଦିବସରେ ଚୀନର ଶକ୍ତି ପ୍ରଦର୍ଶନ

ବେଜିଂ, ୩।୯(ଏଜେନ୍ସି): ଚୀନ ବୁଧବାର ତା'ର ୮୦ତମ ବିଜୟ ଦିବସ ପାଳନ କରିଛି। ଏହି ଅବସରରେ ରାଜଧାନୀ ବେଜିଂରେ ଦେଶର ସର୍ବବୃହତ୍ ସୈନ୍ୟ ପରେଡର ଆୟୋଜନ କରାଯାଇଥିଲା। ଏଥିସହ ଚୀନ୍ ସାରା ବିଶ୍ୱ ଆଗରେ ନିଜ ଶକ୍ତି ଓ ସାମର୍ଥ୍ୟର ନମୁନା ପ୍ରଦର୍ଶନ କରିଥିଲା। ଆମେରିକାର ଚ୍ୟାଲେଞ୍ଜକୁ ପ୍ରତିହତ କରିବା ପାଇଁ ଚୀନ ବିଜୟ ଦିବସ ଅବସରରେ ଏହି ସାମରିକ ଶକ୍ତି ଓ ସାମର୍ଥ୍ୟ ପ୍ରଦର୍ଶିତ କରିଥିଲା। ଏଥିରେ ମହାକାଶ ବା ଅନ୍ତରୀକ୍ଷରେ ଆକ୍ରମଣ କରୁଥିବା ମିସାଇଲ, ବିନା ପାଇଲଟ୍‌ରେ ଉଡୁଥିବା ଫାଇଟର ଜେଟ୍, ପାଣି ଭିତର ଚାଲୁଥିବା ଡ୍ରୋନ୍ ସମେତ ବହୁ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ପ୍ରଦର୍ଶନ କରାଯାଇଥିଲା। ପରେଡ୍‌ରେ ୧୦୦ରୁ ଉର୍ଦ୍ଧ୍ୱ ଅସ୍ତ୍ର, ୪୫ଟି ସୈନ୍ୟ ଦଳ ଓ ୧୦୦ରୁ ଉର୍ଦ୍ଧ୍ୱ ବିମାନ ସାମିଲ ଥିଲା। ପ୍ରଦର୍ଶିତ ହୋଇଥିବା ଅଧିକାଂଶ ଅସ୍ତ୍ରଶସ୍ତ୍ର ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ। ଏହି ଅସ୍ତ୍ରଶସ୍ତ୍ର ଚୀନ୍‌ର ସାମରିକ ଦକ୍ଷତା ଓ ଉନ୍ନତ ବୈଷୟିକ ଜ୍ଞାନକୌଶଳ ପ୍ରଦର୍ଶନ କରୁଛି ବୋଲି ଚୀନ୍ ରାଷ୍ଟ୍ରପତି ସି ଜିଙ୍ଗ୍‌ପିଙ୍ଗ୍ କହିଛନ୍ତି। ଏହି ଅବସରରେ ଚୀନ୍ ପିଏଚ୍‌ଏଲ୍-୧୬ ମଲ୍ଟିପଲ ରକେଟ ଲଞ୍ଚର ପ୍ରଦର୍ଶିତ କରିଥିଲା। ସେହପରି ପାଣି ଭିତରେ ଚାଲୁଥିବା ଏଜେଏକ୍ସ୦୦୨ ଡ୍ରୋନ୍ ମଧ୍ୟ ପ୍ରଦର୍ଶିତ ହୋଇଥିଲା।

**ବିଶ୍ୱର ସର୍ବବୃହତ ଯୁଦ୍ଧାସ୍ତ୍ର ପ୍ରଦର୍ଶନ**

# ସୁନା ଅଳଙ୍କାରକୁ ମାନିବ ଏହି ମେକ୍ଅପ୍

ମେକ୍ଅପ୍ ଭଳି ଅଳଙ୍କାରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ । ଏହା ସାଧା ପରିଧାନକୁ ସୁନ୍ଦର କରିଥାଏ । ବର୍ତ୍ତମାନ ବିଭିନ୍ନ ଅଳଙ୍କାର ବିକଳ୍ପ ଥିଲେ ମଧ୍ୟ, ସୁନା ଅଳଙ୍କାରର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ଏହାର ଲୋକପ୍ରିୟତା ସବୁବେଳେ ରହିଥାଏ । ତେଣୁ ପାରିବାରିକ ଉତ୍ସବ, ବିବାହ, ଜନ୍ମଦିନ, ବର୍ଷପୁରାଣୀ ଆଦିରେ ମହିଳାମାନେ ସୁନା ଅଳଙ୍କାର ପିନ୍ଧି ଯିବାକୁ ପସନ୍ଦ କରନ୍ତି । ଏଥିରୁ ଏକ ରାଜକୀୟ ଲୁକ୍ ମିଳିଥାଏ । ତେଣୁ ସୁନା ଅଳଙ୍କାର ପିନ୍ଧି ସୁନ୍ଦର ଦିଶିବାକୁ ଚାହୁଁଥିଲେ, ମେକ୍ଅପ୍ ପ୍ରତି ଧ୍ୟାନ ଦେବା ଜରୁରି ।



### ମେକ୍ଅପ୍ ବେସ୍‌କୁ ରଖନ୍ତୁ ହାଲୁକା

ମେକ୍ଅପ୍ କରୁଥିବା ସମୟରେ ବେସ୍‌କୁ ଧ୍ୟାନ ଦିଅନ୍ତୁ । ବିଶେଷ କରି ସୁନା ଅଳଙ୍କାର ପିନ୍ଧୁଥିଲେ ଯତ୍ନବାନ ହେବା ଆବଶ୍ୟକ । କାରଣ ସୁନା ଅଳଙ୍କାର ମୁହଁର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ । ତେଣୁ ମେକ୍ଅପ୍‌କୁ ହାଲୁକା ରଖିଲେ ଏହା ବେଶି ସୁନ୍ଦର ଲାଗିଥାଏ । ଏଥିପାଇଁ ହାଲୁକା ଫାଉଣ୍ଡେସନ୍ କିମ୍ବା ବିବି କ୍ରିମ୍ ବ୍ୟବହାର କରିପାରିବେ । ଥରେ ଫାଉଣ୍ଡେସନ୍ ଲଗାଇବା ପରେ ମୁହଁରେ ଥିବା ଦାଗକୁ କମ୍ କରିବା ପାଇଁ କନ୍‌ସିଲର୍ ଲଗାନ୍ତୁ । ଏହାପରେ ଟ୍ରାନ୍ସୁଲେଣ୍ଟ ପାଉଡର ବ୍ୟବହାର କରି ଫ୍ରେଶ୍ ମ୍ୟାଟ୍ ଲୁକ୍ ଦିଅନ୍ତୁ ।

### ଆଖିକୁ କରନ୍ତୁ ହାଇଲାଇଟ୍

ମେକ୍ଅପ୍ କରିବା ସମୟରେ ଆଖିକୁ ହାଇଲାଇଟ୍ କରନ୍ତୁ । ଏଥିରୁ ଏକ ସୁନ୍ଦର ଲୁକ୍ ମିଳିଥାଏ । ତେଣୁ ଆଖିକୁ ହାଇଲାଇଟ୍ କରିବା ପାଇଁ ହାଲୁକା ଗୋଲଡେନ୍ କିମ୍ବା ବ୍ରୋଞ୍ଜ ସିମର ଆଇସ୍ୟାଡୋ ବ୍ୟବହାର କରିପାରିବେ । ଏହାପରେ କପର୍ କିମ୍ବା ବ୍ରାଉନ୍ ଆଇସ୍ୟାଡୋ ସ୍ମଜ୍ କରି ଲଗାଇପାରିବେ । ଏହାଦ୍ୱାରା ଆଖିର ସୁନ୍ଦରତା ଦ୍ୱିଗୁଣା ବୃଦ୍ଧି ପାଇଥାଏ । ସେହିପରି ଆଖିରେ କଳା ଆଇଲାଇନରରେ ୱିଙ୍ଗ୍ କରିପାରିବେ । ସେହିପରି ଆଖି ମେକ୍ଅପ୍‌କୁ ସମ୍ପୂର୍ଣ୍ଣ କରିବା ପାଇଁ ମସ୍କାରା ଲଗାଇବାକୁ ଭୁଲନ୍ତୁନି ।

### ତ୍ୱଚାକୁ ୱାର୍ମ ଟୋନ୍ ଦିଅନ୍ତୁ

ସୁନା ଅଳଙ୍କାର ପିନ୍ଧୁଥିଲେ ବ୍ରୋଞ୍ଜ, ପୀଚ୍ ଓ ଧୂସର ରଙ୍ଗ ପ୍ରତି ଧ୍ୟାନ ଦିଅନ୍ତୁ । ଏହି ୱାର୍ମଟୋନ୍ ତ୍ୱଚାରେ ପ୍ରାକୃତିକ ଚମକ ଆଣିଥାଏ । ଏଥିସହ ଅଳଙ୍କାରର ରଙ୍ଗକୁ ନିୟନ୍ତ୍ରଣ କରିଥାଏ । ବ୍ଲଶ୍‌କୁ ମଧ୍ୟ ୱାର୍ମ ରଖିବା ଆବଶ୍ୟକ । ସୁନା ଅଳଙ୍କାର ସହ ପିଚ୍ କିମ୍ବା କୋରାଲ ବ୍ଲଶ୍ ଅଧିକ ସୁନ୍ଦର ଲାଗିଥାଏ ।

# ରୋଜଗାରର ରାହା ପାଲଟିଛି ରେଜିନ୍ ଆର୍ଟ

ସାଧାରଣତଃ ଫୁଲଟିଏ ନିଜର ରଙ୍ଗ, ସୌନ୍ଦର୍ଯ୍ୟ, ସୁଗନ୍ଧ ଓ କୋମଳତା ପାଇଁ ସବୁରି ମନ ହରଣ କରିଥାଏ । ଏହାକୁ ଠାକୁର ପୂଜା, ସାଜସଜ୍ଜା, ବିବାହ ଆଦି ମାଙ୍ଗଳିକ କାର୍ଯ୍ୟରେ ବ୍ୟବହାର କରାଯାଏ; କିନ୍ତୁ ଏବେ ଏହା କେବଳ ସାଜସଜ୍ଜା ନୁହେଁ, ଫେଶନର ଏକ ଅଂଶ ପାଲଟିଛି । ଫୁଲ ଓ ପତ୍ରକୁ ଶୁଖାଇ ରେଜିନ୍ ଆର୍ଟ ମାଧ୍ୟମରେ ଭଳିକି ଭଳି ଲକେଟ୍, କାନଫୁଲ, ଅଳଙ୍କାର ଓ ବ୍ରେସ୍‌ଲେଟ୍ ଆଦି ପ୍ରସ୍ତୁତ କରି ରୋଜଗାରକ୍ଷମ ହୋଇଛନ୍ତି, ଉତ୍ତରାଖଣ୍ଡ ହଲ୍‌ଦ୍ୱାନିର ରକ୍ଷନ୍ଦା ବିଷ୍ଟ । ଏଥିସହ ସେ ରେଜିନ୍ ଆର୍ଟରେ ଘରସଜ୍ଜା ଉପକରଣ ପ୍ରସ୍ତୁତ କରି ଅନ୍ୟ ମହିଳାଙ୍କୁ ପ୍ରୋତ୍ସାହିତ କରିଛନ୍ତି ।




### ଅଳଙ୍କାର ଓ ସାଜସଜ୍ଜା ଉପକରଣ

ରକ୍ଷନ୍ଦା ସୂର୍ଯ୍ୟମୁଖୀ, ଗୋଲାପ, ମୋଗରା, ମଲ୍ଲୀ, ଚମେଲି ଭଳି ଫୁଲ ଉପଯୋଗ କରି ମୁଦି, କାନଫୁଲ, ଲକେଟ୍, ବ୍ରେସ୍‌ଲେଟ୍ ଭଳି ରେଜିନ୍ ଅଳଙ୍କାର ତିଆରି କରନ୍ତି । ଏଥିସହ ରେଜିନ୍ ଆର୍ଟ ମାଧ୍ୟମରେ ସେ ଫଟୋ ଫ୍ରେମ୍, ବୁକ୍‌ମାର୍କ୍ସ, ଟ୍ରେ ଏବଂ ଅନ୍ୟ ଘରକରଣା ଜିନିଷ ତିଆରି କରିଥାନ୍ତି । ବିଶେଷ କଥା ହେଉଛି ତାଙ୍କର ସମସ୍ତ ଉତ୍ପାଦ ଘର ତିଆରି ହୋଇଥିବାରୁ ଲୋକେ ଏହାକୁ ଅଧିକ ପସନ୍ଦ କରିଥାନ୍ତି । ଏହା ଜିନିଷ ଦେଖିବାକୁ ଖୁବ୍ ସୁନ୍ଦର ଓ ଆକର୍ଷଣୀୟ ହୋଇଥାଏ ।

### କରିଛନ୍ତି ନିଜର ବ୍ରାଣ୍ଡ

ରେଜିନ୍, ଅକ୍ସୀ ରେଜିନ୍, ଏବଂ ଜାସମୋନାଇଟ୍ ଭଳି ଉପାଦାନ ବ୍ୟବହାର କରି ସେ ଫୁଲକୁ ସଂରକ୍ଷିତ କରନ୍ତି । ଏହାଦ୍ୱାରା ଫୁଲ ଦୀର୍ଘ ସମୟ ଧରି ସତେଜ ଓ ସୁନ୍ଦର ରହିଥାଏ । ଏହା ଦେଖିବାକୁ ମଧ୍ୟ ଖୁବ୍ ଆକର୍ଷଣୀୟ ଦେଖାଯାଏ । ତାଙ୍କ କହିବାନୁଯାୟୀ ସେ ସାମାଜିକ ଗଣମାଧ୍ୟରେ ରେଜିନ୍ ଆର୍ଟ ଦେଖି ଏଥିପ୍ରତି ଆକର୍ଷିତ ହୋଇଥିଲେ । ଧୀରେ ଧୀରେ ଶିଖି ଏଥିରେ ସଫଳ ହୋଇଥିଲେ । ସେ ଦୀର୍ଘ ତିନିବର୍ଷ ଧରି ଏହି କାର୍ଯ୍ୟ କରି ଆସୁଛନ୍ତି । ସେ ଇନ୍‌ଷ୍ଟାଗ୍ରାମରେ 'ରେସ୍‌ମୋନାଇଟ୍' ନାମରେ ଏକ ଆକାଉଣ୍ଟ ଖୋଲି ଏହି ବ୍ୟବସାୟ ଜାରି ରଖିଛନ୍ତି । ଏଥିରେ ଲୋକେ ତାଙ୍କ ହାତ ତିଆରି ଜିନିଷ ଦେଖି କିଣିଥାନ୍ତି । ଏଥିସହ ସେ ବିଭିନ୍ନ ପ୍ରଦର୍ଶନୀରେ ନିଜ ଷ୍ଟଲ୍ ପକାଇଥାନ୍ତି ।



### ବଢୁଛି ରେଜିନ୍ ଆର୍ଟର ଚାହିଦା

ଏହା ଏକ ପ୍ରକାର କଳା । ଏଥିରେ ତରଳ ରେଜିନରେ ବିଭିନ୍ନ ଗ୍ଲିଟର୍ ମିଶାଇ ସେଥିରେ ଫୁଲ ଦେଇ ବିଭିନ୍ନ ଅଳଙ୍କାର ଓ ଘରସଜ୍ଜା ଜିନିଷ ଆଦି ପ୍ରସ୍ତୁତ କରାଯାଇଥାଏ । ଏହା ଦୀର୍ଘସ୍ଥାୟୀ ମଧ୍ୟ ହୋଇଥାଏ । ସ୍ଥାନୀୟ ଅଞ୍ଚଳର ଲୋକେ ରକ୍ଷନ୍ଦାଙ୍କ ରେଜିନ୍ ଜୁଏଲାରୀକୁ ଖୁବ୍ ପସନ୍ଦ କରନ୍ତି । ଏହା ଅନ୍ୟ ଅଳଙ୍କାରଠୁ ଭିନ୍ନ ହୋଇଥିବାରୁ ଯୁବତୀମାନେ ଏଥିପ୍ରତି ଅଧିକ ଆକର୍ଷିତ ହୋଇଥାନ୍ତି । ତେବେ ଏହି ଅଳଙ୍କାର ତିନିଶହ ଟଙ୍କାରୁ ଆରମ୍ଭ ହୋଇ ବିଭିନ୍ନ ମୂଲ୍ୟ ଯାଏ ରହିଛି । ରକ୍ଷଦାଙ୍କ କହିବାନୁଯାୟୀ ଲୋକେ ଏହି ଜିନିଷକୁ ଖୁବ୍ ପସନ୍ଦ କରୁଛନ୍ତି । ଏହାଦ୍ୱାରା ସେ ନିଜେ ରୋଜଗାରକ୍ଷମ ହେବା ସହ ଅନ୍ୟ ମହିଳାଙ୍କୁ ଏ ଦିଗରେ ପ୍ରେରିତ କରିଛନ୍ତି । ତେବେ ଆତ୍ମବିଶ୍ୱାସ ଓ ସୃଜନଶୀଳତା ଥିଲେ ସବୁକିଛି ସମ୍ଭବ ବୋଲି ସେ ପ୍ରମାଣ କରିଛନ୍ତି ।

# କାନ୍ଥରୁ କ୍ରେୟନ୍ ରଙ୍ଗ ସଫା କରିବାର ଉପାୟ



ଘରର କାନ୍ଥ ସଫାସୁତୁରା ରହିଲେ ସୁନ୍ଦର ଦେଖାଯାଏ; କିନ୍ତୁ ଘରେ ଛୋଟ ପିଲାଥିଲେ କାନ୍ଥ ଅପରିଷ୍କାର ତଥା ଗାରେଇ ହେବା ସ୍ୱାଭାବିକ କଥା । ବାରମ୍ବାର ମନା କରିବା ସତ୍ତ୍ୱେ ପିଲାମାନେ କାନ୍ଥରେ କ୍ରେୟନ, ପେନ୍‌ସିଲ୍ ଆଦି ଗାରେଇଥାନ୍ତି । ଏହା ଆଖିକୁ ଅସୁନ୍ଦର ଦେଖାଯାଏ । ତେବେ କାନ୍ଥରୁ ଏହି ରଙ୍ଗକୁ ସହଜ ଉପାୟରେ କିପରି ଛଡ଼ାଇବେ ଜାଣିବା ସେ ବିଷୟରେ...

### ଗ୍ଲାସ୍ କ୍ଲିନର୍

କାନ୍ଥରେ ପିଲାମାନେ ରଙ୍ଗ, ପେନ୍‌ସିଲ୍, କଲମ ଆଦି ଗାରେଇ ଥିଲେ, ଏଥିପାଇଁ ଓଦା କପଡ଼ା ବ୍ୟବହାର ନ କରି ଗ୍ଲାସ କ୍ଲିନର୍ ବ୍ୟବହାର କରିପାରିବେ । ଏହା ମାର୍କେଟରେ ସହଜରେ ମିଳିବ । ଏଥିପାଇଁ ଗ୍ଲାସ୍ କ୍ଲିନର୍‌କୁ କାନ୍ଥରେ ସ୍ପ୍ରେ କରି ପାଞ୍ଚସାତ ମିନିଟ୍ ଯାଏ ଛାଡ଼ି ଦିଅନ୍ତୁ । ଏହାପରେ ଏହାକୁ ଏକ କପଡ଼ାରେ ସଫା କରନ୍ତୁ ।

### ଡିସ୍‌ୱାସ୍ ଲିକ୍ୱିଡ୍

ଡିସ୍‌ୱାସ୍‌ରେ କେବଳ ବାସନ ନୁହେଁ, କାନ୍ଥକୁ ମଧ୍ୟ ଚମକାଇ ପାରିବେ । ଏଥିପାଇଁ ଉଷୁମ ପାଣିରେ ଡିସ୍‌ୱାସ୍ ଜେଲ୍ ପକାଇ ଘାଣ୍ଟି ଦିଅନ୍ତୁ । ଏହି ପାଣିରେ ଏକ କପଡ଼ା ଭିଜାଇ କାନ୍ଥକୁ ସଫା କରନ୍ତୁ ।

# ଦୋ ମୁହାଁ କେଶର ଘରୋଇ ଉପଚାର



ଅନେକ ମହିଳା ଦୋମୁହାଁ କେଶ ସମସ୍ୟା ଦୂର କରିବା ପାଇଁ କେଶ କାଟି ଦିଅନ୍ତି । କିନ୍ତୁ ଏହା ସତ୍ତ୍ୱେ ଦୋ ମୁହାଁ କେଶ ପୁଣି ଦେଖିବାକୁ ମିଳିଥାଏ । ଏହାଦ୍ୱାରା କେଶ ରୁକ୍ଷ ଓ ଦୁର୍ବଳ ହୋଇଯାଏ । ବାରମ୍ବାର ପାର୍ଲର ଯାଇ ଖର୍ଚ୍ଚାନ୍ତରୁ ବର୍ତ୍ତିବାକୁ ଚାହୁଁଥିଲେ, ଘରୋଇ ଉପଚାର ଆପଣାଇ ଦୋମୁହାଁ କେଶ ସମସ୍ୟା ଦୂର କରିପାରିବେ । ଜାଣିବା ସେ ବିଷୟରେ...

### ହେୟାର୍ ମାସ୍କ

ଏଥିପାଇଁ ନଡ଼ିଆ ତେଲ ଓ ଶୁଦ୍ଧ ମହୁ ବ୍ୟବହାର କରିପାରିବେ । କେଶର ଲମ୍ବ ଅନୁସାରେ ଗୋଟିଏ ପାତ୍ରରେ ନଡ଼ିଆ ତେଲ ନେଇ ସେଥିରେ ଦୁଇ ଚାମଚ ମହୁ ମିଶାନ୍ତୁ । ଏହାକୁ ଭଲରେ ଚାମଚ ସାହାଯ୍ୟରେ ଗୋଳାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ ।

### ଏପରି କରନ୍ତୁ ବ୍ୟବହାର

ଏହାକୁ ବ୍ୟବହାର କରିବା ଖୁବ୍ ସହଜ । ଏଥିପାଇଁ ପ୍ରଥମେ କେଶ ପରିଷ୍କାର ଅଛି କି ନାହିଁ ତାହା ଧ୍ୟାନ ରଖିବା ଜରୁରୀ । ସେହିପରି ଆବଶ୍ୟକ ହେଲେ ସାମ୍ପୁ ଲଗାଇ ପୁଣିଥରେ କେଶ ସଫା କରି ଦିଅନ୍ତୁ । ଏହାପରେ ପ୍ରସ୍ତୁତ କରି ରଖିଥିବା ହେୟାର୍ ମାସ୍କ ଲଗାନ୍ତୁ । ଏହାକୁ କେଶମୂଳରୁ ନେଇ ଅଗ ଯାଏ ଭଲରେ ଲଗାନ୍ତୁ । ଏହାକୁ ଲଗାଇବାର ୪୦ ମିନିଟ୍ ପରେ ଏକ ମାଇଲ୍ଡ ସାମ୍ପୁରେ କେଶ ଧୋଇଦିଅନ୍ତୁ ।

### ସପ୍ତାହରେ ଲଗାନ୍ତୁ ଦୁଇଥର

ସପ୍ତାହରେ ଅତି କମ୍‌ରେ ଦୁଇଥର ଏହି ମାସ୍କ ଲଗାଇବା ଆବଶ୍ୟକ । ଏହା ଦ୍ୱାରା ଧୀରେ ଧୀରେ ଦୋମୁହାଁ କେଶ ସମସ୍ୟା ଦୂର ହୋଇଥାଏ । କେଶ ସୁସ୍ଥ, ସୁନ୍ଦର ଓ ମଜଭୂତ ରହିଥାଏ ।

# ଫେଶନରେ ଆଫ୍‌ଗାନୀ ସୁଟ୍



ଫେଶନ ଅନୁଯାୟୀ ଯୁବତୀମାନେ ପାରମ୍ପରିକ ଓ ଆଧୁନିକ ସ୍ପର୍ଶ ଥିବା ପୋଷାକ ପିନ୍ଧିବାକୁ ବେଶୀ ପସନ୍ଦ କରନ୍ତି । ସେମିତି ଏକ ସୁଟ୍ ହେଉଛି ଆଫ୍‌ଗାନୀ ସୁଟ୍ । ଏହା ଦେଖିବାକୁ ଆକର୍ଷଣୀୟ ହେବାସହ, ପିନ୍ଧିବାକୁ ଆରାମଦାୟକ ଲାଗିଥାଏ । ତେଣୁ ଯୁବତୀମାନେ ଏହାକୁ ପାର୍ଟି, ଫଙ୍କ୍‌ସନ୍ ଆଦି ସ୍ଥାନକୁ ପିନ୍ଧିଯିବାକୁ ପସନ୍ଦ କରିଥାନ୍ତି ।

### ଆଫ୍‌ଗାନୀ ସୁଟ୍

ଅଫିସ୍ ଓ କଲେଜ ଯାଉଥିବା ମହିଳାଙ୍କ ପାଇଁ ଆଫ୍‌ଗାନୀ ସୁଟ୍ ଭଲ ବିକଳ୍ପ । ଏହା ଅଧିକ କ୍ଲାସି ଓ ପ୍ରଫେସ୍‌ନାଲ୍ ଲାଗିଥାଏ । ଏହାକୁ ବଜାରରୁ କିଣିପାରିବେ, ନଚେତ୍ ନିଜ ପସନ୍ଦ ଅନୁଯାୟୀ କପଡ଼ା କିଣି ଏହାକୁ ପ୍ରସ୍ତୁତ କରିପାରିବେ । ଏଥିସହ କଣ୍ଟ୍ରାଷ୍ଟ ଦୁପଟା ପକାଇ ଷ୍ଟାଇଲ୍‌କୁ ଦୁଇଗୁଣା କରିପାରିବେ ।

### ଫର୍ମାଲ କୁର୍ତ୍ତା

ଫର୍ମାଲ ଓ ଷ୍ଟାଇଲିଶ୍ କୁର୍ତ୍ତା ସେଟ୍ ଚାହୁଁଥିଲେ, ଭି-ନେକ୍ ଓ ଏ-ଲାଇନ୍ କଟିଙ୍ଗ ଯୁକ୍ତ କୁର୍ତ୍ତାସେଟ୍ କରିପାରିବେ । ଏହାକୁ ସାଧା ସୂତା ପ୍ରିଣ୍ଟ କପଡ଼ାରେ ପ୍ରସ୍ତୁତ କରିପାରିବେ । ଆଫ୍‌ଗାନୀ କୁର୍ତ୍ତା ସେଟ୍‌ର ଏହି ଷ୍ଟାଇଲ୍ କାର୍ଯ୍ୟସ୍ଥଳୀ ପାଇଁ ଖୁବ୍ ଭଲ ହୋଇଥାଏ ।

### ପାର୍ଟି ପାଇଁ ସିମର୍


ବିବାହ କିମ୍ବା କୌଣସି ପାର୍ଟି, ଫଙ୍କ୍‌ସନ୍ ପାଇଁ ଆକର୍ଷଣୀୟ ପୋଷାକ ପିନ୍ଧିବାକୁ ଚାହୁଁଥିଲେ, ସିମର୍ ଫ୍ୟାବ୍ରିକ୍‌ରେ ନିର୍ମିତ, ଆଫ୍‌ଗାନୀ ସୁଟ୍ ଭଲ ବିକଳ୍ପ । ମାଳି ଓ ହାଲୁକା ଏମ୍ବ୍ରୋଡୋରୀ ଡିଜାଇନର ଏହି ସୁଟ୍ ଅଧିକ ଓଜନିଆ ଲାଗେ ନାହିଁ । ଏଥିରୁ ଏକ ସୁନ୍ଦର ଲୁକ୍ ମିଳିଥାଏ ।

### ଫ୍ଲୋରାଲ୍ ପ୍ରିଣ୍ଟ

ଏବେ ଫ୍ଲୋରାଲ୍ ପ୍ରିଣ୍ଟ ଶାଢ଼ି ଓ ଡ୍ରେସ୍‌ର ଲୋକପ୍ରିୟତା ରହିଛି । ଏହା ଷ୍ଟାଇଲିଶ୍ ହେବା ସହ ଦେଖିବାକୁ ଖୁବ୍ ସୁନ୍ଦର ହୋଇଥାଏ । ଏପରି ସ୍ଥଳେ ଚାହିଁଲେ, ପ୍ରିଣ୍ଟେଡ୍ କପଡ଼ାରେ ଏହି ସୁଟ୍ ତିଆରି କରିପାରିବେ । ଫୁଲ୍ ସ୍ଲିଭ୍‌ସ କିମ୍ବା ପଫ୍ ସ୍ଲିଭ୍ ବ୍ଲାଉଜ୍ ଏହାକୁ ଅଧିକ ଆକର୍ଷଣୀୟ କରିଥାଏ ।

# ମୋ ହାଣ୍ଡିଶାଳରୁ...

## ମିଲେଟ୍ ଖିରୀ



### ଆବଶ୍ୟକ ସାମଗ୍ରୀ

କ୍ଷୀର – ଚାରି କପ୍, ପିସ୍ତା ଗୁଣ୍ଡ – ଦୁଇଚାମଚ, କାଜୁ ଗୁଣ୍ଡ – ଦୁଇ ଚାମଚ, କିସମିସ୍ –ଚାରି ପାଞ୍ଚୋଟି, କୋଡୋ ମିଲେଟ୍ – ଦୁଇ କପ୍, ଚିନି – ଅଧା କପ୍, ଗୁଆଘିଅ – ଦୁଇ ଚାମଚ, ଗୁଜରାତି- ଅଧା ଚାମଚ ।

### ପ୍ରସ୍ତୁତି ପ୍ରଣାଳି

ଚୁଲାରେ କଡ଼େଇ ବସାଇ ଚାରି କପ୍ କ୍ଷୀର ଦେଇ ଫୁଟାନ୍ତୁ । ଏହାପରେ ଏକ କଡ଼େଇ ବସାଇ ସେଥିରେ ଦୁଇଚାମଚ ଘିଅ ଦେଇ, ଦୁଇ ଚାମଚ ପିସ୍ତା, ବାଦାମ, କାଜୁ ଓ କିସ୍‌ମିସ୍ ଦେଇ ଅଳ୍ପ ସମୟ ଭାଜି ଏକ ପାତ୍ରରେ କାଢ଼ି ଦିଅନ୍ତୁ । ଏହାପରେ କଡ଼େଇରେ ଅଳ୍ପ ଘିଅ ଦେଇ ସେଥିରେ କୋଡୋ ମିଲେଟ୍ ପକାଇ ଭାଜନ୍ତୁ । ହାଲୁକା ଭାଜି ହୋଇଯିବା ପରେ ଏହାକୁ ଫୁଟନ୍ତା କ୍ଷୀରରେ ପକାଇ ବହଳିଆ ହେବା ଯାଏ ଘାଣ୍ଟନ୍ତୁ । ଏହାପରେ ସେଥିରେ ଆବଶ୍ୟକ ଅନୁସାରେ ଚିନି, ଗୁଜରାତି ଗୁଣ୍ଡ ଦେଇ ଘାଟନ୍ତୁ । ଶେଷରେ ଭାଜି ରଖିଥିବା ଡ୍ରାଏ ଫ୍ରୁଟ୍ସ ସବୁକୁ ଦେଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା 'ମିଲେଟ୍ ଖିରୀ' ।







ସକାଳ
THE SAKALA
www.sakalaepaper.com

# ଚର୍ଚ୍ଚାରେ କ୍ରିକେଟରଙ୍କ ବ୍ରୋଙ୍କୋ ଟେଷ୍ଟ

**ବେଙ୍ଗାଲୁରୁ,୩।୯ (ଏଜେନ୍ସି):** ଆଇପିଏଲ୍ ଓ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍ ପରେ ଅନେକ ପ୍ରତିଷ୍ଠିତ ଭାରତୀୟ କ୍ରିକେଟର କୌଣସି ପ୍ରତିଯୋଗିତାମୂଳକ କ୍ରିକେଟ ଖେଳି ନାହାନ୍ତି। ଏହା ମଧ୍ୟରେ କିଛି ଖେଳାଳି ଦୁଲୀପ୍ ଟ୍ରଫିରେ ଅବତୀର୍ଣ୍ଣ ହୋଇଥିଲାବେଳେ ଆଉ କିଛି ଏସିଆ କପ ଓ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ୍ ଲାଗି ପ୍ରସ୍ତୁତି ଚଳାଇଛନ୍ତି। ସେଥିଲାଗି ଏଠାରେ ଥିବା ସେଣ୍ଟର ଫର ଏକ୍ସିଲେନ୍ସିରେ ଖେଳାଳିମାନଙ୍କର ଫିଟନେସ ଟେଷ୍ଟ କରାଯାଇଛି। ନୂଆକରି ଷ୍ଟ୍ରେନ୍ଥ ଓ କଣ୍ଡିସନିଂ କୋଚ୍ ନିଯୁକ୍ତ ପାଇଥିବା ଆଡ୍ରିଆନ ଲୀ ରକ୍ସଙ୍କ ପ୍ରସ୍ତାବିତ ବ୍ରୋଙ୍କୋ ଟେଷ୍ଟକୁ ନେଇ ଚର୍ଚ୍ଚା ଚାଲିଛି। ଭାରତୀୟ ଖେଳାଳିମାନେ କଷ୍ଟସାଧ୍ୟ ବ୍ରୋଙ୍କୋ ଟେଷ୍ଟରେ ପାସ କଲେ ଚୟନଲାଗି ଉପଲବ୍ଧ ହେବେ ବୋଲି କୁହାଯାଇଥିଲା। କିନ୍ତୁ ରୋହିତ ଶର୍ମାଙ୍କଠାରୁ ଆରମ୍ଭ କରି ଅର୍ଶଦୀପ ସିଂହଙ୍କ ସମେତ ଅନେକ ଖେଳାଳି ଏଠାରେ ଫିଟ୍‌ନେସ ଟେଷ୍ଟରେ ପାସ୍ କରିଛନ୍ତି। ସେମାନଙ୍କୁ କେବଳ ୟୋ ୟୋ ଟେଷ୍ଟ କରାଯାଇଥିଲା। ଆବଶ୍ୟକ ହେଲେ ବ୍ରୋଙ୍କୋ ଟେଷ୍ଟକୁ ବିସିସିଆଇ ଗ୍ରହଣ କରିବ ବୋଲି କୁହାଯାଇଛି।

# ଜୁନିଅର ହକି ବିଶ୍ୱକପ୍ ବୟକଟ୍ କରିବ ପାକିସ୍ତାନ

**ଲାହୋର, ୩।୯ (ଏଜେନ୍ସି):** ଚଳିତ ବର୍ଷ ଶେଷ ଭାଗରେ ଏଫ୍‌ଆଇଏଚ୍ ଜୁନିଅର ପୁରୁଷ ହକି ବିଶ୍ୱକପ୍‌ର ୧୪ତମ ସଂସ୍କରଣ ଭାରତରେ ଆୟୋଜିତ ହେବ। ନଭେମ୍ବର ୨୮ରୁ ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଏହା ଚେନ୍ନାଇର ମଦୁରାଇରେ ଖେଳାଯିବ। ତେବେ ଏହି ମେଗା ଇଭେଣ୍ଟକୁ ପାକିସ୍ତାନ ଦଳ ବୟକଟ୍ କରିବ ବୋଲି ଜଣାପଡ଼ିଛି। 'ଦୁଇ ଦେଶ ମଧ୍ୟରେ ବର୍ତ୍ତମାନ ଯୁଦ୍ଧଭଳି ସ୍ଥିତି ରହିଛି। ଏଭଳି ସ୍ଥିତିରେ ଆମେ ଭାରତ ଗସ୍ତ କରିପାରିବୁ ନାହିଁ' ବୋଲି ପାକିସ୍ତାନ ହକି ମହାସଂଘର ସଭାପତି ତାରିକ ବଗତି କହିଛନ୍ତି। ଲାହୋରରେ ଗଣମାଧ୍ୟମ ସହ ଆଲୋଚନା ଅବସରରେ ତାରିକ କହିଛନ୍ତି, 'ଏଭଳି ଉତ୍ତେଜନାମୂଳକ ପରିସ୍ଥିତିରେ ଭାରତ ଯାଇ ଚଳିତ ଏସିଆ କପ୍ ଖେଳିବା ସମ୍ଭବପର ନ ଥିଲା। ଉଭୟ ପାର୍ଶ୍ୱରେ ବର୍ତ୍ତମାନ ଯୁଦ୍ଧଭଳି ସ୍ଥିତି। ଏଭଳି ସମୟରେ ବର୍ତ୍ତମାନ କି ନିକଟ ଭବିଷ୍ୟତରେ ଆମେ ଭାରତ ଗସ୍ତ କରିପାରିବୁ ନାହିଁ। ସେହିଭଳି ଯଦି ଭାରତୀୟ କ୍ରିକେଟ୍ ଦଳ ଏଠାକୁ ଆସିପାରୁ ନାହିଁ ତେବେ ପାକିସ୍ତାନ ହକି ଦଳ ଭାରତ ଗସ୍ତରେ ମଧ୍ୟ ଯିବ ନାହିଁ।' ଅପରପକ୍ଷରେ ପାକିସ୍ତାନ ବିଶ୍ୱକପରେ ଭାଗନେବ କି ନାହିଁ ତାହା ଅନିଶ୍ଚିତତା ମଧ୍ୟରେ ରହିଛି ବୋଲି ଭାରତୀୟ ହକି ମହାସଂଘର ସମ୍ପାଦକ ଭୋଲାନାଥ ସିଂ କହିଛନ୍ତି।

# ଜର୍ସି ସ୍ପନସର ବିନା ଏସିଆ କପ୍ ଖେଳିବ ଭାରତ

**ନୂଆଦିଲ୍ଲୀ,୩।୯ (ଏଜେନ୍ସି):** ୟୁଏଇରେ ସେପ୍ଟେମ୍ବର ୯ରୁ ୮ଟି ଦଳକୁ ନେଇ ଆରମ୍ଭ ହେବ ଏସିଆ କପ୍ ଟି-୨୦ କ୍ରିକେଟ। ଏହି ଟୁର୍ଣ୍ଣାମେଣ୍ଟ ଲାଗି ଭାରତ ସମସ୍ତ ପ୍ରକାର ପ୍ରସ୍ତୁତି ଚଳାଇଥିଲେ ମଧ୍ୟ ଜର୍ସି ଓ କିଟ୍ ସ୍ପନସର ବିନା ଏହି ଟୁର୍ଣ୍ଣାମେଣ୍ଟରେ ଖେଳିବ ବୋଲି ନିଶ୍ଚିତ ହୋଇଛି। ଅନ୍‌ଲାଇନ୍ ଗେମିଂ ପ୍ଲାଟଫର୍ମକୁ ଭାରତ ସରକାର ବାସନ୍ଦ କରିବା ପରେ ଜର୍ସି ସ୍ପନସରରୁ ବାଦ୍ ପଡ଼ିଥିଲା ଡ୍ରିମ-୧୧। ଏହି ସ୍ଥାନ ପୂରଣ ଲାଗି ବିସିସିଆଇ ଟେଣ୍ଡର ଆହ୍ୱାନ କରିଛି। ଏତେ ଶୀଘ୍ର ଏହା ପୂରଣ ହୋଇପାରିବ ନାହିଁ ବୋଲି ଜଣାପଡ଼ିଛି। ଫଳରେ ଭାରତ ଏହି ଟୁର୍ଣ୍ଣାମେଣ୍ଟରେ ଜର୍ସି ସ୍ପନସର ନ ଥାଇ ଖେଳିବ ବୋଲି ସ୍ପଷ୍ଟ ହୋଇଛି। ସେପ୍ଟେମ୍ବର ୯ ରୁ ଆରମ୍ଭ ହେଉଥିବା ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଖେଳିବ। ୧୦ରେ ୟୁଏଇ, ୧୪ରେ ପାକିସ୍ତାନ ଓ ୧୯ରେ ଓମାନ ସହ ଗ୍ରୁପ୍-'ଏ' ମୁକାବିଲାରେ ଭାରତ ଅବତୀର୍ଣ୍ଣ ହେବ।

# ଆଜିଠାରୁ ଦୁଲୀପ ଟ୍ରଫି ସେମିଫାଇନାଲ ଲଢ଼େଇ

**ବେଙ୍ଗାଲୁରୁ,୩।୯ (ଏଜେନ୍ସି):** ଆନ୍ତଃଜୋନ୍ ଦୁଲୀପ୍ ଟ୍ରଫି କ୍ରିକେଟ ପ୍ରତିଯୋଗିତାର ସେମିଫାଇନାଲ ପର୍ଯ୍ୟାୟ ମୁକାବିଲା ଗୁରୁବାରଠାରୁ ଏଠାରେ ଆରମ୍ଭ ହେବ। ଜାତୀୟ ଦଳକୁ ଫେରିବା ଲାଗି ଆଶାୟୀ ଥିବା ଖେଳାଳିଙ୍କ ଲାଗି ଏହା ବେଶ ସହାୟକ ହେବ। ଆସନ୍ତାକାଲିର ସେମିଫାଇନାଲ ମୁକାବିଲାରେ ପଶ୍ଚିମାଞ୍ଚଳ ସହ କେନ୍ଦ୍ରାଞ୍ଚଳ ଖେଳିବ। ଏସିଆ କପ୍ ଦଳରୁ ବାଦ୍ ପଡ଼ି ଚର୍ଚ୍ଚାରେ ଥିବା ଶ୍ରେୟସ ଆୟର, ଯୁବ ଓପନର ଯଶସ୍ୱୀ ଜୟସ୍ୱାଲ ପ୍ରମୁଖ ଏଠାରେ ଭଲ ପ୍ରଦର୍ଶନ କରି ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା କରିବେ। ରଜତ ପାଟିଦାରଙ୍କ ନେତୃତ୍ୱରେ କେନ୍ଦ୍ରାଞ୍ଚଳ ଜୋରଦାର ମୁକାବିଲା କରିବ ବୋଲି ଆଶା କରାଯାଉଛି। ସେହିପରି ଦ୍ୱିତୀୟ ସେମିଫାଇନାଲ ଉତ୍ତରାଞ୍ଚଳ ଓ ଦକ୍ଷିଣାଞ୍ଚଳ ମଧ୍ୟରେ ଖେଳାଯିବ।

# ୟୁଏସ୍ ଓପନ୍ | ସେମିରେ ଜୋକୋଭିଚ୍-ଆଲ୍‌କାରାଜ୍

**ନ୍ୟୁୟର୍କ,୩।୯ (ଏଜେନ୍ସି):**





ବିଶ୍ୱର ନଂ-୨ ଖେଳାଳି ସ୍ପେନ୍‌ର କାର୍ଲୋସ ଆଲକାରାଜ ଓ ରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ୍ ଟାଇଟଲ ଜିତିବା ଲାଗି ଆଶାୟୀ ଥିବା ସର୍ବିଆର ନୋଭାକ ଜୋକୋଭିଚ୍‌ଙ୍କ ମଧ୍ୟରେ ୟୁଏସ୍ ଓପନ ୨୦୨୫ ପୁରୁଷ ଏକକ ସେମିଫାଇନାଲ ମୁକାବିଲା ଅନୁଷ୍ଠିତ ହେବ। ମଙ୍ଗଳବାର ରାତିରେ ଅନୁଷ୍ଠିତ ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ୱାର୍ଟରଫାଇନାଲ ମୁକାବିଲାରେ ଜୋକୋଭିଚ୍ ୬-୩, ୭-୫, ୩-୬, ୬-୪ ସେଟ୍‌ରେ ଚତୁର୍ଥ ସିଡ୍ ଆମେରିକାର ଟେଲର ଫ୍ରିଜ୍‌ଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ୍‌ଟି ୩ଘଣ୍ଟା ୪୨ ମିନିଟ୍‌ରେ ଶେଷ ହୋଇଥିଲା। ଏହା ଫଳରେ ୩୮ ବର୍ଷୀୟ ଜୋକୋଭିଚ ବୟସ ଓ କ୍ଳାନ୍ତହୀନତାକୁ ପଛରେ ପକାଇ ଏହି ମ୍ୟାଚ୍ ଜିତିନେଇଥିଲେ। ଏଠାରେ ୪ଥର ଟାଇଟଲ ଜିତିଥିବା ଜୋକୋଭିଚ୍ ୧୪ଥର ଲାଗି ସେମିଫାଇନାଲରେ ପ୍ରବେଶ କରି ଜିମି କନ୍ନର୍ସଙ୍କ ରେକର୍ଡ ସହ ସମକକ୍ଷ ହୋଇଛନ୍ତି। ଅନ୍ୟ ପକ୍ଷରେ ପୂର୍ବରୁ ଖେଳାଯାଇଥିବା କ୍ୱାର୍ଟର ଫାଇନାଲ ମୁକାବିଲାରେ ଆଲକାରାଜ ୩-୦ ସେଟ୍‌ରେ ନଂ-୨୦ ସିଡ ଜିରି ଲେହେକାଙ୍କୁ ପରାସ୍ତ କରି ପ୍ରଥମ ଖେଳାଳିଭାବେ ସେମିଫାଇନାଲରେ ପ୍ରବେଶ କରିଥିଲେ। ଏହା ଫଳରେ ଜୋକୋଭିଚ୍‌ଙ୍କ ସହ ମୁକାବିଲା ଲାଗି ସେ ନିଜକୁ ଭଲ ଭାବେ ପ୍ରସ୍ତୁତ କରିନେଇଥିଲେ। ଜୋକୋଭିଚ୍‌ଙ୍କ ସହ ୭ଥର ମେଜର ମୁକାବିଲାରେ ଆଲକାରାଜ ହାରିନାହାନ୍ତି। କିନ୍ତୁ ଏଟିପି ମୁକାବିଲାରେ ଜୋକୋଭିଚ୍ ୩-୨ରେ ଆଗୁଆ ରହିଛନ୍ତି। ଆଲକାରାଜ ଓ ନଂ-୧ ଜାନିକ ସିନ୍ନରଙ୍କ ମଧ୍ୟରେ ଫାଇନାଲ ଲଢ଼େଇର ମୁଖ୍ୟ ପ୍ରତିବନ୍ଧକ ଭାବେ ମୁଁ ରହିଛି। ଏବେ ଉଭୟ ବିଶ୍ୱର ଶ୍ରେଷ୍ଠ ଖେଳାଳି। କିନ୍ତୁ ସେମିଫାଇନାଲ ମୁକାବିଲାରେ ମୁଁ ଖେଳ ଦେଖିବାକୁ ଯିବି ନାହିଁ, ଖେଳିବି ବୋଲି ସେମିଫାଇନାଲରେ ପ୍ରବେଶ କରିବା ପରେ କହିଛନ୍ତି ଜୋକୋଭିଚ୍।

ପୁରୁଷ ବିଭାଗର ଅନ୍ୟ ଦୁଇଟି କ୍ୱାର୍ଟର ଫାଇନାଲ ଆଜି ବା ବୁଧବାର ରାତିରେ ଖେଳାଯିବ। କ୍ୱାର୍ଟରରେ ୮ ନମ୍ବର ସିଡ୍ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉର ଓ କାନାଡାର ଫେଲିକ୍ସ ଅଗର-ଆଲିଆସିମେଙ୍କ ମଧ୍ୟରେ ଖେଳାଯିବ। ସେହିପରି ଦ୍ୱିତୀୟ କ୍ୱାର୍ଟର ଇଟାଲୀର ଜାନିକ ସିନ୍ନର ସେମିଫାଇନାଲ ସ୍ଥାନ ଲାଗି ୧୦ ନମ୍ବର ସିଡ ତଥା ନିଜ ଦେଶର ଲୋରେଞ୍ଜୋ ମୁସେଟିଙ୍କ ସହ ମୁକାବିଲା କରିବେ।

## ଓହରିଲେ ଭୋଣ୍ଡ୍ରୋଉସୋଭା, ସେମିରେ ସାବାଲେଙ୍କା

ମଙ୍ଗଳବାର ରାତିରେ ବିଶ୍ୱର ନଂ-୧ ଖେଳାଳି ଆରିନା ସାବାଲେଙ୍କା ଓ ଚେକ୍ ରିପବ୍ଲିକ୍‌ର ମାର୍କେଟା ଭୋଣ୍ଡ୍ରୋଉସୋଭାଙ୍କ ମଧ୍ୟରେ ମହିଳା ଏକକ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ଖେଳାଯିବାର କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ ଆଘାତ ଲାଗିଥିବା ଆଣ୍ଠୁରେ ଯନ୍ତ୍ରଣା ଅଧିକ ହେବାରୁ ଭୋଣ୍ଡ୍ରୋଉସୋଭା ଏହି ମ୍ୟାଚ୍‌ରୁ ଓହରିଯାଇଥିଲେ। ଏହା ଫଳରେ ବିନା ଲଢ଼େଇରେ ନଂ-୧ ସାବାଲେଙ୍କା ସେମିଫାଇନାଲରେ ପ୍ରବେଶ କରିଥିଲେ। ସେମିରେ ତାଙ୍କର ମୁକାବିଲା ହେବ ନଂ-୪ ସିଡ୍ ଆମେରିକାର ଜେସିକା ପେଗୁଲାଙ୍କ ସହ। ପେଗୁଲା ଏକ ସହଜ ମୁକାବିଲାରେ ଚେକ୍ ରିପବ୍ଲିକ୍‌ର ଆଉ ଜଣେ ଖେଳାଳି ବାର୍ବରା କ୍ରେଜିକୋଭାଙ୍କୁ ୬-୩, ୬-୩ ସିଧାସଳଖ ସେଟ୍‌ରେ ପରାସ୍ତ କରି ସେମିରେ ପ୍ରବେଶ କରିଥିଲେ। ସେହିପରି ମହିଳା ଏକକ ବିଭାଗର ଅନ୍ୟ ଦୁଇ କ୍ୱାର୍ଟରଫାଇନାଲ ଆଜି ବା ବୁଧବାର ରାତିରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏହା ମଧ୍ୟରୁ ନଂ-୨ ପୋଲାଣ୍ଡର ଇଗା ସ୍ୱିଆଟେକଙ୍କ ସହ ନଂ-୮ ଆମେରିକାର ଆମାଣ୍ଡା ଆନିସିମୋଭାଙ୍କର ମୁକାବିଲା ହେବ। ଗୁରୁବାର ସକାଳେ ନଂ-୧୧ ସିଡ୍ ଚେକ୍ ରିପବ୍ଲିକ୍‌ର କାରୋଲିନା ମୁଚୋଭାଙ୍କ ସହ ଫର୍ମକୁ ଫେରିଥିବା ନଂ-୨୩ ସିଡ୍ ଜାପାନର ନାଓମି ଓସାକାଙ୍କ ସହ ମୁକାବିଲା ହେବ।

## ପୁରୁଷ ଯୁଗଳ କ୍ୱାର୍ଟରରେ ଭାମ୍ବ୍ରୀ-ଭେନସ

ଭାରତର ୟୁକି ଭାମ୍ବ୍ରୀ ଓ ତାଙ୍କ ନ୍ୟୁଜିଲାଣ୍ଡ ଯୋଡି ମାଇକେଲ ଭେନସ ୟୁଏସ୍ ଓପନ ପୁରୁଷ ଯୁଗଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ରାତିରେ ଖେଳାଯାଇଥିବା ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲାରେ ଭାମ୍ବ୍ରୀ-ଭେନସଙ୍କ ଯୋଡି ଚତୁର୍ଥ ସିଡ ଜର୍ମାନୀର ଟିମ୍ ପୁଏଜ୍ ଓ କେଭିନ କ୍ରୱିଏଜ୍‌ଙ୍କୁ ୬-୪, ୬-୪ ସିଧାସଳଖ ସେଟ୍‌ରେ ହରାଇଥିଲେ। ଏହି ମୁକାବିଲା ଦୀର୍ଘ ଏକ ଘଣ୍ଟା ୨୩ ମିନିଟକାଳ ଚାଲିଥିଲା। ଏହି ବିଜୟ ଫଳରେ ଭାରତର ଭାମ୍ବ୍ରୀ ଯେ କୌଣସି ଗ୍ରାଣ୍ଡସ୍ଲାମ୍ ଇଭେଣ୍ଟରେ ପ୍ରଥମଥର କ୍ୱାର୍ଟରଫାଇନାଲରେ ପ୍ରବେଶ କରିବାରେ ସମର୍ଥ ହୋଇଛନ୍ତି। ଆସନ୍ତାକାଲି ଖେଳାଯିବାକୁ ଥିବା କ୍ୱାର୍ଟର ଫାଇନାଲରେ ଭାମ୍ବ୍ରୀ-ଭେନସଙ୍କ ଯୋଡି ଏକାଦଶ ସିଡ୍ କ୍ରୋଏସିଆର ନିକୋଲା ମେକ୍‌ଟିକ୍ ଓ ଆମେରିକାର ଭେଟେରାନ ଖେଳାଳି ରାଜୀବ ରାମଙ୍କୁ ନେଇ ଗଠିତ ଯୋଡିଙ୍କୁ ଭେଟିବେ।

# ସିଏସ୍‌କେକୁ ଏନ୍ ଶ୍ରୀନିବାସନଙ୍କ ପ୍ରତ୍ୟାବର୍ତ୍ତନ

**ଚେନ୍ନାଇ, ୩।୯ (ଏଜେନ୍ସି):** ଦୀର୍ଘ ବର୍ଷର ବ୍ୟବଧାନ ପରେ ବରିଷ୍ଠ କ୍ରିକେଟ୍ ପ୍ରଶାସକ ତଥା ବିସିସିଆଇର ପୂର୍ବତନ ସଭାପତି ଏନ୍ ଶ୍ରୀନିବାସନ ପାଞ୍ଚଥରର ଆଇପିଏଲ୍ ଚାମ୍ପିଅନ ଚେନ୍ନାଇ ସୁପର୍ କିଙ୍ଗ୍‌ସ (ସିଏସ୍‌କେ) ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଶ୍ରୀନିବାସନଙ୍କ ସମେତ ତାଙ୍କ ଝିଅ ରୂପା ଗୁରୁନାଥଙ୍କୁ ଚେନ୍ନାଇ ସୁପର୍ କିଙ୍ଗ୍‌ସ କ୍ରିକେଟ୍ ଲିମିଟେଡ୍ (ସିଏସ୍‌କେସିଏଲ୍)ର ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି। ତେବେ ବୟସକୁ ଦୃଷ୍ଟିରେ ରଖି ଯାତ୍ରାକୁ ସୀମିତ ରଖିବା ଲାଗି ୮୦ ବର୍ଷୀୟ ଶ୍ରୀନିବାସଙ୍କୁ ସିଏସ୍‌କେର ପରାମର୍ଶଦାତା ଭୂମିକାରେ ଦେଖିବାକୁ ମିଳିବ। ସିଏସ୍‌କେର ସିଇଓ କାଶୀ ବିଶ୍ୱନାଥନ ଏହି ସୂଚନା ଦେଇଛନ୍ତି। ତାଙ୍କର ଉପସ୍ଥିତି ସିଏସ୍‌କେର ରଣନୀତି ଓ ପରିଚାଳନା ଦକ୍ଷତାକୁ ବୃଦ୍ଧି କରିବ ବୋଲି ସେ କହିଛନ୍ତି। ଭାରତୀୟ କ୍ରିକେଟ୍‌ରେ ଦଶନ୍ଧିରୁ ଊର୍ଦ୍ଧ୍ୱ ବର୍ଷର ଅଭିଜ୍ଞତା ଥିବା ଶ୍ରୀନିବାସନଙ୍କ ପ୍ରତ୍ୟାବର୍ତ୍ତନ ଚେନ୍ନାଇ ସୁପର୍ କିଙ୍ଗ୍‌ସକୁ ଏଭଳି ସମୟରେ ହୋଇଛି ଯେତେବେଳେ ଦଳ ଗତ ଆଇପିଏଲ୍ ବିପର୍ଯ୍ୟୟରୁ ମୁକୁଳିବା ଲାଗି ଚେଷ୍ଟା କରୁଛି। ଆଇପିଏଲ୍ ଇତିହାସରେ ସିଏସ୍‌କେ ପ୍ରଥମଥର ଲାଗି ଗତ ସଂସ୍କରଣରେ ସର୍ବନିମ୍ନ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ୨୦୦୮ରେ ସିଏସ୍‌କେ ଗଠନ ପଛରେ ଶ୍ରୀନିବାସନ ପ୍ରମୁଖ ଭୂମିକା ରହିଥିଲେ। କିନ୍ତୁ ସେ କେବେ ମଧ୍ୟ ଅଫିସିଆଲ୍ ଭାବେ ସିଏସ୍‌କେ ଫ୍ରାଞ୍ଚାଇଜର କୌଣସି ପଦବୀରେ ରହି ନ ଥିଲେ।



# ଦକ୍ଷିଣ ଆଫ୍ରିକାର ନେତୃତ୍ୱ ନେବେ ଲୌରା

**ମହିଳା ଦିନିକିଆ ବିଶ୍ୱକପ୍**

**ଜୋହାନ୍ସବର୍ଗ, ୩।୯ (ଏଜେନ୍ସି):** ମହିଳା ଦିନିକିଆ ବିଶ୍ୱକପ୍‌ର ତ୍ରୟୋଦଶ ସଂସ୍କରଣ ସେପ୍ଟେମ୍ବର ୩୦ରୁ ଭାରତ ଓ ଶ୍ରୀଲଙ୍କାରେ ମିଳିତ ଭାବେ ଆରମ୍ଭ ହେବ। ଏହି ମେଗା ଇଭେଣ୍ଟ ଲାଗି ବୁଧବାର ଦକ୍ଷିଣ ଆଫ୍ରିକା ମହିଳା କ୍ରିକେଟ୍ ଦଳ ଘୋଷଣା କରାଯାଇଛି। ଯୁବ ବ୍ୟାଟର୍ ଲୌରା ୱଲଭାର୍ଡଟଙ୍କୁ ଘୋଷିତ ୧୫ ଜଣିଆ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ସେହିଭଳି ସୁନେ ଲସ୍, ମାରିଜାନ୍ନେ କାପ୍ପ, କ୍ଲୋଏ ଟ୍ରାୟନ ଓ ଆୟାବୋଙ୍ଗା ଖାକାଙ୍କ ଭଳି ଅଭିଜ୍ଞ ଖେଳାଳି ଦଳରେ ସ୍ଥାନ ବଜାୟ ରଖିଛନ୍ତି। ଅକ୍ଟୋବର ୩ରେ ଇଂଲଣ୍ଡ ବିପକ୍ଷରେ ଖେଳି ବିଶ୍ୱକପ୍‌ରେ ଅଭିଯାନ ଆରମ୍ଭ କରିବ।

**ଘୋଷିତ ଦକ୍ଷିଣ ଆଫ୍ରିକା ଦଳ:** ଲୌରା ୱଲଭାର୍ଡଟ୍ (ଅଧିନାୟିକା), ଆନେକ ବୋଶ୍ଚ, ତାଜମିନ ବ୍ରିଟ୍ସ, ନାଦିନେ ଡି କ୍ଲେର୍କ, ଆନେରି ଡେର୍କେସନ, ସିନାଲୋ ଜାଫତା, ମାରିଜାନ୍ନେ କାପ୍ପ, ଆୟାବୋଙ୍ଗା ଖାକା, ମାସାବାତା କ୍ଲାସ, ସୁନେ ଲସ୍, କାରାବୋ ମେସୋ, ନୋଙ୍କୁଲୁଲେକୋ ମାଲବା, ତୁମି ସେଖୁଖୁନେ, ନୋନ୍ଦୁମିସୋ ଶାଙ୍ଗାସୋ ଓ କ୍ଲୋଏ ଟ୍ରାୟନ।

# ଡବଲ୍ ସ୍ୱର୍ଣ୍ଣ ବିଜୟିନୀ ରଶ୍ମିତା ସମ୍ବର୍ଦ୍ଧିତ



**ଭୁବନେଶ୍ୱର, ୩।୯ (ସମିସ):** ଖେଲୋ ଇଣ୍ଡିଆ ଜଳକ୍ରୀଡ଼ାରେ ଦୁଇ ଦୁଇଟି ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଥିବା ରଶ୍ମିତା ସାହୁଙ୍କୁ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। କିଟ୍‌ରେ ଅଧ୍ୟୟନ କରୁଥିବା ରଶ୍ମିତାଙ୍କୁ ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ବୁଧବାର ଆର୍ଥିକ ପ୍ରୋତ୍ସାହନ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ରଶ୍ମିତାଙ୍କୁ ଆଗାମୀ କ୍ରୀଡ଼ା କ୍ୟାରିୟରରେ ସମସ୍ତ ସହଯୋଗ ବିଶ୍ୱବିଦ୍ୟାଳୟ ପକ୍ଷରୁ ଯୋଗାଇ ଦେବାକୁ ଶ୍ରୀ ସାମନ୍ତ ପ୍ରତିଶ୍ରୁତି ଦେଇଥିଲେ। ଉଲ୍ଲେଖଯୋଗ୍ୟ, ଶ୍ରୀନଗରରେ ଶେଷ ହୋଇଥିବା ଖେଲୋ ଇଣ୍ଡିଆ ଜଳକ୍ରୀଡ଼ାରେ ଚୌଦ୍ୱାରର ରଶ୍ମିତା ୨୦୦ ମିଟର କାନୋଇଂ-୧ ଓ ୫୦୦ ମିଟର କାନୋଇଂ-୨ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହି ସଫଳତା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ରବିବାର 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ରଶ୍ମିତାଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ଜିଲ୍ଲାସ୍ତରୀୟ ଟାଏକ୍ୱୋଣ୍ଡୋ ଉଦ୍‌ଯାପିତ

**ଭୁବନେଶ୍ୱର, ୩।୯ (ସମିସ):** ସ୍ଥାନୀୟ ପାଣ୍ଡରାସ୍ଥିତ ବିନୋରୀ ଟାଏକ୍ୱୋଣ୍ଡୋ ଏକାଡେମୀରେ ଦୁଇ ଦିନିଆ ୨୩ତମ ଜିଲ୍ଲାସ୍ତରୀୟ ଟାଏକ୍ୱୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ୧୫ଟି ଏକାଡେମୀର ୨୮୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବିନୋରୀ ଟାଏକ୍ୱୋଣ୍ଡୋ ଏକାଡେମୀର ୪୧ ଜଣ ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୨୩ ଜଣ ସ୍ୱର୍ଣ୍ଣ, ୭ ଜଣ ରୌପ୍ୟ ଏବଂ ୧୦ ଜଣ କାଂସ୍ୟ ପଦକ ଜିତିବାରେ ସଫଳ ହୋଇଥିଲେ। ବିଧାୟକ ସୁଶାନ୍ତ କୁମାର ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ୧୯ ନମ୍ବର ୱାର୍ଡର କର୍ପୋରେଟର ସ୍ମୃତିଶିଖା ବରିସାଲ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ।




## ଏସିଆ କପ୍ ହକି ସୁପର-୪ ମୁକାବିଲା

# ଦକ୍ଷିଣ କୋରିଆ ସହ ମ୍ୟାଚ୍ ଡ୍ର ରଖିଲା ଭାରତ

**ରାଜଗିର,୩।୯ (ଏଜେନ୍ସି):**



ମନଦୀପ ସିଂହଙ୍କ ଶେଷ ମୁହୂର୍ତ୍ତ ଗୋଲ ବଳରେ ଏଠାରେ ଆଜି ଆରମ୍ଭ ହୋଇଥିବା ଏସିଆ କପ୍ ସୁପର-୪ ମୁକାବିଲାରେ ଦକ୍ଷିଣ କୋରିଆ ସହ ଭାରତ ମ୍ୟାଚ୍ ଡ୍ର ରଖିବାରେ ସମର୍ଥ ହୋଇଛି। ଏହା ଫଳରେ ଉଭୟ ଦଳ ପଏଣ୍ଟ ଭାଗ କରିଛନ୍ତି। ପ୍ରଥମାର୍ଦ୍ଧରେ ୨-୧ରେ ଦକ୍ଷିଣ କୋରିଆ ଆଗୁଆ ରହିବା ପରେ ଗୋଲ ଶୁଝାଇବାକୁ ଭାରତ କରିଥିବା ପ୍ରବଳ ଉଦ୍ୟମକୁ ଦକ୍ଷିଣ କୋରିଆ ପ୍ରତିହତ କରିଥିଲା। କିନ୍ତୁ ଖେଳ ଶେଷ ମୁହୂର୍ତ୍ତରେ ବା ୫୩ତମ ମିନିଟ୍‌ରେ ମନଦୀପ ପାଇଥିବା ସୁଯୋଗର ସଦ୍‌ବ୍ୟବହାର କରି ଗୋଲ ସ୍କୋର କରିବା ଫଳରେ ଭାରତ ଏହି ମ୍ୟାଚ୍ ଡ୍ର ରଖିଥିଲା। ଭାରତ ପକ୍ଷରୁ ପ୍ରଥମ ଗୋଲ୍‌ଟି ହାର୍ଦ୍ଦିକ ସିଂହ ଦେଇଥିଲେ। ଏହା ମଧ୍ୟ ଫିଲ୍ଡ ଗୋଲ ଥିଲା। ଭାରତୀୟ ଡ୍ରାଗ୍ ଫ୍ଲିକରମାନେ ଏହି ମ୍ୟାଚ୍‌ରେ ଗୋଟିଏ ହେଲେ ଗୋଲ ସ୍କୋର ନ କରିବା ଦଳର ଦୁର୍ବଳ ପ୍ରସ୍ତୁତିକୁ ପଦାରେ ପକାଇଦେଇଛି। ଦକ୍ଷିଣ କୋରିଆ ପକ୍ଷରୁ ପେନାଲ୍ଟି ଷ୍ଟ୍ରୋକ୍‌ରୁ ଜିହୁନ ୟାଙ୍ଗ୍ ଓ ପେନାଲ୍ଟି କର୍ଣ୍ଣରରୁ କିମ୍ ହେୟନହଙ୍ଗ୍ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଏହି ମ୍ୟାଚ୍‌ରେ ପଏଣ୍ଟ ହରାଇବା ପରେ ଫାଇନାଲରେ ପ୍ରବେଶ କରିବାକୁ ହେଲେ ଭାରତକୁ ଅନ୍ୟ ଦୁଇଟି ସୁପର-୪ ମ୍ୟାଚ୍‌ରେ ଜିତିବା ନିହାତି ଆବଶ୍ୟକ ହୋଇପଡ଼ିଛି। ଏହି ମ୍ୟାଚ୍ ମଧ୍ୟରୁ ଆସନ୍ତାକାଲି ଲଢୁଆ ଖେଳ ପ୍ରଦର୍ଶନ କରିଥିବା ମାଲେସିଆ ସହ ଓ ଶନିବାର ଚୀନ୍ ସହ ସୁପର-୪ ମ୍ୟାଚ୍ ଖେଳିବ। ଆସନ୍ତାକାଲି ପ୍ରଥମ ସୁପର-୪ ମୁକାବିଲା ଚୀନ୍ ଓ କୋରିଆ ମଧ୍ୟରେ ଖେଳାଯିବ। ଏଠାରେ ବର୍ଷା ଯୋଗୁଁ ଭାରତ-କୋରିଆ ମୁକାବିଲା ପାଖାପାଖି ଏକ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିଲା।

## ଚୀନ୍‌କୁ ୨-୦ ଗୋଲରେ ହରାଇଲା ମାଲେସିଆ

ବୁଧବାର ଖେଳାଯାଇଥିବା ପ୍ରଥମ ମୁକାବିଲାରେ ମାଲେସିଆ ୨-୦ ଗୋଲରେ ଚୀନ୍‌କୁ ହରାଇ ପୂରା ପଏଣ୍ଟ ସଂଗ୍ରହ କରିଛି। ଦଳ ପକ୍ଷରୁ ଏକ ନମ୍ବର ଜର୍ସି ପରିହିତ ଖେଳାଳି ସୟଦ ଚୋଲାନ ପେନାଲ୍ଟି କର୍ଣ୍ଣରୁ ଓ ୧୧ ନମ୍ବର ଅଖିମୁଲ୍ଲା ଅନୁଆର ଗୋଟିଏ ଫିଲ୍ଡ ଗୋଲ କରିଥିଲେ। ପ୍ରଥମାର୍ଦ୍ଧ ଖେଳ ଶେଷ ସୁଦ୍ଧା ଉଭୟ ଦଳ ଗୋଲ ସ୍କୋର କରିବାରେ ସମର୍ଥ ହୋଇ ନ ଥିଲେ। ଟୁର୍ଣ୍ଣାମେଣ୍ଟରେ ୩ଟି ଯାକ ଲିଗ୍ ମୁକାବିଲାକୁ ସହଜରେ ଜିତିଥିବା ମାଲେସିଆ ପକ୍ଷରୁ ତୃତୀୟ ଓ ଚତୁର୍ଥ କ୍ୱାର୍ଟରରେ ଗୋଟିଏ ଲେଖାଏଁ ଗୋଲ କରିବାରେ ସମର୍ଥ ହୋଇଥିଲା। ଆସନ୍ତାକାଲି ସୁପର-୪ର ଦ୍ୱିତୀୟ ମୁକାବିଲାରେ ଭାରତ ସହ ଖେଳିବ ମାଲେସିଆ। ଏହି ଟୁର୍ଣ୍ଣାମେଣ୍ଟରେ ଉଭୟ ଦଳ ଏଯାଏ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଆସିଛନ୍ତି।

ନନ୍ଦିଘୋଷ
'ନନ୍ଦିଘୋଷ ଟିଭି'
ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ୧) ସ୍କ୍ରଲ୍ କପି ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୨) ଇନପୁଟ୍ କପି ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୩) ବୁଲେଟିନ ପ୍ରଡ୍ୟୁସର | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୭ ସେପ୍ଟେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS